

୨୦୨୪ରେ ‘ବ୍ରହ୍ମାସ୍ତ୍ର-୨’ର ସୁଟିଂ

▶ପୃଷ୍ଠା ୧୦ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /thesakalanews
- /TheSakala
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-182 •BHUBANESWAR •WEDNESDAY •27 DECEMBER 2023 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୧୮୨ •ଭୁବନେଶ୍ୱର •ବୁଧବାର •୨୭ ଡିସେମ୍ବର ୨୦୨୩ •ପୃଷ୍ଠା-୧୬ •ଟ.୬.୦୦


### ଶ୍ରୀମନ୍ଦିର ‘ପରିକ୍ରମା’ ଲୋକାର୍ପଣର ନିମନ୍ତ୍ରଣ ଯାତ୍ରା

# ଶ୍ରୀକ୍ଷେତ୍ରରୁ ଅନୁକୂଳ; ଏକାମ୍ରରୁ ଦିଅଁ ବରଣ

## ଶଙ୍ଖ ଓ ବେଦଧ୍ୱନିରେ ଶୁଭାରମ୍ଭ

■ ପୁରୀ, ୨୬।୧୨ (ସମିସ): ଆଉ ମାତ୍ର ୨୧ ଦିନ ପରେ ବିଶ୍ୱ ଦେଖିବ ବିଶ୍ୱନିୟନ୍ତାଙ୍କ ବିଜେସ୍ଥଳୀର ଭବ୍ୟରୂପ। ଜାନୁଆରୀ ୧୭ ତାରିଖରେ ଲୋକାର୍ପିତ ହେବ ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଶ୍ରୀକ୍ଷେତ୍ର ଏବଂ ଶ୍ରୀମନ୍ଦିରକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଖିଥିବା ସ୍ୱପ୍ନ ସାକାର ହେବ। ଲୋକାର୍ପଣ ଉତ୍ସବକୁ ସ୍ମରଣୀୟ କରିବା ପାଇଁ ଚାଲିଛି ଭବ୍ୟ ଆୟୋଜନ। ଏହି ଧାର୍ମିକ କାର୍ଯ୍ୟରେ ଯୋଗଦେବା ପାଇଁ ଦେଶର ପ୍ରମୁଖ ଦେବାଦେବୀ ପୀଠ, ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ, ଚାରିଧାମର ପୀଠାଧୀଶ୍ୱର, ଧର୍ମଗୁରୁ ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ନିମନ୍ତ୍ରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ମଙ୍ଗଳବାର ପବିତ୍ର ମାର୍ଗଶୀର ପୂର୍ଣ୍ଣିମାରୁ ଦେଶ ଏବଂ ରାଜ୍ୟର ପ୍ରମୁଖ ଦେବପୀଠକୁ ନିମନ୍ତ୍ରଣ ଲାଗି ଯାତ୍ରା କରିଛନ୍ତି ଶ୍ରୀମନ୍ଦିର ପରିଚାଳନା କମିଟିର ପ୍ରତିନିଧି ଓ ବରିଷ୍ଠ ସେବାୟତଗଣ। ପ୍ରଥମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନିମନ୍ତ୍ରଣ କରାଯିବା ପରେ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ନିମନ୍ତ୍ରଣ କରାଯାଇଥିଲା। ▶ପୃଷ୍ଠା-୧୪

**ଖୋର୍ଦ୍ଧା ଜାଗୁଲାଇପୀଠ ଜଗନ୍ନାଥ, ଢେଙ୍କାନାଳରେ ପ୍ରଭୁ ଚନ୍ଦ୍ରଶେଖର, ବଳରାମଜୀଉ, ନିଆଳି ମାଧବ, ଝଙ୍କଡ଼ସାରଳା, କାକଟପୁର ମଙ୍ଗଳା, ଦାରୁକ୍ଷେତ୍ର ଦଧିମାଛ ଗଡ଼ିଆରେ ନିମନ୍ତ୍ରଣପତ୍ର ଦେଲେ ପ୍ରତିନିଧି**

## ପାରମ୍ପରିକ ରୀତିନୀତିରେ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ



**ନବୀନ ନିବାସରେ ନିମନ୍ତ୍ରଣପତ୍ର ପ୍ରଦାନ କଲେ ସେବାୟତ, ପରିଚାଳନା କମିଟି ସଦସ୍ୟ**

**ନିମନ୍ତ୍ରଣ ରକ୍ଷା କରି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଗୁଆ ଓ ଚାଉଳ ଦେଲେ ମୁଖ୍ୟମନ୍ତ୍ରୀ**

**ଆପଣ ଇତିହାସ ରଚିଛନ୍ତି, ଯୁଗ ଯୁଗ ଧରି ଆପଣଙ୍କ ନାଁ ରହିବ: ସେବାୟତଗଣ**

**ପ୍ରକଳ୍ପ ପାଇଁ ପୁରୀବାସୀ ଓ ସେବାୟତମାନଙ୍କ ତ୍ୟାଗ ଅତୁଳନୀୟ: ‘୫-ଟି’ ଅଧ୍ୟକ୍ଷ**

■ ଭୁବନେଶ୍ୱର, ୨୬।୧୨ (ସମିସ): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ଅଧିକ ବ୍ୟାପକ ଓ ଆକର୍ଷଣୀୟ କରିବା ସହ ଆଧ୍ୟାତ୍ମିକ ଭାବନା ଓ ପରିବେଶର ସମ୍ମିଶ୍ରଣରେ ଭବ୍ୟ ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହିକ୍ରମରେ ମଙ୍ଗଳବାର ଶ୍ରୀମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ, ବରିଷ୍ଠ ସେବାୟତ, ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନଙ୍କୁ ନେଇ ଏକ ୫୦ ଜଣିଆ ପ୍ରତିନିଧି ଦଳ ନବୀନ ନିବାସ ପହଞ୍ଚି ପାରମ୍ପରିକ ରୀତିନିତିରେ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ‘ଜୟ ଜଗନ୍ନାଥ’ ଧ୍ୱନିରେ ପୂରା ନବୀନ ନିବାସ ପ୍ରକମ୍ପିତ ହୋଇ ଉଠିଥିଲା। ନିମନ୍ତ୍ରଣ ନିମନ୍ତେ ମୁଖ୍ୟମନ୍ତ୍ରୀ ସେବାୟତମାନଙ୍କୁ ଧନ୍ୟବାଦ ଜଣାଇବା ସହ ପ୍ରତିବଦଳରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଗୁଆ ଓ ଚାଉଳ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପରିକ୍ରମା ପ୍ରକଳ୍ପ ଆପଣମାନଙ୍କ, ସେବାୟତ ▶ପୃଷ୍ଠା-୧୪

**ପରିକ୍ରମା ପ୍ରକଳ୍ପ ଆପଣମାନଙ୍କର, ସେବାୟତ ବନ୍ଧୁମାନଙ୍କର, ପୁରୀବାସୀଙ୍କ କାମ। ଏହି ପବିତ୍ର କାମ ପାଇଁ ଯାହା ଆବଶ୍ୟକ ସବୁ ସହଯୋଗ ରାଜ୍ୟ ସରକାର ଯୋଗାଇଦେବେ: ମୁଖ୍ୟମନ୍ତ୍ରୀ**

## ଆର୍‌ବିଆଇ କାର୍ଯ୍ୟାଳୟ ଉଡ଼ାଇଦେବାକୁ ଧମକ

### ଆର୍‌ବିଆଇ ଗଭର୍ଣ୍ଣର, ଅର୍ଥମନ୍ତ୍ରୀଙ୍କ ଇସ୍ତଫା ଦାବିକଲେ ଦୁର୍ବୃତ୍ତ

■ ମୁମ୍ବାଇ, ୨୬।୧୨ (ଏଜେନ୍ସି): ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ମୁମ୍ବାଇ ସ୍ଥିତ କାର୍ଯ୍ୟାଳୟକୁ ବୋମାରେ ଉଡ଼ାଇଦେବାକୁ ଧମକ ଦିଆଯାଇଛି। ଏ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ଏକ ଧମକ ପୂର୍ଣ୍ଣ ମେଲ୍ ଆସିଛି। ଯେଉଁଥିରେ ଆରବିଆଇ କାର୍ଯ୍ୟାଳୟ ସମେତ ମୁମ୍ବାଇର ୧୧ ସ୍ଥାନକୁ ବୋମା ପକାଇ ଉଡାଇ ଦେବାକୁ ଧମକ ଦିଆଯାଇଛି। ଏହି ମେଲ୍‌ରେ ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଏବଂ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଇସ୍ତଫା ମଧ୍ୟ ଦାବି କରାଯାଇଛି।



ଜାତୀୟ ଗଣମାଧ୍ୟମର ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳୁ ମୁମ୍ବାଇସ୍ଥିତ ଆରବିଆଇ କାର୍ଯ୍ୟାଳୟକୁ ଏକ ଧମକପୂର୍ଣ୍ଣ ଇ-ମେଲ ମିଳିଥିଲା ଯେଉଁଥିରେ ଅନେକ ସ୍ଥାନରେ ବୋମା ଲଗାଯାଇଥିବା ଦାବି କରାଯାଇଥିଲା। ଇ-ମେଲ୍‌ରେ ଆରବିଆଇ କାର୍ଯ୍ୟାଳୟ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏବଂ ଆଇସିଆଇସିଆଇ ବ୍ୟାଙ୍କରେ ବୋମା ରଖାଯାଇଥିବା ଦାବି କରାଯାଇଥିଲା। ଏଭଳି ଖବର ପ୍ରଚାରିତ ହେବାପରେ ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଇ-ମେଲ୍‌ରେ ଯେଉଁ ଯେଉଁ ସ୍ଥାନରେ ବୋମାମାଡ କରାଯିବାକୁ ଧମକ ଦିଆଯାଇଥିଲା ସେହିସବୁ ସ୍ଥାନରେ ପୁଲିସ ଯାଞ୍ଚ କରିଥିଲେ ବି କିଛି ଆପତ୍ତିଜନକ ଜିନିଷ ମିଳିପାରି ନାହିଁ। ଏମ୍‌ଆର୍‌ଏ ମାର୍ଗ ପୁଲିସ ଷ୍ଟେସନରେ ଏ ନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି। ବେସରକାରୀ ବ୍ୟାଙ୍କଗୁଡିକର ସହଯୋଗରେ ଆରବିଆଇ ଭାରତର ସବୁଠୁ ବଡ ଦୁର୍ନୀତି କରିଛି। ଏହି ଦୁର୍ନୀତିରେ ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସହ କିଛି ବରିଷ୍ଠ ଅର୍ଥ ଅଧିକାରୀ ଏବଂ ଭାରତର କିଛି ବଡ଼ ମନ୍ତ୍ରୀ ସାମିଲ ଅଛନ୍ତି ବୋଲି ଧମକ ପୂର୍ଣ୍ଣ ମେଲ୍‌ରେ କୁହାଯାଇଛି। ଏଥିପାଇଁ ଆମ ପାଖରେ ଯଥେଷ୍ଟ ପ୍ରମାଣ ରହିଛି। ଉଭୟ ଆରବିଆଇ ଗଭର୍ଣ୍ଣର ଓ ଅର୍ଥମନ୍ତ୍ରୀ ତୁରନ୍ତ ସେମାନଙ୍କ ପଦରୁ ଇସ୍ତଫା ଦେବା ସହ ଦୁର୍ନୀତିର ଖୁଲାସା କରି ଏକ ପ୍ରେସ୍ ବିବୃତ୍ତି ଜାରି କରନ୍ତୁ ବୋଲି କୁହାଯାଇଛି।

## ଭିଜିଲାନ୍ସ ଜାଲରେ ଇଡ୍‌କୋ ସିଜିଏମ୍

■ ଭୁବନେଶ୍ୱର, ୨୬।୧୨ (ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଇଡ୍‌କୋ ସିଜିଏମ୍ ସରୋଜକାନ୍ତ ମହାନ୍ତିଙ୍କ ଘରେ ଭିଜିଲାନ୍ସ ଚଢ଼ଉ କରିଛି। ଆଜି ଭୋର୍‌ରୁ ଭିଜିଲାନ୍ସର ୭ଟି ଟିମ୍ ସରୋଜଙ୍କ ଭୁବନେଶ୍ୱରସ୍ଥିତ ଘର ସମେତ ୭ଟି ସ୍ଥାନରେ ଏକକାଳୀନ ଚଢ଼ଉ କରିଥିଲା। ଯାଞ୍ଚ ବେଳେ ଭିଜିଲାନ୍ସ ଅଧିକାରୀମାନେ ସରୋଜକାନ୍ତ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ନାମରେ କୋଟିକୋଟି ଟଙ୍କାର ସମ୍ପତ୍ତି ଠାବ କରିଛନ୍ତି। ଠାବ ସମ୍ପତ୍ତି ମଧ୍ୟରେ ମହାନଦୀ ବିହାରରେ ୩ ତାଲା ବିଶିଷ୍ଟ ଗୋଟିଏ କୋଠା, ଧର୍ମଶାଳାରେ ଦୁଇତାଲା ବିଶିଷ୍ଟ ଗୋଟିଏ କୋଠା, ଶୈଳଶ୍ରୀବିହାରରେ ୩ବି.ଏଚ୍.କେ ଫ୍ଲାଟ୍, ବାରଙ୍ଗ ▶ପୃଷ୍ଠା-୧୪



**ଦୁଇଟି ବହୁତଳ କୋଠା, ୨ଟି ଫ୍ଲାଟ୍ ଠାବ**

**୧୦ଟି ପ୍ଲଟ୍, ଆକାଉଣ୍ଟରେ ୭୦ଲକ୍ଷ ଜମା**

**ପରିବାର ନାଁରେ କୋଟି କୋଟି ଟଙ୍କାର ସମ୍ପତ୍ତି**

**ଡିଏ ମାମଲା ରୁଜୁକରି ଭିଜିଲାନ୍ସର ପଚରାଉଚରା**

## ଲୋକକଥା




ରାଇଜବାସୀଙ୍କ ସେବାରେ ନବୀନ
ବିତାଅନ୍ତି ଦିନ ରାତି,
ବିକାଶ କେମିତି ହେବ ଏ ମାଟିର
କାଳ ବିତେ ଭାବିଚିନ୍ତି।
ଆଚରନ୍ତି ଦୃଢ଼ ନୀତି,
ଦୁର୍ନୀତି ଦୂରେଇ ବାଟ ସଜାଡ଼ନ୍ତି
ଗତି କରିବ ପ୍ରଗତି ॥

## ସଫଳ ହେଲା ବୈଠକ
# ଆଜିଠୁ ଖୋଲିବ ଶିମିଳିପାଳ



■ ବାରିପଦା, ୨୬।୧୨ (ସମିସ): ପର୍ଯ୍ୟଟକଙ୍କ ପାଇଁ ଖୁସି ଖବର। ଦୀର୍ଘ ଏକ ମାସ ପରେ ଆସନ୍ତାକାଲି(ବୁଧବାର)ଠାରୁ ଶିମିଳିପାଳ ଅଭୟାରଣ୍ୟ ପର୍ଯ୍ୟଟକଙ୍କ ନିମନ୍ତେ ଖୋଲିବ। ଅଭୟାରଣ୍ୟ ପାଦଦେଶରେ ଥିବା ୩ଟି ପଞ୍ଚାୟତର ବାସିନ୍ଦା ଗତ ୨୬ ତାରିଖରୁ ୫ ଦଫା ଦାବି ନେଇ ଆନ୍ଦୋଳନ ଚଳାଇଥିବାରୁ ଅଭୟାରଣ୍ୟ ବନ୍ଦ ଥିଲା। ତେବେ ପଞ୍ଚାୟତବାସୀଙ୍କ ଦାବି ସମାଧାନ ହୋଇଥିବାରୁ ଅଭୟାରଣ୍ୟ କର୍ତ୍ତୃପକ୍ଷ ଏପରି ନିଷ୍ପତ୍ତି ନେଇଛନ୍ତି। ସୂଚନାଯୋଗ୍ୟ, ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଥିବା ଅସ୍ତକୁଅଁର, ଗୁଡୁଗୁଡ଼ିଆ, ବରେହିପାଣି ପଞ୍ଚାୟତବାସୀ ୫ ଦଫା ଦାବିରେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଯୋରନ୍ଦା ଛକ ଓ ବରେଇପାଣି ଛକର ମୁଖ୍ୟରାସ୍ତାକୁ ଅବରୋଧ କରି ଧାରଣା ଦେଇଥିଲେ। ବନ ବିଭାଗ କର୍ତ୍ତୃପକ୍ଷ ଜନପ୍ରତିନିଧିଙ୍କ ସହ ବହୁବାର ଆଲୋଚନା କରିଥିଲେ ମଧ୍ୟ ତାହା ବିଫଳ ହୋଇଥିଲା। କୌଣସି ସମାଧାନର ରାସ୍ତା ବାହାରି ପାରୁ ନଥିଲା। ତେବେ ମଙ୍ଗଳବାର ଶିମିଳିପାଳ ଅଭୟାରଣ୍ୟର ଚହଲା ଛକରେ ଶିମିଳିପାଳ ବିକାଶ ପରିଷଦ ▶ପୃଷ୍ଠା-୧୪

## ‘ନବୀନ’ ସଙ୍କଳ୍ପ
# ରାଜ୍ୟ ପାଇଁ ସମର୍ପିତ ସେବା




■ ଭୁବନେଶ୍ୱର, ୨୬।୧୨ (ସମିସ): ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଆଦର୍ଶ ଆଧାରରେ ଗଠିତ ବିଜୁ ଜନତା ଦଳ ୨୭ ବର୍ଷରେ ପଦାର୍ପଣ କରିଛି। ଏକ ଛୋଟ ଚାରା ଭାବେ ଆତ୍ମପ୍ରକାଶ କରିଥିବା ବିଜେଡି ଆଜି ମହାଦ୍ରୁମ ଭାବେ ନିଜକୁ ଛିଡ଼ା କରିଛି। ଓଡ଼ିଶାର ବିକାଶ ଓ ଓଡ଼ିଶାବାସୀଙ୍କ ସେବା ବିଜୁ ଜନତା ଦଳର ଏକମାତ୍ର ଲକ୍ଷ୍ୟ। ଏଥିପାଇଁ ସମ୍ପୂର୍ଣ୍ଣ ସମର୍ପିତ ହୋଇ ବିଜୁ ଜନତା ଦଳ କାର୍ଯ୍ୟ କରି ଚାଲିଛି ଏବଂ ଭବିଷ୍ୟତରେ ଏହି ଧାରା ବଜାୟ ରଖିବ ବୋଲି ରାଜ୍ୟବାସୀଙ୍କୁ ବିଶ୍ୱାସ ଓ ଭରସା ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ସ୍ଥାନୀୟ ବିମାନବନ୍ଦର ନିକଟରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମାଲ୍ୟାର୍ପଣ କରିବା ଅବସରରେ ମୁଖ୍ୟମନ୍ତ୍ରୀ ଦଳୀୟ କର୍ମୀ ଓ କର୍ମକର୍ତ୍ତାଙ୍କୁ ସମର୍ପିତ ସେବାର ମନ୍ତ୍ର ପ୍ରଦାନ ▶ପୃଷ୍ଠା-୧୪

**ଓଡ଼ିଶାବାସୀଙ୍କ ସେବା ଓ ଓଡ଼ିଶାର ବିକାଶ ହିଁ ବିଜେଡିର ଏକମାତ୍ର ଲକ୍ଷ୍ୟ**

**ଏକ ସଶକ୍ତ, ସ୍ୱାଭିମାନୀ ଓ ‘ନବୀନ ଓଡ଼ିଶା’ ଗଠନ ପାଇଁ ଆହ୍ୱାନ**

**୧୪୭ ନିର୍ବାଚନମଣ୍ଡଳୀରେ ସେବାର ଶପଥପାଠ କଲେ ଲକ୍ଷଲକ୍ଷ କର୍ମୀ**

**ଆନନ୍ଦ ଭବନରୁ ଶଙ୍ଖଭବନ ପର୍ଯ୍ୟନ୍ତ ବିଶାଳ ସାଇକେଲ ଶୋଭାଯାତ୍ରା**




## ଭାରତ ମହାସାଗରରେ ନୌସେନାର କ୍ଷମତା ବଢ଼ିଲା

# ଆଇଏନ୍‌ଏସ୍ ଇମ୍ଫାଲ୍‌ର ଜଳାବତରଣ



ମୁମ୍ବଇ, ୨୬।୧୨ (ଏଜେନ୍ସି):

ଭାରତ ମହାସାଗରରେ ଚୀନ୍‌ର ଅନୁପ୍ରବେଶ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ବିସ୍ତାରବାଦୀ ଦେଶ ପଡ଼ୋଶୀ ରାଷ୍ଟ୍ରର ଅଞ୍ଚଳରେ ପ୍ରବେଶ କରି ଅଶାନ୍ତି ସୃଷ୍ଟି କରୁଛି। ଏକଚାଟିଆ ନୀତିରେ କାରବାର ଚଳାଇଛି। ଏପରି ସମୟରେ ଭାରତ ମହାସାଗରରେ ଭାରତୀୟ ନୌସେନାର କ୍ଷମତା ଅଧିକ ବୃଦ୍ଧି ପାଇଛି। ନୂଆ ଷ୍ଟିଲଥ୍ ଗାଇଡେଡ୍ ମିସାଇଲରେ ସଜ୍ଜିତ ଯୁଦ୍ଧ ଜାହାଜ 'ଆଇଏନ୍‌ଏସ୍ ଇମ୍ଫାଲ' ବୁଧବାର ଜଳାବତରଣ କରିଛି। ମୁମ୍ବଇ ଡକୟାର୍ଡରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସାମିଲ ହୋଇ ଏହି ଜାହାଜକୁ ନୌସେନାକୁ ହସ୍ତାନ୍ତର କରିଛନ୍ତି। ଏହି ଯୁଦ୍ଧ ଜାହାଜ ନୌସେନାର ପଶ୍ଚିମ କମାଣ୍ଡରେ ସାମିଲ ହେବ। 'ଆଇଏନ୍‌ଏସ୍ ଇମ୍ଫାଲ'ର ଉଚ୍ଚତା ୫୭ ଫୁଟ ଏବଂ ଲମ୍ବ ୫୩୫ ଫୁଟ ରହିଛି। ଏହାର ଓଜନ ୭,୪୦୦ ଟନ୍। ଏହା ଘଣ୍ଟା ପ୍ରତି ୫୬ କିମି ବେଗରେ ଗତି କରିପାରିବ। ୪୨ ଦିନ ପର୍ଯ୍ୟନ୍ତ ସମୁଦ୍ରରେ ରହିପାରିବ। ଜାହାଜରେ ୧୬ଟି ବ୍ରହ୍ମୋସ ଆଣ୍ଟିସିପ୍ କ୍ଷେପଣାସ୍ତ୍ର ସହିତ ଭୂପୃଷ୍ଠରୁ ଭୂପୃଷ୍ଠକୁ ଆକ୍ରମଣ କରିପାରୁଥିବା ୮ଟି ବରାକ କ୍ଷେପଣାସ୍ତ୍ର, ସର୍ଭିଲାନ୍ସ ରାଡାର, ୭୬ ଏମଏମ୍‌ର ର୍‍ୟାପିଡ୍ ମାଉଣ୍ଟ ଗନ୍, ଆଣ୍ଟି ସବ୍‌ମେରାଇନ ଟର୍‌ପିଡୋ ଖଞ୍ଜା ଯାଇଛି। ଏଥିରେ ୩୦୦ ନୌସୈନିକ, ୨ଟି ଧ୍ରୁବ ଏବଂ ସିକିଙ୍ଗ ହେଲିକପ୍ଟରକୁ ମଧ୍ୟ ମୁତୟନ କରାଯାଇପାରିବ। ଆଇଏନଏସ୍ ଇମ୍ଫାଲରେ ଲାଗିଥିବା 'ଷ୍ଟେଟ ଅଫ୍ ଦ ଆର୍ଟ ସେନ୍‌ସର ସିଷ୍ଟମ' ଶତ୍ରୁର ଅସ୍ତ୍ରଶସ୍ତ୍ରକୁ ସହଜରେ ଚିହ୍ନଟ କରିପାରିବ। ଏହି ସେନ୍‌ସରକୁ ଶତ୍ରୁ ଦେଖିପାରିବ ନାହିଁ। ଜାହାଜରେ 'ବ୍ୟାଟେଲ ଡ୍ୟାମେଜ କଣ୍ଟ୍ରୋଲ ସିଷ୍ଟମ' ମଧ୍ୟ ଲାଗିଛି। ଅର୍ଥାତ୍ ଆକ୍ରମଣରେ କ୍ଷତି ହେଲେ ଜାହାଜ କାମ କରିବା ଜାରି ରଖିବ।

**ଯୁଦ୍ଧ ଜାହାଜରେ ଖଞ୍ଜା ଯାଇଛି ବ୍ରହ୍ମୋସ**

**୮ ବରାକ କ୍ଷେପଣାସ୍ତ୍ର କରାଯାଇଛି ମୁତୟନ**

**ନୌସେନାକୁ ହସ୍ତାନ୍ତର କଲେ ପ୍ରତିରକ୍ଷାମନ୍ତ୍ରୀ**

**ପାତାଳରେ ଲୁଚିଥିଲେ ବି ଆକ୍ରମଣକାରୀଙ୍କୁ ଧରିବୁ**



ମୁମ୍ବଇ ସ୍ଥିତ ମଝଗାଁଓ ଡକ୍‌ସିପ ବିଲ୍ଡର୍ସ ଲିମିଟେଡ (ଏମ୍‌ଡିଏଲ୍) ସ୍ୱଦେଶୀ ଜ୍ଞାନକୌଶଳରେ ଏହି ଯୁଦ୍ଧ ଜାହାଜକୁ ନିର୍ମାଣ କରିଛି। ଏହାକୁ ରେକର୍ଡ ସମୟରେ ନିର୍ମାଣ କରାଯାଇଛି। ଜାହାଜର ୭୫ ପ୍ରତିଶତ ଅଂଶ ଦେଶରେ ପ୍ରସ୍ତୁତ ହୋଇଛି। ଏଥିରେ ସ୍ୱଦେଶୀ ଷ୍ଟିଲ୍ ଡିଏମଆର ୨୪୯ଏ ବ୍ୟବହାର କରାଯାଇଛି। ଏହି ଯୁଦ୍ଧ ଜାହାଜ ବିଶାଖାପାଟନମ୍ ଶ୍ରେଣୀର ତୃତୀୟ ବିଧ୍ୱଂସକ। ୱାର୍‌ସିପ ଡିଜାଇନ ବ୍ୟୁରୋ ଏହାକୁ ଡିଜାଇନ କରିଛି। ସାମୁଦ୍ରିକ ପରୀକ୍ଷଣ ପରେ ଚଳିତ ବର୍ଷ ଅକ୍ଟୋବର ୨୦ରେ 'ଆଇଏନ୍‌ଏସ୍ ଇମ୍ଫାଲ'କୁ ନୌସେନାକୁ ହସ୍ତାନ୍ତର କରାଯାଇଥିଲା। ପ୍ରଥମ ଥର ପାଇଁ ଉତ୍ତରପୂର୍ବ ଭାରତର ଏକ ରାଜ୍ୟ ନାମରେ ଏହି ଯୁଦ୍ଧ ଜାହାଜର ନାମକରଣ କରାଯାଇଛି। ୨୦୧୯ ଏପ୍ରିଲ ୧୬ରେ ରାଷ୍ଟ୍ରପତି ଏହି ନାମକୁ ମଞ୍ଜୁରି ଦେଇଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମରେ ମଣିପୁରର ବଳିଦାନ ଏବଂ ଯୋଗଦାନକୁ ଏହି ଯୁଦ୍ଧଜାହାଜ ମାଧ୍ୟମରେ ଶ୍ରଦ୍ଧାଞ୍ଜଳୀ ଦିଆଯାଇଛି। ୧୮୯୧ରେ ଆଙ୍ଗଲୋ-ମଣିପୁର ଯୁଦ୍ଧ ହେଉ କି ୧୯୪୪ ଏପ୍ରିଲ ୧୪ର ମୋଇରାଙ୍ଗ ୱାର ସବୁଥିରେ ମଣିପୁର ବଳିଷ୍ଠ ଯୋଗଦାନ ଦେଇଛି। ଏଠାରେ ପ୍ରଥମ ଥର ପାଇଁ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଇଣ୍ଡିଆନ ନ୍ୟାସନାଲ ଆର୍ମୀ (ଆଇଏନ୍‌ଏ)ର ପତାକା ଉତ୍ତୋଳନ କରିଥିଲେ।

ଏହି ଜଳାବତରଣ କାର୍ଯ୍ୟକ୍ରମରେ ସାମିଲ ହୋଇ ପ୍ରତିରକ୍ଷା ମନ୍ତ୍ରୀ ଭାରତ ମହାସାଗରରେ ଭାରତ ଅଭିମୁଖେ ଆସୁଥିବା ଜାହାଜ 'ଏମ୍‌ଭି କେମ୍ ପ୍ଲୁଟୋ' ଏବଂ 'ଏମ୍‌ଭି ସାଇ ବାବା' ଉପରେ ଡ୍ରୋନ ଆକ୍ରମଣ ମାମଲା ଉଠାଇ ଥିଲେ। ଭାରତ ସରକାର ଏହାକୁ ଅତ୍ୟନ୍ତ ଗୁରୁତର ସହ ନେଇଥିବା କହିଥିଲେ। ଏହି ଆକ୍ରମଣକାରୀଙ୍କୁ ଛଡ଼ାଯିବ ନାହିଁ। ଦୋଷୀ ପା ତାଳରେ ଲୁଚି ଥିଲେ ବି ଖୋଜି ବାହାର କରାଯିବ। ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି କାର୍ଯ୍ୟକ୍ରମରେ ସାମିଲ ନୌସେନା ମୁଖ୍ୟ ଆର୍ ହରିକୁମାର କହିଥିଲେ ଯେ ସମୁଦ୍ର ଲୁଟେରା ଏବଂ ଡ୍ରୋନ୍ ଆକ୍ରମଣର ମୁକାବିଲା ପାଇଁ ୧୫ଟି ଆଲ୍‌ଫା ଏବଂ ବ୍ରାଭୋ ଶ୍ରେଣୀର ୪ଟି ବିଧ୍ୱଂସକ ମୁତୟନ କରାଯାଇଛି। ଏଥିରେ ପି-୮ଆଇ ବିମାନ, ଡ୍ରୋନିୟର୍ସ, ସି ଗାର୍ଡିୟନ, ହେଲିକପ୍ଟର ଏବଂ ତଟରକ୍ଷୀ ବାହିନୀର ଜାହାଜ ମଧ୍ୟ ସାମିଲ ରହିଛି।

ଭାରତୀୟ ନୌସେନା ପାଖରେ ଏବେ ୧୩୨ ଯୁଦ୍ଧ ଜାହାଜ ରହିଛି। ମାତ୍ର ୬୭ଟି ଯୁଦ୍ଧ ଜାହାଜ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇନାହାନ୍ତି। ୨୦୩୫ ସୁଦ୍ଧା ୧୭୦-୧୭୫ ଜାହାଜକୁ ନୌସେନାରେ ସାମିଲ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

## ଇସ୍ରାଏଲ ଦୂତାବାସ ନିକଟରେ ବିସ୍ଫୋରଣ



ନୂଆଦିଲ୍ଲୀ, ୨୬।୧୨ (ଏଜେନ୍ସି): ରାଷ୍ଟ୍ରୀୟ ରାଜଧାନୀର ଚାଣକ୍ୟପୁରୀ ସ୍ଥିତ ଇସ୍ରାଏଲ ଦୂତାବାସ ନିକଟରେ ମଙ୍ଗଳବାର ରାତିରେ ବିସ୍ଫୋରଣ ହୋଇଛି। ଏଥିରେ କେହି ମୃତାହତ ହୋଇନାହାନ୍ତି। ଦୂତାବାସର ସମସ୍ତ ଅଧିକାରୀ ସୁରକ୍ଷିତ ଅଛନ୍ତି। ଘଟଣାସ୍ଥଳ ନିକଟରୁ ଇସ୍ରାଏଲ ରାଷ୍ଟ୍ରଦୂତଙ୍କ ନାମରେ ଏକ ଚିଠି ମିଳିଥିବା ଦାବି କରାଯାଉଛି। ଏହି ଚିଠିକୁ ଏକ ପତାକାରେ ଗୁଡ଼ା ଯାଇଥିଲା। ପୁଲିସ ଏହାକୁ ଜବତ କରିଛି। ତେବେ ଏଥିରେ କ'ଣ ଲେଖା ହୋଇଛି ତାହାର ସୂଚନା ଦିଆଯାଇ ନାହିଁ। ଏବେ ଦିଲ୍ଲୀ ପୁଲିସ ଏବଂ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଉଭୟ ଦେଶର ଗୁଇନ୍ଦା ଏଜେନ୍ସି ମାମଲାର ଯାଞ୍ଚ କରୁଛନ୍ତି ବୋଲି ଇସ୍ରାଏଲ ଦୂତାବାସ ପକ୍ଷରୁ କୁହାଯାଇଛି। ଦିଲ୍ଲୀ ପୁଲିସ ପକ୍ଷରୁ କୁହାଯାଇଛି ଯେ ଦୂତାବାସ ପଛରେ ଥିବା ଖାଲି ପ୍ଲଟରୁ ଏହି ବିସ୍ଫୋରଣ ଶବ୍ଦ ଶୁଭିଥିଲା। ସନ୍ଧ୍ୟା ୫ଟା୪୭ରେ ଏ ନେଇ ଦମକଳ ବାହିନୀକୁ ଫୋନ୍ ଆସିଥିଲା। ୪ରୁ ୫ ଜଣ ଲୋକ ଏହି ବିସ୍ଫୋରଣ ଶବ୍ଦ ଶୁଣିବାକୁ ପାଇଥିଲେ। ଉକ୍ତ ଅଞ୍ଚଳରୁ କୌଣସି ବିସ୍ଫୋରକ ମିଳିନାହିଁ। କେଉଁଥିରୁ ଏହି ବିସ୍ଫୋରଣ ହୋଇଥିଲା ତାହା ଜାଣିବାକୁ ପ୍ରୟାସ କରାଯାଉଛି।

## ଉଡ଼ାଣ ପୂର୍ବରୁ ଯୁଦ୍ଧ ବିମାନର ଟାୟାର ଫାଟିଲା

ଡାବୋଲିମ, ୨୬।୧୨ (ଏଜେନ୍ସି): ଉଡ଼ାଣ ଆରମ୍ଭ କରିବା ପୂର୍ବରୁ ଭାରତୀୟ ବାୟୁସେନାର ଏକ ଲଢ଼ୁଆ ବିମାନ ମିଗ୍-୨୯କେର ଟାୟାର ଫାଟି ଯାଇଛି। ମଙ୍ଗଳବାର ଦ୍ୱିପହରେ ଗୋଆର ଡାବୋଲିମ୍ ବିମାନବନ୍ଦରରେ ଏହି ଦୁର୍ଘଟଣା ଘଟିଛି। ଏଥିଯୋଗୁଁ ବିମାନଟି ରନ୍‌ୱେରେ ଅଟକି ରହିଥିଲା। ଫଳରେ ବିମାନ ପରିଚାଳନାକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ବନ୍ଦ କରି ଦିଆଯାଇଥିଲା। ଏହି ଦୁର୍ଘଟଣା ପାଇଁ ଅନେକ ଯାତ୍ରା ବିମାନବନ୍ଦରରେ ଅଟକି ରହିଥିଲେ। ସେହିପରି ଅବତରଣ କରିବାକୁ ଥିବା ବିମାନର ଗତି ପଥ ପରିବର୍ତ୍ତନ କରିଦିଆଯାଇଥିଲା। ଗୋଆର ମୋପା ବିମାନବନ୍ଦରରେ ଅବତରଣ କରିବା ପାଇଁ କୁହାଯାଇଥିଲା।

## ସବରିମାଳାରୁ ୨୦୪ କୋଟିର ରାଜସ୍ୱ ସଂଗ୍ରହ

ସବରିମାଳା, ୨୬।୧୨ (ଏଜେନ୍ସି): ସବରିମାଳାରେ ରାଜସ୍ୱ ସଂଗ୍ରହରେ ନୂଆ ରେକର୍ଡ ସୃଷ୍ଟି ହୋଇଛି। ମାତ୍ର ୩୯ ଦିନରେ ୨୦୪.୩୦ କୋଟିର ରାଜସ୍ୱ ମିଳିଛି। ଏବେ ବାର୍ଷିକ ତୀର୍ଥଯାତ୍ରା କାର୍ଯ୍ୟକ୍ରମ ଜାରି ରହିଛି। ତେଣୁ ମନ୍ଦିରରେ ଭକ୍ତଙ୍କ ଗହଳି ଲାଗି ରହିଛି। ବୁଧବାର ଏହାର ସମାପନ ହେବ। ଏହି ଦିନ ମଣ୍ଡଳ ପୂଜା ଥିବାରୁ ଅଧିକ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗଦେବେ ବୋଲି କୁହାଯାଉଛି। ମନ୍ଦିର ପରିଚାଳନା ବୋର୍ଡ ତ୍ରାଭନକୋର ଦେବସ୍ୱାମ ବୋର୍ଡ (ଟିଡିବି)ର ସୂଚନା ଅନୁଯାୟୀ ଭକ୍ତ ଦାନ କରିଥିବା ମୁଦ୍ରାର ଏ ପର୍ଯ୍ୟନ୍ତ ଗଣତି ହୋଇନାହିଁ। ଗଣତି ସରିବା ପରେ ଏହି ରାଶି ବୃଦ୍ଧି ପାଇବ। ଶ୍ରଦ୍ଧାଳୁଙ୍କ କନିକା ଦାନରୁ ୬୩.୮୯ କୋଟି ଏବଂ ଅର୍ବାଣ (ମିଠା ବିକ୍ରି)ରୁ ୯୬.୩୨ କୋଟି ଟଙ୍କା ମିଳିଛି।

## ନାଇଜେରିଆରେ ହିଂସା; ୧୧୩ ମୃତ

ଅବୁଜା, ୨୬।୧୨ (ଏଜେନ୍ସି): ଆଫ୍ରିକୀୟ ଦେଶ ନାଇଜେରିଆର ପ୍ଲେଟୋ ରାଜ୍ୟରେ ଶନିବାର ଏବଂ ରବିବାର ସାମ୍ପ୍ରଦାୟିକ ହିଂସା ହୋଇଛି। ଏଠାରେ ମୁସଲମାନ ପଶୁଚରାଳୀ ଏବଂ ଖ୍ରୀଷ୍ଟିଆନ ଚାଷୀ ମୁହାଁମୁହିଁ ହୋଇଛନ୍ତି। ଏହି ଆକ୍ରମଣରେ ୧୧୩ ଜଣଙ୍କ ମୃତ୍ୟୁ ହୋଇଛି। ୩୦୦ରୁ ଅଧିକ ମଧ୍ୟ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ରାଜ୍ୟର ଜଣେ ବରିଷ୍ଠ ଅଧିକାରୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ସୁନିୟୋଜିତ ଭାବେ ୩୦ଟି ସମ୍ପ୍ରଦାୟ ଉପରେ ଏହି ଆକ୍ରମଣ କରାଯାଇଥିଲା। ତେବେ ଏଥିପାଇଁ କିଏ ଦାୟୀ ସେ ତାହାର ସୂଚନା ଦେଇନାହାନ୍ତି।

## ରାମମନ୍ଦିର ଉଦ୍‌ଘାଟନକୁ ଯିବେନି ସୀତାରାମ

ନୂଆଦିଲ୍ଲୀ, ୨୬।୧୨ (ଏଜେନ୍ସି): ଜାନୁଆରୀ ୨୨ରେ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା ହେବାକୁ ଯାଉଛି। ଏହି ଉତ୍ସବରେ ସାମିଲ ହେବାର ନିମନ୍ତ୍ରଣକୁ ସିପିଆଇ (ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ପ୍ରତ୍ୟାଖାନ କରିଦେଇଛନ୍ତି। ଦଳ ପକ୍ଷରୁ ବିବୃତି ଜାରି କରି ମଙ୍ଗଳବାର ଏହି ସୂଚନା ଦିଆଯାଇଛି। ଏଥିରେ କୁହାଯାଇଛି ଯେ ଧର୍ମ ଏକ ବ୍ୟକ୍ତିଗତ ମାମଲା। ଏହାକୁ ରାଜନୈତିକ ଲାଭ ପାଇଁ ବ୍ୟବହାର କରିବା ଅନୁଚିତ। ଆର୍‌ଏସ୍‌ଏସ୍ ଏବଂ ବିଜେପି ଏକ ଧାର୍ମିକ କାର୍ଯ୍ୟକ୍ରମକୁ ସରକାରୀ କାର୍ଯ୍ୟକ୍ରମରେ ପରିଣତ କରିଦେଇଛନ୍ତି। ଏହା ଦୁର୍ଭାଗ୍ୟଜନକ। ସମ୍ବିଧାନ ଅନୁଯାୟୀ ଭାରତରେ ସରକାର କୌଣସି ଧାର୍ମିକ କାର୍ଯ୍ୟକ୍ରମରେ ଜଡ଼ିତ ହେବା ଅନୁଚିତ। କିନ୍ତୁ କ୍ଷମତାସୀନ ଦଳ ଏହାକୁ ଉଲ୍ଲଙ୍ଘନ କରୁଛି। ଅନ୍ୟପକ୍ଷରେ ଜାନୁଆରୀ ୨୨ ପରେ ୨.୫ କୋଟି ଲୋକଙ୍କୁ ରାମଲଲାଙ୍କ ଦର୍ଶନ କରାଇବା ପାଇଁ ବିଜେପି ପ୍ରସ୍ତୁତି ଆରମ୍ଭ କରିଦେଇଛି। ଦଳର ସମସ୍ତ ସାଂସଦ ଏବଂ ବିଧାୟକଙ୍କୁ ଏହାର ଦାୟିତ୍ୱ ଦିଆଯାଇଛି।

## ଫ୍ରାନ୍ସରେ ୪ ଦିନ ଅଟକ ଥିଲା ବିମାନ / ଭାରତରେ ପହଞ୍ଚିଲେ ୨୭୬ ଭାରତୀୟ

ମୁମ୍ବଇ, ୨୬।୧୨ (ଏଜେନ୍ସି): ମାନବ ଚାଲାଣ ଅଭିଯୋଗରେ ଫ୍ରାନ୍ସରେ ୪ ଦିନ ହେଲା ଅଟକି ଥିବା ଭାରତୀୟଙ୍କ ବିମାନ ମଙ୍ଗଳବାର ସକାଳେ ମୁମ୍ବଇରେ ଅବତରଣ କରିଛନ୍ତି। ଏହି ବିମାନରେ ୨୭୬ରେ ଭାରତୀୟ ସ୍ୱଦେଶ ଫେରିଛନ୍ତି। ଏହା ସୋମବାର ସନ୍ଧ୍ୟାରେ ପ୍ୟାରିସର ଭାଟ୍ରି ବିମାନବନ୍ଦର ଛାଡ଼ିଥିଲା। ମୁମ୍ବଇରେ ପହଞ୍ଚିବା ପରେ ସିଆଇଏସ୍‌ଏଫ୍ ଯବାନ ଏମାନଙ୍କୁ ପଚରାଉଚୁରା କରିଥିଲେ। ବିମାବନ୍ଦରରୁ ବାହାରିବା ପରେ କେହି ଗଣମାଧ୍ୟମକୁ କୌଣସି ମନ୍ତବ୍ୟ ଦେଇ ନ ଥିଲେ। ଏହି ଲୋକଙ୍କ ମଧ୍ୟରେ ଅଧିକାଂଶ ପଞ୍ଜାବ, ଗୁଜରାଟ ଏବଂ ଦକ୍ଷିଣ ଭାରତର ବାସିନ୍ଦା ଥିଲେ ବୋଲି କୁହାଯାଉଛି। ସୂଚନା ଅନୁଯାୟୀ ପ୍ରଥମେ ଏହି ବିମାନଟି ସୋମବାର ଦ୍ୱିପହରେ ଭାରତରେ ପହଞ୍ଚିବାର ସୂଚନା ଦିଆଯାଇଥିଲା। କିନ୍ତୁ ୨୫ ଜଣ ଲୋକ ଦେଶକୁ ଆସିବାକୁ ଚାହୁଁ ନ ଥିବାରୁ ଉଡ଼ାଣରେ ବିଳମ୍ବ ହୋଇଥିଲା। ଏମାନେ ଫ୍ରାନ୍ସରେ ଶରଣ ମାଗିଥିଲେ। ଏମାନଙ୍କୁ ପ୍ୟାରିସର ସ୍ୱତନ୍ତ୍ର ଜୋନ୍‌ରେ ରଖାଯାଇଛି। ସେହିପରି ବିମାନରେ ଥିବା ୨ ଜଣ ଭାରତୀୟଙ୍କୁ ଫ୍ରାନ୍ସ ପୁଲିସ ଅଟକ ରଖିଥିଲା। ଉଭୟଙ୍କୁ ମଙ୍ଗଳବାର ଛାଡ଼ି ଦିଆଯାଇଛି। ସୂଚନାଯୋଗ୍ୟ ଯେ ଗତ ୨୨ ତାରିଖରେ ୩୦୩ ଭାରତୀୟଙ୍କୁ ଦୁବାଇରୁ ନିକାରାଗୁଆ ନେଇଯାଉଥିବା ବିମାନ ଫ୍ରାନ୍ସର ଭାଟ୍ରି ବିମାନବନ୍ଦରରେ ଅବତରଣ କରିଥିଲା। ଏଠାରେ ମାନବ ଚାଲାଣ ଅଭିଯୋଗରେ ଏହି ବିମାନକୁ ଅଟକ ରଖାଯାଇଥିଲା।



## ୧ରେ ଇସ୍ରୋର ପ୍ରଥମ ପୋଲାରମିଟ୍ରି ଅଭିଯାନ

ବେଙ୍ଗାଲୁରୁ, ୨୬।୧୨ (ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ଜାନୁଆରୀ ୧ରେ ଦେଶର ପ୍ରଥମ ପୋଲାରମିଟ୍ରି ଅଭିଯାନ ଉତ୍‌କ୍ଷେପଣ କରିବାକୁ ଯାଉଛି। ଶ୍ରୀହରିକୋଟା ସ୍ଥିତ ସତୀଶ ଧାୱନ ସ୍ପେସ ସେଣ୍ଟରରୁ ସକାଳ ୯ଟା୧୦ରେ ଏହି ଉତ୍‌କ୍ଷେପଣ କରାଯିବ। ଏହି ଅଭିଯାନରେ ପିଏସ୍‌ଏଲ୍‌ଭି-ସି୫୮ ସହିତ ଏକ୍ସ-ରେ ପୋଲାରମିଟ୍ରି ସାଟେଲାଇଟ (ଏକ୍ସପୋସାଟ)କୁ ମହାକାଶକୁ ପଠାଯିବ। ଏହି ଉପଗ୍ରହ ଏକ୍ସ କିରଣର ତଥ୍ୟ ସଂଗ୍ରହ କରି ବ୍ଲାକ୍ ହୋଲ୍ ଏବଂ ନ୍ୟୁଟ୍ରନ ତାରା ଉପରେ ଅଧ୍ୟୟନ କରିବ। ଆଦିତ୍ୟ ଏଲ୍-୧ ଏବଂ ଆଷ୍ଟ୍ରୋସାଟ ପରେ ଏହା ଭାରତର ତୃତୀୟ ପର୍ଯ୍ୟବେକ୍ଷଣ ଉପଗ୍ରହ ହେବ। ଏହା ଭାରତର ପ୍ରଥମ ଏବଂ ବିଶ୍ୱର ଦ୍ୱିତୀୟ ପୋଲାରମିଟ୍ରି ଅଭିଯାନ। ଏହା ପୂର୍ବରୁ ୨୦୨୧ରେ ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା ଇମେଜିଂ ଏକ୍ସ-ରେ ପୋଲାରମିଟ୍ରି ଏକ୍ସପ୍ଲୋରର (ଆ ଇ ଏ କ୍ସ ପି ଇ)କୁ ମହାକାଶକୁ ଛାଡ଼ି ଥିଲା। ସୂଚନା ଅନୁଯାୟୀ ଏକ୍ସପୋସାଟ ବିଶ୍ୱ ବ୍ରହ୍ମାଣ୍ଡର ସବୁଠାରୁ ଉଜ୍ଜଳ ଦିଶୁଥିବା ୫୦ ତାରା ଉପରେ ଅଧ୍ୟୟନ କରିବ। ଏଥିରେ ପଲ୍‌ସର, ବ୍ଲାକ ହୋଲ ଏକ୍ସ-ରେ ବାୟନରିଜ, ଆକ୍ଟିଭ ଗ୍ୟାଲେକ୍ଟିକ ନ୍ୟୁକ୍ଲି ଆଦି ସାମିଲ ରହିଛି। ଏହି ଉପଗ୍ରହ ପୃଥିବୀର ନିମ୍ନକକ୍ଷରେ ରହିବ। ଏଠାରେ ୫ ବର୍ଷ ପର୍ଯ୍ୟନ୍ତ ରହି ତଥ୍ୟ ସଂଗ୍ରହ କରିବ।




## ଅକାଳ ମୁହଁରେ ଗାଜା / ମୃତ୍ୟୁ ଅପେକ୍ଷାରେ ୨୨ ଲକ୍ଷ ଲୋକ

ତେଲ ଆଭିଭ, ୨୬।୧୨ (ଏଜେନ୍ସି):

ଇସ୍ରାଏଲ ଆକ୍ରମଣରେ ଗାଜା ଷ୍ଟ୍ରିପ୍ ଧ୍ୱଂସସ୍ତୁପରେ ପରିଣତ ହୋଇଯାଇଛି। ଚାରିଆଡ଼େ ଅବଶେଷର ଦୁର୍ଗ ଦେଖିବାକୁ ମିଳୁଛି। ଯୁଦ୍ଧ ଯୋଗୁଁ ଗାଜାକୁ ଜରୁରୀ ସାମଗ୍ରୀ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଯୋଗାଣ ଶୃଙ୍ଖଳ ଧ୍ୱଂସ ହୋଇଯାଇଛି। ରିଲିଫ ସାମଗ୍ରୀ ନେଇ ଯାଉଥିବା ଟ୍ରକ୍‌କୁ ମଧ୍ୟ ଇସ୍ରାଏଲ ଛାଡୁନାହିଁ। ଫଳରେ ଗୁରୁତର ଖାଦ୍ୟପାନୀୟ ସଙ୍କଟ ସୃଷ୍ଟି ହୋଇଛି। ଏବେ ୯୦ ପ୍ରତିଶତ ପ୍ରାୟ ୨୨ ଲକ୍ଷ ଲୋକ ଅକାଳ ମୃତ୍ୟୁକୁ ଅପେକ୍ଷା କରି ରହିଛନ୍ତି। ୧୦ରୁ ୯ ଜଣ ଲୋକଙ୍କୁ ଖାଦ୍ୟ ମିଳୁନାହିଁ। ଯେଉଁଠି ଟିକକ ଖାଦ୍ୟ ମିଳୁଛି ତାହା ଆଣିବା ପାଇଁ ୧୨ ଘଣ୍ଟା ପର୍ଯ୍ୟନ୍ତ ଧାଡ଼ିରେ ଛିଡ଼ା ହେବାକୁ ପଡୁଛି। ଲୋକେ ଦୁଇ ତିନି ଦିନ ପର୍ଯ୍ୟନ୍ତ ନ ଖାଇ ନ ପିଇ ଉପାସରେ ରହୁଛନ୍ତି। ଶିଶୁଙ୍କ ଉପରେ ଏହି ଯୁଦ୍ଧର ଭୟଙ୍କର ପ୍ରଭାବ ପଡିଛି। କ୍ଷୀର ତ ଛାଡନ୍ତୁ, ପିଇବାକୁ ପାଣି ମଧ୍ୟ ମିଳୁନାହିଁ। ଇନ୍ଧନ ନ ଥିବାରୁ ନିଜ ଖାଦ୍ୟ ମଧ୍ୟ ରାନ୍ଧି ପାରୁନାହାନ୍ତି। ଲକ୍ଷ୍ ଲକ୍ଷ ଲୋକ ଦକ୍ଷିଣ ଗାଜାର ଏକ କ୍ଷୁଦ୍ର ସ୍ଥାନରେ ମୃତ୍ୟୁ ଅପେକ୍ଷାରେ କାଳତିପାତ କରୁଛନ୍ତି। ଏମାନଙ୍କ ମଧ୍ୟରେ ୫୦ ହଜାର ଗର୍ଭବତୀ ମହିଳା ମଧ୍ୟ ସାମିଲ ଅଛନ୍ତି। ଯଦି ସ୍ଥିତି ନ ସୁଧୁରେ ତେବେ ଆଉ ଦୁଇ ମାସ ମଧ୍ୟରେ ଗାଜାରେ ଭୟଙ୍କର ଅକାଳ ପଡ଼ିବ ବୋଲି କୁହାଯାଉଛି।

ଇଣ୍ଟିଗ୍ରେଟେଡ ଫୁଡ୍ ସିକ୍ୟୁରିଟି ଫେଜ୍ କ୍ଲାସିଫିକେସନ (ଆଇପିସି) ପକ୍ଷରୁ ଜାରି ରିପୋର୍ଟରେ କୁହାଯାଇଛି ଯେ ଗାଜାର ଖାଦ୍ୟ ୨୩ ଲକ୍ଷ ୯୦ ହଜାର ଲୋକ ଖାଦ୍ୟ ଅସୁରକ୍ଷାର ସାମ୍ନା କରୁଛନ୍ତି। ପ୍ରାୟ ୨୧ ଲକ୍ଷ ଲୋକ ସର୍ବାଧିକ ପ୍ରଭାବିତ ହୋଇଛନ୍ତି। ୨୦ ପ୍ରତିଶତରୁ ଅଧିକ ଲୋକ ଖାଦ୍ୟ ଅସୁରକ୍ଷାର ସାମ୍ନା କଲେ ତାହାକୁ ଅକାଳ ପଡ଼ିବ ବୋଲି ଧରାଯାଏ। ଫେବୃଆରୀ ସୁଦ୍ଧା ଗାଜା ସ୍ଥିତି ଅଧିକ ଖରାପ ହେବ। ଯଦି ଇସ୍ରାଏଲ ଯୁଦ୍ଧ ବନ୍ଦ ନ କରେ ତେବେ ଖାଦ୍ୟପାନୀୟ ସଙ୍କଟ ଯୋଗୁଁ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଯିବ।




### ମୋଦୀ ବିଶ୍ୱର ପ୍ରଥମ ନେତା

## ୟୁଟ୍ୟୁବ୍‌ରେ ୨ କୋଟି ସବ୍‌ସ୍କ୍ରାଇବର

ନୂଆଦିଲ୍ଲୀ, ୨୬।୧୨ (ଏଜେନ୍ସି):



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୁଣି ଏକ ରେକର୍ଡ ଭାଙ୍ଗି ଦେଇଛନ୍ତି। ୟୁଟ୍ୟୁବ୍ ଚ୍ୟାନେଲ ଭ୍ୟୁଜ (ଦେଖିବା) ଏବଂ ସବ୍‌ସ୍କ୍ରାଇବର୍ସ ମାମଲାରେ ସେ ଦେଶ ବିଦେଶର ସମସ୍ତ ନେତାଙ୍କୁ ପଛରେ ପକାଇ ଦେଇଛନ୍ତି। ଡିଜିଟାଲ ଇଣ୍ଡିଆକୁ ପ୍ରାଧାନ୍ୟ ଦେଉଥିବା ପ୍ରଧାନମନ୍ତ୍ରୀ ମୋଦୀଙ୍କ ୟୁଟ୍ୟୁବ୍ ଚ୍ୟାନେଲର ସବ୍‌ସ୍କ୍ରାଇବର ସଂଖ୍ୟା ୨ କୋଟି ପାର୍ କରିଯାଇଛି। ତାଙ୍କ ଚ୍ୟାନେଲରେ ଅପଲୋଡ ହେଉଥିବା ଭିଡିଓକୁ ଲୋକେ ବହୁତ ପସନ୍ଦ କରୁଛନ୍ତି। ଚଳିତ ମାସରେ ସେ ଅପଲୋଡ କରିଥିବା ଏକ ଭିଡିଓକୁ ୨୨.୪ କୋଟି ଲୋକ ଦେଖିଥିଲେ। ଏହା ୟୁକ୍ରେନ ରାଷ୍ଟ୍ରପତି ଭୋଲଡାମିର ଜେଲେନ୍‌ସ୍କିଙ୍କ ଭିଡିଓ ଦେଖେଣାହାରୀଙ୍କ ତୁଳନାରେ ୪୩ ଗୁଣ ଅଧିକ ଥିଲା। ମୋଦୀଙ୍କ ପରେ ସବ୍‌ସ୍କ୍ରାଇବର ସଂଖ୍ୟାରେ ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜାର ବୋଲ୍‌ସୋନାରୋ (୬୪ ଲକ୍ଷରୁ ଅଧିକ) ଅଛନ୍ତି।

### ଲେଫ୍ଟନାଣ୍ଟ କର୍ଣ୍ଣେଲ କରଣବୀରଙ୍କ ଅନ୍ତିମ ସଂସ୍କାର

## ଝିଅ ଗୁନୀତ ଦେଲେ ମୁଖାଗ୍ନି

ଜଳନ୍ଧର, ୨୬।୧୨ (ଏଜେନ୍ସି):



ସହଯୋଗୀଙ୍କ ଜୀବନ ବଞ୍ଚାଇବା ପାଇଁ ଶତ୍ରୁର ଗୁଳିକୁ ନିଜ ଛାତିକୁ ନେଇଥିବା ଭାରତୀୟ ସେନାର ଲେଫ୍ଟନାଣ୍ଟ କର୍ଣ୍ଣେଲ କରଣବୀର ସିଂହ ନତ୍ତଙ୍କ ମଙ୍ଗଳବାର ଅନ୍ତିମ ସଂସ୍କାର ହୋଇଛି। ୮ ବର୍ଷ ହେଲା କୋମାରେ ଥିବା ଏହି ବୀର ଯବାନଙ୍କୁ ରାଷ୍ଟ୍ରୀୟ ସମ୍ମାନର ସହ ଅନ୍ତିମ ବିଦାୟ ଦିଆଯାଇଛି। ଜଳନ୍ଧର କ୍ୟାଣ୍ଟର ରାମବାଗ ଶ୍ମଶାନରେ ବଡ଼ ଝିଅ ଗୁନୀତ କୌର ବାପାଙ୍କୁ ମୁଖାଗ୍ନି ଦେଇଛନ୍ତି। ଏଠାରେ ସେନାର ବରିଷ୍ଠ ଅଧିକାରୀମାନେ କରଣବୀରଙ୍କୁ ଶ୍ରଦ୍ଧାଞ୍ଜଳୀ ଦେଇଥିଲେ। ଏହି ସମୟରେ ସ୍ୱର୍ଗତ କରଣବୀର ସିଂହଙ୍କ ପତ୍ନୀ ନବପ୍ରୀତ କୌର ଏବଂ ସାନ ଝିଅ ଅଶ୍ମିତ କୌର ଉପସ୍ଥିତ ଥିଲେ। ଉଭୟଙ୍କ ଆଖିରୁ ଲୋତକ ଧାର ଅବିରତ ବହି ଚାଲିଥିଲା। ନବପ୍ରୀତ ଗୋଟିଏ ଲୟରେ ସ୍ୱାମୀଙ୍କ ମୁଖକୁ ଚାହିଁ ରହିଥିଲେ। ସ୍ୱାମୀଙ୍କୁ ନେଇ ସେ ଗର୍ବୀତ ବୋଲି କହିଥିଲେ। ଦେଶ ଏବଂ ନିଜ ସହଯୋଗୀ ଯବାନଙ୍କ ପାଇଁ ସ୍ୱାମୀ ନିଜ ଜୀବନକୁ ଦାନ କରିଦେଇଛନ୍ତି।

### ବିଶ୍ୱ ରେକର୍ଡ

## ତବଲା ବଜାଇଲେ ୧୫୦୦ କଳାକାର

ଗ୍ୱାଲିୟର, ୨୬।୧୨ (ଏଜେନ୍ସି):



ମଧ୍ୟପ୍ରଦେଶ ଗ୍ୱାଲିୟର ଦୁର୍ଗରେ ସୋମବାର ସନ୍ଧ୍ୟାରେ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ମିଳିଛି। ଏଠାରେ ୧୫୦୦ ତବଲା ବାଦକ ଏକାସଙ୍ଗେ ତବଲା ବଜାଇ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ୨୨ ମିନିଟ୍ ପର୍ଯ୍ୟନ୍ତ ତବଲା ଧ୍ୱନିରେ ଦୁର୍ଗ କମ୍ପି ଉଠିଥିଲା। ଏହା ଶରୀରକୁ ରୋମାଞ୍ଚିତ କରି ଦେଉଥିଲା। ମୁଖ୍ୟମନ୍ତ୍ରୀ ଡ.ମୋହନ ଯାଦବ, କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ସମେତ ଅନେକ ସଙ୍ଗୀତ ପ୍ରେମୀ ଏହାର ସାକ୍ଷୀ ପାଲଟି ଥିଲେ। ଏହି ଅବସରରେ ରାଜ୍ୟରେ ପ୍ରତି ବର୍ଷ ଡିସେମ୍ବର ୨୫କୁ ତବଲା ଦିବସ ଭାବେ ପାଳନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ସୂଚନା ଅନୁଯାୟୀ ଏବେ ଗ୍ୱାଲିୟରରେ ତାନସେନ କାର୍ଯ୍ୟକ୍ରମ ଚାଲିଛି। ଏହା ଅଧିନରେ ଦୁର୍ଗରେ ତବଲା ଦରବାର ରଖା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦେଶର ୫୦ ସହରର ୧୫୦୦ କଳାକାର ସାମିଲ ହୋଇଥିଲେ।

## ମାଓବାଦୀଙ୍କ ପାଇଁ ଅସ୍ତ୍ରଶସ୍ତ୍ର ଲୁଚାଇବାର ଅଭିନବ ଉପାୟ

# ପାହାଡ଼ ଗୁମ୍ଫା, ମାଟିକୁ ଖୋଳି ପୋତୁଛନ୍ତି ବିସ୍ଫୋରକ

**ଭୁବନେଶ୍ୱର,୨୬ ।୧୨(ସମିସ):** ମାଲକାନଗିରି ପୁଲିସ ମାଟି ତଳୁ ବିପୁଳ ମାଓ ସାମଗ୍ରୀ ଜବତ କରିଛନ୍ତି। କାଲିମେଲା ଥାନା କୁରୁମାନୁର ଜଙ୍ଗଲର ମାଟି ତଳୁ ଉଦ୍ଧାର ହୋଇଛି ମାଓ ସାମଗ୍ରୀ। ମାଓବାଦୀମାନେ ନିଜର ଅସ୍ତ୍ରଶସ୍ତ୍ରକୁ ମାଟି ଖୋଳି ପୋଡି ଲୁଚାଇଥିଲେ। ହେଲେ ପୁଲିସ ନିଜର ଗୁଇନ୍ଦା ଖବରୀ ମାଧ୍ୟମରେ ମାଟିକୁ ଖୋଳିବା ପରେ ବନ୍ଧୁକ ଜବତ କରାଯାଇଛି।

- ବର୍ଷା ପାଣିରେ ନଷ୍ଟ ନହେବା ପାଇଁ ଡ୍ରମ୍‌ରେ ଭର୍ତ୍ତି କରୁଛନ୍ତି
- ଚିହ୍ନଟ ପାଇଁ ନିକଟ ଗଛକୁ ରଖୁଛନ୍ତି ସଙ୍କେତ
- ଆବଶ୍ୟକ ପଡ଼ିଲେ ବାହାର କରି କରୁଛନ୍ତି ବ୍ୟବହାର
- ୮ ବର୍ଷରେ ଜବତ ହେଲାଣି ୨୮୩ଟି ଅସ୍ତ୍ରଶସ୍ତ୍ର

ଯବାନ ମାଓ ଦମନ ଅପରେସନ୍‌ରେ ଯାଇଥିବା ବେଳେ ମାଟିତଳୁ ମିଳିଛି ମାଓ ସାମଗ୍ରୀ। ତେଣୁ ପୂର୍ବରୁ ମଧ୍ୟ ମାଓବାଦୀମାନେ ଏଭଳି ମାଟି ତଳେ ଅସ୍ତ୍ରଶସ୍ତ୍ର ଲୁଚାଇ ରଖିଥିବା ବେଳେ ପୁଲିସ ଜବତ କରିଛି। ତେଣୁ ମାଓବାଦୀମାନେ ଏଭଳି ଏକାଧିକ ବନ୍ଧୁକ ମାଟିତଳେ ଲୁଚାଇ ରଖିଥିବା ସନ୍ଦେହ କରାଯାଉଛି। ତେଣୁ ଯବାନ ଏବଂ ପୁଲିସଅପରେସନ୍‌ଆର୍ମସ୍‌କୁ ଜୋରଦାର କରୁଛି।

ପୁଲିସର ଭୟରେ ମାଓବାଦୀମାନେ ଏଭଳି ଅସ୍ତ୍ରଶସ୍ତ୍ରକୁ ମାଟିତଳେ ପୋତି ରଖନ୍ତି। ଏହାର କାରଣ ହେଲା ଅସ୍ତ୍ରଶସ୍ତ୍ରକୁ ବୋହି ଅନ୍ୟ ଜାଗାକୁ ଯିବାରେ ମାଓବାଦୀଙ୍କ ପାଇଁ ସମସ୍ୟା ହୁଏ। ତେଣୁ ସେମାନେ ଏକ ଡ୍ରମ୍ ଭିତରେ ଭର୍ତ୍ତି କରି ପୋତି ଦିଅନ୍ତି। ଯାହାଫଳରେ ବର୍ଷା ଦିନ ପାଣି ନଷ୍ଟ ହେବାର ଭୟ ନାହିଁ। ତେଣୁ ଏଭଳି ଉପାୟ ସେମାନଙ୍କ ପାଇଁ ସହଜ ହୋଇଥିବାରୁ ସେମାନେ ମାଟିତଳେ ଲୁଚାଇ ରଖିଥାନ୍ତି। ଗୁଇନ୍ଦାକୁ ମିଳିଥିବା ଖବର ଅନୁସାରେ, ମାଓବାଦୀମାନେ ନିଜର ଅସ୍ତ୍ରଶସ୍ତ୍ର ପାହାଡ଼ ଗୁମ୍ଫା ଭିତରେ ଏବଂ ମାଟି ତଳେ ଅସ୍ତ୍ରଶସ୍ତ୍ର ରଖୁଛନ୍ତି। ସେମାନେ ରଖିବା ପରେ ଅନ୍ୟ ଏକ ସ୍ଥାନକୁ ପଳାଇ ଯାଆନ୍ତି। ଯଦି କିଛି ଅଘଟଣ ଘଟାଇବାର ଥିବ, ସେମାନେ ପୁଣି ଉକ୍ତ ଜାଗାକୁ ଆସି ମାଟି ଖୋଳି ଅସ୍ତ୍ରଶସ୍ତ୍ର ବାହାର କରି ଅଘଟଣ ଘଟାନ୍ତି। କେଉଁ ସ୍ଥାନରେ ବନ୍ଧୁକ ପୋତିଛନ୍ତି ତାହା ଜାଣିବା ପାଇଁ ସେମାନେ ଏକ ବଡ଼ ଗଛ ମୂଳକୁ ଠିକ୍ କରନ୍ତି। ଉକ୍ତ ଗଛ ମୂଳରେ ମାଟି ଖୋଳି ପୋତନ୍ତି। ଯାହାଫଳରେ ସେମାନେ ସହଜରେ ଖୋଜି ପାଇଥାନ୍ତି। ଏହିଭଳି ୮ ବର୍ଷରେ ୨୮୩ଟି ବନ୍ଧୁକ ମାଟି ତଳୁ ଜବତ କରାଗଲାଣି। ଗତ ୮ ବର୍ଷରେ ୨୮୩ଟି ବନ୍ଧୁକ ଏବଂ ୩୬୪ଟି ଆଇଇଡି ଜବତ କରାଯାଇଛି। ୨୦୧୬ରେ ୬୬ଟି ବନ୍ଧୁକ ଜବତ କରାଯାଇଥିବା ବେଳେ ୪୯ଟି ଆଇଇଡି ଜବତ କରାଯାଇଛି। ୨୦୧୭ରେ ୧୬ଟି ବନ୍ଧୁକ, ଆଇଇଡି ୨୩ ଜବତ କରାଯାଇଛି। ୨୦୧୭ରେ ୧୬ଟି ବନ୍ଧୁକ, ୨୩ଟି ଆଇଇଡି ଜବତ ହୋଇଛି। ୨୦୧୮ ରେ ୪୦ଟି ବନ୍ଧୁକ, ୨୪ଟି ଆଇଇଡି ଜବତ ହୋଇଛି। ୨୦୧୯ ରେ୨୧ଟି ବନ୍ଧୁକ, ୩୦ଟି ଆଇଇଡି ଜବତ କରାଯାଇଛି। ୨୦୨୦ରେ ୬୦ଟି ବନ୍ଧୁକ ଜବତ ହୋଇଥିବା ବେଳେ ୬୩ଟି ଆଇଇଡି ଜବତ କରାଯାଇଛି। ୨୦୨୧ରେ ୩୦ଟି ବନ୍ଧୁକ ଜବତ କରାଯାଇଥିବା ବେଳେ ୪୮ଟି ଆଇଇଡି ଜବତ ହୋଇଛି। ୨୦୨୨ରେ ୩୦ଟି ବନ୍ଧୁକ, ୮୭ଟି ଆଇଇଡି ଏବଂ ୨୦୨୩ରେ ୨୦ଟି ବନ୍ଧୁକ, ୪୦ଟି



ଆଇଇଡି ଜବତ କରାଯାଇଛି।

୨୦୨୧ ଡିସେମ୍ବର ୩୧ରେ ମାଲକାନଗିରି ଜିଲ୍ଲା ଲିଙ୍ଗପୋଡ଼ ଅଞ୍ଚଳରେ ଏଭଳି ମାଟି ତଳେ ମାଓବାଦୀମାନେ ଅସ୍ତ୍ରଶସ୍ତ୍ର ଲୁଚାଇଥିବା ବେଳେ ପୁଲିସ ଜବତ କରିଥିଲା। ସେହିପରି ୨୦୧୯ ରେ ଏକାଧିକ ବିସ୍ଫୋରକ ମାଟିତଳୁ ଜବତ କରାଯାଇଥିଲା। ତେଣୁ ମାଓବାଦୀମାନେ ବନ୍ଧୁକ ଏଭଳି ମାଟିତଳେ ଲୁଚାଇ ରଖୁଥିବାରୁ ପୁଲସ ଏସବୁକୁ ଜବତ କରିବା ପାଇଁ ଲାଗିପଡ଼ିଛି। ଗୁଇନ୍ଦା ଖବରକୁ ସକ୍ରିୟ କରି ଏହି ସବୁ ସ୍ଥାନକୁ ଠାବ କରୁଛି।

# ବାଘ ଗଣନାରେ କଣ୍ଟା ସାଜିଛନ୍ତି

**ଭୁବନେଶ୍ୱର,୨୬ ।୧୨(ସମିସ):** ବାଘ ଗଣନାରେ କଣ୍ଟା ସାଜିଛନ୍ତି ମାଓବାଦୀ। ଘଞ୍ଚ ଜଙ୍ଗଲରେ ମାଓବାଦୀଙ୍କ ଗତିବିଧି ଯୋଗୁଁ ବାଘ ଗଣନା ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ବିଶେଷକରି ଆନ୍ଧ୍ର-ଓଡ଼ିଶା ଓ ଛତିଶଗଡ଼ ସୀମାନ୍ତବର୍ତ୍ତୀ ଜଙ୍ଗଲରେ ଏହି ସମସ୍ୟା ମୁଣ୍ଡ ଟେକିଛି। ତେଣୁ ସୀମାନ୍ତବର୍ତ୍ତୀ ଜଙ୍ଗଲରେ ବାଘ ଗଣନା ସହ ସଠିକ୍ ରିପୋର୍ଟ ଆସିବ କି ନାହିଁ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମାଓ ଗତିବିଧି ପାଇଁ ପଶ୍ଚିମ ଓଡ଼ିଶାର ନୂଆପଡ଼ାସ୍ଥିତ ସୁନାବେଡ଼ା ବନ୍ୟଜନ୍ତୁ ଅଭୟାରଣ୍ୟରେ ବାଘ ଗଣନା ପ୍ରଭାବିତ ହୋଇଥିବା ସୂଚନା ମିଳିଛି। ବାଘ ଗଣନା ପାଇଁ ଜଙ୍ଗଲରେ ଲଗାଯାଇଥିବା ଟ୍ରାପ୍ କ୍ୟାମେରା ମଧ୍ୟରୁ କିଛି କ୍ୟାମେରା ମାଓବାଦୀମାନେ ନେଇଯାଇଥିବା ସୂଚନା ମିଳିଛି। ଅନ୍ୟପଟେ ଗତ ରବିବାର ଦିନ କନ୍ଧମାଳ ଜିଲ୍ଲାର ଘଞ୍ଚ ଜଙ୍ଗଲରେ ସୁରକ୍ଷା ବାହିନୀ ଦ୍ୱାରା କମ୍ବିଂ ଅପରେସନ୍ ଚାଲିଥିବା ବେଳେ ଆଇଇଡି ବିସ୍ଫୋରଣରେ ଦୁଇଜଣ ଏସ୍‌ଓଜି ଯବାନ ଆହତ ହୋଇଥିଲେ। ଏହାକୁ ନେଇ ବନ କର୍ମଚାରୀ ଭୟଭୀତ ଅବସ୍ଥାରେ ଅଛନ୍ତି। ଏଥିଯୋଗୁଁ କିଛି କିଛି ସ୍ଥାନରେ କ୍ଷେତ୍ରସ୍ତରରେ ଗଣନା କାର୍ଯ୍ୟ ପ୍ରଭାବିତ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

ମାଓବାଦୀଙ୍କ ଗତିବିଧି ପାଇଁ ବାଘ ଗଣନା ପ୍ରଭାବିତ ହେଉଥିବା ନେଇ ପିସିସିଏଫ୍ (ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ ମଧ୍ୟ ସ୍ୱୀକାର କରିଛନ୍ତି। ସୁନାବେଡ଼ା ବନଖଣ୍ଡର ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ, ବର୍ତ୍ତମାନ ରାଜ୍ୟ ସରକାରଙ୍କ ଦ୍ୱାରା ବାଘ ଗଣନା ଜାରି ରହିଛି। ସୁନାବେଡ଼ାରେ ମଧ୍ୟ ଏହି ପ୍ରକ୍ରିୟା ଜାରି ରହିଛି। ଏଥିପାଇଁ ସ୍ଥାନୀୟ ବନଖଣ୍ଡ ପକ୍ଷରୁ ଘଞ୍ଚ ଜଙ୍ଗଲରେ ୧୬ଟି ଟ୍ରାପ୍ କ୍ୟାମେରା ଲଗାଯାଇଥିଲା। ମାତ୍ର

- ନେଇଯାଉଛନ୍ତି ଟ୍ରାପ୍-କ୍ୟାମେରା
- ବିସ୍ଫୋରଣ ଭୟରେ ଜଙ୍ଗଲ ଯିବାକୁ ଡରୁଛନ୍ତି ବନ କର୍ମଚାରୀ
- ସୀମାନ୍ତବର୍ତ୍ତୀ ଜଙ୍ଗଲରେ ଚାଲିଛି ଜୋରଦାର କମ୍ବିଂ ଅପରେସନ୍

ସେଥିମଧ୍ୟରୁ ୨ ଟି କ୍ୟାମେରା ମିଳୁନି। ସମ୍ଭବତଃ ଏହି କ୍ୟାମେରାଗୁଡ଼ିକୁ ମାଓବାଦୀମାନେ ନେଇଯାଇଛନ୍ତି ବୋଲି ସେ କହିଛନ୍ତି। ସୁନାବେଡ଼ାରେ ପ୍ରାୟ ୩୦ଜଣ ବନ କର୍ମଚାରୀ ଏବଂ କିଛି ସ୍ୱତନ୍ତ୍ର ସ୍କ୍ୱାଡ୍ ବାଘ ଗଣନା ପ୍ରକ୍ରିୟାରେ ନିୟୋଜିତ ରହିଛନ୍ତି। ଯେହେତୁ ଗତ କିଛି ଦିନ ହେବ ଏଠାରେ ମାଓବାଦୀଙ୍କ ସକ୍ରିୟତା ବୃଦ୍ଧି ପାଇଛି, ତେଣୁ ବାଘ ଗଣନାରେ ନିୟୋଜିତ ଅଧିକାରୀମାନେ ଛତିଶଗଡ଼ ସୀମାନ୍ତବର୍ତ୍ତୀ ଜଙ୍ଗଲକୁ ଯାଉନାହାନ୍ତି। କିଛିଦିନ ତଳେ ମାଓବାଦୀ ଓ ପୁଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିବାରୁ ଏହା ପରିସ୍ଥିତିକୁ ଅଧିକ ଜଟିଳ କରିଦେଇଛି।

ଦୀର୍ଘ ଦିନ ହେବ ମାଓବାଦୀମାନେ ଓଡ଼ିଶା ସୀମାନ୍ତ ଜଙ୍ଗଲରେ ରହି ଆସୁଛନ୍ତି। ନିକଟରେ ମାଓବାଦୀଙ୍କ ବିରୋଧରେ ଅପରେସନ୍‌କୁ ଜୋରଦାର କରାଯିବା ସହ ମାଓ ଦମନ ପାଇଁ ଡ୍ରୋନ୍ ନିୟୋଜିତ କରାଯାଇଛି। ବର୍ତ୍ତମାନ ମାଓବାଦୀଙ୍କ ଗତିବିଧି ଅଧିକ ସକ୍ରିୟ ହୋଇଥିବାରୁ ପୁଲିସ ପକ୍ଷରୁ ଅପରେସନ୍ ଜୋରଦାର କରାଯାଇଛି।

ସୂଚନା ଥାଉକି ରାଜ୍ୟରେ ବର୍ତ୍ତମାନ ନିଜସ୍ୱ ଭାବେ ରାଜ୍ୟ ସରକାର ବାଘ ଗଣନା ଜାରି ରଖିଛନ୍ତି। ଏହି ଗଣନା ଯୋଗୁଁ ରାଜ୍ୟର ବିଭିନ୍ନ ଜଙ୍ଗଲରେ ଟ୍ରାପ୍ କ୍ୟାମେରା ଲଗାଯାଇଛି। ବାଘଙ୍କ ପାଦ ଚିହ୍ନ ସଂଗ୍ରହ ପାଇଁ ଗଣନାକାରୀମାନେ ଜଙ୍ଗଲକୁ ପ୍ରବେଶ କରୁଛନ୍ତି। ଡିସେମ୍ବର ଶେଷ ସୁଦ୍ଧା ଏହି ବାଘ ଗଣନା ପ୍ରକ୍ରିୟା ଶେଷ ହେବା ସହ ଆସନ୍ତା ଜାନୁଆରୀ ମାସରେ ଗଣନା ରିପୋର୍ଟ ପ୍ରକାଶ କରିବାକୁ ରାଜ୍ୟ ସରକାର ନଜର ରଖିଛନ୍ତି। ମାତ୍ର ମାଓ କାର୍ଯ୍ୟକଳାପ ଏଥିରେ ପ୍ରତିବନ୍ଧକ ସୃଷ୍ଟି କରିଛି।

## ଅବସରପ୍ରାପ୍ତ ଭିଏଲ୍‌ଡବ୍ଲ୍ୟୁଙ୍କୁ ୨ ବର୍ଷ ଜେଲ୍

**କଟକ, ୨୬।୧୨(ସମିସ):** ଲାଞ୍ଚ ନେବା ମାମଲାରେ ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ କଙ୍କଡ଼ାପାଳ ଗ୍ରାମ ପଞ୍ଚାୟତର ଅବସରପ୍ରାପ୍ତ ଭିଏଲ୍‌ଡବ୍ଲ୍ୟୁ ଅଶୋକ କୁମାର ନାୟକ ମଙ୍ଗଳବାର ଭିଜିଲାନ୍ସ ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଛନ୍ତି। କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଶ୍ରୀ ନାୟକଙ୍କୁ ଦୁର୍ନୀତି ନିବାରଣ ଆଇନ-୧୯୮୮ର ଧାରା ୧୩(୨)/୭ରେ ୨ ବର୍ଷ ଜେଲ୍‌ଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ କହିଛନ୍ତି। ପ୍ରକାଶ ଥାଉକି, ୨୦୧୫ରେ ଶ୍ରୀ ନାୟକ ଅଭିଯୋଗକାରୀଙ୍କ ସପକ୍ଷରେ ମୋ କୁଡ଼ିଆ ଘର ଯାଞ୍ଚ ରିପୋର୍ଟ ଦେବାକୁ ୩ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଭିଜିଲାନ୍ସ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ରାକେଶ ସାହୁ ମାମଲା ପରିଚାଳନା କରୁଥିଲେ।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ

**ବାଲେଶ୍ୱର, ୨୬।୧୨(ସମିସ):** ବାଲେଶ୍ୱର ସ୍ୱତନ୍ତ୍ର ପକ୍ସୋ କୋର୍ଟ ବିଚାରପତି ରଞ୍ଜନ କୁମାର ସୂତାର ମଙ୍ଗଳବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ଶୁଣାଣି କରି ଭୂତସିମୁଳି ଗ୍ରାମର ଫତେରାମ ସିଂକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲ୍ ଓ ୫ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୧ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ଏହାବାଦ୍ ପୀଡ଼ିତା ନାବାଳିକାଙ୍କୁ କ୍ଷତିପୂରଣ ବାବଦରେ ଆଇନ ସେବା ପ୍ରାଧିକରଣ ପକ୍ଷରୁ ୪ଲକ୍ଷ ଟଙ୍କା ପ୍ରଦାନ କରିବାକୁ ମଧ୍ୟ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ନୀଳଗିରି ଥାନା ଅଞ୍ଚଳର ଜଣେ ନାବାଳିକାକୁ ଫତେରାମ ଦୁଷ୍କର୍ମ କରିଥିଲା। ଏ ସଂପର୍କରେ କାହାରିକୁ କହିଲେ ଜୀବନରୁ ମାରି ଦେବ ବୋଲି ଧମକ ଦେଇଥିଲା। ତେବେ ନାବାଳିକାଜଣଙ୍କ ଅନ୍ତସତ୍ତ୍ୱା ହେଇଯିବାରୁ ଘଟଣା ପଦାକୁ ଆସିଥିଲା। ପରିବାରଲୋକ ଏ ସଂପର୍କରେ ଗତ ୨୦୨୩ ଜୁଲାଇ ୭ ତାରିଖରେ ନୀଳଗିରି ଥାନାରେ ଏତଲା ଦେଇଥିଲେ। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର୍ ପ୍ରଣବ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ।

■ ବୃଦ୍ଧାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା ମାମଲା

## ଦୋଷୀକୁ ଆଜୀବନ ଜେଲ୍

**ସୁନ୍ଦରଗଡ଼, ୨୬ ।୧୨(ସମିସ):** ଛଅ ବର୍ଷ ପୂର୍ବେ ଧରୁଆଡିହି ଥାନା ଅନ୍ତର୍ଗତ ତଳସରା କଲୋନୀପଡ଼ାରେ ବୃଦ୍ଧାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା ମାମଲାର ଚୂଡ଼ାନ୍ତ ରାୟ ମଙ୍ଗଳବାର ପ୍ରକାଶ ପାଇଛି। ସୁନ୍ଦରଗଡ଼ ଜିଲ୍ଲା ଦୌରାଜଜ୍ ଶୁଭଦର୍ଶୀ ପଟ୍ଟନାୟକ ମାମଲାର ଶୁଣାଣି କରି କରି ଅଭିଯୁକ୍ତ ରଞ୍ଜନ କାଲୋ (୪୨) ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଏଥିସହ ୫ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ବିଚାରପତି ରାୟ ଶୁଣାଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ୨୦୧୭ ଜାନୁଆରୀ ୮ ରାତିରେ କଲୋନୀପଡ଼ାର ରଞ୍ଜନ ତାଙ୍କ ପତ୍ନୀଙ୍କ ସହ ଝଗଡ଼ା କରୁଥିଲେ। ତାଙ୍କ ବାପା ମାଆ ଏହାର ପ୍ରତିବାଦ କରିବାରୁ ସେ ଏକ ଲୁହା ନଳିରେ ମାଡ଼ ମାରି ଉଭୟଙ୍କ ମୁଣ୍ଡ ଫଟାଇ ଦେଇଥିଲେ। ପଡ଼ୋଶୀ ବୃଦ୍ଧା ଫୁଲମତି ବାରିକ (୭୫) ତାଙ୍କ ଘରକୁ ଆସି ଆହତ ବାପା ମାଆଙ୍କୁ ଉଦ୍ଧାର କରିବାରୁ ତାଙ୍କ ଉପରେ ରଞ୍ଜନଙ୍କ ରାଗ ବଢ଼ିଥିଲା। ପର ଦିନ ସକାଳ ପ୍ରାୟ ୬ଟାରେ ଫୁଲମତି ତାଙ୍କ ଘର ସମ୍ମୁଖ ରାସ୍ତା ଝାଡୁ କରୁଥିବା ବେଳେ ରଞ୍ଜନ ତାଙ୍କୁ ଟାଙ୍ଗିଆରେ ଚୋଟ ପରେ ଚୋଟ ପକାଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କ ମୃତ୍ୟୁ ଘଟିଥିଲା। ପରେ ରଞ୍ଜନ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ଘଟଣାସ୍ଥଳରେ ଫିଙ୍ଗି ଫେରାର ହୋଇଯାଇଥିଲେ। ସରକାରଙ୍କ ତରଫରୁ ଭାରପ୍ରାପ୍ତ ସରକାରୀ ଓକିଲ ଅଶୋକ କୁମାର ସ୍ୱାଇଁ ମାମଲା ପରିଚାଳନା କରୁଥିଲେ।

## ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ

**ବାରିପଦା, ୨୬ ।୧୨ (ସମିସ):** ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲା ଦୌରାଜଜ୍(୧) କୋର୍ଟରେ ମଙ୍ଗଳବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସତ୍ୟନାରାୟଣ ପାତ୍ର ମାମଲାର ବିଚାର ପୂର୍ବକ ଅଭିଯୁକ୍ତ ଶ୍ୟାମସୁନ୍ଦର ବାରିକ (୬୨)କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ ଓ ୫୨ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୯ ମାସ ଅଧିକ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ନୂଆଗାଁର ଶ୍ୟାମସୁନ୍ଦର ଏବଂ ରାଧାକୃଷ୍ଣ ବାରିକଙ୍କ ମଧ୍ୟରେ କୌଣସି କାରଣରୁ ଶତ୍ରୁତା ରହିଥିଲା। ୨୦୨୦ ଜାନୁୟାରୀ ୧୬ ତାରିଖ ସନ୍ଧ୍ୟାରେ ଏକ ପାନ ଦୋକାନ ସମ୍ମୁଖରେ ଉଭୟଙ୍କ ଝଗଡ଼ା ହୋଇଥିଲା। ସ୍ଥାନୀୟ ଲୋକମାନେ ବୁଝାସୁଝା କରିବା ପରେ ଶ୍ୟାମସୁନ୍ଦର ସେଠାରୁ ପଳାଇ ଯାଇଥିଲା। ଶ୍ୟାମସୁନ୍ଦର ପ୍ରତିଶୋଧ ପରାୟଣ ହୋଇ ପରେ ଆକ୍ରମଣ କରିବା ନିମନ୍ତେ ପୂର୍ବରୁ ଗ୍ରାମ ରାସ୍ତାର ଏକ ସ୍ଥାନରେ ଛପି ରହିଥିଲା। ଉକ୍ତ ରାସ୍ତା ଦେଇ ରାଧାକୃଷ୍ଣ ଓ ବସନ୍ତ ବାରିକ ଯାଉଥିବା ବେଳେ ଶ୍ୟାମସୁନ୍ଦର ଏକ ଠେଙ୍ଗାରେ ସେମାନଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା। ଏଥିରେ ଉଭୟ ଗୁରୁତର ଆହତ ହୋଇଥିଲେ। ରାଧାକୃଷ୍ଣଙ୍କୁ ହସ୍ପିଟାଲ ନିଆଯାଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ବୈଶିଙ୍ଗା ପୁଲିସ ଶ୍ୟାମସୁନ୍ଦରକୁ ଗିରଫ କରି କୋର୍ଟ

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ପୋଷାକ ରପ୍ତାନୀକାରୀ ସମୂହ ପ୍ରତିନିଧି

# ଖୋର୍ଦ୍ଧାରେ ୧୦୦ ଏକର ଜମିରେ ପ୍ରତିଷ୍ଠା ହେବ ପୋଷାକ ତିଆରି କାରଖାନା



ଭୁବନେଶ୍ୱର, ୨୬ ।୧୨(ସମିସ): ଓଡ଼ିଶାକୁ ଶିଳ୍ପ ସମୃଦ୍ଧ ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ନେଉଛନ୍ତି। ଶିଳ୍ପ ଅନୁକୂଳ ନୀତି ସହ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା ଏବଂ ଆକର୍ଷଣୀୟ ରିଆତି ଏ କ୍ଷେତ୍ରରେ ବେଶ୍ ସହାୟକ ହୋଇପାରୁଛି। ରାଜ୍ୟକୁ ଦେଶ, ବିଦେଶର ବହୁ ପ୍ରତିଷ୍ଠିତ କମ୍ପାନୀଙ୍କ ଆଗମନ ହେଉଥିବା ବେଳେ ଦେଶର ନାମୀଦାମୀ ପୋଷାକ ରପ୍ତାନୀକାରୀ ସମୂହ ନିଜର କାରଖାନା ଓଡ଼ିଶାରେ ପ୍ରତିଷ୍ଠା କରିବାକୁ ଯାଉଛନ୍ତି। ଏନେଇ ରପ୍ତାନୀକାରୀ ସମୂହର ପ୍ରତିନିଧିମାନେ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏଥିରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ମଧ୍ୟ ଉପସ୍ଥିତ ଥିଲେ। ଏହି କମ୍ପାନୀ ଖୋର୍ଦ୍ଧା ନିକଟବର୍ତ୍ତୀ ଅଞ୍ଚଳରେ ୧୦୦ ଏକର ପରିମିତ ଅଞ୍ଚଳରେ ନିଜର ପୋଷାକ ଉତ୍ପାଦନ କାରଖାନା ସ୍ଥାପନ କରିବ। ଏହାଦ୍ୱାରା ରାଜ୍ୟକୁ ବୟନ ଏବଂ ପୋଷାକ କ୍ଷେତ୍ରରେ ବ୍ୟାପକ ଭାବେ ପୁଞ୍ଜି ଆସିବ ଏବଂ ପ୍ରାୟ ୧୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କୁ ନୋଏଡ଼ାର ୭ଟି

**ଆସିବ ବଡ଼ ପୁଞ୍ଜିନିବେଶ, ୧୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି**

ରପ୍ତାନୀକାରୀ ସମୂହର ପ୍ରତିନିଧି ସାକ୍ଷାତ କରିଥିବା ବେଳେ ସେମାନଙ୍କର ଦେଶବ୍ୟାପୀ ବିଭିନ୍ନ ସ୍ଥାନରେ ଗୁଡ଼ିଏ ଫ୍ୟାକ୍ଟ୍ରି ରହିଛି। ଶିଳ୍ପ ବିଭାଗ ସହ ହୋଇଥିବା ଆଲୋଚନା ଅନୁଯାୟୀ, ପ୍ରତ୍ୟେକ କମ୍ପାନୀଙ୍କୁ ରାଜ୍ୟ ସରକାର ପ୍ରାୟ ୧୦ ଏକର ଲେଖାଏଁ ଜମି ଯୋଗାଇ ଦେବାକୁ ଥିବା ବେଳେ ସେଠାରେ ସେମାନେ ନିଜର କାରଖାନା ସ୍ଥାପନ କରିବେ। ଇଡ୍‌କୋ ଏଥିପାଇଁ ଉକ୍ତ କମ୍ପାନୀମାନଙ୍କୁ ୪ ଥାକିଆ ରାସ୍ତା, ପାଣି, ବିଜୁଳି ସହ ଅନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବ। ସେହିପରି ଏହି କମ୍ପାନୀଗୁଡ଼ିକ ସହ ସିଧାସଳଖ ସମ୍ପର୍କ ପାଇଁ ଇପିକଲ୍ ଜଣେ ସ୍ୱତନ୍ତ୍ର ନୋଡାଲ ଅଧିକାରୀ ନିଯୁକ୍ତ କରିବ ବୋଲି ଜଣାପଡ଼ିଛି। ଆଜି ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିବା ୭କମ୍ପାନୀ ପ୍ରତିନିଧିଙ୍କ ମଧ୍ୟରେ ମିନୁ କ୍ରିଏସନ, ପୂଜା ଇଣ୍ଟରନ୍ୟାସନାଲ୍ ବିଏଲ୍ ଇଣ୍ଟରନ୍ୟାସନାଲ. ସୋନୁ ଏକ୍ସିମ, ଲକ୍ଷିତା, ଫାଇନ୍ ଲାଇନ୍ସ, ରେନ୍‌ବୋ ଫାବାର୍ଟର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଆଜିଠୁ ଡାଉନ୍‌ଲୋଡ୍ ହେବ +୨ ଆଡମିଟ୍ କାର୍ଡ

**ଭୁବନେଶ୍ୱର, ୨୬ ।୧୨ (ସମିସ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ବୋର୍ଡ ପରୀକ୍ଷା ପାଇଁ ବୁଧବାରଠାରୁ ଅନଲାଇନ୍‌ରେ ଆଡମିଟ୍-କାର୍ଡ ଉପଲବ୍ଧ ହେବ। ସାମସ୍ ଇ-ସ୍ପେସ୍‌ରୁ କଲେଜ କର୍ତ୍ତୃପକ୍ଷ ଆଡମିଟ୍-କାର୍ଡ ଡାଉନ୍‌ଲୋଡ୍ କରିପାରିବେ। ସେଥିରେ କୌଣସି ତ୍ରୁଟି ଥିଲେ, ପରିଷଦକୁ ଅବଗତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି, ଛାତ୍ରଛାତ୍ରୀଙ୍କୁ ଆଡମିଟ୍ କାର୍ଡ ପ୍ରଦାନ କରିବା ପୂର୍ବରୁ ଅଧ୍ୟକ୍ଷ ଓ ପରୀକ୍ଷାର୍ଥୀଙ୍କ ଦସ୍ତଖତ ସୁନିଶ୍ଚିତ କରିବାକୁ କୁହାଯାଇଛି। କଳା, ବିଜ୍ଞାନ, ବାଣିଜ୍ୟ ଓ ଭୋକେସନାଲ୍ ବିଭାଗରେ ପରୀକ୍ଷା ଦେବାକୁ ଥିବା ଉଭୟ ରେଗୁଲାର ଓ ଏକ୍ସ-ରେଗୁଲାର୍ ଛାତ୍ରଛାତ୍ରୀଙ୍କ ଆଡମିଟ୍ କାର୍ଡ ଉପଲବ୍ଧ ହେବ। ଏନେଇ ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଜାନୁୟାରୀ ୨ ତାରିଖରୁ +୨ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହେଉଛି। ସେହିପରି ଲିଖିତ ପରୀକ୍ଷା ଫେବ୍ରୁୟାରୀ ୧୬ରୁ ଆରମ୍ଭ ହୋଇ ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ ପ୍ରାୟ ୩ଲକ୍ଷ ୮୫ ହଜାରରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେବାପାଇଁ ଫର୍ମ ପୂରଣ କରିଛନ୍ତି।

## ଚିହ୍ନଟ ହେଲେ ଆଉ ଜଣେ କୋଭିଡ୍ ସଂକ୍ରମିତ

**ଭୁବନେଶ୍ୱର, ୨୬ ।୧୨(ସମିସ):** ଆଜି ସକାଳ ସୁଦ୍ଧା ରାଜ୍ୟରେ ଆଉ ଜଣେ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସପ୍ତାହକ ମଧ୍ୟରେ ଓଡ଼ିଶାରେ ଏହା ହେଉଛି ତୃତୀୟ ମାମଲା। ପ୍ରଥମ ଦୁଇଜଣ ସଂକ୍ରମିତ କଟକରୁ ଚିହ୍ନଟ ହୋଇଥିବା ବେଳେ ତୃତୀୟ ସଂକ୍ରମିତଙ୍କ ଯାତ୍ରା ବିବରଣୀ ସଂଗ୍ରହ କରାଯାଉଛି। ଓଡ଼ିଶାରେ ଅଦ୍ୟାବଧି ଜେଏନ୍.୧ ଭାରିଆଣ୍ଟ ସ୍ପଷ୍ଟ ହୋଇନାହିଁ। ସମସ୍ତ ପଜିଟିଭ୍ ନମୁନା ଜିନୋମ ସିକ୍ୱେନ୍ସିଂ ପାଇଁ ପଠାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର କହିଛନ୍ତି, ତିନିଜଣ ଯାକ ସଂକ୍ରମିତ ଘରେ ରହି ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ଜିନୋମ ସିକ୍ୱେନ୍ସିଂ ରିପୋର୍ଟକୁ ଅପେକ୍ଷା ରହିଛି। ରିପୋର୍ଟ ଆସିବା ପରେ ସେମାନଙ୍କ ସଂକ୍ରମଣ ସମ୍ପର୍କରେ ସବିଶେଷ ତଥ୍ୟ ମିଳିପାରିବ। ତେବେ ଯେହେତୁ କୋଭିଡ୍ ସମ୍ପୂର୍ଣ୍ଣ ଭାବେ ଯାଇନାହିଁ ଏବଂ ଏହି ଭୂତାଣୁ ଏବେ ମଧ୍ୟ ସକ୍ରିୟ ରହିଛି; ତେଣୁ ଅସାବଧାନ ହେଲେ ସଂକ୍ରମଣ ହେବା ଆଶଙ୍କା ରହିଛି। ଏବେ ଓଡ଼ିଶାରେ ସ୍ଥିତି ଭଲ ଅଛି, କିନ୍ତୁ ଆମେ ଅବହେଳା କରିପାରିବା ନାହିଁ। ବିଭାଗ ପକ୍ଷରୁ ଜିଲ୍ଲାସ୍ତରରେ ସର୍ଭେଲାନ୍ସ ଆରମ୍ଭ ହେବ। କୋଭିଡ୍ ନିୟମ ପାଳନ ପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି। ତେଣୁ ସମସ୍ତେ ସତର୍କ ହୋଇ ଚଳିଲେ ବଡ଼ ବିପଦ ଟଳିଯିବ ବୋଲି ଡା. ମହାପାତ୍ର କହିଛନ୍ତି।

**ଜିନୋମ ସିକ୍ୱେନ୍ସିଂ ରିପୋର୍ଟକୁ ଅପେକ୍ଷା**

## ମାତୃହନ୍ତାକୁ ଆଜୀବନ ଜେଲ୍

**ବାରିପଦା, ୨୬ ।୧୨(ସମିସ):** ମୟୂରଭଞ୍ଜ ଜିଲ୍ଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ମଙ୍ଗଳବାର ଏକ ମାତୃହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ଅରବିନ୍ଦ ପଟ୍ଟନାୟକ ମାମଲାର ବିଚାର କରି ଅଭିଯୁକ୍ତ ପୁଅକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ୍ ଓ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲ୍ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀଜଣଙ୍କ ହେଲା, ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ପଞ୍ଚାୟତ ଡମ୍ବୁରୁଡହର ଗ୍ରାମର ହରି ମାରାଣ୍ଡି। ଗତ ୨୦୧୭ରେ ହରି କୌଣସି କାରଣରୁ ଉତ୍‌କ୍ଷିପ୍ତ ମା' ଜାମ୍ବୀର ମାରାଣ୍ଡି (୭୦)ଙ୍କୁ ଆକ୍ରମଣ କରିଥିଲା। ଏଥିରେ ଜାମ୍ବୀରଙ୍କ ମୃତ୍ୟୁ ହୋଇଥିଲା। ବୈଶିଙ୍ଗା ଥାନା ପୁଲିସ ଏକ ମାମଲା ରୁଜୁ କରି ହରିକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାକୁ ସରକାରୀ ପିପି ସସ୍ମିତା ମହାପାତ୍ର ପରିଚାଳନା କରିଥିଲେ।

**ଚେନ୍ନାଇରେ ଶାଶୂଙ୍କୁ ହତ୍ୟା**

## ୨୮ ବର୍ଷ ପରେ ବ୍ରହ୍ମପୁରରୁ ଅଭିଯୁକ୍ତ ହ୍ୱାଇଁ ଗିରଫ

**ବ୍ରହ୍ମପୁର, ୨୬ ।୧୨(ସମିସ):** ଏକ ହତ୍ୟା ମାମଲାରେ ଦୀର୍ଘ ୨୮ ବର୍ଷ ହେଲା ଫେରାର୍ ଥିବା ଅଭିଯୁକ୍ତକୁ ଚେନ୍ନଇ ପୁଲିସ ବ୍ରହ୍ମପୁର ଗୋଷାଣି ନୂଆଗାଁ ଥାନା ଅଞ୍ଚଳରୁ ଗିରଫ କରିଛି। ସେ ହେଲା, ହରିହର ପାଟ୍ଟଯୋଶୀ। ଗୋଷାଣି ନୂଆଗାଁ ପୁଲିସର ସହଯୋଗରେ ଚେନ୍ନାଇ ପୁଲିସ ହରିହରକୁ ବ୍ରହ୍ମପୁର ଅନ୍ଧପସରା ରୋଡ୍ ନିକଟ ଏକ ଆପାର୍ଟମେଣ୍ଟ ନିକଟରୁ ଗିରଫ କରିଛି। ୧୯୯୫ ମସିହାରେ ହରିହର ଚେନ୍ନାଇରେ ନିଜ ଶାଶୂ ରମା(୪୮)ଙ୍କୁ ହତ୍ୟା କରିଥିଲେ। ଏହା ପରଠାରୁ ସେ ଫେରାର୍ ଥିଲେ। ଗିରଫ ପରେ ହରିହରଙ୍କୁ ସ୍ଥାନୀୟ ଏସିଜେଏମ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ପରେ ପୁଲିସ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଚେନ୍ନାଇ ନେଇଯାଇଥିବା ଜଣାଯାଇଛି।

ସୂଚନାଯୋଗ୍ୟ, ୧୯୯୪ମସିହାରେ ହରିହର ଚେନ୍ନାଇର ଏକ କମ୍ପାନୀରେ କାମ କରୁଥିଲେ। ସେଠାରେ ଇନ୍ଦିରା ନାମକ ଜଣେ ଯୁବତୀଙ୍କୁ ସେ ପ୍ରେମବିବାହ କରିଥିଲେ। ତେବେ ପ୍ରାୟ ସମୟରେ ଦମ୍ପତିଙ୍କ ମଧ୍ୟରେ ଗଣ୍ଡଗୋ ହେବାରୁ ଇନ୍ଦିରା ବିବାହ ବିଚ୍ଛେଦ ପାଇଁ କୋର୍ଟଙ୍କ ଆଶ୍ରୟ ନେଇଥିଲେ। ଏଥିରେ ଉତ୍ତେଜିତ ହୋଇ ହରିହର ପତ୍ନୀ ଇନ୍ଦିରାଙ୍କୁ ଆକ୍ରମଣ କରିବା ବେଳେ ତାଙ୍କ ମା' ରମା ଆଗକୁ ଚାଲି ଆସିଥିଲେ। ଫଳରେ ହରିହରଙ୍କ ଛୁରାମାଡ଼ରେ ରମା ଗୁରୁତର ଆହତ ହୋଇଥିଲେ। ପରେ ହରିହର ନିଜ ପତ୍ନୀ ଇନ୍ଦିରା ଓ ଶଳାକୁ ମଧ୍ୟ ଆକ୍ରମଣ କରିଥିଲେ। ଗୁରୁତର ରମାଙ୍କର ୧୯୯୫ ମସିହା ଅଗଷ୍ଟ ୯ତାରିଖରେ ମୃତ୍ୟୁ ହୋଇଥିଲା। ଘଟଣା ପରଠାରୁ ହରିହର ଫେରାର ହୋଇଯାଇଥିଲେ। ଘଟଣାକୁ ନେଇ ଚେନ୍ନାଇର ଆଦାମ ବକମ୍ ଥାନାରେ ଏକ ହତ୍ୟା



ମାମଲା ରୁଜୁ ହୋଇଥିଲା। ଘଟଣା ପରଠାରୁ ହରିହର ଓଡ଼ିଶାର ବିଭିନ୍ନ ସ୍ଥାନ ସମେତ ସୁରଟରେ ଆତ୍ମଗୋପନ କରିଥିଲେ।

ଗଞ୍ଜାମ ଜିଲ୍ଲା ଆସିକାରେ ଜଣେ ବନ୍ଧୁଙ୍କ ଘରେ ଲୁଚିଥିବା ସମୟରେ ୨୦୦୧ ମସିହାରେ ହରିହର ପୁଣି ଜଣେ ମହିଳାଙ୍କୁ ବିବାହ କରିଥିଲା। ପରେ ହରିହର ବ୍ରହ୍ମପୁରର ଏକ ମସଲା କାରଖାନା, କେନ୍ଦ୍ରାପଡ଼ାର ଏକ ବୀମା କମ୍ପାନୀରେ କାମ କରିଥିଲା। ଆଦାମ୍ ବକମ୍ ପୁଲିସର ଟିମ୍ ଦୀର୍ଘ ବର୍ଷ ଧରି ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ ସୁଦ୍ଧା ହରିହରକୁ ଗିରଫ କରିପାରି ନଥିଲା। ସପ୍ତାହେ ପୂର୍ବରୁ ହରିହର ବ୍ରହ୍ମପୁରରେ ଲୁଚିଥିବା ଖବର ପାଇ ଚେନ୍ନାଇ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଏଠାରେ ପହଞ୍ଚି ସ୍ଥାନୀୟ

**୭ ଦିନର ଅପରେସନ୍ ପରେ ପୁଲିସକୁ ମିଳିଲା ସଫଳତା**

ଗୋଷାଣି ନୂଆଗାଁ ଥାନାର ସହାୟତା ନେଇଥିଲା। ସୋମବାର ହରିହରକୁ ଗୋଷାଣି ନୂଆଗାଁ ଥାନା ଅଞ୍ଚଳରୁ ଗିରଫ କରାଯାଇଥିଲା। ଗିରଫ ପରେ ଆଜି ତାକୁ ଡାକ୍ତରୀ ପରୀକ୍ଷା ସହ ଏସିଜେଏମଙ୍କ କୋର୍ଟରେ ହାଜର କରାଯାଇ ଚେନ୍ନାଇର ଆଦମ ବକମ୍ ପୁଲିସ ରିମାଣ୍ଡରେ ନେଇଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି। ଏସ୍‌ପିଙ୍କ ସୂଚନାନୁଯାୟୀ, ହରିହର ନିଜ ପୈତୃକ ସମ୍ପତ୍ତି ଭାଗବଣ୍ଟାକୁ ନେଇ ବ୍ରହ୍ମପୁର ସିଭିଲ କୋର୍ଟରେ ମାମଲା ରୁଜୁ କରିଥିଲେ। ଏଥିରୁ ଅଭିଯୁକ୍ତ ସମ୍ପର୍କରେ ପୁଲିସ ସୁରାକ ପାଇଥିଲା।

# ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ

ସକାଳ THE SAKALA



ବିଜୁଙ୍କ ପ୍ରତିମୂର୍ତ୍ତି ତଳେ



ବିଜୁଙ୍କୁ ଶ୍ରଦ୍ଧାଞ୍ଜଳି



କଟକର ଆନନ୍ଦ ଭବନରୁ ଶୁଭାରମ୍ଭ



କଟକରୁ ସାଇକଲ ରାଲି



ଶଙ୍ଖ ଭବନରେ ଦଳୀୟ ପତାକା ଉତ୍ତୋଳନ



ଶଙ୍ଖ ଭବନରେ ରକ୍ତଦାନ



ଶଙ୍ଖ ଭବନରେ ସେବା ପାଇଁ ଶପଥ ପାଠ



ଭୁବନେଶ୍ୱରରେ ସାଇକଲ ରାଲି



ଶଙ୍ଖ ଭବନରେ ସେବା ପାଇଁ ଶପଥ ପାଠ



ଚିଲିକାରେ ସେବା ପାଇଁ ଶପଥ ପାଠ

## ଭବାନୀପାଲିରେ ମାଟି ହିଡ଼କୁ ପୋଖରୀ ନାଁରେ ବିଲ୍

# ପିଡି ଖୁସ୍, ଜେଇ ଓ ଠିକାଦାର ମାଲାମାଲ୍


ପୋଖରୀ



ଫଳକ


ଗାଧୋଇବା ପାହାଚ

**ସମ୍ବଲପୁର, ୨୬।୧୨(ସମିସ):** ଯୁଯୁମୁରା ବ୍ଲକରେ ସାଂସଦ ପାଣ୍ଠିରୁ ଏକ କୋଟି ଟଙ୍କାର ମିଛ ବିଲ୍ କରି ହଡପ୍ ଘଟଣାରେ ଧିରେ ଧିରେ ସାମ୍ନାକୁ ଆସୁଛି ହଡ଼ପ୍‌କାରୀଙ୍କ କାରନାମା। କେଉଁଠି ପଥରଖାଦାନକୁ ପୋଖରୀ ନାଁରେ ବିଲ୍ କରାଯାଇଛି ତ ଆଉ କେଉଁଠି ମନ୍ଦିର ନାଁରେ ଲୋକଙ୍କ ଠାରୁ ଚାନ୍ଦା ଆଦାୟ ସହ ସାଂସଦ ପାଣ୍ଠିରୁ ମଧ୍ୟ ବିଲ୍ କରାଯାଇଛି। ହେଲେ ଭବାନୀପାଲିରେ ପୋଖରୀ ଖନନ ନାଁରେ ପୂରା ୧୦ଲକ୍ଷ ଟଙ୍କା ଚଳୁ କରିଦେଇଥିବା ଦେଖିବାକୁ ମିଳିଛି। ଏପରିକି ସେଠାରେ ପୋଖରୀ ଖନନ ତ ଦୂରର କଥା ପୋଖରୀ ଖୋଜିଲା ବେଳକୁ ପୋଖରୀ ମଧ୍ୟ ଗାଏବ ରହିଛି। ପୋଖରୀ ନାଁରେ ବିଲ୍ ଉଠାସରିଛି ହେଲେ ପୋଖରୀ କିମ୍ବା ଫଳକ ଖୋଜିଲେ ମିଳୁନି। ଠିକାଦାର ଓ ଜେଇ ମିଳିମିଶି ଏହି ପୋଖରୀ ନାଁରେ ୧୦ ଲକ୍ଷ ଟଙ୍କା ଚଳୁ କରିଦେଇଛନ୍ତି। ପୋଖରୀ ଆକୃତି ଦେବା ପାଇଁ ଯେଉଁ ଚାଲାକି କରିଛନ୍ତି ତଦନ୍ତକାରୀ ଅଫିସରଙ୍କ ବୁଦ୍ଧି ମଧ୍ୟ ଫେଲ୍ ମାରିଯିବ। ଏକ ପ୍ରାକୃତିକ ନାଳ ତଥା ଗାତକୁ ପୋଖରୀ ଆକୃତି ଦେବା ପାଇଁ ଠିକାଦାର ଓ ଜେଇ ଏକ ବିକୃତ ପନ୍ଥା ଆପଣେଇଛନ୍ତି। ସେହି ପ୍ରାକୃତିକ ନାଳକୁ ଲାଗି ଏକ ଖେଳ ପଡ଼ିଆ ଥିବାବେଳେ ସେଠାରେ ପ୍ଲଟିଂ ଚାଲିଛି। ଫଳରେ ପ୍ଲଟିଂ ପାଇଁ ରାସ୍ତା ତିଆରି କରିଥିବା ଜମି ମାଲିକ ପ୍ଲଟିଂ ସମୟରେ ମାଟି ପୋତିଛନ୍ତି। ଯାହାଫଳରେ ସେଠାରେ ଏକ ହିଡପରି ମନେ ହେଉଛି। ତେବେ ପ୍ରାକୃତିକ ନାଳର ଚତୁଃପାର୍ଶ୍ୱରେ ଏକ ହିଡର ଭ୍ରମ ସୃଷ୍ଟି ହୋଇଥିବା ଯୋଗୁଁ ଠିକାଦାର ଓ ଜେଇ ପୋଖରୀ ନାଁରେ ବିଲ୍ କରାଇବା ପାଇଁ ସୁବିଧା ହୋଇଛି। ତେବେ ସାଂସଦ ପାଣ୍ଠିରୁ ୨୦୨୨-୨୩ ଆର୍ଥିକ ବର୍ଷରେ ଏହି ଟଙ୍କା ବିଲ୍ ହୋଇଥିବାବେଳେ ସେନେଇ ଏକ ନାମ ଫଳକ ମଧ୍ୟ

## ମାଟି ୧୦ଟ୍ରିପ୍‌କୁ ୧୦ଲକ୍ଷ ଟଙ୍କାର ବିଲ୍

ରହିଛି। ହେଲେ ନାମ ଫଳକକୁ ଲୁଚାଇବା ପାଇଁ ଠିକାଦାର ଓ ଜେଇ ଫଳସା ବୁଦା ତଳେ ତିଆରି କରିଛନ୍ତି। ଯାହାକୁ ଖୋଜିବା ପାଇଁ ସାଧାରଣ ଲୋକଙ୍କୁ ଘଣ୍ଟାଏ ଲାଗିବ। ପୋଖରୀରେ ସାଧାରଣତଃ ବାଥ୍ ଷ୍ଟେପ୍ ବା ଗାଧୁଆ ତୁଠ ତିଆରି କରିବାର ନିୟମ ଥାଏ। ହେଲେ ଝାଂକରପାଲିରେ ଜଙ୍ଗଲ ଭିତରେ ଏକ ଛୋଟିଆ ବାଥ୍ ଷ୍ଟେପ୍ ତିଆରି କରିଛନ୍ତି। ଯାହା ଗ୍ରାମବାସୀଙ୍କ ପାଇଁ କୌଣସି ମତେ କାମକୁ ନୁହେଁ। ବାଥ୍ ଷ୍ଟେପକୁ ଦେଖିଲେ ସତେ ଯେମିତି ତାହା ବନ୍ୟଜନ୍ତୁ ବା ପଶୁ ପକ୍ଷୀଙ୍କ ପାଇଁ ତିଆରି ହୋଇଛି। ତେବେ ହିଡ ତିଆରି କରି ପୋଖରୀର ରୂପ ଦେଲେ ବି ତାହା ଅସଜଡା ଗାଡିଆ ପରି ମନେ ହେଉଛି। ଯେଉଁ ସ୍ଥାନରେ ଏହି ପୋଖରୀ ନାଁରେ ବିଲ୍ କରାଯାଇଛି ସେହି ସ୍ଥାନରେ ଜମି ଥିବା ପାଣି ଗାଧୋଇବା ତ ଦୂରର କଥା ସାଧାରଣ ଲୋକେ ଶୌଚ ପାଇଁ ମଧ୍ୟ ବ୍ୟବହାର କରୁନାହାନ୍ତି। ଟିକିଏ ପାଣି ବି ରହିବ ନାହିଁ। ତଥାପି ଗ୍ରାମବାସୀଙ୍କୁ ଲୁଚାଇ ପୋଖରୀର ରୂପ ଦେଇ ୧୦ ଲକ୍ଷ ଟଙ୍କା ଚଳୁ କରି ଦେଇଛନ୍ତି। ହିଡ ଏପରି ତିଆରି ହୋଇଛି ଯେ ସାଧାରଣ ଲୋକ ସେଠାରେ ଗଲାବେଳେ ଗୋଡ଼ ଖସିଗଲେ ପାଣି ଭିତରେ ପଶି ଜୀବନ ହାରିବେ। ଚତୁଃପାର୍ଶ୍ୱରେ କୌଣସି ସୁରକ୍ଷା ପାଇଁ ବାଡ ମଧ୍ୟ ରହିନାହିଁ। ତେବେ ଏତେସବୁ ହେଲା ପରେ ଜେଇ କେମିତି ବିଲ୍ କଲେ? ଠିକାଦାର ଓ ଜେଇଙ୍କ କି ସମ୍ପର୍କ ଯେ କାମ ନହୋଇ ଜେଇ ବିଲ୍ କରିବାକୁ ବାଧ୍ୟ ହୋଇଛନ୍ତି। ଏନେଇ ସ୍ଥାନୀୟ ଜିଲ୍ଲାପରିଷଦ ସଦସ୍ୟ ତଥା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ମଧ୍ୟ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମୁଦାୟ ଏକ କୋଟି ଟଙ୍କାର ହଡପ୍ ହୋଇଥିବା ନେଇ ସେ ଅଭିଯୋଗ କରିବା ସହ ତଦନ୍ତ ପାଇଁ ଦାବି କରିଥିଲେ। ତେବେ ଘଟଣା ପରେ ଯୁଯୁମୁରା ବ୍ଲକକୁ ଯାଇ ଫାଇଲ ପତ୍ର ଜବତ କରିଛି ସମ୍ବଲପୁର ଭିଜିଲାନ୍ସ। ପ୍ରକୃତରେ ଭିଜିଲାନ୍ସ ଆସିବା ଦିନ ସେଠାରେ ଉପସ୍ଥିତ ଥିବା ଜେଇ ମାନେ ବ୍ଲକ ବାଉଣ୍ଡ୍ରି ଡେଇଁ ଫେରାର ମାରିଥିବା ଚର୍ଚ୍ଚା ହେଉଛି। ଭିଜିଲାନ୍ସ କର୍ମଚାରୀମାନେ କାମ କେତେ ହୋଇଛି ସେନେଇ ଘଟଣାସ୍ଥଳକୁ ଯାଇ ସ୍ଥିତି ମଧ୍ୟ ପରଖିଛନ୍ତି। ଏହା ସହ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ ହେବା ପରେ ସ୍ଥାନୀୟ ବିଡିଓଙ୍କ ସହ ପିଡି ମଧ୍ୟ କାର୍ଯ୍ୟସ୍ଥଳୀକୁ ଯାଇ ତଦନ୍ତ କରିଛନ୍ତି। ଘଟଣାସ୍ଥଳକୁ ଯାଇ ତଦନ୍ତକୁ ପାଖାପାଖି ମାସେ ବିତିଲାଣି ତଥାପି ଜିଲ୍ଲା ପ୍ରଶାସନ ବା ପିଡିଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ସାଧାରଣତଃ ନିମ୍ନମାନର କାମ କରି ଗ୍ରାମାଞ୍ଚଳରେ ଠିକାଦାରମାନେ ବିଲ୍ ଉଠାଣ କରୁଥିବା ଅଭିଯୋଗ ଆସିଥାଏ। ହେଲେ ଭବାନୀପାଲିରେ ଠିକାଦାର ଓ ଜେଇ ଦୁର୍ନୀତିର ଶେଷ ସୀମା ପାର କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କାମ ନକରି ୧୦ଲକ୍ଷ ଟଙ୍କା ଗିଳି ଦେଇଥିବାବେଳେ କେମିତି ପିଡି ଚୁପ୍ ଅଛନ୍ତି ବୁଝାପଡୁନି। ଏହି ଘଟଣାରେ ବିଡିଓ ବିଜୟ କୁମାର ସଏ ନିଜର ପ୍ରତିକ୍ରିୟା ରଖିଛନ୍ତି। ପିଡି ଘଟଣା ସମ୍ପର୍କରେ ଜାଣିଥିବାବେଳେ ଆମେ ତାଙ୍କୁ ଜଣାଇଦେଇଛୁ ବୋଲି କହିଛନ୍ତି। ତେବେ ଭିଜିଲାନ୍ସ ଆସିବା କଥାକୁ ମଧ୍ୟ ବିଡିଓ ସ୍ୱୀକାର କରିବା ସହ ଭିଜିଲାନ୍ସକୁ ତଦନ୍ତରେ ସହଯୋଗ କରାଯାଉଥିବା ସେ କହିଛନ୍ତି।

## ୩୨କେଜି ଗଞ୍ଜେଇ ସହ କାର୍ ଜବତ: ୪ ଗିରଫ



**ରେଢ଼ାଖୋଲ, ୨୬।୧୨(ସମିସ):** ରେଢ଼ାଖୋଲ-ବଉଦ ରାସ୍ତାର କଦଳିଗଡ଼ ପଞ୍ଚାୟତ ବିଶିପାଲି ଗ୍ରାମ ଛକରୁ ମଙ୍ଗଳବାର ରେଢାଖୋଲ ଅବକାରୀ ବିଭାଗ ୩୨ କେଜି ଗଞ୍ଜେଇ ସହ ଏକ କାର (ଓଆର୍ ୦୨ ବିସି ୫୩୩୧)କୁ ଜବତ କରିଛି। ଗଞ୍ଜେଇ ଚୋରାଚାଲାଣ କରୁଥିବା ୪ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ କଟକ ଜିଲ୍ଲା ମାହାଙ୍ଗା ଥାନାର ସୁକାନ୍ତ କୁମାର ମହାରଣା (୪୮), ପ୍ରଭାତ ରଞ୍ଜନ ମହାରଣା (୪୦), ପଶ୍ଚିମବଙ୍ଗ ରାଜ୍ୟ ନୋଦିଆ ଜିଲ୍ଲା ଥାନରପଡ଼ା ଥାନାର ନରେଶ ଚନ୍ଦ୍ର ବାରିକ (୫୦) ଓ ଜିଆର୍ ଖାଁ (୩୫)। ସୂଚନାଯୋଗ୍ୟ ଯେ ଏହି ଚାଲାଣକାରୀମାନେ ବଉଦ ରୁ ପଶ୍ଚିମବଙ୍ଗ କୁ ଗଞ୍ଜେଇ ଚାଲାଣ କରୁଥିବା ସମୟରେ କୌଣସି ସୂଚନା ଖବର ପାଇ ରେଢ଼ାଖୋଲ ଅବକାରୀ ବିଭାଗ ବିଶିପାଲି ଗ୍ରାମ ନିକଟ ଛକଠାରେ ସଦଳବଳେ ଚଢ଼ାଉ କରିଥିଲା। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ଅଧିକାରୀ ଯାଦବ ପ୍ରଧାନ, ଏଏସ୍‌ଆଇ ବନମାଳୀ ନାଏକ, ଶାନ୍ତନୁ ବେହେରା, ଜଗନ୍ନାଥ ମୁଣ୍ଡା, ସୁବାଷିନୀ ମାଝୀ, ରାକେଶ ମହାନ୍ତି, ଦେବରଞ୍ଜନ ବେହେରା, ବଳଭଦ୍ର ବେହେରା ପ୍ରମୁଖ ଚଢ଼ାଉ କରିଥିଲେ।

## ମୃତକଙ୍କ ମିଳିଲା ପରିଚୟ

**ଜମନକିରା, ୨୬।୧୨(ସମିସ):** ଜମନକିରା ଥାନା ଟାଙ୍ଗରମାଲ ଠାରେ ଗତ ୨୫ ତାରିଖରେ ଗଛରେ ପିଟି ମୃତୁବରଣ କରିଥିବା ଯୁବକଙ୍କ ପରିଚୟ ମିଳିଛି। ମୃତକ ଜଣକ ଜମନକିରା ଥାନା ଅନ୍ତର୍ଗତ ଦୁର୍ଗାଡ଼ିହି ଗ୍ରାମର ନୂଆସ ସମଦଙ୍କ ପୁଅ ପାୱାଲ ସମଦ (୪୦) ବୋଲି ପୁଲିସ ସୂଚନା ପ୍ରଦାନ କରିଛି। ସୂଚନା ଅନୁଯାଇ ଗତ ୨୫ ତାରିଖ ରାତି ପ୍ରାୟ ୭ ଟାରେ ପାୱାଲ ଓ ତାଙ୍କ ସର୍ବେଜାଲ ଗ୍ରାମର ସହଯୋଗୀ ବନ୍ଧୁ ତୋଫାନ ସାହୁ (୪୨) କଲାପାଟ ଗ୍ରାମରୁ ଜମନକିରା ପଟକୁ ତାଙ୍କ ବାଇକ ଓଡ଼ି-୧୫-ଏଚ-୯୬୭୦ରେ ଫେରୁଥିବା ସମୟରେ ଜମନକିରା ଭୋଜପୁର ପିଡବୁଢ଼ି ରାସ୍ତା ଟାଙ୍ଗରମାଲ ଗ୍ରାମ ରାସ୍ତା କଡ଼ରେ ଥିବା ଏକ ଗଛରେ ପିଟି ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାକୁ ପଠାଯାଇଥିଲା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।



## ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ

# 'ନବୀନ ଓଡ଼ିଶା' ପାଇଁ ଶପଥ ନେଲେ କର୍ମୀ

**ରେଢ଼ାଖୋଲ, ୨୬।୧୨(ସମିସ):** ରେଢ଼ାଖୋଲ ସହରର ସ୍ଥାନୀୟ ସାପ୍ତାହିକ ହାଟପଦା ସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ମଙ୍ଗଳବାର ବିଜୁ ଜନତା ଦଳର ୨୭ ତମ ପ୍ରତିଷ୍ଠା ଦିବସ ରେଢ଼ାଖୋଲ ବିଜେଡ଼ି ବ୍ଲକ ସଭାପତି ଉଦିତ ତ୍ରିପାଠୀଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏହି ବୈଠକରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଲୋକାଭିମୁଖି କାମ ଲୋକଙ୍କ ପାଖରେ ପହଞ୍ଚାଇବାକୁ କର୍ମୀ ମାନଙ୍କ ମଧ୍ୟରେ ଏକ ଶପଥ ପାଠ କରାଯାଇଥିଲା। ଆଗାମୀ ନିର୍ବାଚନରେ ରେଢ଼ାଖୋଲରେ ବିଜୁ ଜନତା ଦଳର ପ୍ରାର୍ଥୀ କିପରି ବିପୁଳ ଭୋଟରେ ବିଜୟ ଲାଭ କରିବେ ତା' ଉପରେ ଆଲୋଚନା ହୋଇଥିଲା। ଏହି ବୈଠକ ରେ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟା ଶ୍ରାବଣୀ ଭୋଇ, ଜିଲ୍ଲା ଉପସଭାପତି ଅନାଦି ସାହୁ, ଜିଲ୍ଲା ସମ୍ପାଦକ ଲକ୍ଷଣ ପ୍ରଧାନ, ନଗର ଯୁବ ସଭାପତି ବିକାଶ ଦାସ, ବ୍ଲକ ଯୁବ ସଭାପତି ସୂର୍ଯ୍ୟକାନ୍ତ ପ୍ରଧାନ, ନାକଟିଦେଉଳ ବ୍ଲକ ବିଜେଡ଼ି ସଭାପତି ମୁଲିଆ ରାଉଳ, ଛାତ୍ର ସଭାପତି ପ୍ରତିସ ପ୍ରଧାନ, ଯୁବ ନେତା ରାଜୀବ ପୂଜାରୀ, ଘନଶ୍ୟାମ ପ୍ରଧାନ, ଗୋବର୍ଧନ ପ୍ରଧାନ, ରାଧାକାନ୍ତ ନନ୍ଦ, ସୌମିତ୍ରୀ ଜେନା ପ୍ରମୁଖ ସମେତ ଅନ୍ୟ ବହୁ ବିଜେଡ଼ି କର୍ମୀ ମାନେ ଉପସ୍ଥିତ ଥିଲେ।




## କୁଚିଣ୍ଡାରେ ଗଣଦୌଡ଼, ରକ୍ତଦାନ

କୁଚିଣ୍ଡା,୨୬।୧୨(ସମିସ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବିଧାନସଭା ଅର୍ନ୍ତଗତ କୁଚିଣ୍ଡା ସହର ଟାଉନ ହଲଠାରେ ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜେଡି ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କୁଚିଣ୍ଡା ବିଧାୟକ କିଶୋର ନାୟକ, ଏନଏସି ନଗରପାଳ ପ୍ରଦ୍ୟୁତ କୁମାର ମହାନ୍ତି, ରାଜ୍ୟ ଯୁବ ସଂଗଠକ ମନୋଜ ମହାପାତ୍ର, ଉପସଭାପତି ଧର୍ମରାଜ ମରେଇ, ଯୁବ ସଭାପତି ବିଜୁ ସାହୁ, ଅଭିଲାଷ ଅଗ୍ରୱାଲ, ନଗର ସଭାପତି ନବୀନ ହୋତା। ଅଜିତ ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ସକାଳ ୮.୦୦ ଟା ସମୟରେ ସ୍ଥାନୀୟ ପୂର୍ତ୍ତ ବିଭାଗ ବଙ୍ଗଳା ଠାରୁ ଗଣ ଦୌଡ଼ ଶିବମନ୍ଦିର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶିବ ମନ୍ଦିର ପ୍ରାଙ୍ଗଣରେ ଏକ ବୃକ୍ଷ ରୋପଣ କରାଯାଇଥିଲା। ପରେ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ପ୍ରାୟ ୨୫୦ରୁ ଅଧିକ ଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ। ପରେ ନବୀନ ପଟ୍ଟନାୟକ ଙ୍କ ସଫଳତାର ଏକ ଭିଡିଓ ଚିତ୍ର କର୍ମୀ ମାନଙ୍କୁ ଦେଖାଇ ନିର୍ବାଚିତ ପ୍ରତିନିଧି ଜିଲ୍ଲା ପରିଷଦ ସଭାପତି କୁମୁଦିନୀ ନାୟକ, ଜମନକିରା ବ୍ଲକ ଚେୟାରମେନ ଆଶ୍ରିତା ଭୋଇ, ସିନଗଧା ପଟେଲ, ମନୋଜ ମହାପାତ୍ର, କିଶୋର ନାୟକ ଉଦବୋଧନ ଦେଇଥିଲେ। ବୈଠକରେ ଉପସ୍ଥିତ ବହୁ ପୁରୁଣା କର୍ମୀ ନିର୍ବାଚିତ ପ୍ରତିନିଧି ମାନଙ୍କ ମଧ୍ୟରୁ କାହାରିକୁ ଉଦବୋଧନ ଦେବା ପାଇଁ କୁହାଯାଇନଥିଲା। ଏହି କାର୍ଯ୍ୟକ୍ରମ ରେ ପୁରୁଣା କର୍ମୀ ଗଗନ ଶର୍ମା, ସଞ୍ଜିବ ସାହୁ, ସନ୍ତୋଷ ବାରିକ, ବିପ୍ର ଚରଣ ବାଘ, ଆଦିପ୍ରସାଦ ମହାକୂଳ, ସୁଗତ ପଟେଲ, ରମେଶ ମେହେର, ଭୀମରାଜ ପ୍ରସାଦ, ଅରବିନ୍ଦ ସାହୁ, ଶିଶିର ପଟ୍ଟନାୟକ, ମନୋରଞ୍ଜନ ଭୋଇ, ବିପ୍ର ଚରଣ ଭଇଁଷା, ସଞ୍ଜୟ ମିଶ୍ର, ସଞ୍ଜୟ ବେହେରା, ରଶ୍ମି ସାମଲ, ରବି ନାୟକ, ଗଣେଷ ଅଗ୍ରୱାଲ, ଧିରେନ୍ଦ୍ର ମହାନ୍ତି, ଧିରେନ୍ଦ୍ର ଶର୍ମା, ତନୟା ଧରୁଆ, ଆଦିପ୍ରସାଦ ମହାକୂଳ, କ୍ରିଷ୍ଣା ଟପ୍ପୋ, ସୁଜାତା ଖୁଣ୍ଟିଆ ଅଧିକ ଉପସ୍ଥିତ ରହିଥିଲେ।



## 'ଷଷ୍ଠ ଥର ପାଇଁ ନବୀନଙ୍କୁ ମୁଖ୍ୟମନ୍ତ୍ରୀ କରିବୁ'

**ଯୁଯୁମୁରା, ୨୬।୧୨(ସମିସ):** ଯୁଯୋମୁରା ବ୍ଲକ ନୀଳଡୁଙ୍ଗରି ଠାରେ ଆଜି ଯୁଯୋମୁରା ବ୍ଲକ ବିଜେଡି ପକ୍ଷରୁ ବିଜୁ ଜନତା ଦଳର ୨୭ ତମ ପ୍ରତିଷ୍ଠା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ପ୍ରଥମେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟ, ଧୂପ ଦୀପ ଦେଇ ପୂଜନ କରାଯାଇଥିଲା। ଏହି ଅବସରରେ ରେଢାଖୋଲ ବିଧାୟକ ରୋହିତ ପୂଜାରୀ ଉପସ୍ଥିତ ରହି ବ୍ଲକର ସମସ୍ତ ବିଜେଡି କର୍ମକର୍ତ୍ତାଙ୍କୁ ଅଭିଭାଷଣ ଦେଇଥିଲେ। ବିଜେଡି ଦଳର ଆରମ୍ଭ କିଭଳି ଭାବରେ ହୋଇଥିଲା ଓ ପରେ ତାର ବିଜୟଯାତ୍ରା ବାବଦରେ ପୁଙ୍ଖାନୁପୁଙ୍ଖ କହିଥିଲେ। ଆଗକୁ ନିର୍ବାଚନ ଥିବାରୁ ଏଥର ଆମର ପ୍ରିୟ ମୁଖ୍ୟ ମନ୍ତ୍ରୀଙ୍କୁ ବିପୁଳ ପରିମାଣରେ ଭୋଟ ଦେଇ ୬ ଥର ମୁଖ୍ୟ ମନ୍ତ୍ରୀ ଭାବରେ ପୁନଃ ଦେଖିବାକୁ କହିଥିଲେ। ସଭାକାର୍ଯ୍ୟ ପରେ ବିଧାୟକଙ୍କ କରକମଳରେ ବୃକ୍ଷ ରୋପଣ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପରିଷଦ ସଦସ୍ୟା କବିତା ସାହୁ, ବାହାମ୍ ସରପଞ୍ଚ ପ୍ରଫୁଲ୍ଲ ମଗର, ବିଜେଡି ବ୍ଲକ ସଭାପତି ବିନୋଦ ବଡ଼ପଣ୍ଡା, ଶରତ ସାହୁ, ଆଶୁତୋଷ ପଣ୍ଡା, ଶୁଶିଲ ବେହେରା, ବିଜୟ ବିଶ୍ୱାଳ, ଅବନୀ କୁମୁରା, ଝସକେତନ୍ ଭୋଇ, ସଞ୍ଜୟ ବିଶ୍ୱାଳ, ନୃସିଂହ ଦେହୁରୀ, ଗଣେଶ ତାଣ୍ଡିଆ, ପ୍ରତାପ ସାହୁ, ଲଳିତା ପ୍ରଧାନ, ହରିହର ନାଏକ, ଶେଷଦେବ ପଣ୍ଡା, ପ୍ରବୀଣ ସୂପକାର, ଅଶ୍ୱିନୀ ନାଏକ, ଘନଶ୍ୟାମ ସାହୁ, ଶିବ ମହାକୁର, ସୁନୀତା ବଗର୍ତ୍ତୀ, କଳ୍ପନା ସାହୁ, କୈଳାଶ ବିଶ୍ୱାଳ, ସରୋଜ ନାଏକ, ନନ୍ଦ ରଞ୍ଜିତ ପ୍ରମୁଖ ଉପସ୍ଥିତ ରହିଥିଲେ।



## ଶିକ୍ଷାବିତ୍ ଶୋଭାମୟୀ ମହାପାତ୍ରଙ୍କ ସଫଳତା



**ସମ୍ବଲପୁର, ୨୬।୧୨(ସମିସ):** ବିଶିଷ୍ଟ ଶିକ୍ଷାବିତ ଶୋଭାମୟୀ ମହାପାତ୍ର ପଞ୍ଜାବର ଲୁଧିଆନା ସିଟି ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏକ ଜାତୀୟସ୍ତରୀୟ ସେମିନାର ପୁରସ୍କୃତ ହୋଇଛନ୍ତି। ଏହି ସେମିନାର ଡିସେମ୍ବର ୨୪ ତାରିଖ ୨୬ ଡିସେମ୍ବର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମଗ୍ର ଦେଶର ବିଭିନ୍ନ ରାଜ୍ୟର ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଅଧ୍ୟକ୍ଷା, ପ୍ରଫେସର ଓ ବିଶିଷ୍ଟ ଶିକ୍ଷାବିତ ତଥା ପରିଚାଳକବୃନ୍ଦ ଭାଗ ନେଇଥିଲେ। ଏଥିରେ ଡ. ମହାପାତ୍ର ଓଡ଼ିଶାକୁ ପ୍ରତିନିଧିତ୍ୱ କରି ଓଡ଼ିଶାର ରୂପାନ୍ତରଣ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଡ. ମହାପାତ୍ର ସିଟି ବିଶ୍ୱବିଦ୍ୟାଳୟର କୁଳପତି ମି . ଚିନିଲାଲଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇ ମାନପତ୍ର ଓ ଫଳକ ଦ୍ୱାରା ପୁରସ୍କୃତ ହୋଇଥିଲେ। ଡ.ମହାପାତ୍ର ବର୍ତ୍ତମାନ ସେଣ୍ଟ ଜାଭିୟର ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅଛନ୍ତି। ସେ ହେଉଛନ୍ତି ବିଶିଷ୍ଟ ଶିକ୍ଷାବିତ୍ ତଥା ସମ୍ବଲପୁର ଜିଲ୍ଲାସ୍କୁଲର ଅବସରପ୍ରାପ୍ତ ସ୍ୱର୍ଗତ ତ୍ରିବିକ୍ରମ ମିଶ୍ରଙ୍କର ଏକମାତ୍ର ପୁତ୍ରବଧୂ ଏବଂ ସମ୍ବଲପୁର ବାସିନ୍ଦା ହୃଷିକେଶ ମହାପାତ୍ର ଓ ପ୍ରିୟମ୍ବଦା ମହାପାତ୍ରଙ୍କ ସୁପୁତ୍ରୀ ଅଟନ୍ତି।

## ଆରିୟନ ଫାଉଣ୍ଡେସନ ତରଫରୁ କମ୍ବଳ ବଣ୍ଟନ

**ରେଢ଼ାଖୋଲ, ୨୬।୧୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଆରୀୟନ ଫାଉଣ୍ଡେସନ ତରଫରୁ ରେଢ଼ାଖୋଲର ବିଭିନ୍ନ ଆଞ୍ଚଳରେ ଅସହାୟ ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମ ମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ପପୁନ ସାମଲଙ୍କ ନେତୃତ୍ୱରେ ଅନୁଷ୍ଠାନର ସହ ସମ୍ପାଦକ ମନୋଜ ସାହୁ, କୋଷାଧ୍ୟକ୍ଷ ବାପୁନ ପ୍ରଧାନ, ଆଡମିନ ସଚିନ କୁମାର ପ୍ରଧାନ, ରତି ରମଣ ପ୍ରଧାନ, ଚିନ୍ମୟୀ ବିର, ଶାନ୍ତିଲତା ପ୍ରଧାନ, ସ୍ମିତା ପ୍ରଧାନ, ପ୍ରଦୀପ କୁମାର ମିଶ୍ର ପ୍ରମୁଖ ସମେତ ଅନ୍ୟ ସକ୍ରିୟ ସଦସ୍ୟମାନେ ରେଢ଼ାଖୋଲ ଏନ୍‌ଏସି ଅନ୍ତର୍ଗତ ବିଭିନ୍ନ ଅଞ୍ଚଳ ବୁଲି ଅସହାୟ ବୃଦ୍ଧବୃଦ୍ଧା ମାନଙ୍କୁ ଶୀତବସ୍ତ୍ର କମ୍ବଳ ବଣ୍ଟନ କରିଥିଲେ।

## ରେଙ୍ଗାଲିରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

**ରେଙ୍ଗାଲି, ୨୬।୧୨(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟ ଠାରେ ସମ୍ବଲପୁର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ରେଙ୍ଗାଲି ବ୍ଲକର ସମସ୍ତ ପଞ୍ଚାୟତରୁ ପ୍ରାୟ ୬୨ଟି ଅଭିଯୋଗ ଆସିଥିଲା। ଅଧିକାଂଶ ଅଭିଯୋଗ ଭତ୍ତା, ଘର, ରାସ୍ତା, ଆଦିର ଅଭିଯୋଗ ଆସିଥିଲା। ଶିବିରରେ ସମ୍ବଲପୁର ଜିଲ୍ଲାପାଳ ଅନନ୍ୟା ଦାସ, ଏସ୍‌ଡ଼ିପିଓ ପ୍ରଦୀପ ସାହୁଙ୍କ ସହ ସିଡ଼ିଏମ୍‌ଓ, ବିଡ଼ିଓ କୃଷ୍ଣଚନ୍ଦ୍ର ଦଳପତି, ତହସିଲଦାରଙ୍କ ସହ ଜିଲ୍ଲା ଓ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି ଶିବିରର ପ୍ରଚାର ପ୍ରସାର କମ୍ ହେଉଥିବାରୁ ଏହି ଅଭିଯୋଗ ଶୁଣାଣି ଶିବିର ଲୋକଙ୍କ ଆସ୍ଥା ହରାଉଥିବାର ଜଣାପଡୁଛି। ରେଙ୍ଗାଲି ବ୍ଲକର ୧୬ ଟି ପଞ୍ଚାୟତ ରୁ ମାତ୍ର ୬୨ ଟି ଅଭିଯୋଗ ଆସିଥିବାରୁ ପ୍ରଚାର ପ୍ରସାର ଠିକ୍ ଭାବରେ ହୋଇ ନଥିବା ଜଣାପଡୁଛି। ଅତି ଦୁଃଖର କଥା ବ୍ଲକରେ ହେଉଥିବା ଅଭିଯୋଗ ଶୁଣାଣିରେ ସବୁବେଳେ ଜିଲ୍ଲପାଳ ଆସୁଛନ୍ତି। କିନ୍ତୁ ବ୍ଲକ ଯିବା ରାସ୍ତା ଅତି ଶୋଚନୀୟ ଅବସ୍ଥାରେ ଅଛି। କିନ୍ତୁ କେବେବି ତାଙ୍କ ଦୃଷ୍ଟିକୁ ପଡୁନାହିଁ। ଏ ନେଇ ଲୋକେ ଅଭିଯୋଗ ଶୁଣାଣି ଶିବିରରେ ଦାବି ଉପସ୍ଥାପନ କଲେ ମଧ୍ୟ ଆଜିସୁଦ୍ଧା କିଛି ସୁଫଳ ମିଳିନାହିଁ।



## ଲୋକମହୋତ୍ସବ ପାଇଁ ଉପଖଣ୍ଡସ୍ତରୀୟ କଳାକାର ଚୟନ

**ସମ୍ବଲପୁର, ୨୬।୧୨(ସମିସ):** ଆସନ୍ତା ଜାନୁଆରୀ ୪ ରୁ ୬ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ଲୋକ ମହୋତ୍ସବ ଆୟୋଜିତ ହେବ। ଏଥିପାଇଁ ଆୟୋଜକ କମିଟିର ମୁଖ୍ୟ ସଂଯୋଜକ ଭୋଳାଶଙ୍କର ମହନ୍ତମ ଓ ସହ-ସଂଯୋଜକ ଅନୁପ ତରିଆଙ୍କ ସହ ସମସ୍ତ ଉପକମିଟିର ଆବାହକ ମାନେ ସେମାନଙ୍କ ପ୍ରସ୍ତୁତି କାର୍ଯ୍ୟ ଜାରି ରଖିଛନ୍ତି। ସବୁ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଲାଣି। ଚଳିତ ବର୍ଷ ପୁଣିଥରେ ସବଡ଼ିଭିଜନ ସ୍ତରକୁ ଫେରିଛି ଲୋକମହୋତ୍ସବ। ଆସନ୍ତା ୨୭ରେ କୁଚିଣ୍ଡା ସବଡିଭିନର କୁଚିଣ୍ଡା, ଜମନକିରା ଓ ବାମରା ବ୍ଲକ ପାଇଁ, ୨୮ରେ ରେଢ଼ାଖୋଲ ସବଡିଭିଜନ ପାଇଁ ରେଢ଼ାଖୋଲ, ନାକଟିଦେଉଳ ଓ ଯୁଯୋମୁରା ବ୍ଲକ ଓ ମାନେଶ୍ୱର ବ୍ଲକରେ ୨୯ ତାରିଖ ରେଙ୍ଗାଲି, ଧନକଉଡ଼ା ଓ ମାନେଶ୍ୱର ବ୍ଲକ ପାଇଁ ଆଲୋଚନାଚକ୍ର ଓ ଉତ୍ସବ ଆୟୋଜିତ ହେବ। ଏହିଠାରୁ ଚୟନ ହୋଇଥିବା ଶ୍ରେଷ୍ଠ ନୃତ୍ୟ ଦଳ ଗୁଡିକ ସମ୍ବଲପୁର ଲୋକ ମହୋତ୍ସବରେ ନିଜ କଳା ପ୍ରଦର୍ଶନ କରିବାର ସୁଯୋଗ ମିଳିବ। ସମସ୍ତ ତିନୋଟି ଉପଖଣ୍ଡ - କୁଚିଣ୍ଡା, ରେଢ଼ାଖୋଲ ଓ ସଦରରେ ଉପସ୍ଥିତ ରହି କଳାକାରମାନଙ୍କୁ ଉତ୍ସାହିତ କରିବା ପାଇଁ ସ୍ଥାନୀୟ ଜନସାଧାରଣ ଓ ଗଣମାଧ୍ୟମକୁ ଲୋକ ମହୋତ୍ସବ ମୁଖ୍ୟ ସଂଯୋଜକ ଶ୍ରୀ ମହନ୍ତମ ନିବେଦନ କରିଛନ୍ତି।

## ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା, କୃଷି ମହୋତ୍ସବ

# କୃଷକଙ୍କ ବିକାଶ ସମାଜର ବିକାଶ : ଆର୍‌ଡିସି

**ସମ୍ବଲପୁର, ୨୬।୧୨(ସମିସ):** ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓ ସମ୍ବଲପୁର ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ମଦଲିଆ ପଡ଼ିଆରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଓ କୃଷି ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଏହାକୁ ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନ କମିଶନର ଡ. ସୁରେଶ ଚନ୍ଦ୍ର ଦଳେଇ ଉଦ୍ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରେଢ଼ାଖୋଲ ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ରୋହିତ ପୂଜାରୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପ୍ରଦୀପ କୁମାର ସାହୁ, କାଳିଆ ଯୋଜନା ରାଜ୍ୟ ଉପଦେଷ୍ଟା ସଞ୍ଜୟ ବାବୁ, ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନ, ସମ୍ବଲପୁର ଜିଲ୍ଲା କୃଷକ ସଂଗଠନ ସଭାପତି ଉମେଶଚନ୍ଦ୍ର ମିଶ୍ର, ଅଧୀକ୍ଷକ ଯନ୍ତ୍ରୀ କୃଷି ପୃଥ୍ୱୀରାଜ ମହାନ୍ତି ଓ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଞ୍ଚାସୀନ ଥିଲେ। ଆର୍‌ଡିସି ଶ୍ରୀ ଦଳେଇ କହିଥିଲେ ଯେ, ଆମର ବିକାଶ ପାଇଁ କୃଷକଙ୍କ ବିକାଶ ଗୁରୁତ୍ୱପୂର୍ଣ୍ଣ। ସେ କୃଷକମାନଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ, ଏହି ମେଳାର ମୂଳ ଉଦ୍ଦେଶ୍ୟ ହେଉଛି ସରକାରୀ ଯୋଜନାକୁ ଜାଣିବା ଏବଂ ଲାଭ ଉଠାଇବା। ଏହାକୁ ଯନ୍ତ୍ରପାତି ବ୍ୟବହାର ଦ୍ୱାରା ଅଳ୍ପ ସମୟ ମଧ୍ୟରେ ବହୁ ଉତ୍ପାଦନ କରିବା। ରେଢ଼ାଖୋଲ ବିଧାୟକ ପୂଜାରୀ କହିଛନ୍ତି ଯେ ଚାଉଳର ଉତ୍ପାଦନ ହେତୁ ସମ୍ବଲପୁରକୁ ମଧ୍ୟ ଓଡ଼ିଶାର ଭାତ ହାଣ୍ଡି ବୋଲି କୁହାଯାଏ। ଆଧୁନିକ ବୈଜ୍ଞାନିକ କୌଶଳର ବ୍ୟବହାର, ଯନ୍ତ୍ରପାତି କୃଷକମାନଙ୍କୁ ଉନ୍ନତ ଉତ୍ପାଦନ ପାଇଁ ସାହାଯ୍ୟ କରିପାରେ। ଏପରିକି ସମ୍ବଲପୁରରେ ଚାଉଳର ଏକ କେନ୍ଦ୍ରୀୟ ଚାଉଳ ପ୍ରତିଷ୍ଠାନ ପ୍ରତିଷ୍ଠା ପାଇଁ ସେ ଅଧିକାରୀମାନଙ୍କୁ ଅନୁରୋଧ କରିଥିଲେ। ବିହନ ବୁଣିବା ଠାରୁ ନେଇକି ଅମଳ କରିବା ଓ ସାଇତି ରଖିବା ପାଇଁ ଯାହା ଯନ୍ତ୍ରପାତି ଦରକାର ମେଳାରେ ପ୍ରଦର୍ଶିତ ହୋଇଅଛି। ଯନ୍ତ୍ରପାତି କମ୍ପାନୀର ଲୋକମାନେ ମଧ୍ୟ ସେଠାରେ ପ୍ରଦର୍ଶନ ପାଇଁ ଅଛନ୍ତି। ସ୍ପଟ୍ ବୁକିଂର ବ୍ୟବସ୍ଥା ମଧ୍ୟ କରାଯାଇଛି। ସମୁଦାୟ ୭୦ଟି ଷ୍ଟଲ୍ ରହିଛି। ଏହି ମେଳାରେ ବିଭିନ୍ନ ଉନ୍ନତମାନର କୃଷି ଯନ୍ତ୍ରପାତି ଗୁଡିକର ପ୍ରଦର୍ଶନ ଓ ରିହାତୀ ମୂଲ୍ୟରେ ବିକ୍ରୟ ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ଜିଲ୍ଲାର ପ୍ରତ୍ୟକ ବ୍ଲକରୁ ବିଭିନ୍ନ ବିଭାଗର ସଫଳ ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଆଜି ଧନକଉଡା ବ୍ଲକର ଚାଷୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃଷି କ୍ଷେତ୍ରରେ ବୁର୍ଲାରୁ ବୁଦ୍ଧୁ ମୁଣ୍ଡା, କୁଦଗୁଣ୍ଡରପୁରରୁ ଉଦ୍ୟାନ କୃଷି ନିଳିମା ତରିଆ, ଏସଏମସିରୁ କଲପାନି ରୋହିଦାସ, ମତ୍ସ୍ୟଚାଷ ପାଇଁ କଲାମାଟିର ଡୋଲାମଣି ଆମାତ, ତାଲବର ଉମା ସିବିଲ ପୁରସ୍କୃତ ହୋଇଥିଲେ। ଗୋବିନ୍ଦା ସେଠଙ୍କୁ ଶ୍ରେଷ୍ଠ କୃଷକ ସାଥି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ମେଳା ଉଭୟ କୃଷକ ଏବଂ କୃଷି ବୈଜ୍ଞାନିକଙ୍କ ପାଇଁ ଏକ ଉତ୍ତମ ସୁଯୋଗ କାରଣ ସେମାନେ ପରସ୍ପର ସହ ଯୋଗାଯୋଗ କରିବା ଏବଂ ପରସ୍ପରଠାରୁ ଶିଖିବା ପାଇଁ ଏକ ପ୍ଲାଟଫର୍ମ ପାଇବେ। ପ୍ରତ୍ୟେକ ଦିନ ଅପରାହ୍ନ ୩ ରୁ ୫ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେବ।



ରାଜ୍ୟପାଳଙ୍କ ଦିନିକିଆ ଗସ୍ତ

# ‘ନିଶାମୁକ୍ତ ଦେଶ ଗଠନ ପାଇଁ ମିଳିତ ଉଦ୍ୟମ ହେଉ’





**ବରଗଡ଼/ପାଇକମାଳ/ପଦ୍ମପୁର/ସୋହେଲା, ୨୬।୧୨(ସମିସ)**

ନିଶାମୁକ୍ତ ଦେଶ ଗଠନ ପାଇଁ ସମସ୍ତଙ୍କ ମିଳିତ ଉଦ୍ୟମ ଲୋଡ଼ା। ଜନସାଧାରଣଙ୍କ ପାଖରେ ସମସ୍ୟା ଅନେକ ରହିଛି କିନ୍ତୁ ସବୁ ସମସ୍ୟାର ସମାଧାନ ସରକାରଙ୍କ ଉପରେ ଲଦି ଦେବା ଉଚିତ ନୁହେଁ। ଆମର ମଧ୍ୟ କର୍ତ୍ତବ୍ୟ ରହିଛି ବୋଲି ବରଗଡ଼ ସଦର ବ୍ଲକ ଗୋବିନ୍ଦପୁରଠାରେ ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ ଉଲ୍ଲେଖ କରିଛନ୍ତି। କାର୍ଯ୍ୟକ୍ରମକୁ ପଣ୍ଡିତ ଗୋପବନ୍ଧୁ ପୁରୋହିତ ସଂଯୋଜନା କରିଥିଲେ। ଜିଲ୍ଲାପାଳ ମୋନିଷା ବାନାର୍ଜୀଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ ନାଏକ ରାଜ୍ୟପାଳଙ୍କୁ ପଞ୍ଚାୟତବାସୀଙ୍କ ତରଫରୁ ଉପଢ଼ୌକନ ଦେଇ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଗ୍ରାମରେ ଏକ ଖେଳ ପଡ଼ିଆ ସହ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଦାବି ଶୀଘ୍ର ପୂରଣ ହେବ ବୋଲି ଶ୍ରୀ ଦାସ କହିଥିଲେ। ପରେ କେନ୍ଦପାଲିସ୍ଥିତ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରି ଶିଶୁମାନଙ୍କ ସହ କଥା ହୋଇଥିଲେ। ସେହିପରି ଲେବିଡି ଉଚ୍ଚ ବିଦ୍ୟାଳୟରେ ଅଶୋକ ସ୍ତମ୍ଭ ଉନ୍ମୋଚନ କରିବା ସହିତ ପ୍ରଜ୍ଞାନ୍ୱେଷା ସାହିତ୍ୟ ପତ୍ରିକାର ଉନ୍ମୋଚନ କରିଥିଲେ। ମେଲଛାମୁଣ୍ଡା ପିଏଚସି, ବରିକେଲରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କ ସହ ଆଲୋଚନା, ପାଇକମାଲସ୍ଥିତ କସ୍ତୁରବା ଗାନ୍ଧୀ ମାତୃ ନିକେତନ ଏବଂ ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର ପରିଦର୍ଶନ କରିଥିଲେ। ମଙ୍ଗଳବାର ସକାଳୁ ରାଜ୍ୟପାଳ ଅତାବିରାରେ ଚାଷୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ସହ ଆଲୋଚନା କରିଥିଲେ। ଗସ୍ତ ଅବସରରେ ଜିଲ୍ଲା ପରିଷଦ ସ୍ୱତନ୍ତ୍ର ଉନ୍ନୟନ ଅଧିକାରୀ ଆଦିତ୍ୟ ଗୋୟଲ, ବରଗଡ଼ ଉପଜିଲ୍ଲାପାଳ କୁମାର ନାଗଭୂଷଣ ଏବଂ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

ଅପରାହ୍ନରେ ପାଇକମାଳ ବ୍ଲକ୍ କସ୍ତୁରବା ଗାନ୍ଧୀର ମାତୃନିକେତନ ପରିଦର୍ଶନକରି ପାର୍ବତୀ ଗିରିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ କରିଥିଲେ। କୁନି କୁନି ପିଲାଙ୍କ ସହ ମିଶି ବିଭିନ୍ନ ବିଷୟରେ କଥା ହୋଇ ଉତ୍ସାହିତ କରିଥିଲେ। ମାତୃନିକେତନର ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ୨ ଲକ୍ଷ ଟଙ୍କ ପ୍ରଦାନ କରିବାକୁ ସେ ତାଙ୍କ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦେଇଥିଲେ। ମାତୃନିକେତନରେ ବନ୍ଦ ହୋଇଥିବା




ପ୍ରାଥମିକ ବିଦ୍ୟାଳୟ ପୁନଃ ଚାଲୁ କରିବା ପାଇଁ ରାଜ୍ୟପାଳଙ୍କୁ ଛାତ୍ରଛାତ୍ରୀମାନେ ଅନୁରୋଧ କରିଥିଲେ। ପରେ ରାଜ୍ୟପାଳ ପ୍ରଭୁ ନୃସିଂହନାଥଙ୍କ ପୂଜାର୍ଚ୍ଚନା କରି ବରଗଡ଼ ପ୍ରତ୍ୟାବର୍ତ୍ତନ କରିଥିଲେ।

ପଦ୍ମପୁର ଉପଖଣ୍ଡର ମେଲଛାମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତିର ବିଭିନ୍ନ ୟୁନିଟ୍ ବୁଲି ଦେଖିଥିଲେ ଶ୍ରୀ ଦାସ। ଆଶାକର୍ମୀମାନଙ୍କ କର୍ତ୍ତବ୍ୟ ପରାୟଣତାକୁ ଦେଖି ଉଚ୍ଚ ପ୍ରଶଂସା କରିଥିଲେ। ରୋଗୀଙ୍କ ଚିକିତ୍ସା ସୁବିଧା ବିଷୟରେ ବୁଝିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ଜିତେନ୍ଦ୍ର ମୋହନ ବେବର୍ତ୍ତା, ଉପଖଣ୍ଡ ଚିକିତ୍ସାଧିକାରୀ ଡା ସରୋଜ ସେଠ, ଡା ଆଦିତ୍ୟ ଭୋଇ ଓ ଅନ୍ୟ ସମସ୍ତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ବରିକେଲ ଗ୍ରାମର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମିତ ଘରଗୁଡିକ ବୁଲି ଦେଖିଥିଲେ।

ରାଜ୍ୟପାଳ ରଘୁବର ଦାସ ସୋହେଲା ବ୍ଲକ ଲେବିଡି ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ ଅବସରରେ ଅନୁଷ୍ଠିତ ସଭାରେ ରାଷ୍ଟ୍ର ନିର୍ମାଣରେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରକାଶ କରିଥିଲେ। ବିଦ୍ୟାଳୟରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରେଣୀକକ୍ଷକୁ ଯାଇ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ସୀମା ବେହେରା, ଅଞ୍ଜଳି ସାହୁ, ଖିରେଶ୍ୱରୀ ସା, ଗାୟତ୍ରୀ ଗୁରୁ, ଛାତ୍ର ଶ୍ରୀତମ ସାହୁଙ୍କ କଥା ହୋଇ ସେମାନଙ୍କ ଭବିଷ୍ୟତ ଲକ୍ଷ୍ୟ ସମ୍ପର୍କରେ ପଚାରିଥିଲେ। କିଛି ଛାତ୍ରୀ ଭବିଷ୍ୟତରେ ଶିକ୍ଷୟିତ୍ରୀ ହେବାର ଲକ୍ଷ୍ୟ ରଖିଥିବା ଜାଣି ବହୁତ ଖୁସି ହୋଇଥିଲେ। ଅନୁନ୍ନତ ଆଦିବାସୀ ବହୁଳ କ୍ଷେତ୍ରରେ ଏକଲବ୍ୟ ମୋଡେଲ, ନବୋଦୟ ସ୍କୁଲ ଏବଂ ରାଜ୍ୟ ସରକାର ଆଦର୍ଶ ବିଦ୍ୟାଳୟ ଖୋଲି ଉନ୍ନତ ଶିକ୍ଷା ପ୍ରଦାନ କରୁଛନ୍ତି। ପୂର୍ବରୁ ଡାକ୍ତରୀ ଏବଂ ଇଂଜିନିୟରିଂ ପାଇଁ ଆବଶ୍ୟକ ପରୀକ୍ଷା କେବଳ ଇଂରାଜୀ ଭାଷାରେ ହେଉଥିବା ବେଳେ ନୂତନ ଶିକ୍ଷାନୀତିରେ ବର୍ତ୍ତମାନ ଛାତ୍ରଛାତ୍ରୀମାନେ ହିନ୍ଦୀ ଏବଂ ଅନ୍ୟ ୫ଟି ଭାଷାରେ ପରୀକ୍ଷା ଦେଇ ପାରୁଥିବା ପ୍ରକାଶ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଅଷ୍ଟମ ଶ୍ରେଣୀ ଛାତ୍ର ସୁରଜ ଭୁଏ ଆଙ୍କିଥିବା ରାଜ୍ୟପାଳଙ୍କ ଫଟୋଚିତ୍ରକୁ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ରଥ ସିକା ସ୍ୱାଗତ ଜଣାଇଥିବା ବେଳେ ସହକାରୀ ଶିକ୍ଷକ ଯୋଗେଶ୍ୱର ପଧାନ ସଭା ପରିଚାଳନା କରିଥିଲେ। ଜିଲ୍ଲାପାଳ ମନୀଷା ବାନାର୍ଜୀ, ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ମଞ୍ଚାସୀନ ଥିବା ବେଳେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଆଦିତ୍ୟ ଗୋୟଲ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରି, ବ୍ଲକ ଶିକ୍ଷାଧିକାରୀ ଅମୃତା ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ଲେବିଡି ଗ୍ରାମବାସୀଙ୍କ ପକ୍ଷରୁ ପ୍ରମୋଦ ଭୋଇ, ଯୋଗେଶ୍ୱର ସାହୁ ବିଦ୍ୟାଳୟରେ ସ୍ଥାୟୀ ବିଦ୍ୟୁତ ଯୋଗାଣ, ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ଖୋଲିବା, ଖାଲିଥିବା କିରାଣି ଓ ରାତ୍ର ଜଗୁଆଳି ପଦ ପୂରଣ କରିବା ସହିତ ଖେଳ ପଡ଼ିଆକୁ ମିନି ଷ୍ଟାଡିଅମ କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

## ବାଇକ୍ ଦୁର୍ଘଟଣା; ଚାଳକ ମୃତ

**ପାଇକମାଳ, ୨୬।୧୨ (ସମିସ):** ପାଇକମାଳ ବ୍ଲକ୍ ନୃସିଂହନାଥ ଯିବା ରାସ୍ତା ତହସିଲ ଅଫିସ ନିକଟସ୍ଥ ନାଳ ପାଖରେ ଏକ ବାଇକ ଦୁର୍ଘଟଣା ମଙ୍ଗଳବାର ପ୍ରାୟ ଗୋଟାଏ ସମୟରେ ହୋଇଥିଲା। ଦୁଇ ଜଣ ସାମାନ୍ୟ ଆଘାତ ହୋଇଥିବା ବେଳେ ବାଇକ ଚାଳକ ରଞ୍ଜନ ବାଗ (୨୫)ଙ୍କ ବୁର୍ଲାରେ ପହଞ୍ଚିବା ମାତ୍ରେ ମୃତ୍ୟୁ ହୋଇଛି। ମୃତକ ରଞ୍ଜନ ଆଜି ନିଜଗ୍ରାମ ଛେଲିଆମାଲରୁ ଏକ ବାଇକରେ ବାହାରି ନୃସିଂହନାଥ ଯାଉଥିଲେ। ସେ ବାଟରେ ଶ୍ରୀନିବାସ ବରିହାଙ୍କୁ ଧକ୍କା ଦେଇଥିଲେ ଓ ବିଦ୍ୟୁତ ଖୁଣ୍ଟରେ ବାଡେଇ ହୋଇଥିଲେ।

## କେନ୍ଦୁଭଟାରେ ଶ୍ରୀଅରବିନ୍ଦ ପାଠଚକ୍ର

**ଗୁଦେରପାଲି/ଗାଇସିଲେଟ, ୨୬।୧୨(ସମିସ):** ବରଗଡ ଜିଲ୍ଲା ଶ୍ରୀ ଅରବିନ୍ଦ ପାଠଚକ୍ର ସଂଗଠନ ଆନୁକୂଲ୍ୟରେ ଗାଇସିଲେଟ ବ୍ଲକ ପ୍ରଥମ ପର୍ଯ୍ୟାୟ ଶ୍ରୀ ଅରବିନ୍ଦ ପାଠଚକ୍ର କର୍ମୀ ସମ୍ମିଳନୀ ଗାଇସିଲେଟ ବ୍ଲକ ଅନ୍ତର୍ଗତ କେନ୍ଦୁଭଟାଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଦୀପ ଭାଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ବ୍ଲକ ଆବାହକ ଅଧ୍ୟାପକ ଧନପତି ଦେବତା ମାତୃପତାକା ଉତ୍ତୋଳନ କରିଥିଲେ। ଜିଲ୍ଲା ସଂଗଠକ ଉପେନ୍ଦ୍ର ଭାଇ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ତ୍ରିଲୋଚନ ବାରିକଙ୍କ ସମେତ ଶିକ୍ଷାକେନ୍ଦ୍ରର ସମସ୍ତ ଅପାଭାଇ ତଥା ଆଗ୍ରହୀ ମାତୃପ୍ରେମୀ ସହଯୋଗ କରିଥିଲେ।

## ‘ଘାଏ ଦେଖତ’ର ବାର୍ଷିକୋତ୍ସବ ପାଳନ

**ଗାଇସିଲେଟ, ୨୬।୧୨(ସମିସ):** ଗାଇସିଲେଟଠାରେ ଦୀର୍ଘ ୯ ବର୍ଷ ହେବ ଲଗାତାର ଭାବେ ବିଭିନ୍ନ ସମ୍ବଲପୁରୀ କବିଙ୍କ ହୃଦୟସ୍ପର୍ଶୀ କବିତା ନିଜ ବକ୍ଷରେ ପ୍ରକାଶ କରି ଆସୁଥିବା ଘାଏ ଦେଖତ କଲପଟାର ନବମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ସ୍ଥାୟୀ ସଭାପତି ନିରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଲାପଟାର ସମ୍ପାଦକ ବୈରାଗୀ ସାହୁ ବିବରଣୀ ପଠନ କରିଥିଲେ। ମୁଖ୍ୟଅତିଥି ମଞ୍ଜୁବାଳା ମେହେର, ସମ୍ମାନିତ ଅତିଥି ଦିଲ୍ଲୀପ ଦେବତା, ଉପେନ୍ଦ୍ର ଭୋଇ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ସୁଶାନ୍ତ ମିଶ୍ର, ବକ୍ତା ଭାବେ ଗାଇସିଲେଟ କଲେଜର ଅଧ୍ୟକ୍ଷ ଡ଼.ଜୟକେତନ ତ୍ରିପାଠୀ, ଡ. ପ୍ରମୋଦ ପାଢ଼ୀ ଯୋଗଦାନ



କରିଥିଲେ। ଏ କ୍ରମରେ ଘାଏ ଦେଖତ ବାର୍ଷିକ ସ୍ମରଣିକା ଉନ୍ମୋଚନ କରାଯାଥିଲା। କାର୍ଯ୍ୟକ୍ରମରେ କଳାପଟା ସମ୍ମାନରେ ପ୍ରକୃତି ବନ୍ଧୁ ଅନନ୍ତ ମେହେରଙ୍କୁ ଅତିଥିଗଣ ସମ୍ମାନୀତ କରିଥିଲେ। କଳାକାର ସମ୍ମାନରେ ସୁବଳଚନ୍ଦ୍ର ବର୍ଗର୍ତ୍ତୀ ମଧ୍ୟ ଅତିଥି ଗଣ ଭବ୍ୟ ମଞ୍ଚରେ ସମ୍ମାନିତ କରିଥିଲେ। କଲାପଟା କୁଟୁମ୍ବର ସଂଯୋଜକ ହେମନ୍ତ ପଣ୍ଡା ଖୁବ୍ ସୁନ୍ଦର ଭାବେ ମଞ୍ଚକୁ ସଂଯୋଜନା କରିଥିବା ବେଳେ ଉପସଭାପତି ରଞ୍ଜନ ପଣ୍ଡା, ସହସମ୍ପାଦକ ଅଶେଷ ଦାଶ, କୋଷାଧ୍ୟକ୍ଷ ପ୍ରମୋଦ କଲେତ, ଯୁବ କବିଙ୍କ ସହଯୋଗରେ ସଭା ସମାପନ ହୋଇଥିଲା। କବି ଅଧିକାରୀ ସାହା, କବି ରବିଚନ୍ଦ୍ର ସାହୁ, ସବିତା ମାହାର ଓ ଜିଲ୍ଲା ବାହାରୁ କବି ମାନେ ଯୋଗଦାନ କରିଥିଲେ। ହେମନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବରପାଲିରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

**ବରପାଲି ୨୬।୧୨(ସମିସ):** ବରପାଲି ବ୍ଲକ୍ ରାଜୀବ ଗାନ୍ଧୀ ସଭାଗୃହରେ ବରଗଡ଼ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।



ବରଗଡ଼ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ୩୦ଜଣ ସାଧାରଣ ଜନତାଙ୍କ ବିଭିନ୍ନ ସମସ୍ୟାମୂଳକ ଅଭିଯୋଗ ସମ୍ପର୍କରେ ତର୍ଜମା କରାଯିବା ସହ ସମାଧାନ କରିଥିଲେ। ବିଡିଓ ପ୍ରସନ୍ନ ପାଣ୍ଡେ ସୂଚନା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ତହସିଲଦାର ରକ୍ମଣ ମେହେର, ଏନଏସି କାର୍ଯ୍ୟନିର୍ବାହ ଅଧିକାରୀ ଭୁବନ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଜିଲ୍ଲା ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଉପଜିଲ୍ଲାପାଳ ପବିତ୍ର ବେହେରାଙ୍କ ଦ୍ୱାରା ଚାରି ଜଣ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକଲ ବିତରଣ କରାଯାଇଥିଲା।

ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ

# ସଙ୍ଗଠନ ହିଁ ଶକ୍ତି ଓ ଶକ୍ତିରେ ପ୍ରଗତି: ସ୍ନେହାଙ୍ଗିନୀ




**ବରଗଡ଼, ୨୬।୧୨(ସମିସ):** ବରଗଡ଼ ବିଜେଡି ଆନୁକୂଲ୍ୟରେ ୨୭ତମ ପ୍ରତିଷ୍ଠା ଦିବସ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଗଣଦୌଡରେ ଶତାଧିକ ବିଜେଡି କର୍ମୀ ସାମିଲ ହୋଇ ସହର ପରିକ୍ରମା ପୂର୍ବକ ବିଜୁ ବାବୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବରିଷ୍ଠ ନେତା ତଥା ପୂର୍ବତନ ସାଂସଦ ବିଜେଡି ରାଜ୍ୟ ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିପରି ଡାକ୍ତରଖାନାକୁ ପହଞ୍ଚି ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ସଭାରେ ପୂର୍ବତନ ସାଂସଦ ଆଚାର୍ଯ୍ୟ ବିଜୁ ବାବୁଙ୍କୁ ଭାରତର ଗର୍ବ ଓ ଗୌରବ ବୋଲି ଅଭିହିତ କରି ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବା ପାଇ ଦଳୀୟ କର୍ମୀଙ୍କୁ ଉଦବୋଧନ ଦେଇଥିଲେ। ଅଗ୍ରଗାମୀ ଯୁବକ ସଂଘ ପରିସରରେ ଓଡ଼ିଶା ମୋ ପରିବାର ତରଫରୁ ଜୀବନ ବିନ୍ଦୁ ରକ୍ତଦାନ ଶିବିରରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେଡି ଉପସଭାପତି ପୂର୍ବତନ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ, ବରଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ପୌରାଧ୍ୟକ୍ଷା କଳ୍ପନା ମାଝୀ, ଉପ ନଗରପାଳ ରାଜେଶ ଅଗ୍ରୱାଲ ତଥା ପୌର ପରିଷଦର ସମସ୍ତ କାଉନସିଲର, ବିଭିନ୍ନ ପଞ୍ଚାୟତର ସରପଞ୍ଚ ସାମିଲ ହୋଇଥିଲେ। ଓଡ଼ିଶା ମୋ ପରିବାର ଜିଲ୍ଲା ସଂଯୋଜକ ଗୌରହରି ମିଶ୍ର, ଜିଲ୍ଲା ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ସୁଶାନ୍ତ ମହାପାତ୍ର, ଜିଲ୍ଲା ଯୁବ ବିଜେଡି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ଛାତ୍ର ଜନତା ଦଳ ଜିଲ୍ଲା ସଭାପତି କରନ ସିକନ୍ଦରଙ୍କ ସମେତ କମଳ ତାଣ୍ତି, ଉମାଚରଣ ରାଉତ, ଅନିଲ ଦଳାଇ, ଲିପୁ ସାହୁ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

**ବରପାଲି/ବିଜେପୁର:** ବିଜେପୁର ନିର୍ବାଚନମଣ୍ଡଳୀସ୍ତରୀୟ ସମାରୋହ ବିଜେଡି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ପୂର୍ବାହ୍ନରେ ବିଜେପୁର ସରକାରୀ ଡାକ୍ତରଖାନା ପରିସରରେ ରୋଗୀସେବା ସହ ଫଳ ବିତରଣ ହୋଇ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଏସ୍‌ଏଚ୍.ଜି ଭବନରେ ଆୟୋଜିତ ହୋଇଥିଲା। କର୍ମୀ ସମ୍ମିଳନୀ ପରେ ମଧ୍ୟାହ୍ନରେ ଆହାର କେନ୍ଦ୍ରରେ ଆହାର ବିତରଣ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷ ମୋତିଲାଲ ସାହୁଙ୍କ ତତ୍ତ୍ୱାବଧାନରେ ପରିଚାଳିତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ଡ.ପ୍ରଭାସ କୁମାର ସିଂଙ୍କ ଅଧ୍ୟକ୍ଷତା



ବିଭିନ୍ନ ସ୍ଥାନରେ ଗଣଦୌଡ଼, ରାଲି ଓ ରକ୍ତଦାନ ଶିବିର

କରିଥିଲେ। ମୁଖ୍ୟଅତିଥି ଭାବେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ରିତା ସାହୁ ଉପସ୍ଥିତ କର୍ମୀ ଓ ଯୁବ ମହିଳାଙ୍କୁ ବିଜେଡିର ସଙ୍କଳ୍ପ ପାଠ କରାଇଥିଲେ। ବ୍ଲକ ଅଧ୍ୟକ୍ଷ ମୋତିରାମ ସାହୁ ସ୍ୱାଗତ ଜଣାଇଥିଲେ। ସମ୍ମାନିତ ଅତିଥି ଭାବରେ ବରପାଲି ବ୍ଲକ ଅଧ୍ୟକ୍ଷା ରିନା ଥଇତ, ଗାଇସିଲେଟ ବ୍ଲକ ଅଧ୍ୟକ୍ଷ ପ୍ରଣୟ ସାହୁ, ଚାଷୀନେତା କିଶୋର ଦେବତା, ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ନାରାୟଣ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ରାଜକୁମାରୀ ମହାପାତ୍ର, ଏନଏସି ଉପାଧ୍ୟକ୍ଷ ଉମା ବେଷନ, ସୁଦାମ ସାହୁ, ନୀଳମଣି ବେହେରା, ନାରଦ ବରିହାଙ୍କ ସମେତ୍ତ ବହୁ ସରପଞ୍ଚ, ସମିତିସଭ୍ୟ ଓ ଜିଲ୍ଲାପରିଷଦ ସଦସ୍ୟ ତଥା ଏନଏସି କାଉନସିଲର ଉପସ୍ଥିତ ଥିଲେ।

**ପାଇକମାଳ:** ପଦ୍ମପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପାଇକମାଳର ସାଲେପାଲିଠାରେ ନିର୍ବାଚନମଣ୍ଡଳୀସ୍ତରୀୟ ପ୍ରତିଷ୍ଠା ଦିବସ ସମାରୋହ ପାଳିତ ହୋଇଯାଇଛି। ସକାଳୁ ବିଜୁ ଯୁବ ଜନତା ଦଳ ପାଇକମାଳର ସଭାପତି ଗୌତମ ସିଂଙ୍କ ନେତୃତ୍ୱରେ ଏକ ସାଇକଲ ରାଲି ଶ୍ରୀ ଶ୍ରୀ ନୃସିଂହନାଥ ଧର୍ମଶାଳାରୁ ବାହାରି ପାଇକମାଳ ପରିକ୍ରମା କରିବା ପରେ ସଭାସ୍ଥଳକୁ ପହଞ୍ଚିଥିଲା। ଏହି ସାଇକଲ ରାଲିରେ ପାଇକମାଳ ଏବଂ ଆଖପାଖ ଅଞ୍ଚଳର ପ୍ରାୟ ଦୁଇ ଶହ ସାଇକଲ ଆରୋହୀ, ପାଇକମାଳ ବ୍ଲକ ଅଧ୍ୟକ୍ଷା ଭାବନା ସିଂଙ୍କ ନେତୃତ୍ୱରେ ସାମିଲ ହୋଇଥିଲେ। ସାଲେପାଲିରେ ଆୟୋଜିତ ପ୍ରତିଷ୍ଠା ଦିବସ ସମାରୋହକୁ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ଯୁବନେତା ଭୋଜରାଜ ସିଂ ବରିହା, ପାଇକମାଳ ବ୍ଲକ ଅଧ୍ୟକ୍ଷା ଭାବନା ସିଂ, ଝାରବନ୍ଧ ବ୍ଲକ ଅଧ୍ୟକ୍ଷା ଲିପ୍ସା ପ୍ରଧାନ, ପଦ୍ମପୁର ଏନଏସି ଅଧ୍ୟକ୍ଷା ସବାତ୍ରି ବାଗ, ପଦ୍ମପୁର ବ୍ଲକ ଅଧ୍ୟକ୍ଷ ରଂଜିତ ସିଂ ବରିହା, ବରିଷ୍ଠ ନେତା ଗୋବିନ୍ଦ ପାଣିଗ୍ରାହୀ ଓ ଅନେକ ବରିଷ୍ଠ ଓ ଯୁବନେତାଙ୍କୁ ସମ୍ବୋଧନ କରିଥିଲେ।

**ସୋହେଲା:** ସୋହେଲା ହଳଦୀପାଲି ପଡ଼ିଆରେ ଭଟଲି ବିଧାନସଭା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପୂର୍ବତନ ବ୍ଲକ ସଭାପତି ଗଣତନ୍ତ୍ର ପଦାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବେ ମାଁ ସମଲେଇ ଏବଂ ବିଜୁ ପଟନାୟକଙ୍କ ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅମ୍ବାଭୋନା ବ୍ଲକ ଅଧ୍ୟକ୍ଷ କିର୍ତ୍ତୀଚନ୍ଦ୍ର ଦୁଆନ, ଭଟଲି ବ୍ଲକ ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ, ସୋହେଲା ବ୍ଲକ ଅଧ୍ୟକ୍ଷ ବବି ପଧାନ, ଭଟଲି ବ୍ଲକ ସଭାପତି ଗୋବିନ୍ଦ ପ୍ରଧାନ, ପୂର୍ବତନ ସରପଞ୍ଚ ସନ୍ତୋଷ ପାତ୍ର, ଗଣତନ୍ତ୍ର ପଧାନ, ଜିଲା ଦଳିତ ଉନ୍ନୟନ ପରିଷଦ ଉପାଧ୍ୟକ୍ଷ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ବିଧାୟକ ଶ୍ରୀ ସିଂ ନିଜ ବକ୍ତବ୍ୟରେ ନବବର୍ଷ ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିବା ସହିତ ଆସନ୍ତା ବିଧାନସଭା ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କୁ ପୁନର୍ବାର ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ କରିବାକୁ ଆହ୍ୱାନ ଦେଇଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁବ୍ରତ ବେହେରା ସଂଯୋଜନା କରିଥିବା ବେଳେ ଗୋବିନ୍ଦ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

**ଭେଡେନ:** ଭେଡେନ ବ୍ଲକ ଅନ୍ତର୍ଗତ ପପଙ୍ଗା ପାହାଡ଼ରେ ଅତାବିରା ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ପପଙ୍ଗା ପାହାଡ଼ର ଉନ୍ନତିକରଣ ପାଇଁ ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିବା ୧କୋଟି ୮୦ଲକ୍ଷ ଟଙ୍କାର ଅନୁଦାନର କାର୍ଯ୍ୟ ଆରମ୍ଭପାଇଁ ଶୁଭ ଶିଳାନ୍ୟାସ କରିଥିଲେ। ପରେ ପ୍ରତିଷ୍ଠା ଦିବସ ଅବସରରେ ପପଙ୍ଗା ପାହାଡ଼ ପାଦଦେଶରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡିଶା ମୋ ପରିବାର ତଥା ଜୀବନ ବିନ୍ଦୁ ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୫୪ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଭେଡେନ ବ୍ଲକ ବିଜୁ ଜନତା ଦଳର ସଭାପତି ହରିଶଙ୍କର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ରାଜ୍ୟ ବିଜୁ ମହିଳା ସଭାନେତ୍ରୀ ତଥା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଯୋଗଦାନ କରିଥିଲେ। ସଙ୍ଗଠନ ହିଁ ଦଳର ଶକ୍ତି ଓ ଶକ୍ତି ହିଁ ଓଡିଶାର ପ୍ରଗତି ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବରେ ବିଜେଡି ଜିଲ୍ଲା ସଭାପତି ଡା. ପ୍ରଭାସ ସିଂ, ଓଡିଶା ମୋ ପରିବାରର ଜିଲ୍ଲା ସଂଯୋଜକ ଗୌରହରି ମିଶ୍ର ଯୋଗଦାନ କରିଥିଲେ। ଭେଡେନ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧ୍ୟକ୍ଷ ଡୋଳାମଣି ଖେତି, ଅତାବିରା ଏନଏସସି ଅଧ୍ୟକ୍ଷ ବନମାଳୀ ବରିହା, ଉପାଧ୍ୟକ୍ଷ ଅନୁସୟା ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ପଦ୍ମିନି ଗଡ଼ତିଆ, ପିଙ୍କି ବଢ଼େଇ, ମମତା ପଧାନ, ସତ୍ୟଜିତ ପୁରୋହିତ, ରଞ୍ଜିତ ସାହୁ, ସୁଦାମ ଜାଲ, ଶମ୍ଭୁ ସେଟ, ଆରଏମସି ଉପାଧ୍ୟକ୍ଷ ସୁବାସ ହୋତା, ରିତା ସାହୁ, ସୁଜିତ ପଣ୍ଡା, ଏସଡିସିସି ବ୍ୟାଙ୍କ ସଭାପତି ନରେନ୍ଦ୍ର ପଧାନ, ଟଙ୍କ ଦାଶ, ସିଦ୍ଧାର୍ଥ ଶଙ୍କର ପଣ୍ଡାଙ୍କ ସମେତ ନିର୍ବାଚନମଣ୍ଡଳୀର ସମସ୍ତ ସରପଞ୍ଚ ସମିତି ସଭ୍ୟ ଓ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସାମ୍ବାଦିକ, ଅତାବିରା ବ୍ଲକର ୨୪ଟି ପଞ୍ଚାୟତ, ଭେଡେନ ବ୍ଲକର ୨୧ଟି ପଞ୍ଚାୟତର ବରିଷ୍ଠ କର୍ମକର୍ତ୍ତା ଓ ନେତୃମଣ୍ଡଳୀଙ୍କୁ ସମ୍ମାନିତ କରାଯାଇଛି। ବରିଷ୍ଠ କଳାକାର ପର୍ଶୁରାମ ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।





# ବାଲିଯୋରୀ ମହାଲକ୍ଷ୍ମୀ ପୂଜା ଜଳନ୍ଧର ବଧ ସହ ଉଦ୍‌ଯାପିତ

**ବରଗଡ଼, ୨୬।୧୨(ସମିସ):** ବରଗଡ଼ ସଦର ବ୍ଲକ ବାଲିଯୋରୀ ଗ୍ରାମରେ ଚାଲିଥିବା ମହାଲକ୍ଷ୍ମୀ ପୂଜା ସଂପନ୍ନ ହୋଇଯାଇଛି।



ଏହା ସହ ପୂଜା ଅବସରରେ ଚାଲିଥିବା ଜଳନ୍ଧର ଦରବାର ମଧ୍ୟ ଶେଷ ହୋଇଯାଇଛି। ଉଦଯାପନୀ ଉତ୍ସବରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଜୟଦେବ ଗଡତିଆ ଉପସ୍ଥିତ ଥିଲେ। ଜଳନ୍ଧର ଭୂମିକାରେ ସୁବର୍ଣ୍ଣପୁର ଜିଲ୍ଲା ସାରସମାଲ ଗ୍ରାମର ମନୋରଞ୍ଜନ ଚିରଗୁଣ ଅଭିନୟ କରିଥିଲେ। ସେହିପରି ମହାଲକ୍ଷ୍ମୀ ପୂଜାରେ ନୀଳକଣ୍ଠ ବିଶ୍ୱାଲ ଓ ପିଙ୍କି ବିଶ୍ୱାଲ, ଦୟାନିଧି ବିଶ୍ୱାଲ ଓ ସୀମା ବିଶ୍ୱାଲ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଉମେଶଚନ୍ଦ୍ର ପାଣିଗ୍ରାହୀ, ତପୋଧନ ପାଣିଗ୍ରାହୀ, ଦଶରଥ ପାଣିଗ୍ରାହୀ ପ୍ରମୁଖ ପୂଜା କାର୍ଯ୍ୟ ସଂପାଦନ କରିଥିଲେ। ସଭାପତି ରାଜିବ ପ୍ରଧାନଙ୍କ ସମେତ କୃପାସିନ୍ଧୁ ବିଶ୍ୱାଲ, ବିନୋଦ ବିଶ୍ୱାଲ, ସୁବ୍ରତ ପ୍ରଧାନ, ଅର୍ଜୁନ ପ୍ରଧାନ, ସୁବଳ ବିଶ୍ୱାଲ, ଦିପକ ପ୍ରଧାନ, ରଞ୍ଜନ ବିଶ୍ୱାଲ, ଜୟନ୍ତ ଷଣ୍ଡ, କୁମର ନାଏକ, ଅଶୋକ ସାହୁ, ଦିଲୀପ ପ୍ରଧାନ, କମଲ ବିଶ୍ୱାଲ, ପ୍ରଦୀପ ସାହୁ, ମିଶ୍ର ବିଶ୍ୱାଲ, ଗୌରାଙ୍ଗ ବିଶ୍ୱାଲ, କ୍ଷୀରୋଦ୍ର ବିଶ୍ୱାଲ, ସରପଞ୍ଚ ନିରଞ୍ଜନ ମଲ୍ଲିକ ତଥା ଗ୍ରାମବାସୀ ସହଯୋଗ କରିଥିଲେ। ପ୍ରତ୍ୟହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# କଂସ ବଧ ସହ ଚିଚିଣ୍ଡା ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ





**ଭେଡେନ, ୨୬।୧୨(ସମିସ)**

ଭେଡେନ ବ୍ଲକ ଚିଚିଣ୍ଡା ଗ୍ରାମରେ ୧୦ ଦିନ ଧରି ଚାଲିଥିବା ଧନୁଯାତ୍ର ମହୋତ୍ସବ ସୋମବାର ଉତଯାପିତ ହୋଇଛି। ମହୋତ୍ସବର ଶେଷ ସନ୍ଧ୍ୟାରେ ଅକ୍ରୂର ସାଥୀରେ କୃଷ୍ଣ-ବଳରାମଙ୍କ ମଥୁରାପୁର ପରିଭ୍ରମଣ, ଘରେଘରେ ପୂଜାର୍ଚ୍ଚନା, କୃଷ୍ଣ ବଳରାମଙ୍କ ରୂପ ଦର୍ଶନ କରି ମଥୁରାବାସୀ ବିମୋହିତ, କୃଷ୍ଣ ବଳରାମ ହାତେ କୁବୁଜା ଉଦ୍ଧାର, କଂସ ରାଜ ଭାଟିରେ ପ୍ରବେଶ, କୁବଳୟା ହସ୍ତୀ ଓ ମାହୁନ୍ତକୁ ନିହତ, ଶିବ ଧନୁ ଭଙ୍ଗ, ସେନାପତି ଚାଣ୍ଡର ଓ ମୁଷ୍ଟିକ ବଧ, ମହାମନ୍ତ୍ରୀ ସଂକ୍ରାଜିତ କୃଷ୍ଣ ପାଦେ ସରଣାଗତ, କୃଷ୍ଣ ବଳରାମ ହାତେ କଂସ ବଧ ଆଦି ଦୃଶ୍ୟ ଅଭିନୀତ ହୋଇଥିଲା। ମହାରାଜ କଂସ ଭୂମିକାରେ ବିଶ୍ୱ ପ୍ରସିଦ୍ଧ ବରଗଡ ଧନୁଯାତ୍ରାର ପୂର୍ବତନ କଂସ କଳାକାର ଭୁବନେଶ୍ୱର ପଧାନ ଅଭିନୟ କରିଥିଲେ। କୃଷ୍ଣ ଭୂମିକାରେ ବୁର୍ଦ୍ଦା ଗ୍ରାମର ଅଂଶୁ ପଣ୍ଡା ଓ ବଳରାମ ଭୂମିକାରେ ପ୍ରିନ୍ସ ପଣ୍ଡା ଅଭିନୟ କରିଥିଲେ। ରବୀନ୍ଦ୍ର ଭୋଇ, ଜଗନ୍ନାଥ ସାହୁ, ଜଗବନ୍ଧୁ ମହାଲିଙ୍ଗ, ଅନୀଲ ପଟେଲ, ଅଶ୍ୱିନୀ ଡ଼ନସନା, ସଦା ଭୁଏ, ହରିହର ଭୁଏ, କିଶୋର ଡ଼ନସନା, ସସ୍ମିତା ଭୁଏ ଅଭିନୟ କରିଥିଲେ। ଗୋପପୁରରେ ଯଶୋବନ୍ତ ଦୀପଙ୍କ ପରିଚାଳନାରେ ଟେଜା ଦୀପ, ମାନିନୀ ସେଟ, ଦିବ୍ୟା ମାଝୀ, ଡୋଲି ଦୀପ, ସୁମନ ସାହୁ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ଅତିଥି ଭାବରେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଯୋଗଦାନ କରିଥିଲେ। କମିଟିର ସଭାପତି ସଂଜୀବ ମେହେର, ସଂପାଦକ ସୁଶାନ୍ତ ପଧାନ, କୋଷାଧକ୍ଷ ରାଧେଶ୍ୟାମ ମେହେର, ଉପସଭାପତି ଶେଷଦେବ ମହାନନ୍ଦ, ମୁକେଶ ସାହୁ, ମକରଧ୍ୱଜ ମେହେର, ସୁଶୀଲ ମେହେର, ମନବୋଧ ମେହେର, ସଞ୍ଜୟ ମେହେର, ସାଧୁ ସୁରଜାଲଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ହାତୀପଲଙ୍କ ଉପଦ୍ରବ

# ଜୁରାଡଙ୍ଗା ଗ୍ରାମରେ ବ୍ୟାପକ ଫସଲ ନଷ୍ଟ

**ଦେବଗଡ଼, ୨୬।୧୨(ସମିସ):** ପ୍ରାୟ ୩ ସପ୍ତାହ ହେଲା ୨୯ଟିକିଆ ହାତୀପଲ ରିଆମାଳ ବନାଞ୍ଚଳ କୁଣ୍ଢେଇଗୋଳା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଛନ୍ତି। ଗତ ୫ ଦିନ ଧରି ଏହି ହାତୀପଲ ଜୁରାଡଙ୍ଗା ଗ୍ରାମରେ ବାଡି ବଗିଚାରେ ପଶି ବ୍ୟାପକ ଫସଲ ନଷ୍ଟ କରିଛନ୍ତି। ଉକ୍ତ ହାତୀପଲ ସୋମବାର ରାତିରେ ଜୁରାଡଙ୍ଗା ଗ୍ରାମର ଇନ୍ଦ୍ରମଣି ବେହେରା, ବୀରବର ଦେହୁରୀ,



ମଦନ ଦେହୁରୀ, ବିଜୟ ଦେହୁରୀ, ବଳରାମ ବେହେରା, ଶିବରାମ ଦେହୁରୀ, ଜୟକୃଷ୍ଣ ଦେହୁରୀ, ସୁଧାକର ଦେହୁରୀ, କୁଞ୍ଜ ଦେହୁରୀ, କୁମର ବେହେରା, ବୀଣା ବେହେରା, ନାରଣ ବେହେରା, ଗଙ୍ଗାଧର ପ୍ରଧାନ, ଝସକେତନ ପ୍ରଧାନ, ରମେଶ ପ୍ରଧାନ, ଦୁର୍ଯ୍ୟୋଧନ ପ୍ରଧାନ, ଅରୁଣ ପ୍ରଧାନ, ନିରଞ୍ଜନ ପ୍ରଧାନ, ବିଷ୍ଣୁ ପ୍ରଧାନ, ସୁମନ୍ତ ବେହେରା, ସୁଶୀଳ ବେହେରା, କୁଶଧ୍ୱଜ ଶତପଥି, ବାବୁଲି ଦେହୁରୀ ଓ ପବିତ୍ର ମୋହନ ଦେହୁରୀଙ୍କର ମକା, କୋବି, ଆଖୁ, ଆଳୁ, କନ୍ଦମୂଳ ଓ ପୋଟଳ ଆଦି ବିଭିନ୍ନ ଫସଲ ନଷ୍ଟ କରିଛନ୍ତି। ଏଥିସହ ବହୁ ଚାଷୀଙ୍କର ଧାନ ଖାଇଦେବା ସହ ମାଡିଦଳି ନଷ୍ଟ କରିଥିବା ଜଣାପଡ଼ିଛି। ଏନେଇ ଗ୍ରାମବାସୀମାନେ ରିଆମାଳ ଫରେଷ୍ଟ ରେଞ୍ଜ ଅଫିସର ଓ ବିଭାଗୀୟ ଫରେଷ୍ଟରଙ୍କୁ ଜଣାଇଥିଲେ ମଧ୍ୟ ହାତୀମାନଙ୍କୁ ଘଉଡାଇବା ପାଇଁ କିମ୍ବା କ୍ଷତିଗ୍ରସ୍ତମାନଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ସେମାନଙ୍କ ମଧ୍ୟରେ ଘୋର ନୈରାଶ୍ୟ ଭାବ ପ୍ରକାଶ ପାଇଛି। ସେହିପରି ଉକ୍ତ ହାତୀପଲ ମଙ୍ଗଳବାର ମଧ୍ୟ ନିକଟସ୍ଥ ଜଙ୍ଗଲରେ ରହିଥିବାରୁ ଚାଷୀମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏଣୁ ବନ ବିଭାଗ କର୍ତ୍ତୃପକ୍ଷ ସମ୍ପୃକ୍ତ ଅଞ୍ଚଳରୁ ହାତୀମାନଙ୍କୁ ଘଉଡାଇବା ସହ କ୍ଷୟକ୍ଷତିର ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ ପାଇଁ ଦାବି ଜଣାଇଛନ୍ତି। ଏ ସମ୍ପର୍କରେ କୁଣ୍ଢେଇଗୋଳା ସେକ୍ସନ ଦାୟିତ୍ୱରେ ଥିବା ପଳସମା ଫରେଷ୍ଟର ହେମନ୍ତ ବରିହାଙ୍କ ମତାମତ ଲୋଡିବାରୁ ସମ୍ପୃକ୍ତ ଅଞ୍ଚଳରେ ୨୯ ଟିକିଆ ହାତୀପଲଙ୍କ ବିଚରଣ ସମ୍ପର୍କରେ ଖବର ରହିଛି। ମାତ୍ର କ୍ଷୟକ୍ଷତି ନେଇ ତାଙ୍କ ନିକଟରେ କୌଣସି ସୂଚନା ନ କହିଛନ୍ତି। ଉକ୍ତ ହାତୀପଲକୁ ଘଉଡାଇବାକୁ ଉଦ୍ୟମ ଜାରି ରହିଛି ବୋଲି ସେ କହିଛନ୍ତି।



ବରଗଡ଼ରେ ଘନ କୁହୁଡ଼ି; ଜନଜୀବନ ଅସ୍ତବ୍ୟସ୍ତ (ସକାଳ ୮.୨୦)

# ଭାଷା-ସଂସ୍କୃତି-ସ୍ୱାଭିମାନ ଯାତ୍ରାକୁ ବରଗଡ଼ରେ ସ୍ୱାଗତ

**ବରଗଡ଼, ୨୬।୧୨(ସମିସ):** ଭାଷା ସଂସ୍କୃତି ସ୍ୱାଭିମାନ ଯାତ୍ରା ମଙ୍ଗଳବାର ବରଗଡ଼ରେ ପହଞ୍ଚି ସମ୍ବଲପୁର ଅଭିମୁଖେ ଯାତ୍ରା କରିଛି। ଗତ ୨୨ ତାରିଖରୁ ବରଗଡ଼ ଜିଲ୍ଲା ପାଇକମାଳସ୍ଥିତ ପ୍ରଭୁ ନୃସିଂହନାଥ ପୀଠରୁ ଏହି ଯାତ୍ରା ବାହାରି ପଶ୍ଚିମ ଓଡ଼ିଶାର ୧୦ଟି ଜିଲ୍ଲା ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି। ସମ୍ବଲପୁରୀ/କୋଶଲୀ ଭାଷାକୁ



ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ଥାନ ଦେବା, ଓଡ଼ିଶାର ଅନ୍ୟତମ ସରକାରୀ ଭାଷା ଭାବରେ ସ୍ୱୀକୃତି ଦେବା, ପ୍ରାଥମିକ ଶିକ୍ଷା ବ୍ୟବସ୍ଥା, କବି କଳାକାରଙ୍କୁ ସରକାରୀ ପ୍ରୋତ୍ସାହନ ସହ ଏକାଡେମୀ ଗଠନ, କୋଶକାଞ୍ଚଳରେ ସିନେ କଳାକାରଙ୍କ ପାଇଁ ଫିଲ୍ମ ସିଟି ସ୍ଥାପନ କରିବା ଆଦି ଦାବି ନେଇ ଏହି ସ୍ୱାଭିମାନ ଯାତ୍ରାର ଉଦ୍ଦେଶ୍ୟ ବୋଲି ସୂଚନା ଦିଆଯାଇଛି। ସିନେ କଳାକାର ମନୋଜ ମିଶ୍ର, ସିପୁନ ଖମାରୀଙ୍କ ସମେତ ବହୁ ଯୁବକ ସାମିଲ ହୋଇଛନ୍ତି। ବରଗଡ଼ ପହଞ୍ଚିବା ପରେ କୋସଲ ମଜଦୁର ସଂଘ, ପଶ୍ଚିମ ଓଡ଼ିଶା ଯୁବାମଞ୍ଚ ସମେତ ବିଭିନ୍ନ ସଂଗଠନ ତରଫରୁ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ ଉତ୍ସବ ‘ସତ୍ତ୍ୱ’

**ବରଗଡ଼, ୨୬।୧୨(ସମିସ):** ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲରେ ୧୦ମ ବାର୍ଷିକ ଉତ୍ସବ ‘ସତ୍ତ୍ୱ’ ଆୟୋଜିତ ହୋଇଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ବିଧୁଭୂଷଣ ମିଶ୍ର ମୁଖ୍ୟଅତିଥି ଭାବେ ନାସାରେ ଥିବା ଭାରତୀୟ ବୈଜ୍ଞାନିକଙ୍କ ତାଙ୍କ ବୃଦ୍ଧ ପିତାମାତାଙ୍କ ପ୍ରତି କର୍ତ୍ତବ୍ୟବୋଧତାର ଦୃଷ୍ଟାନ୍ତ ମାଧ୍ୟମରେ ମାନବିକତାର ଜୟ ଜୟକାର କରିଥିଲେ। ସମ୍ମାନିତ ଅତିଥି ଭାବରେ ବରଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମାନବିକତାକୁ ନଭୁଲି ବୃଦ୍ଧପିତାମାତାଙ୍କ ସେବା କରିବାକୁ ଛାତ୍ରଛାତ୍ରୀଙ୍କୁ କହିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ ସାଓ୍ୱଡିଆ, ଅଧ୍ୟକ୍ଷ ସୁମନ ସାଓ୍ୱଡିଆ, ଉପାଧ୍ୟକ୍ଷ ରୋଶନ ଅଗ୍ରୱାଲ, ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ, ସଂସ୍କାର ସାପଲିଙ୍ଗର ନିର୍ଦ୍ଦେଶକ ସିଦ୍ଧାର୍ଥ ସାଓ୍ୱଡିଆ, ପ୍ରିନ୍ସିପାଲ କରନ ସାହୁ, ପରିଚାଳନା ସମିତିର ସଦସ୍ୟ ବବିତା ସାଓ୍ୱଡିଆ, ମମତା ଅଗ୍ରୱାଲ, ଆକାଶ ଅଗ୍ରୱାଲ, ମେଘା ସାଓ୍ୱଡିଆ, ଏକାଡେମିକ କୋର୍ଡିନେଟର ସୀମା ସାହୁ, କୋର୍ଡିନେଟର ରୀତା ନାୟକ, ମମତା ସିହ୍ନାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ, ଅଭିଭାବିକା ଓ ନିମନ୍ତ୍ରିତ ଅତିଥିବୃନ୍ଦ ଉପସ୍ଥିତ ଥିଲେ। ୨୦୨୨-୨୩ ଶିକ୍ଷାବର୍ଷର ଦଶମଶ୍ରେଣୀର ସର୍ବୋଚ ନମ୍ବର ରଖିଥିବା କ୍ରିଷ୍ଣାଭୂତ, ଦ୍ୱାଦଶ ଶ୍ରେଣୀର ଛାତ୍ର ରୋନକ ଅଗ୍ରୱାଲ, ଜୁନିୟର ବିଭାଗର ସର୍ବଶ୍ରେଷ୍ଠ ଛାତ୍ର ଆଦ୍ୟମିତ ମେହେର, ସିନିୟର ବିଭାଗର ଆଶୁତୋଷ ଅଗ୍ରୱାଲଙ୍କୁ ସର୍ବଶ୍ରେଷ୍ଠ ଛାତ୍ର ଭାବରେ ସମ୍ମାନିତ କରାଯାଇଥିଲା। ପରେ ପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ସୁନ୍ଦର ଚିତ୍ରକଳାର ପ୍ରଦର୍ଶନୀ କରାଯାଇଥିଲା। ଶିକ୍ଷୟିତ୍ରୀ ନେହା ଶର୍ମା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଅଯୋଧ୍ୟା ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ନିମନ୍ତ୍ରଣ

**ପାଇକମାଳ, ୨୬।୧୨ (ସମିସ):** ପାଇକମାଳ ବ୍ଲକର ବିଭିନ୍ନ ଗ୍ରାମ୍ୟ ଦେବାଦେବୀ ସହ ଶ୍ରୀରାମ ଭକ୍ତମାନଙ୍କୁ ଆସନ୍ତା ଜାନୁୟାରୀ ୨୨ ଅଯୋଧ୍ୟା ଶ୍ରୀରାମ ମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବରେ ଯୋଗଦାନ କରିବାକୁ ନିମନ୍ତ୍ରଣ ପତ୍ର ବଣ୍ଟାଯାଇଛି। ପାଇକମାଳ ଯମୁନା କନ୍ଧୁଣୀ ଉଚ୍ଚ ବିଦ୍ୟାଳୟରେ ବିଭିନ୍ନ ଗ୍ରାମର ନିମନ୍ତ୍ରଣପତ୍ର ସହ ଅକ୍ଷତ ହଳଦୀ ଚାଉଳ ପ୍ରେରଣ କରାଯାଇଛି। କଳସ, ଚାଉଳ, ନିମନ୍ତ୍ରଣପତ୍ର ଧରି ଶ୍ରୀରାମ ଭକ୍ତମାନେ ଏକ ଶୋଭାଯାତ୍ରାରେ ଦୁର୍ଗା ମନ୍ଦିର ଯାଇଥିଲେ। ସେଠାରେ ଦେବ ନିମନ୍ତ୍ରଣ କରି ନିଜନିଜ ଅଞ୍ଚଳକୁ ଅକ୍ଷତ ଚାଉଳ, କଳସ ଓ ନିମନ୍ତ୍ରଣପତ୍ର ନେଇଥିଲେ। ପ୍ରତ୍ୟେକ ଗ୍ରାମରେ ଶୋଭାଯାତ୍ରା କରି ଦେବନିମନ୍ତ୍ରଣ ସହ ଗ୍ରାମବାସୀଙ୍କୁ ନିମନ୍ତ୍ରଣ କରାଯାଉଛି। ଗୋବର୍ଦ୍ଧନ ଅଗ୍ରୱାଲ, ସରୋଜ ସାମଲ, ସୁରେନ୍ଦ୍ର ପ୍ରତାପ ସିଂ ବରିହା, ଇନ୍ଦ୍ରମଣି ଭୋଇ, ହରେଶ ମେହେର, ସତ୍ୟ ବେହେରା, ଭୀଷ୍ମଦେବ ସାହୁ, କୈଳାସ ଦିଶ୍ରି, ହାଡୁ ସାହୁ ପ୍ରମୁଖ ନେତୃମଣ୍ଡଳୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପଞ୍ଚଦିବସୀୟ କ୍ରିକେଟ୍ ପ୍ରତିଯୋଗିତା; ଅଇତାପାଲି ଚାମ୍ପିଅନ୍

**କୋଲାବିରା, ୨୬ ।୧୨ (ସମିସ):** କୋଲାବିରା ବ୍ଲକ ଅନ୍ତର୍ଗତ ଭୋଗରାପାଲିଠାରେ ବାହାଦୂର ଯୁବକ ସଂଘ ଆନୁକୂଲ୍ୟରେ ପଞ୍ଚଦିବସୀୟ ଦ୍ୱିତୀୟ ଭୋଗରାପାଲି କପ୍ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ରଙ୍ଗିଆଟିକରା ଏବଂ ଅଇତାପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରଙ୍ଗିଆଟିକରା ଦଳ ପ୍ରଥମେ ବ୍ୟାଟିଂ କରି ୫୯ ରନ ସ୍କୋର କରିଥିଲା। ଏହାର ଜବାବରେ ଅଇତାପାଲି ଦଳ ଲକ୍ଷ୍ୟ ହାସଲ କରିବା ସହିତ ୩ ଉ୍ୱିକେଟରେ ରଙ୍ଗିଆଟିକରାକୁ ପରାସ୍ତ କରି ବିଜୟୀ ହୋଇଛି। ପ୍ରମୋଦ ଚନ୍ଦ୍ର କିଶାନ, ପ୍ରମୋଦ ପଟେଲ ଏବଂ ପର୍ଣ୍ଣ ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ଦାୟିତ୍ୱରେ ମନୋଜ ଏବଂ ରିଙ୍କୁ ରହିଥିଲେ। ଧାରାବିବରଣୀ ଡି.ଜେ ଶିବା ପ୍ରଦାନ କରିଥିଲେ। ଗୋଲବଦନ କିଶାନ, ଟିକେଶ୍ୱର ପଟେଲ, ଟଙ୍କଧର ଠାକୁର, ଦୁଶନ କିଶାନ, ଈଶ୍ୱର କଉଡି, ବିରଞ୍ଚି ପଟେଲ, ଗାନ୍ଧି କଉଡି, ଧନୀରାମ ଛଟାନ, ମନୋହର ପଟେଲ, ମୁକ୍ତେଶ୍ୱର ପଟେଲ, କ୍ଷେତ୍ର ଠାକୁର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉଦଯାପନୀ ଉତ୍ସବ ଅବସରରେ ମୁଖ୍ୟଅତିଥି ଭାବରେ ରୂପାନନ୍ଦ ଠାକୁର, ସମ୍ମାନିତ ଅତିଥି ଭାବରେ କୁମର କିଶାନ, ପରିକ୍ଷୀତ କିଶାନ, ଦୁର୍ଗା ଠାକୁର, ବିଷ୍ଣୁ କିଶାନ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ବିଜେତା ଏବଂ ଉପ-ବିଜେତା ଦଳକୁ ନଗଦ ଅର୍ଥ ସହ ଟ୍ରଫି ପ୍ରଦାନ କରିଥିଲେ। ଉତ୍ତମ ଖେଳ ପ୍ରଦର୍ଶନ କରି ଅଇତାପାଲି ଦଳର ରକିଙ୍କୁ ମ୍ୟାନ ଅଫ ଦ ମ୍ୟାଚ୍ ଟ୍ରଫି ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ତୁମ୍ବେକେଲା, ବାସୁପାଲି, ଭୋଗରାପାଲି, ରେଙ୍ଗାଲପାଲି, ଲେଡିମଙ୍ଗ, ଲଇଡା, ଜେ ପଣ୍ଡକିମାଲ, ଛୁଆକାନୀ, ରେଙ୍ଗଲୋଇ, ରଙ୍ଗିଆଟିକରା, ବକରିବାହାଲ, ବୈଜାପାଲି, ପରମାଣପୁର, ସମାସିଂହା, ଭଉଁରା, ଅଇତାପାଲି ଆଦିମୋଟ ୧୬ଟି ଦଳ ଭାଗ ନେଇଥିଲେ।

# ବ୍ରହ୍ମ ଅଣାକ୍ଷର ଶାନ୍ତିମହାଯଜ୍ଞ ସମ୍ପନ୍ନ

## ପୂର୍ଣ୍ଣାହୁତିରେ ଲକ୍ଷାଧିକ ଭକ୍ତଙ୍କ ସମାଗମ

**ପାଇକମାଳ, ୨୬।୧୨ (ସମିସ):** ପାଇକମାଳ ସ୍ଥିତ ପବିତ୍ର ନୃସିଂହନାଥ ପୀଠରେ ପଞ୍ଚଦିବସ ବ୍ୟାପି ଚାଲିଥିବା ବ୍ରହ୍ମ ଅଣାକ୍ଷର ମହାଯଜ୍ଞର ସମାପନ ହୋଇଛି। ମଙ୍ଗଳବାର ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିବା ବେଳେ ଏହି ପୀଠରେ ସାରା ଓଡିଶାର ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ବିଶ୍ୱ ଭ୍ରାତୃତ୍ୱ ଦିବ୍ୟମ୍ରା ପରିଷଦ, ଅଚ୍ୟୁତଗୁପ୍ତ ବ୍ରହ୍ମସଂଘ, କ୍ଷିତିଜ୍ୟୋତି ଆଶ୍ରମ ସ୍ୱର୍ଣ୍ଣକ୍ଷେତ୍ର ଆଶ୍ରମ, ମାହଙ୍ଗା ଓ ପଦ୍ମପୁର କେନ୍ଦ୍ର ସଂଘଠନ ଅଧୀନରେ ମାଳିକା ପ୍ରବାଦୀୟ ବ୍ରହ୍ମ ଅଣାକ୍ଷର ମହାଯଜ୍ଞ ନୃସିଂହନାଥଙ୍କ କ୍ଷେତ୍ରରେ ଗତ ଶୁକ୍ରବାର ଦିନ କଳସଯାତ୍ରା ଆରମ୍ଭ ହୋଇଥିଲା। ଶନିବାର ଯଜ୍ଞ ଆରମ୍ଭ ହୋଇଥିବା ବେଳେ ପ୍ରତି ଦିବସରେ ସୂର୍ଯ୍ୟପୂଜା, ଗୋ ପୂଜା, ଦେବତାଙ୍କ ପୂଜନ, ଅଗ୍ନିପୂଜନ ସହ ଯଜ୍ଞ ଆରମ୍ଭ ହୋଇଥିଲା। ପ୍ରତି ଦିନ ୧୧ଟାରୁ ରାତି ୧୧ ଟା ପର୍ଯ୍ୟନ୍ତ ଆନନ୍ଦ ବଜାରରେ ହଜାର ହଜାର ଭକ୍ତ ପ୍ରସାଦ ସେବନ କରିଛନ୍ତି। ୨୩ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ସନ୍ଧ୍ୟାରେ ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ମାଳିକା ଗବେଷକ ପ୍ରମୋଦ ପୃଷ୍ଟି, ବିପିନି ବିହାରୀ ସାମଲ, ସୁନୀଲ ବାବା, କେଶବ ଦାସ ଦ୍ୱିତିକୃଷ୍ଣ, ଦିବାକର ଦାସ ଆଦି ପ୍ରବଚକ ଭକ୍ତଙ୍କୁ ବାନ୍ଧି ରଖିଥିଲେ। ଠାକୁର ଶ୍ରୀଶ୍ରୀ କେଶବ ଚନ୍ଦ୍ରଙ୍କ ନିର୍ଦ୍ଦେଶକ୍ରମେ ଏହି ମାଳିକା ପ୍ରବାଦୀୟ ଯଜ୍ଞରେ ଲକ୍ଷଲକ୍ଷ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ସମସ୍ତ ବିଧିବିଧାନ ଗୁଡିକ ପାଳନ ପୂର୍ବକ ମଙ୍ଗଳବାର ଅପରାହ୍ନରେ ଏହି ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୀତାଯଜ୍ଞ, ଚଣ୍ଡୀପାଠ, ଶ୍ରୀସୂକ୍ତ, ପୁରଷ ସୂକ୍ତ ପଠନ ହବନ ପରେ ଅଗ୍ନିଅଭିଷେକ ହୋଇ ଏହି ମହାଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା।



# ବେଲପାହାଡ଼ରେ ଷଣ୍ଢ ଆତଙ୍କ

**ଝାରସୁଗୁଡ଼ା, ୨୬।୧୨ (ସମିସ):** ବେଲପାହାଡ଼ ଗୁମାଡେରା ମାଳିପଡ଼ାରେ ବିଗତ ଦୁଇଦିନ ଧରି ଷଣ୍ଢ ଆତଙ୍କରେ ଲୋକେ ଘରୁ ବାହାରିବାକୁ ଭୟ କରିଛନ୍ତି। ବିଗତ ୨ ଦିନ ହେବ ଏକ ଷଣ୍ଢ ଗୁମାଡେରା ମାଳିପଡ଼ା ଓ ମୁଖ୍ୟ ବଜାରପଟେ ପାଗଳ ପ୍ରାୟ ହୋଇ ଯାହାକୁ ଦେଖିଲା ତାକୁ ଆକ୍ରମଣ କରୁଥିବାରୁ ଅନେକ ଲୋକ ଷଣ୍ଢର ଶିକାର ହୋଇଛନ୍ତି। ସୋମବାର ରାତିରେ ଅନେକ ଲୋକଙ୍କୁ ଷଣ୍ଢ ଆକ୍ରମଣ କରିଥିବାବେଳେ ମଙ୍ଗଳବାର ସକାଳୁ ଜଣେ ବୃଦ୍ଧଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଛି। ସେହିପରି ଆଉଜଣେ ଶିକ୍ଷକଙ୍କୁ ଷଣ୍ଢଟି ମଧ୍ୟ ଆକ୍ରମଣ କରିଛି। ଏନେଇ ସ୍ଥାନୀୟ ଲୋକେ ଓ କାଉନସିଲର କହ୍ନେଇ ସେଠ୍ ପୌର କାର୍ଯ୍ୟାଳୟରେ ଅଭିଯୋଗ କରିବାପରେ କର୍ତ୍ତୃପକ୍ଷ ଷଣ୍ଢକୁ କାବୁ କରିବାରେ ସକ୍ଷମ ହୋଇଛନ୍ତି।


**BHUBANESWAR MUNICIPAL CORPORATION** C-2199
e-Procurement Notice
e-Mail: eebmcdiv3@gmail.com
No. 6514/ Dt. 22.12.2023
XI-PW.Div-III-04/23

On behalf of the Commissioner, Bhubaneswar Municipal Corporation, Executive Engineer-III, BMC invites Percentage Rate Bids for the work mentionedbelowthroughe-Procurement in conformity with the terms and conditions of the Detailed Tender Call Notice (DTCN) from intending bidders fulfilling the eligibility criteria mentioned in the DTCN. Each bid should be submitted on-line through the website www.tendersodisha.gov.in by eligible bidders.

1. No. of works: 9 (Nine) Nos
2. Estimated cost- Rs. 7,39,962/- & Rs. 35,53,396/-
3. Class of contractor- "D" to "B" Class
4. Period of completion:30(Thirty) to 90 (Ninety) Calendar Days.
5. Date and Time of Availability of Bid document in the portal: From 11.00 AM of 27.12.2023 to 05.00 PM of 08.01.2024
6. Last date/Time of submission of bids in the portal: 05.00 PM of 08.01.2024
7. Date of opening of Bid from Portal: 11.30 AM of 09.01.2024

Tender details can be seen for the e-Procurement portal https://www.tendersodisha.gov.in & BMC Website https:// www.bmc.gov.in

Executive Engineer
BMC Division - III
OIPR-13002/11/0239/2324



i-547
e-mail– ori-Bonaigarh@nic.in
**GOVERNMENT OF ODISHA,**
**PANCHAYAT SAMITI OFFICE, BONAIGARH, DIST- SUNDARGARH**
**TENDER CALL NOTICE NO. OF 2023-24**
Letter No. – 4087 Date: 22.12.2023

The Block Development Officer, Bonaigarh, Sundargarh on behalf of Governor of Odisha invites in "OFFLINE MODE Percentage Rate bids" in sealed cover for the following work from the class of eligible contractors as mentioned in Column-7 (seven) registered with the State Governments having validity of Civil License and contractors of equivalent Grades/Class Registered with Central Government/ MES/ Railways and other state government having validity of Civil License for execution of Building Works (including EI & PH). The proof of registration from the appropriate authority shall be enclosed along with the Bid. The eligible contractors of the state P.W.D. (R&B)/ Water Resources/Rural Works/M.I./C.P.W.D. for the following work eventually to be drawn up in the P.W.D. P1 forms in conformity with the Detailed Tender Call Notice. The bidders may submit bids for the following work.

| Sl. No | Name of the Work | Amount put to Tender in Rs.(Excluding GST) | Cost of Tender paper (Non-refundable) in Rs. | Bid security (1%) | Period of Completion | Class of Contractor |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Repair and Upgradation of Jadupati Higher secondary School, Sihidiha | Rs 25,21,405/- | Rs 6,000.00 | Rs 25,214.00 | 3 (Three) Months | 'C'&'D' Class only |

The Bid documents and detailed terms and conditions can be downloaded from the District website www.sundergarh.nic.in.

1. Date and time for download Tender Paper: From Dt. 26.12.2023 to 05.01.2024.
2. Last Date of Receipt of Tender Paper: Dt. 08.01.2024 (5.00 P.M.)
3. Date of Opening of Tender Paper: Dt. 09.01.2024 (11.00 A.M.)

OIPR-19333/11/0005/2324


# ଲୁପ୍ତପ୍ରାୟ ଲୋକ ନାଟ୍ୟକଳା ପ୍ରଦର୍ଶନୀ ଉଦ୍‌ଯାପିତ

**ପଦ୍ମପୁର, ୨୬।୧୨ (ସମିସ)**

ପଦ୍ମପୁର ଉପଖଣ୍ଡ ସଚେତନ ହେମା ନାଟ୍ୟ ଅନୁଷ୍ଠାନ ଓ ସଂସ୍କୃତି ବିଭାଗ ଭାରତ ସରକାର ଦ୍ୱାରା ଆୟୋଜିତ ମାର୍ଜିନା ଲାଇଜ ଥିଏଟର ଫେଷ୍ଟିଭାଲ ଅବସରରେ ରାଜେନ୍ଦ୍ର ମହାନ୍ତିଙ୍କ ସଞ୍ଚାଳନରେ ଲୋକନାଟ୍ୟର ସ୍ଥିତି ଓ ଭବିଷ୍ୟତ, ଦ୍ୱିତୀୟ ଅଧିବେଶନରେ ଲୋକନାଟ୍ୟରେ ମୌଳିକତା ଓ ଆଧୁନିକତା ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଡ. ସ୍ୱାଧୀନଚନ୍ଦ୍ର ପ୍ରଧାନ ଭିତ୍ତିପ୍ରବନ୍ଧ ପାଠ କରିଥିବା ବେଳେ ଆଲୋଚକ ଭାବେ ସାହିତ୍ୟିକ ଉତ୍ପନ୍ନ ଭୋଇ, ସହକାରୀ ପ୍ରାଧ୍ୟାପକ ଡ. ରମେଶ ପରୁଆ, ଅଧ୍ୟାପକ ପୁଲସ୍ତ୍ୟ ସାହା ଅଂଶଗ୍ରହଣ କରିଥିଲେ। ଲୋକନାଟ୍ୟ ରେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ନାଟ୍ୟକାର କେଶରଞ୍ଜନ ପଧାନ ସଭାପତିତ୍ୱ କରିଥିଲେ। ତୃତୀୟ ଅଧିବେଶନରେ ଗବେଷକ ରମେଶ ଗୁର୍ଲ୍ଲା, ଗୁରୁ ସୁରେନ୍ଦ୍ର ସାହୁ, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଅଶ୍ୱିନୀ ପଟେଲ ଆଲୋଚକ ଥିଲେ। ଆୟରଲେଣ୍ଡରୁ ଆସିଥିବା ଗବେଷିକା ଡ଼. ଲିଡିଆ ଗୁଜୀ ସମ୍ମାନିତ ଅତିଥି ଭାବେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଡ. ଗୁଜୀଙ୍କ ଦ୍ୱାରା ନାଟ୍ୟକାର ରାଜେନ୍ଦ୍ର ମହାନ୍ତିଙ୍କୁ ନାଟ୍ୟ ତପସ୍ୱୀ, କୁଳମଣି ପଶାୟତ ନାଟ୍ୟ ସେବଶ୍ରୀ, ଜୟନ୍ତ ସାହୁ ନାଟ୍ୟ ସେବଶ୍ରୀ ଓ ତନୟା ଭୋଇଙ୍କୁ ଆମ ଗବେଷିକା ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା। ଲୋକକଳା ପ୍ରଦର୍ଶନୀକୁ ସମସ୍ତେ ପରିଦର୍ଶନ କରିଥିଲେ। ଜୟଶ୍ରୀ ପାଲା ଦଳ ଓ ମାଁ ଜଗଦମ୍ବେ ଦଣ୍ଡନୃତ୍ୟ ଦଳ ଲୋକନାଟ୍ୟ ପରିବେଷଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଘନଶ୍ୟାମ ସାହୁ ସଞ୍ଚାଳନ କରିଥିଲେ। ଘନଶ୍ୟାମ ଭୋଇ, ମହେନ୍ଦ୍ର ସାହୁ, ଗଣେଶ ସାହୁ, ମୁକେଶ ସାହୁ, ବସୁଦେବ ସାହୁ, ବୈଶାଖୁ ମେହେର, ଧର୍ମେନ୍ଦ୍ର ସାହୁ, ତାରାକାନ୍ତ ଭୋଇ, ଇନ୍ଦ୍ରମଣି ସାହୁ, କହ୍ନ ସାହୁ, ରସିକ ବରିହା, ପଲଟନ ମହାକୁଡ଼, ତପ ସାହୁ, ଲଳିତ ସାହୁ, ଅମିତ ସାହୁ, ଜ୍ୟୋତି ସାହୁ, ଦିବ୍ୟାରାଣୀ କଣ୍ଟା, ଆରାଧ୍ୟ ସାହୁ, ରାଜକୁମାର ସାହୁ ଓ ଗ୍ରାମବାସୀ ସହଯୋଗ କରିଥିଲେ।



ଦୂରଦର୍ଶୀ ଯୋଜନା କରୁ ନଥିବା ବ୍ୟକ୍ତିର ଦ୍ୱାରଦେଶରେ ସଙ୍କଟ ପହଞ୍ଚି ଯାଏ
-କନ୍‌ଫୁସିୟସ୍



ସକାଳ
THE SAKALA

## କମ୍ ରିହାତି ବୋଝ ତାଲିକାରେ ଓଡ଼ିଶା ଦ୍ୱିତୀୟ

# ବିତ୍ତୀୟ ଶୃଙ୍ଖଳାର ଆଉ ଏକ ସୁଫଳ

ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ଓ ରାଜ୍ୟମାନଙ୍କ ମଧ୍ୟରେ ସମ୍ବଳ ବଣ୍ଟନର ସୂତ୍ର ଅନୁସାରେ ପ୍ରାଦେଶିକ ସରକାରମାନଙ୍କୁ କେତେ ପରିମାଣର ଅର୍ଥ ଦିଆଯିବ, ତାହାର ପରିମାଣ ଅର୍ଥ କମିଶନ ନିର୍ଦ୍ଧାରିତ କରିଥା'ନ୍ତି। ପଞ୍ଚଦଶ ଅର୍ଥ କମିଶନଙ୍କ ସୁପାରିସ ଅନୁସାରେ ପାଞ୍ଚଟି ସୂତ୍ରରେ ରାଜ୍ୟମାନଙ୍କୁ କେନ୍ଦ୍ରରୁ ଅର୍ଥ ମିଳୁଛି। ସେଗୁଡ଼ିକ ହେଲା ଆୟ ବ୍ୟବଧାନ ୪୫%, ୨୦୧୧ର ଜନସଂଖ୍ୟା ଅନୁସାରେ ୧୫%, ରାଜ୍ୟର କ୍ଷେତ୍ରଫଳ ଆକାରରେ ୧୫%, ଜଙ୍ଗଲ ଓ ପରିବେଶ ବାବଦରେ ୧୦ ଶତାଂଶ, ଜନସାଂଖ୍ୟିକ ପ୍ରଦର୍ଶନ ନିମନ୍ତେ ୧୨.୫% ଓ ଟିକସ ଆଦାୟରେ ଉତ୍ତମ ଦକ୍ଷତା ପ୍ରଦର୍ଶନ ପାଇଁ ୨.୫%। ଏହି ସୂତ୍ର ଅନୁସାରେ ପ୍ରତ୍ୟେକ ରାଜ୍ୟକୁ କେନ୍ଦ୍ର ସରକାର ଅର୍ଥ ଯୋଗାଇ ଦିଅନ୍ତି। ତେବେ ଦେଖାଯାଉଛି ଯେ ଅଧିକାଂଶ ବଡ଼ ବଡ଼ ଓ ବିକଶିତ ରାଜ୍ୟ ଅଧିକ କେନ୍ଦ୍ରୀୟ ସମ୍ବଳ ପାଇ ସୁଦ୍ଧା ସେମାନଙ୍କର ଅର୍ଥ ପରିଚାଳନା ଠିକ୍ ଭାବେ କରିପାରୁନାହାନ୍ତି। ଫଳରେ ସେମାନେ ଖୋଲା ବଜାରରୁ ମାତ୍ରାଧିକ ଋଣ କରି ଦେବାଳିଆ ଅବସ୍ଥାର ସମ୍ମୁଖୀନ ହେଉଛନ୍ତି।

ଖୋଲା ବଜାରରୁ ଋଣ କରିବାର କେତେକ ନିର୍ଦ୍ଦିଷ୍ଟ ନୀତି ନିୟମ ରହିଛି। କୌଣସି ରାଜ୍ୟ ସରକାର ନିଜର ମୋଟ ଜିଡିପିର ପାଞ୍ଚ ଶତାଂଶରୁ ଅଧିକ ଅର୍ଥ ଏକ ଆର୍ଥିକ ବର୍ଷ ପାଇଁ ଖୋଲା ବଜାରରୁ ଋଣ କରିପାରିବେ ନାହିଁ ବୋଲି କେନ୍ଦ୍ର ସରକାର ଧାର୍ଯ୍ୟ କରିଥା'ନ୍ତି। ପୂର୍ବରୁ ଏହା ୩ ଶତାଂଶ ଥିଲା। ତେବେ ଆର୍ଥିକ ସଂସ୍କାର ପ୍ରକ୍ରିୟା ଓ ବିକାଶମୂଳକ କାର୍ଯ୍ୟକ୍ରମକୁ ବିଚାରକୁ ନେଇ ଏଥର ଏହି ଖୋଲା ବଜାର ଋଣ ଉଠାଣ ସୀମାକୁ ରାଜ୍ୟ ସରକାରମାନଙ୍କ ପାଇଁ ବୃଦ୍ଧି କରାଯାଇଛି। ଏହା ଫଳରେ ଦେଶର ପ୍ରାଦେଶିକ ସରକାରମାନେ ସାମଗ୍ରିକ ଭାବେ ୪.୨୮ ଟ୍ରିଲିୟନ ଟଙ୍କାର ଋଣ ଖୋଲାବଜାରରୁ ଉଠାଇ ପାରିବେ। ବିଡ଼ମ୍ବନା ହେଉଛି ଏତେସବୁ ସୁବିଧା ପାଇ ମଧ୍ୟ ଅନେକ ରାଜ୍ୟ ସରକାର ଆର୍ଥିକ ସଂକଟର ସମ୍ମୁଖୀନ ହେଉଛନ୍ତି। ତାହାର କାରଣ ହେଲା ଋଣ ଅର୍ଥକୁ ଠିକଣା ମାର୍ଗରେ ଖର୍ଚ୍ଚ କରାଯାଉନାହିଁ କିମ୍ବା ବିତ୍ତୀୟ ଶୃଙ୍ଖଳାକୁ ଗୁରୁତ୍ୱ ପ୍ରଦାନ କରାଯାଉନି। ଭୋଟରଙ୍କୁ ଖୁସୀ କରିବା ପାଇଁ ପ୍ରଚୁର ମାହାଲିଆ ଯୋଜନା, ଆଖିବୁଜା ରିହାତି ଓ ବେହିସାବୀ ଖର୍ଚ୍ଚ ଯୋଗୁଁ ଅଧିକାଂଶ ରାଜ୍ୟ ଉପରକୁ ନ ଦେଖାଗଲେ ମଧ୍ୟ ଏବେ ଆର୍ଥିକ ସଂକଟର ସମ୍ମୁଖୀନ। କେନ୍ଦ୍ର ସରକାର ଓ ଭାରତୀୟ ରିଜର୍ଭ ବ୍ୟାଙ୍କ ବାରମ୍ବାର ଏଭଳି ମାହାଲିଆ ଯୋଜନା ଓ ରିହାତି ଉପରେ ନିୟନ୍ତ୍ରଣ ରଖିବାକୁ ରାଜ୍ୟମାନଙ୍କୁ ପରାମର୍ଶ ଦେଇ ଆସୁଛନ୍ତି। ନିଜସ୍ୱ ରାଜସ୍ୱ ଆୟ ବଢ଼ାଇବା ସହ ୟୁଜର୍ସ ଫି ଲାଗୁ କରିବାକୁ ପରାମର୍ଶ ଦିଆଯାଉଛି। ଏହାସତ୍ତ୍ୱେ ଅନେକ ରାଜ୍ୟ ସରକାର ଲୋକଦେଖାଣିଆ ଯୋଜନା ଓ କାର୍ଯ୍ୟକ୍ରମରେ ପ୍ରଚୁର ଅର୍ଥ ବିନିଯୋଗ କରି ଋଣଯନ୍ତାରେ ପଡୁଛନ୍ତି।

ନିକଟରେ ଜାତୀୟ ଗଣମାଧ୍ୟମରେ ରାଜ୍ୟମାନଙ୍କ ଉପରେ ରିହାତି ବୋଝ ସଂକ୍ରାନ୍ତ ତଥ୍ୟ ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ଯେ ରାଜ୍ୟ ସରକାରମାନେ ଦେଉଥିବା ରିହାତି ବିଗତ ଛ'ବର୍ଷ ମଧ୍ୟରେ ସେମାନଙ୍କ ଟିକସ ରାଜସ୍ୱ ଆଦାୟଠାରୁ ବହୁ ଅଧିକ ବେଗରେ ବଢୁଛି। ନିୟମ ଅନୁସାରେ ରାଜ୍ୟ ସରକାରମାନେ ସେମାନଙ୍କ ନିଜସ୍ୱ ଟିକସ ରାଜସ୍ୱର ଏକ-ପଞ୍ଚମାଂଶ ରିହାତି ଆକାରରେ ଖର୍ଚ୍ଚ କରିପାରିବେ। କେନ୍ଦ୍ର ସରକାର ମଧ୍ୟ ଅନୁରୂପ ଆଇନର ଅନ୍ତର୍ଭୁକ୍ତ। କିନ୍ତୁ ପରିସଂଖ୍ୟାନ କହୁଛି ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ସମୂହର ରିହାତି ଅନୁପାତ ବଜେଟ୍ ଆକଳନ ଅନୁସାରେ ୨୦୨୩-୨୪ରେ ୧୯.୮ ଶତାଂଶ। ଅର୍ଥାତ୍ ଅନୁମୋଦିତ ଅନୁପାତଠାରୁ ବହୁ ଅଧିକ। ୨୦୨୩-୨୪ ଆର୍ଥିକ ବର୍ଷର ତାଲିକାରେ ଛତିଶଗଡ଼ର ରିହାତି ବୋଝ ସର୍ବାଧିକ ୯୨.୭ ଶତାଂଶ, ଯାହା ଜାତୀୟ ତାଲିକାରେ ସବୁଠୁ ଆଗରେ। ଏହା ପଛକୁ କ୍ରମାନ୍ୱୟରେ ଅଛନ୍ତି ତାମିଲନାଡୁ (୬୭.୪), ପଞ୍ଜାବ (୩୯.୬), ମଧ୍ୟପ୍ରଦେଶ (୩୨.୩), କର୍ଣ୍ଣାଟକ (୨୬.୨), ରାଜସ୍ଥାନ (୨୨.୫), ବିହାର (୨୨.୧), ଗୁଜରାଟ (୨୨), ଝାଡ଼ଖଣ୍ଡ (୨୧.୯) ଶତାଂଶ।

ତାଲିକା ଅନୁସାରେ କେରଳର ଚଳିତ ଆର୍ଥିକ ବର୍ଷର ରିହାତି ବୋଝ ସର୍ବନିମ୍ନ ୨.୭ ଥିଲାବେଳେ ଓଡ଼ିଶାର ଏହା ୫.୭ ଶତାଂଶ। କମ୍ ରିହାତି ବୋଝ ତାଲିକାରେ କେରଳ ଓ ଓଡ଼ିଶା ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଜାତୀୟ ସ୍ତରରେ ରହି ଆଉ ଏକ ଉଦାହରଣ ସୃଷ୍ଟି କରିଛନ୍ତି। କେରଳ ଉଭୟ ଅର୍ଥ ଓ ପ୍ରଶାସନ କ୍ଷେତ୍ରରେ ଏକ ଶୃଙ୍ଖଳିତ ରାଜ୍ୟ ଏବଂ ଏହାର ଏ ସଂକ୍ରାନ୍ତ ରେକର୍ଡ ଭଲ। ତେବେ ଉଲ୍ଲେଖନୀୟ ବିଷୟ ହେଉଛି ଓଡ଼ିଶା ଏବେ ଏହି କମ୍ ରିହାତି ବୋଝ ତାଲିକାରେ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିବା। ଏହା ଆମ ବିଚାରରେ ଆଶ୍ଚର୍ଯ୍ୟଜନକ ନୁହେଁ।

ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ସରକାର ଓଡ଼ିଶାରେ ଶାସନ ଡୋରି ସମ୍ଭାଳିବା ପରଠାରୁ ବିଗତ ୨୩ ବର୍ଷ ଧରି ନିରନ୍ତର ରାଜ୍ୟର ବିପର୍ଯ୍ୟସ୍ତ ଅର୍ଥ ବ୍ୟବସ୍ଥାକୁ ସୁଧାରି ଆସୁଛି। ନବୀନ ସରକାର ଉତ୍ତମ ପ୍ରଶାସନ ସହିତ ବିତ୍ତୀୟ ଶୃଙ୍ଖଳା ଉପରେ ନିରନ୍ତର ଗୁରୁତ୍ୱ ଦେଇ ଆସୁଛନ୍ତି। ଏହି ରାଜ୍ୟରେ ଲୋକଙ୍କୁ ଯେ ରିହାତି ଓ ଅନ୍ୟାନ୍ୟ ନିଃଶୁଳ୍କ ସୁବିଧା ମିଳୁନାହିଁ, ତାହା ନୁହେଁ। ବିଭିନ୍ନ ଲୋକକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରି ନବୀନ ସରକାର ଜାତୀୟ ଓ ଆନ୍ତର୍ଜାତିକସ୍ତରରେ ପ୍ରଶଂସିତ ଓ ପୁରସ୍କୃତ। ଓଡ଼ିଶାର ବିତ୍ତୀୟ ପରିଚାଳନା ଓ ଶୃଙ୍ଖଳା ରକ୍ଷାକୁ ବିଶ୍ୱ ବ୍ୟାଙ୍କ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ପ୍ରଶଂସା କରିଛନ୍ତି। ନିଜସ୍ୱ ଟିକସ ଆଦାୟରେ ଓଡ଼ିଶାର ପ୍ରଦର୍ଶନ ବେଶ୍ ପ୍ରଶଂସନୀୟ ରହିଛି। ଏହି ଆର୍ଥିକ ଶୃଙ୍ଖଳା ହିଁ ନୂଆ ଓଡ଼ିଶା ଓ ସମୃଦ୍ଧ ଓଡ଼ିଶା ଗଠନର ପ୍ରମୁଖ ଭିତ୍ତି ପାଲଟିଛି। କହିବା ବାହୁଲ୍ୟ ଯେ ବିତ୍ତୀୟ ଶୃଙ୍ଖଳା ଓ ସୁଶାସନ ଗୋଟିଏ ରାଜ୍ୟର ଭାଗ୍ୟ ବଦଳାଇବା ସହିତ ସମ୍ପୃକ୍ତ ସରକାରର ଲୋକପ୍ରିୟତା ବଢ଼ାଏ। ଲୋକଙ୍କର ଭରସା ସେ ସରକାର ଓ ଏହାର ନେତାଙ୍କ ଉପରେ ବଢ଼େ। ବୋଧହୁଏ ନବୀନ ବାବୁଙ୍କ ଦଳ କ୍ରମାଗତ ଭାବେ ପାଞ୍ଚଥର ନିର୍ବାଚିତ ହୋଇ କ୍ଷମତାରେ ରହିବା ଓ ବିଜେଡି ୨୭ ବର୍ଷ ଧରି ରାଜ୍ୟରେ ଅପ୍ରତିଦ୍ୱନ୍ଦ୍ୱୀ ଦଳ ଭାବେ ଉଭା ହେବା ପଛରେ ଉତ୍ତମ ଅର୍ଥ ପରିଚାଳନା ଓ ସୁଶାସନର ଭୂମିକା ଅନସ୍ୱୀକାର୍ଯ୍ୟ। ଏହାର ଶ୍ରେୟ ନିଶ୍ଚୟ ନବୀନ ବାବୁଙ୍କୁ ଯିବ। ବିଜେଡି ଏବେ ତା'ର ୨୬ ବର୍ଷ ପୂର୍ତ୍ତି ପାଳନ କରୁଛି। ଏକ ଆଞ୍ଚଳିକ ଦଳ ଓଡ଼ିଶାରେ ଏକାଦିକ୍ରମେ ୨୩ ବର୍ଷ କ୍ଷମତାରେ ରହି ଯେଉଁ ରେକର୍ଡ ସୃଷ୍ଟି କରିଛି, ତା'ପଛରେ ରହିଛି ଏହାର ନେତା ତଥା ଦଳର ମୁଖ୍ୟ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି, ସାଂଗଠନିକ ଦକ୍ଷତା ଓ ପ୍ରଶାସନିକ ଉତ୍କର୍ଷ। ଭଲ କାମର ଫଳ ସର୍ବଦା ଭଲ ହୋଇଥାଏ। ନିଷ୍ଠା, ଏକାଗ୍ରତା, ସେବା ପରାୟଣତା ଓ ସମର୍ପଣ ଭାବ ରାଜନୀତିରେ ଅଭୂତପୂର୍ବ ସଫଳତା ଆଣିଥାଏ। ଓଡ଼ିଶା କ୍ଷେତ୍ରରେ ତାହା ପୁନର୍ବାର ପ୍ରମାଣିତ ହୋଇଛି।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଜଳବାୟୁ ପରିବର୍ତ୍ତନରେ ପୁଷ୍ଟିଶସ୍ୟର ଭୂମିକା



ପ୍ରଶାନ୍ତ କୁମାର ସାହୁ
ଭୁବନେଶ୍ୱର, ମୋ: ୮୬୫୮୯୪୩୭୧୬

ଜଳବାୟୁ ପରିବର୍ତ୍ତନ ଏବେ ବିଶ୍ୱର ପ୍ରମୁଖ ସମସ୍ୟା। କୃଷି ବ୍ୟତୀତ ଏହାର ପ୍ରଭାବ ଜନଜୀବନ ଓ ଅର୍ଥନୀତି ଉପରେ ପଡ଼ିସାରିଛି। ବିଶେଷକରି ଆଗାମୀ ଦିନରେ ଖାଦ୍ୟ ସୁରକ୍ଷା ବିପନ୍ନ ହେବାକୁ ଯାଉଛି ବୋଲି ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତେଣୁ ଭାରତ ସରକାର ପୁଷ୍ଟିଶସ୍ୟ ଖାଦ୍ୟ ଉତ୍ପାଦନକୁ ଏବେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହି ଲକ୍ଷ୍ୟରେ ମିଲେଟ୍ ଚାଷକୁ ଅଗ୍ରାଧିକାର ଦେବାକୁ ପ୍ରାୟ ସବୁ ରାଜ୍ୟଙ୍କୁ ମାର୍ଗଦର୍ଶିକା ମଧ୍ୟ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି କରାଯାଇଛି। କାରଣ ଅନ୍ୟ ଖାଦ୍ୟ ଶସ୍ୟ ଅପେକ୍ଷା ମିଲେଟ୍ସରେ ବହୁଗୁଣ ଭିଟାମିନ୍, ଖଣିଜ, ଲୌହସାର ଓ ପୁଷ୍ଟିସାର ଇତ୍ୟାଦି ରହିଛି।

ପ୍ରାୟ ୫୦୦୦ ବର୍ଷ ପୂର୍ବରୁ ଭାରତ, ଚୀନ୍ ଓ ନାଇଜେରିଆ ଭଳି ଦେଶମାନଙ୍କରେ ମିଲେଟ୍ ଜାତୀୟ ଶସ୍ୟ ଚାଷ ହୋଇଆସୁଛି। ଆମ ଦେଶରେ ସବୁଜ ବିପ୍ଳବ ପୂର୍ବରୁ କୃଷିର ପ୍ରାୟ ୪୦ ପ୍ରତିଶତ ପୁଷ୍ଟିଶସ୍ୟ ଥିଲା। କିନ୍ତୁ ସବୁଜ ବିପ୍ଳବ ପରଠାରୁ ପୁଷ୍ଟିଶସ୍ୟର ଚାହିଦା କମିବାରେ ଲାଗିଲା। କାରଣ ଆଧୁନିକ ଶସ୍ୟ ଯଥା- ସଙ୍କରଜାତୀୟ ଧାନ, ଗହମ ଇତ୍ୟାଦି ପ୍ରତି ଲୋକଙ୍କ ଆଗ୍ରହ ବଢ଼ିଲା। ଫଳରେ ଅନ୍ୟ ଶସ୍ୟ ଅପେକ୍ଷା ପୁଷ୍ଟିଶସ୍ୟର ଉତ୍ପାଦନ ପରିମାଣ କମିବାରେ ଲାଗିଲା ଏବଂ ଆଧୁନିକ ସମାଜରେ ସେହି ଖାଦ୍ୟକୁ ଗରିବର ଖାଦ୍ୟ ବା ଆଦିବାସୀମାନଙ୍କର ଖାଦ୍ୟ ବୋଲି ବିବେଚନା କରାଯାଉଥିଲା। ଏହି ମାନସିକତା ଦ୍ୱାରା ମିଲେଟ୍ ଜାତୀୟ ଶସ୍ୟର ଉତ୍ପାଦନ ଓ ଉପଭୋଗର ମାତ୍ରା ହ୍ରାସ ପାଇବାରେ ଲାଗିଲା।

ସମୟଚକ୍ରରେ ଏବେ ପୁଣି ଥରେ ସେହି ପୁଷ୍ଟିଶସ୍ୟର ଆବଶ୍ୟକତା ଦେଖାଦେଇଛି। ବର୍ତ୍ତମାନ ଏହି ଶସ୍ୟକୁ ଅନ୍ତଃରାଷ୍ଟ୍ରୀୟସ୍ତରରେ ପ୍ରମୁଖ ଖାଦ୍ୟ ଶସ୍ୟ ଭାବେ ବିବେଚନା କରାଯାଇଛି। ମିଲେଟ୍ସ ଏକ ଅତ୍ୟଧିକ ପୁଷ୍ଟିକର, ଜଳବାୟୁ ଅନୁକୂଳ ଖାଦ୍ୟ ଉତ୍ସ, ଯାହା ଜାତିସଂଘର ଚିରସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିପାରିବ। ମିଲେଟ୍ସ ହେଉଛି ସ୍ୱଳ୍ପ ମୂଲ୍ୟରେ ଅତ୍ୟଧିକ ପୁଷ୍ଟିକର ଖାଦ୍ୟ, ଯାହା ଦାରିଦ୍ର୍ୟ ହ୍ରାସ କରିବାରେ ଏବଂ ଖାଦ୍ୟ ନିରାପତ୍ତାକୁ ଉନ୍ନତ କରିବାରେ ସାହାଯ୍ୟ କରିଥାଏ। ବିଶେଷକରି ବିକାଶଶୀଳ ଦେଶମାନଙ୍କରେ ଏହାର ଆବଶ୍ୟକତା ବହୁଅଧିକ। ଅତ୍ୟାବଶ୍ୟକ ଜୀବସାର, ପୁଷ୍ଟିସାର ଓ ଖଣିଜର ଏହା ଏକ ଉତ୍ତମ ଉତ୍ସ ହୋଇଥିବାରୁ ଶରୀରକୁ ସୁସ୍ଥ ରଖିବାରେ ବହୁ ଉପାଦେୟ ଭୂମିକା ନିର୍ବାହ କରେ। ଜାତିସଂଘର ତଥ୍ୟ ଅନୁଯାୟୀ ଆଫ୍ରିକା ଓ ଏସିଆର ଅପେକ୍ଷାକୃତ ଦାରିଦ୍ର୍ୟ ପ୍ରବଣ ଅଞ୍ଚଳର ୯୦ ନିୟୁତରୁ ଅଧିକ ଲୋକ ସେମାନଙ୍କ ଖାଦ୍ୟ ଆବଶ୍ୟକତା ମେଣ୍ଟାଇବା ପାଇଁ ମିଲେଟ୍ସ ଉପରେ ହିଁ ନିର୍ଭର କରିଥା'ନ୍ତି।

ଏହି ଶସ୍ୟ ୬୪ ଡିଗ୍ରୀ ସେଲସିୟସ ତାପମାତ୍ରା ସହନ କରିପାରୁଥିବା ବେଳେ ସ୍ୱଳ୍ପଜଳ ଏବଂ ଶୁଷ୍କ ପରିବେଶରେ ମଧ୍ୟ ଚାଷ କରାଯାଇପାରେ। ଧାନଚାଷ ପାଇଁ ଯେତିକି ପରିମାଣ ଜଳ, କୀଟନାଶକ, ସାର ଇତ୍ୟାଦି ଆବଶ୍ୟକ ପଡ଼େ, ତାହା ମିଲେଟ୍ସ ଚାଷ ପାଇଁ ଆବଶ୍ୟକ ହୋଇନଥାଏ। ତେଣୁ ବର୍ତ୍ତମାନର ଜନସଂଖ୍ୟା ବୃଦ୍ଧି, ବିଶ୍ୱ ତାପମାତ୍ରା ବୃଦ୍ଧି, ଜଙ୍ଗଲ କ୍ଷୟ, ବନ୍ୟା, ବାତ୍ୟା, ମରୁଡ଼ି ଇତ୍ୟାଦି ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଜନିତ ପ୍ରାକୃତିକ ଦୁର୍ବିପାକରେ ଏହି ପୁଷ୍ଟିଶସ୍ୟ ଖାଦ୍ୟ ହିଁ ମୁଖ୍ୟ ଭୂମିକା ଗ୍ରହଣ କରିବ। ଆଖୁଚାଷ ନିମନ୍ତେ ୨୧୦୦ ମିମି, ଧାନଚାଷ ନିମନ୍ତେ ୧୨୫୦ ମିମି ଜଳ ଆବଶ୍ୟକ ହେଲା ବେଳେ ପୁଷ୍ଟିଶସ୍ୟ ଚାଷ ନିମନ୍ତେ ମାତ୍ର ୫୦୦ ମିମିଠାରୁ କମ୍ ଜଳ ଆବଶ୍ୟକ। ସେହିପରି ମାଣ୍ଡିଆ



ଏବଂ ବାଜରାକୁ ୩୫୦ ମିମି, ଜହ୍ନାକୁ ୪୦୦ ମିମି ଜଳରେ ମଧ୍ୟ ଚାଷ କରାଯାଇପାରିବ। ସେହିପରି ଧାନଚାଷ ଓ ଅମଳ ନିମନ୍ତେ ୧୦୦ ରୁ ୧୪୦ ଦିନ ଆବଶ୍ୟକ ହେଲାବେଳେ ଏହି ପୁଷ୍ଟିଶସ୍ୟର ଉତ୍ପାଦନ ନିମନ୍ତେ ମାତ୍ର ୭୦ ରୁ ୮୦ ଦିନ ସମୟ ଆବଶ୍ୟକ ହୋଇଥାଏ।

ମିଲେଟ୍ସ ବିଭିନ୍ନ ପ୍ରକାରର ରହିଛି। ଯଥା- ମାଣ୍ଡିଆ, ସୁଆଁ, କୋଦ, ବାଜରା, ଯଅ, କାଙ୍ଗୁ, ଜହ୍ନା ଇତ୍ୟାଦି। ବିଶେଷକରି ଓଡ଼ିଶାରେ ପ୍ରାୟ ମାଣ୍ଡିଆ ଚାଷ ଅଧିକ ଦେଖିବାକୁ ମିଳେ ଏବଂ ସବୁଠାରୁ ଅଧିକ ପୁଷ୍ଟିକର ଖାଦ୍ୟ ଭାବେ ମାଣ୍ଡିଆକୁ ହିଁ ଗ୍ରହଣ କରାଯାଏ। ବିଶେଷକରି ଶିଶୁ ଏବଂ ଗର୍ଭବତୀମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ସହିତ ଶାରୀରିକ ବିକାଶରେ ମଧ୍ୟ ଏହା ସହାୟକ ହୋଇଥାଏ। ଏହିସବୁ ପୁଷ୍ଟିଶସ୍ୟରୁ ବହୁପରିମାଣରେ ଶ୍ୱେତସାର, ପୁଷ୍ଟିସାର, ଲୌହସାର, ତନ୍ତୁଜାତୀୟ ଇତ୍ୟାଦି ମିଳିଥାଏ। ଏଥିରୁ ବିଭିନ୍ନ ପ୍ରକାର ଖଣିଜ ପଦାର୍ଥ ଯଥା କ୍ୟାଲସିୟମ, ପୋଟାସିୟମ, ମ୍ୟାଗ୍ନେସିୟମ, ଆଇରନ୍, ମାଙ୍ଗାନିଜ, ଜିଙ୍କ, ଫସ୍‌ଫରସ, ଭିଟାମିନ୍-ବି ଇତ୍ୟାଦି ମିଳିଥାଏ। ଏହା ଆମର ପାଚନ ପ୍ରକ୍ରିୟାକୁ ସୁଦୃଢ଼ କରିବା ସହିତ ଦୃଷ୍ଟିହୀନତା, ରକ୍ତହୀନତା ଓ ସିଲିଆକ୍ ରୋଗ ଆଦିକୁ ଦୂର କରିବାରେ ସାହାଯ୍ୟ କରିଥାଏ। ଏବେ ଭାରତ ସରକାରଙ୍କ ତରଫରୁ 'ମିଶନ ପୋଷଣ ୨.୦' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଶିଶୁ, କିଶୋର ଓ ଗର୍ଭବତୀମାନଙ୍କ ପୁଷ୍ଟିହୀନତାକୁ ଦୂର କରିବାରେ ଏହା ବହୁପରିମାଣରେ ସାହାଯ୍ୟ କରିବ।

ଏହି ପୁଷ୍ଟିଶସ୍ୟର ଉତ୍ପାଦନ ବୃଦ୍ଧିଫଳରେ ଆଦିବାସୀ ଅଞ୍ଚଳର ଲୋକମାନଙ୍କ ଅର୍ଥନୈତିକ ସ୍ଥିତିକୁ ସୁଦୃଢ଼ କରିଥାଏ। ଏଥିନିମନ୍ତେ ସରକାରଙ୍କ ଦ୍ୱାରା ଗ୍ରାମ ତଥା ବ୍ଲକସ୍ତରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ନାଗରିକ ସମାଜ ସଂଗଠନ ମାଧ୍ୟମରେ ମିଲେଟ୍ସର ପ୍ରକ୍ରିୟାକରଣ ବା ଚାଷ ପଦ୍ଧତି ଆଦି ବିଷୟରେ କୃଷକମାନଙ୍କୁ ଅବଗତ କରାଯାଉଛି ଏବଂ ଉତ୍ପାଦନ ଓ ବିକ୍ରି ପ୍ରକ୍ରିୟା ତ୍ୱରାନ୍ୱିତ କରିବା ପାଇଁ ବିଭିନ୍ନ ପ୍ରକାର ଆଧୁନିକ ଯନ୍ତ୍ରପାତି ମଧ୍ୟ ଯୋଗାଇ ଦିଆଯାଉଛି। ଏହାସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ମିଲେଟ୍ସରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ଓ ବିଭିନ୍ନ ଟିଫିନ୍ ସେଣ୍ଟରମାନ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଖୋଲାଯାଇଛି। ମହିଳାମାନଙ୍କର ସଶକ୍ତୀକରଣ ଦିଗରେ ଏହା ଖୁବ୍ ସହାୟକ ହୋଇପାରୁଛି। ଆମ ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ହେଉଛି ପୁଷ୍ଟିଶସ୍ୟ ଖାଦ୍ୟକୁ ସାଧାରଣ ବଣ୍ଟନ ବ୍ୟବସ୍ଥା, ସମନ୍ୱିତ ଶିଶୁ ବିକାଶ ଯୋଜନା, ମଧ୍ୟାହ୍ନ ଭୋଜନ ଏବଂ ଜନକଲ୍ୟାଣ ଛାତ୍ରାବାସ ତଥା ଅନ୍ୟାନ୍ୟ ପରିପୂରକ ପୁଷ୍ଟିସାଧନ କାର୍ଯ୍ୟକ୍ରମଗୁଡ଼ିକରେ ଅନ୍ତର୍ଭୁକ୍ତ କରିବା, ଯାହାଫଳରେ ସମାଜରୁ ପୁଷ୍ଟିହୀନତା ଏବଂ ବିଭିନ୍ନ ପ୍ରକାର ମାରାତ୍ମକ ସ୍ୱାସ୍ଥ୍ୟ ସମସ୍ୟା ଆଦିରୁ ମୁକ୍ତି ମିଳିପାରିବ।

ବିଶ୍ୱ ଖାଦ୍ୟ ଓ କୃଷି ସଂଗଠନର ତଥ୍ୟ ଅନୁଯାୟୀ ୨୦୨୦ ମସିହାରେ ବିଶ୍ୱରେ ୩୩ ନିୟୁତ ହେକ୍ଟରରେ ମିଲେଟ୍ସ ଚାଷ ହେଉଥିଲା। ସେଥିମଧ୍ୟରୁ କିଛି ଦେଶ ହିଁ ମିଲେଟ୍ସ ଉତ୍ପାଦନରେ ବୃଦ୍ଧି କରିଛନ୍ତି। ୨୦୨୧ ମସିହାରେ ଭାରତରେ ମିଲେଟ୍ସ ଚାଷ ହେଉଥିବା କୃଷି ଜମି ବିଶ୍ୱରେ ସର୍ବାଧିକ (୯.୭୬ ନିୟୁତ ହେକ୍ଟର)। ଏହାପରେ ରହିଛି ନାଇଜେରିଆ(୬.୧୪ ନିୟୁତ ହେକ୍ଟର) ଏବଂ ସୁଦାନ୍ (୨.୮ ନିୟୁତ ହେକ୍ଟର)। ଏହି ସଂଗଠନର ଆକଳନ ଅନୁଯାୟୀ, ୨୦୧୯ରେ ମିଲେଟ୍ସର ଉତ୍ପାଦନ ୨୮.୩୩ ନିୟୁତ ଟନ୍ ଥିଲା, ଯାହା ୨୦୨୧ରେ ୩୦.୦୮ ନିୟୁତ ଟନ୍‌କୁ ବୃଦ୍ଧି ପାଇଛି। ୨୦୨୧ ମସିହାରେ ମିଲେଟ୍‌ସ ବିଶ୍ୱ ବଜାରରେ ଭାରତର ଅଂଶ ହେଉଛି ୪୩ ପ୍ରତିଶତ, ଯାହା ବୃହତ୍ତମ।

୨୦୨୦ ମସିହାରେ ମିଲେଟ୍ସ ଉତ୍ପାଦନରେ ଜି-୨୦ର ସର୍ବଶ୍ରେଷ୍ଠ ପାଞ୍ଚଟି ଦେଶ ହେଲା ଭାରତ (୧୩.୨୧ ନିୟୁତ ଟନ୍), ଚୀନ୍ (୨.୭୦ ନିୟୁତ ଟନ୍), ରୁଷ (୦.୩୭ ନିୟୁତ ଟନ୍), ଆମେରିକା (୦.୩୫ ନିୟୁତ ଟନ୍) ଏବଂ ଅଷ୍ଟ୍ରେଲିଆ (୦.୦୪ ନିୟୁତ ଟନ୍)। ମିଲେଟ୍ସ ଉତ୍ପାଦନ କରୁଥିବା ଅନ୍ୟ ଜି-୨୦ ଦେଶ ମଧ୍ୟରେ ମେକ୍ସିକୋ, ଆର୍ଜେଣ୍ଟିନା, ବ୍ରାଜିଲ୍, ଦକ୍ଷିଣ ଆଫ୍ରିକା, ତୁର୍କୀ ମଧ୍ୟ ସାମିଲ୍ ଅଛନ୍ତି। ତଥାପି ସେମାନଙ୍କର ଉତ୍ପାଦନ ଶ୍ରେଷ୍ଠ ପାଞ୍ଚଟି ଦେଶ ତୁଳନାରେ ବହୁତ କମ୍ ଅଟେ। ମିଲେଟ୍ସ ଆମଦାନୀର ଶ୍ରେଷ୍ଠ ପାଞ୍ଚଟି ଜି-୨୦ ଦେଶ ହେଉଛି ଇଣ୍ଡୋନେସିଆ (୭୭, ୯୨୧ ଟନ୍), ବେଲଜିୟମ (୩୧୮୧୫.୯ ଟନ୍), ଜର୍ମାନୀ (୨୭, ୪୦୧.୨୯ ଟନ୍) ତୁର୍କୀ (୨୫, ୯୫୩.୩୧ ଟନ୍) ଏବଂ କାନାଡ଼ା (୨୧, ୪୭୪.୮୦ ଟନ୍)।

ଭାରତ ହେଉଛି ମିଲେଟ୍ସର ପ୍ରମୁଖ ଉତ୍ପାଦନ ଦେଶ। ଯାହାକି ବାର୍ଷିକ ୧୩ ନିୟୁତ ଟନ୍‌ରୁ ଅଧିକ। ଏସିଆରେ ଏହାର ଅଂଶ ପ୍ରାୟ ୮୦ ପ୍ରତିଶତ। ବିଶ୍ୱ ଖାଦ୍ୟ ଓ କୃଷି ସଂଗଠନ ତଥ୍ୟ ଅନୁଯାୟୀ ୨୦୨୦ରେ ଭାରତରେ ପୁଷ୍ଟିଶସ୍ୟ ଚାଷଜମିର କ୍ଷେତ୍ରଫଳ ୯.୦୧ ନିୟୁତ ହେକ୍ଟର ଏବଂ ଏହାର ଉତ୍ପାଦନ ୧୨.୪ ନିୟୁତ ଟନ୍ ଥିଲା। ସର୍ବଭାରତୀୟ ସ୍ତରରେ କ୍ଷୀରା (୯୯.୯ ପ୍ରତିଶତ), ମାଣ୍ଡିଆ (୫୩.୩ ପ୍ରତିଶତ), କୋଦ (୧୦୦ ପ୍ରତିଶତ), ସୁଆଁ (୧୦୦ ପ୍ରତିଶତ) ଏବଂ ବାଜରା (୪୪.୫ ପ୍ରତିଶତ)ର ଉତ୍ପାଦନ ହେଉଥିଲା। ପୁଷ୍ଟିଶସ୍ୟ ଉତ୍ପାଦନରେ ଭାରତର ସର୍ବଶ୍ରେଷ୍ଠ ୫ଟି ରାଜ୍ୟ ହେଲା ହରିୟାଣା, ରାଜସ୍ଥାନ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ। ବିଶ୍ୱ ଜନସଂଖ୍ୟାର ପରିକଳ୍ପନା ଅନୁସାରେ ୨୦୩୦ ସୁଦ୍ଧା ୮୫୦ କୋଟିରୁ ବୃଦ୍ଧି ପାଇ ୨୦୫୦ ବେଳକୁ ୯୭୦ କୋଟି ଏବଂ ୨୧୦୦ ବେଳକୁ ୧୦୪କୋଟିରେ ପହଞ୍ଚିବ। ସେହି ଅନୁସାରେ ପୁଷ୍ଟିଶସ୍ୟ ଖାଦ୍ୟ ପ୍ରତି ଚାହିଦା ବଢ଼ିବା ସହ ଉତ୍ପାଦନ ମଧ୍ୟ ବୃଦ୍ଧି ପାଇପାରିବ।

ମିଳିତ ଜାତିସଂଘର ପ୍ରସ୍ତାବକ୍ରମେ ଭାରତ ସରକାର ୨୦୧୮ ବର୍ଷକୁ ଜାତୀୟ ମିଲେଟ୍ସ ବର୍ଷ ଏବଂ ୨୦୨୩ ବର୍ଷକୁ ଅନ୍ତର୍ଜାତୀୟ ମିଲେଟ୍ସ ବର୍ଷ ଭାବେ ଘୋଷଣା କରିଛନ୍ତି। ସେହିପରି ଓଡ଼ିଶା ସରକାର ପ୍ରତ୍ୟେକ ବର୍ଷ ନିଭେମ୍ବର ମାସ ୧୦ ତାରିଖକୁ ମାଣ୍ଡିଆ ଦିବସ ରୂପେ ପାଳନ କରୁଛନ୍ତି। ଏହି ପୁଷ୍ଟିଶସ୍ୟକୁ 'ଶ୍ରୀଅନ୍ନ' ନାମରେ ମଧ୍ୟ ନାମିତ କରାଯାଇଛି। ପୁଷ୍ଟିଶସ୍ୟର ଏହି ସବୁ ଗୁଣବତ୍ତା ଯୋଗୁଁ ଭାରତ ଏବଂ ରାଜ୍ୟ ସରକାର କୃଷକମାନଙ୍କୁ ମିଲେଟ୍ସ ଚାଷ ଏବଂ ବ୍ୟବହାରକୁ ପ୍ରୋତ୍ସାହନ ଦେଇ ଅଧିକ ସ୍ଥାୟୀ ଏବଂ ଲାଭଜନକ ଜୀବିକା ଯୋଗାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି।

# ଭଦ୍ର ଆଚରଣ ଓ ଆତ୍ମବିଶ୍ୱାସ



ଡ. ଅଜିତ କୁମାର ତ୍ରିପାଠୀ
ଭୁବନେଶ୍ୱର, ମୋ: ୯୯୩୭୮୪୪୩୪୭



ଭଦ୍ର ଆଚରଣ ଏବଂ ରୁଚିସମ୍ପନ୍ନ ଚାଲିଚଳନରୁ ଜଣେ ବ୍ୟକ୍ତିର ସ୍ୱଭାବ ଓ ପ୍ରକୃତି ବିଷୟରେ ଧାରଣା କରି ହୁଏ। ବ୍ୟବହାର ଏପରି ଗୋଟିଏ ଦର୍ପଣ, ଯେଉଁଥିରେ ଜଣେ ବ୍ୟକ୍ତିର ସ୍ୱଭାବର ପ୍ରତିବିମ୍ବ ପଡ଼ିଥାଏ। ଜଣେ ବ୍ୟକ୍ତିର ଆଚରଣ ଓ ବ୍ୟବହାରରୁ ହିଁ ତା'ର ଉଚିତ ଏବଂ ଅନୁଚିତ ଆଚରଣ ଏବଂ ନୀତିସମ୍ମତ ଓ ଅନୈତିକ କାର୍ଯ୍ୟ ସମ୍ବନ୍ଧୀୟ ବ୍ୟାପାର ଉପରେ ଧାରଣା ଓ ମନୋଭାବ ଜଣାପଡ଼ିଥାଏ। ସେଥିପାଇଁ ଉତ୍ତମ ଆଚରଣକୁ ବନ୍ଧୁତାର ପାସପୋର୍ଟ କୁହାଯାଇଛି। ଶାଳୀନ, ସମୁଚିତ ଓ ଭଦ୍ର ବ୍ୟବହାର ଜଣକୁ ସମାଜରେ ଗ୍ରହଣୀୟ ଓ ସମ୍ମାନାସ୍ପଦ କରି ଗଢ଼ି ତୋଳେ। ଭଲ ବ୍ୟବହାର କୌଣସି ଉପହାର ଅପେକ୍ଷା ବେଶୀ ଦିନ ମନେରହେ। ଭଲ ବ୍ୟବହାର ପାଇଁ କୌଣସି ଅର୍ଥର ଆବଶ୍ୟକତା ପଡ଼େନାହିଁ, କିନ୍ତୁ ଏହା ବ୍ୟକ୍ତି-ବ୍ୟକ୍ତି ମଧ୍ୟରେ ପ୍ରିୟତା ଓ ଆନ୍ତରିକତା ବୃଦ୍ଧି କରେ ଓ ସ୍ଥାୟୀ କରେ। ଭଲ ବ୍ୟବହାର ଅଧିକ ମାର୍ଜିତ, ଶୋଧିତ ଓ ବିଶୁଦ୍ଧ ବ୍ୟବହାରକୁ କୁହାଯାଏ, ଯାହା ଜଣେ ସଭ୍ୟ ଓ ମାନସିକ ଭାବେ ଉନ୍ନତ ବ୍ୟକ୍ତିକୁ ଅନ୍ୟ ଜଣକଠାରୁ ଅଲଗା କରି ଦେଖାଏ। ଏହା ସୌଜନ୍ୟମୂଳକ, ବନ୍ଧୁ ଭାବାପନ୍ନ ଓ ମଧୁର ସ୍ୱଭାବର ଏବଂ ସେଥିପାଇଁ ଆଦରଣୀୟ ହୋଇଥାଏ। ଭଲ ବ୍ୟବହାର ନିର୍ମଳ ବନ୍ଧୁତ୍ୱର ଅନ୍ୟ ନାମ। ତେଣୁ ସମାଜରେ ସୁଖୀ ଏବଂ ଶାନ୍ତିପୂର୍ଣ୍ଣ ଜୀବନ ଯାପନ ପାଇଁ ଏହା ଏକ ଆବଶ୍ୟକୀୟ ଯୋଗ୍ୟତା।

ଇଚ୍ଛା ଓ ପ୍ରତ୍ୟାଶା ସମସ୍ତଙ୍କର ଊଣା-ଅଧିକେ ଥାଏ। ଆଶାକୁ ଉତ୍ସାହ ଦେଉଥିବା ପରିସ୍ଥିତି, ବ୍ୟକ୍ତି ଓ ପଦାର୍ଥ ଏଭଳି ପ୍ରତ୍ୟାଶା ଓ ଇଚ୍ଛା ପଛରେ ଥାଏ। ପ୍ରତ୍ୟାଶା ଓ ଇଚ୍ଛା କରିବାରେ କିଛି ଭୁଲ ନାହିଁ। ଆଶାନ୍ୱିତ ଓ ଆଶାୟୀ ବ୍ୟକ୍ତିମାନଙ୍କର ସଫଳ ହେବାର ଆଶା ଥାଏ ଏବଂ ସେମାନଙ୍କ ପାଇଁ ହିଁ ପ୍ରଗତି ସମ୍ଭବ ହୋଇଥାଏ। ଆଶାଶୂନ୍ୟ ଓ ନିରାଶ ବ୍ୟକ୍ତିର କୌଣସି ଆଶା ନଥାଏ ଏବଂ ସେ ସଂସାରର କ୍ରୀଡ଼ା ପ୍ରାଙ୍ଗଣରେ ଏକ ଅପାରଗ ଖେଳାଳି। ହତାଶା ଓ ନୈରାଶ୍ୟ ଯେ ଯେକୌଣସି ପ୍ରଗତିର ପରିପନ୍ଥୀ, ଏକଥା କାହାକୁ ବୁଝାଇବା ଦରକାର ନାହିଁ।

ଆଶା ଶୂନ୍ୟ ଓ ହତାଶବ୍ୟକ୍ତି ପ୍ରାୟତଃ ନିଶାଦ୍ରବ୍ୟର ଶିକାର ହୋଇଥାଏ ଏବଂ ତା'ର ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ନଷ୍ଟ ହୁଏ। ତା'ର ଦୈହିକ ଓ ମାନସିକ କଷ୍ଟ ସହିବାର ସାମର୍ଥ୍ୟ ଓ ବଳ କମିଯାଏ। ଆଶା ସୁଖର ଉତ୍ସ। ଆଶା ତ୍ୟାଗ କରି ସଂସାରରେ କେହି ସୁଖୀ ଥିବାର ଦେଖାଯାଏ ନାହିଁ। ଏଠାରେ ଆଶାର ଅର୍ଥ କାମନା ନୁହେଁ। ଆଶାର ଅର୍ଥ ଇଚ୍ଛା ଓ କାମନାର ଅର୍ଥ ବାସନା। ଆଶା ହେଉଛି ଈପ୍‌ସିତ ବସ୍ତୁ ପାଇଁ ଅପେକ୍ଷା। କାମନା ଏପରି ଏକ ଆକାଂକ୍ଷା ଯାହା ଆଶା ଠାରୁ ବଳବତୀ। ଏହା ଏକ ବାସନା ବା ଅଭିଳାଷ, ଯାହାକୁ ମନ ପୋଷଣ କରେ ଏବଂ ସାବଧାନ ନହେଲେ ଏହା ମନକୁ ଅକ୍ତିଆର କରେ। ଆଶାୟୀ, ଆଶାବାଦୀ ଓ ଆଶାନ୍ୱିତ ହେଲେ ଏହା ତୁମକୁ ସାଫଲ୍ୟ ଆଡ଼କୁ ନେଇଯିବ। କାମନା ତୁମ ମନକୁ ଅଧିକାର କଲେ ତୁମର ବିଷୟ ସମ୍ଭୋଗ ପ୍ରବୃତ୍ତିରେ ମନ ବଳିବ। କାମନାର ଅନ୍ୟାନ୍ୟ ଇଚ୍ଛା ଉପରେ ରାଜତ୍ୱ କରିବାର ଦୁର୍ଗୁଣ ଅଛି।

ଦୃଢ଼ ଆତ୍ମବିଶ୍ୱାସ ନିଶ୍ଚିତତା ଓ ନିର୍ଭରତା ଭାବର ଅନୁଭୂତି ଆଣେ। ଏହା ବ୍ୟକ୍ତିକୁ ଆତ୍ମନିର୍ଭର ହେବାରେ ସାହାଯ୍ୟ କରେ। ଏହି ଆତ୍ମବିଶ୍ୱାସ ହିଁ ସଫଳତାର ସାଥୀ। କେବଳ ଆଶା ଯଥେଷ୍ଟ ନୁହେଁ, ସାଫଲ୍ୟ ପାଇଁ ଅତି କଷ୍ଟକର ବା ବିପଦଜନକ ପରିସ୍ଥିତିରେ ମଧ୍ୟ ଦୁର୍ବଳତା ନ ଦେଖାଇ ଦୃଢ଼ପ୍ରତିଜ୍ଞ ରହିବା ଆବଶ୍ୟକ। ଏଥିପାଇଁ ନିଜର ସମ୍ପୂର୍ଣ୍ଣ ସାମର୍ଥ୍ୟ ସହ ଉଦ୍ୟମ ମଧ୍ୟ ଆବଶ୍ୟକ। ଆଶା ମନୁଷ୍ୟକୁ ସମ୍ଭାଳିବା, ସହ୍ୟ କରିବା, ଉତ୍ସାହିତ କରିବା, ବନ୍ଧୁ ଭଳି ସାହାଯ୍ୟ କରିବା ଏବଂ ସାମୟିକ ବିଫଳତା ସତ୍ତ୍ୱେ ପ୍ରୟାସ ଜାରି ରଖିବାରେ ସହାୟକ ହୁଏ। ଆଶାଠାରୁ ବଳି ବନ୍ଧୁ ନାହିଁ, ନିରାଶାଠାରୁ ବଳି ଶତ୍ରୁ ନାହିଁ।

ତୁମର କଥନ କୋମଳ, ଧୀର ଓ ଶାନ୍ତ ହେଲେ ତାହା ତୁମର ପ୍ରତିପାଳନର ପରିଚୟ ହେବ। ତୁମ କଥନ ଭଦ୍ର, ମିଷ୍ଟ ଓ ବିଚାରବନ୍ତ ହେଲେ ତା'ର ଓଜନ ଓ ସମ୍ମାନ ରହିବ। ତୁମେ ସ୍ୱଳ୍ପ ଓ ମିଷ୍ଟଭାଷୀ ହେଲେ କାହା ବିରୁଦ୍ଧରେ କଥା ହେବନାହିଁ। ସତ୍ୟବାଦୀ ଲୋକ ସାଧାରଣତଃ ସ୍ୱଳ୍ପ ଭାଷୀ ହୋଇଥା'ନ୍ତି। ସେମାନେ ବଢ଼େଇ ଚଢ଼େଇ କଥା ହୁଅନ୍ତି ନାହିଁ, ସତ ଆଉ ଠିକ୍ କଥା କହନ୍ତି। ସେମାନେ ନିରବତାର ମୂଲ୍ୟ ବୁଝନ୍ତି। ନିଜର କଥା ଦ୍ୱାରା କାହାକୁ ଆଘାତ ଦିଅନ୍ତି ନାହିଁ ବା ଛୋଟ ଦେଖାନ୍ତି ନାହିଁ।

ଜଣେ ଦାମ୍ଭିକ ଓ ଅହଂକାରୀ ବ୍ୟକ୍ତି ଅନ୍ୟମାନଙ୍କୁ ନିଜଠାରୁ ଛୋଟ ଦେଖେ ଏବଂ ଦେଖାଏ। ନିଜର ବଡ଼ପଣିଆର ପ୍ରଦର୍ଶନ ପାଇଁ ସେ ସବୁବେଳେ ସୁଯୋଗ ଖୋଜିବୁଲେ। ନିଜର ଧନ, ବିଦ୍ୟା, କୁଳ ଇତ୍ୟାଦିକୁ ନେଇ ସେ ଗର୍ବ କରେ। ତା'ର ଚାଲିଚଳନ ଓ ବ୍ୟବହାରରୁ ଗର୍ବ ଫୁଟିଉଠେ। ସେ ଉଦ୍ଧତ ଓ ଗର୍ବିତ ଅବିନୀତ ଜଣାପଡ଼େ। ତାକୁ କେହି ଭଲପାଆନ୍ତି ନାହିଁ। ଏଭଳି ଲୋକମାନଙ୍କର ଚରିତ୍ରରେ କୌଣସି ସ୍ଥିରତା ବା ଅପରିବର୍ତ୍ତନୀୟତା ଦେଖାଯାଏ ନାହିଁ। ତେଣୁ ଏମାନଙ୍କୁ ବିଶ୍ୱାସ କରିବା କଷ୍ଟ ହୁଏ। ଗର୍ବୀ ଲୋକ ନିର୍ଭରଯୋଗ୍ୟ ହୋଇନଥା'ନ୍ତି। ନିଜର ମତକୁ ପରିବର୍ତ୍ତନ କରିବା ପାଇଁ ଏମାନଙ୍କୁ ସମୟ ଲାଗେନାହିଁ। ଏଭଳି ମତ ପରିବର୍ତ୍ତନ ପାଇଁ ସେମାନେ ଲଜ୍ଜିତ ବା ଦୁଃଖିତ ହୁଅନ୍ତି ନାହିଁ। ମନର ଅସ୍ଥିରତାକୁ ଜୟ କରି ତୁମେ ଦୃଢ଼ମନା ଓ ସ୍ଥିର ହେଲେ ତୁମେ ନିଶ୍ଚୟ ସଫଳ ହେବ।

ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଟ୍ରକ୍ ଧକ୍କାରେ ଦନ୍ତା ମୃତ



**କେନ୍ଦୁଝର/ତେଲକୋଇ,୨୬।୧୨(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ରେଞ୍ଜ ୪୯ ନମ୍ବର ଜାତୀୟ ରାଜପଥର କଣ୍ଟାବାହାଳ ଗ୍ରାମ ନିକଟରେ ଟ୍ରକ୍ ଧକ୍କାରେ ଆଜି ଏକ ଦନ୍ତା ହାତୀର ମୃତ୍ୟୁ ହୋଇଛି। ହାତୀଟି ରାଜପଥ ପାର୍ ହେଉଥିବା ବେଳେ ଏହି ଅଘଟଣ ଘଟିଥିବା କୁହାଯାଉଛି। ଦୁର୍ଘଟଣା ପରେ ଟ୍ରକ୍‌ଟିକୁ ସ୍ଥାନୀୟ ଲୋକ ଅଟକ ରଖିବା ସହ ବନ ବିଭାଗକୁ ଖବର ଦେଇଥିଲେ। ବନବିଭାଗ ଟ୍ରକ୍‌କୁ ଜବତ କରି ଚାଳକକୁ ଗିରଫ କରିଛି।

ସୂଚନା ମୁତାବକ, ଲୁହାପଥର ବୋଝେଇ ଉକ୍ତ ଟ୍ରକ୍‌ଟି ଜାତୀୟ ରାଜପଥରେ ପାଲଲହଡ଼ା ଅଭିମୁଖେ ଯାଉଥିଲା। ସେହି ସମୟରେ ଦନ୍ତା ହାତୀ ରାସ୍ତା ପାର୍ ହେଉଥିବା ବେଳେ ଟ୍ରକ୍‌ଟି ତାକୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ହାତୀଟି ରାସ୍ତାକଡ଼କୁ ଛିଟିକି ପଡ଼ିଥିଲା। କିଛି ସମୟ ପରେ ହାତୀଟି ଛିଡ଼ା ହୋଇ କିଛି ପାଦ ଚାଲିବା ବେଳେ ଏକ ବିଲ ମଝିରେ ଖସି ପଡ଼ିଥିଲା। ସ୍ଥାନୀୟ ଲୋକେ ହାତୀ ପାଖକୁ ଯାଇ ଦେଖିବା ବେଳକୁ ହାତୀଟିର ମୃତ୍ୟୁ ହୋଇସାରିଥିଲା।

# ବିଦ୍ୟୁତ୍ ଆଘାତରେ ହାତୀଛୁଆ ମୃତ



**ରାସୋଳ,୨୬।୧୨(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳ ରାସୋଳ ସେକ୍ସନ୍ ରାସୋଳ ରାମପାଳ ବନ୍ଧ ନିକଟରେ ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପାଞ୍ଚ ବର୍ଷର ଏକ ହାତୀ ଛୁଆର ମୃତ୍ୟୁ ଘଟିଛି। ଖବର ପାଇ ହିନ୍ଦୋଳ ବନ ବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସୂଚନାଯୋଗ୍ୟ, ହିନ୍ଦୋଳରେ ବର୍ଷ ତମାମ ଦୁଇଶହରୁ ଊର୍ଦ୍ଧ୍ୱ ହାତୀ ଚଳପ୍ରଚଳ କରୁଥିବା ବେଳେ ସେମାନଙ୍କୁ ଘଉଡ଼ାଇବାରେ ବନ ବିଭାଗ ସଫଳ ହୋଇପାରୁନାହିଁ। ଫଳରେ ହାତୀ-ମଣିଷ ମଧ୍ୟରେ ଲଢ଼େଇ ଘଟୁଛି।

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, KALAHANDI.**
**'e' Procurement Notice**
**Bid Reference No. SE MID BPT-09/2023-24**
E-mail : eemikldbpt@gmail.com

A-1085

Bid documents consisting name of Works, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the works: - | Civil construction work. |
| 2 | No of Work: - | 02 (Two) Nos. |
| 3 | Estimated cost: - | Varies from Rs. 16.61 lakh to Rs.24.92 lakhs (Approximately) |
| 4 | Period of completion | (Two) calendar months. |
| 5 | Date and Time of availability of bid documents in the portal: - | From **01.01.2024** (11.00 AM) to **10.01.2024** (5.00 PM) |
| 6 | Last date / time of receipt of bids in the portal: - | Dt.**10.01.2024** up to 5.00 PM |
| 7 | Date of opening of Bid: - | Dt.**11.01.2024** at 11.00 AM onwards |
| 8 | Date of Transparent Lottery (If Required) | Dt.**17.01.2024** at 11.00AM |
| 9 | Name and address of the OIT: - | Superintending Engineer, Minor Irrigation Division, Kalahandi. Bhawanipatna. |

** Further details can be seen from the e-Procurement market place http://tendersodisha.gov.in

Sd/- Er Jagannath Mallik
Superintending Engineer
M.I.Division, Kalahandi
Bhawanipatna

OIPR-32007/11/0005/2324

**OFFICE OF THE PANCHAYAT SAMITI: RAIGHAR**
Bid Identification No. 03/2023-24

i-546

| | | |
|---|---|---|
| 01. | Name of the work. | (1) Supply , installation & commissioning of smart panel Board with OPS, UPS & Antivirus.<br>(2) Supply, installation & Commissioning of Computer system with antivirus.<br>(3) Supply, fitting and fixing of duel desk.<br>(4) Supply, fitting & fixing sliding panel board enclosure.<br>(5) Supply, fitting & fixing of laboratory table.<br>(6) Supply, fitting & fixing e-library table.<br>(7) Supply, fitting & fixing of work station<br>(8) Supply, fitting & fixing of Laboratory stool & chair.<br>(9) Supply, fitting & fixing of Almirah. |
| 02 | No. of work | 09 |
| 03 | Period of completion. | 07 days. |
| 04 | Date of Tender paper available. | 22.12.2023 to 02.01.2024(Tender paper to be downloaded from website www.nabarangpur.nic.in) |
| 05 | Last date of receipt Tender Paper. | 02.01.2024(During Office hours through Registered post/Speed post only. After 4.00PM of 02.01.2024, no postal Registered/Speed post will be received by the undersigned. |
| 06 | Date of opening Tender paper. | 04.01.2024(Time 11.00AM) at Conference hall of Block Office, Raighar. |
| 07 | Details of Terms & Condition of the Tender. | Bid documents consisting of the schedule of quantities & the set of terms & conditions of contact & other necessary documents can be downloaded from the official website(www.nabarangpu.nic.in) |
| 08 | Name & address of the officer inviting Bid | Block Development Officer, Raighar. |
| 09 | Cost of Tender documents | Rs, 2000.00(Rupees Two Thousand)each only non-refundable shall be deposited in shape of Bank Draft in favour of Block Development Officer, Raighar payable at State Bank of India, Raighar. |
| 10 | Further details can be seen from the procurement portal. | www.nabarangpur.nic.in |

OIPR-19375/11/0004/2324 — Block Development Officer, Raighar

XXIV-43

**ଓଡିଶା ସରକାର**
**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର**
*********
**ଅଧିସୂଚନା**

File No.COL/JAJ/VIIL-23/2022/12941/LA/(Civil) dated.09.11.2023

ଯେହେତୁ ଓଡିଶା ସରକାରଙ୍କ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାରେ ଶିବଦାସ ଛକ ଠାରୁ ମହାଲକ୍ଷ୍ମୀ କ୍ଲବ ଛକ ଭାୟା ପ୍ରହରାଜପୁର ତାରିଣୀ ଛକ ରାସ୍ତାର ପ୍ରଶସ୍ତିକରଣ ଓ ଦୃଢ଼ୀକରଣ ତତସହିତ ଲାଖବିନ୍ଧା ପଡିଆ ଠାରେ ମା' ବିରଜାଙ୍କ ଦର୍ଶନ ପାଇଁ ଆସୁଥିବା ତୀର୍ଥ ଯାତ୍ରୀ ଙ୍କ ନିମନ୍ତେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- ୟୁନିଟ ନଂ ୧୩ ଗରୁଡନଗର,ଥାନା- ଯାଜପୁର ନଂ ୨୧୨,ତହସିଲ- ଯାଜପୁର, ଜିଲ୍ଲା- ଯାଜପୁର ରେ ନିମ୍ନ ତଫସିଲ ମତେ ପ୍ରାୟ ୦.୩୯୮ଡି. ଭୂମି ଅର୍ଜନ ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act,2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚିରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଇଅଛି

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଶିବଦାସ ଛକ ଠାରୁ ମହାଲକ୍ଷ୍ମୀ କ୍ଲବ ଛକ ଭାୟା ପ୍ରହରାଜପୁର ତାରିଣୀ ଛକ ରାସ୍ତାର ପ୍ରଶସ୍ତିକରଣ ଓ ଦୃଢ଼ୀକରଣ ତତସହିତ ଲାଖବିନ୍ଧା ପଡିଆ ଠାରେ ମା' ବିରଜାଙ୍କ ଦର୍ଶନ ପାଇଁ ଆସୁଥିବା ତୀର୍ଥ ଯାତ୍ରୀ ଙ୍କ ନିମନ୍ତେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ ନିମନ୍ତେ।

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧିକ୍ଷଣ ଯନ୍ତ୍ରୀ, ପାଣିକୋଇଲି (ରାସ୍ତା ଓ କୋଠାବାଡି) ବିଭାଜନ, ପାଣିକୋଇଲି।

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ଶିବଦାସ ଛକ ଠାରୁ ମହାଲକ୍ଷ୍ମୀ କ୍ଲବ ଛକ ଭାୟା ପ୍ରହରାଜପୁର ତାରିଣୀ ଛକ ରାସ୍ତାର ପ୍ରଶସ୍ତିକରଣ ଓ ଦୃଢ଼ୀକରଣ ତତସହିତ ଲାଖବିନ୍ଧା ପଡିଆ ଠାରେ ମା' ବିରଜାଙ୍କ ଦର୍ଶନ ପାଇଁ ଆସୁଥିବା ତୀର୍ଥ ଯାତ୍ରୀ ଙ୍କ ନିମନ୍ତେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ ନିମନ୍ତେ।

୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଓଡିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣା ନାମା ଚିଠି ସଂଖ୍ୟା ୩୬୬୯୮/୧୭.୧୦.୨୦୨୩ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରା ରେ ଅନୁମୋଦନ ହୋଇଅଛି।

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ-ଜିଲ୍ଲାପାଳ, ଯାଜପୁର।

୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଯାଜପୁର | ଯାଜପୁର | ୟୁନିଟ-ନଂ-୧୩ ଗରୁଡନଗର | ସହରାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ୧.୪୮୪ | ଏ୦.୩୯୮ଡି | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ(ସିଭିଲ) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁରରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା/- ଜିଲ୍ଲାପାଳ, ଯାଜପୁର**

**ଭୂମି ଅନୁସୂଚୀ**

**ପ୍ରକଳ୍ପ-ଶିବଦାସ ଛକ ଠାରୁ ମହାଲକ୍ଷ୍ମୀ କ୍ଲବ ଛକ ଭାୟା ପ୍ରହରାଜପୁର ତାରିଣୀ ଛକ ରାସ୍ତାର ପ୍ରଶସ୍ତିକରଣ ଓ ଦୃଢ଼ୀକରଣ ତତସହିତ ଲାଖବିନ୍ଧା ପଡିଆ ଠାରେ ମା' ବିରଜାଙ୍କ ଦର୍ଶନ ପାଇଁ ଆସୁଥିବା ତୀର୍ଥ ଯାତ୍ରୀଙ୍କ ନିମନ୍ତେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ**

**ମୌଜା-ୟୁନିଟ ନଂ ୧୩ ଗରୁଡ ନଗର ଥାନା ନଂ-୨୧୨, ଥାନା/ତହସିଲ/ଜିଲ୍ଲା-ଯାଜପୁର**

| କ୍ରମିକ ନଂ | ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୨ | ୫୦୨ | ୦.୦୧୦ | ୦.୦୧୦ | ଶାରଦ ଜଳ-୧ | ଅଛୁତାନନ୍ଦ ବାରିକ, ଆନନ୍ଦ ବାରିକ ପି: କୃଷ୍ଣ ବାରିକ ଜା: ଭଣ୍ଡାରୀ ବା: ସପନ ପୁର |
| ୨ | ୨୨୧ | ୫୦୬ | ୦.୦୧୩ | ୦.୦୧୩ | ଶାରଦ ଜଳ-୧ | ଲକ୍ଷ୍ମୀଧର ମିଶ୍ର ପି:ଶାଗର ମିଶ୍ର ଜା: ବ୍ରାହ୍ମଣ ବା: ସପନ ପୁର |
| ୩ | ୨୧୦ | ୫୦୭ | ୦.୦୨୦ | ୦.୦୧୨ | ଶାରଦ ଜଳ-୧ | ରବିନ୍ଦ୍ର ମିଶ୍ର, ବିରଞ୍ଚି ନାରାୟଣ ମିଶ୍ର ପି: ବୈଷ୍ଣବ ମିଶ୍ର, ପଦ୍ମାବତୀ ମିଶ୍ର ସ୍ୱା: ବୈଷ୍ଣବ ମିଶ୍ର ଜା: ବ୍ରାହ୍ମଣ ବା: ସପନ ପୁର |
| ୪ | ୧୨୧ | ୫୧୧ | ୦.୦୨୦ | ୦.୦୧୨ | ଶାରଦ ଜଳ-୧ | ନାରାୟଣ ମିଶ୍ର ପି:ବ୍ରହ୍ମାନନ୍ଦ ମିଶ୍ର ଜା: ବ୍ରାହ୍ମଣ ବା: ସପନ ପୁର |
| ୫ | ୫୮ | ୫୧୪ | ୦.୦୬୦ | ୦.୦୦୯ | ଶାରଦ ଜଳ-୧ | ଗଣେଷ ପ୍ରସାଦ ମିଶ୍ର ପି:ଲକ୍ଷ୍ମୀଧର ମିଶ୍ର ଜା: ବ୍ରାହ୍ମଣ ବା: ବେଲାର ପୁର |
| ୬ | ୨୧୦ | ୫୧୫ | ୦.୦୭୦ | ୦.୦୧୩ | ଶାରଦ ଜଳ-୧ | ରବିନ୍ଦ୍ର ମିଶ୍ର, ବିରଞ୍ଚି ନାରାୟଣ ମିଶ୍ର ପି: ବୈଷ୍ଣବ ମିଶ୍ର, ପଦ୍ମାବତୀ ମିଶ୍ର ସ୍ୱା: ବୈଷ୍ଣବ ମିଶ୍ର ଜା: ବ୍ରାହ୍ମଣ ବା: ସପନ ପୁର |
| ୭ | ୧୬୩ | ୬୨୩ | ୦.୦୨୫ | ୦.୦୧୫ | ଶାରଦ ଜଳ-୧ | ବିଶ୍ୱନାଥ ମିଶ୍ର, ବିଷ୍ଣୁ ଚରଣ ମିଶ୍ର ପି: କୃଷ୍ଣ ଚରଣ ମିଶ୍ର, କାର୍ତ୍ତିକ ମିଶ୍ର ପି: ବନମାଳି ମିଶ୍ର ଜା: ବ୍ରାହ୍ମଣ ବା: ସପନ ପୁର |
| ୮ | ୨୬୮/୬୧୨ | ୬୨୪ | ୦.୦୯୨ | ୦.୦୧୮ | ଶାରଦ ଜଳ-୧ | ପ୍ରଶାନ୍ତ କୁମାର ନାୟକ ପି: ଧନେଶ୍ୱର ନାୟକ ଜା: ବଣିଆ ବା: ବେଲାରପୁର, ମାହେଶ୍ୱରୀ ପଲେଇ ଓରଫ ବାରିକ, କନକଲତା ପଲେଇ ଓରଫ ଘଡ଼େଇ ପି: କୃଷ୍ଣ ଚନ୍ଦ୍ର ପଲେଇ ଜା: ଗୋପାଳ ବା: ପଦ୍ମେଶ୍ୱରପୁର, ପ୍ରସନ୍ନ ମହାନ୍ତି, ପ୍ରଦ୍ୟୁମ୍ନ କୁମାର ମହାନ୍ତି ପି: ରାଜକିଶୋର ମହାନ୍ତି ଜା: ଖଣ୍ଡାୟତ ବା: କାକୁଡିକୁଦ |
| ୯ | ୨୬୮/୬୧୩ | ୬୨୫ | ୦.୦୫୯ | ୦.୦୨୦ | ଶାରଦ ଜଳ-୧ | ପ୍ରଶାନ୍ତ କୁମାର ନାୟକ ପି: ଧନେଶ୍ୱର ନାୟକ ଜା: ବଣିଆ ବା: ବେଲାରପୁର, ମାହେଶ୍ୱରୀ ପଲେଇ ଓରଫ ବାରିକ, କନକଲତା ପଲେଇ ଓରଫ ଘଡ଼େଇ ପି: କୃଷ୍ଣ ଚନ୍ଦ୍ର ପଲେଇ ଜା: ଗୋପାଳ ବା: ପଦ୍ମେଶ୍ୱରପୁର, ନିରଞ୍ଜନ ରାଉତ ପି: ଅର୍ଜୁନୀ ରାଉତ ଜା: ଖଣ୍ଡାୟତ ବା: ବଲାରପୁର ହା. ବା- ନିଜଗାଁ |
| ୧୦ | ୧୨୩ | ୬୫୩ | ୦.୧୪୦ | ୦.୦୧୮ | ଶାରଦ ଜଳ-୧ | ନାରାୟଣ ମିଶ୍ର, ବିଶ୍ୱମ୍ବର ମିଶ୍ର ପି: ହରି ମିଶ୍ର ଜା: ବ୍ରାହ୍ମଣ ବା: ଶୁକପୁର |
| ୧୧ | ୧୨୩ | ୬୫୪ | ୦.୧୪୦ | ୦.୦୧୮ | ଶାରଦ ଜଳ-୧ | ନାରାୟଣ ମିଶ୍ର, ବିଶ୍ୱମ୍ବର ମିଶ୍ର ପି: ହରି ମିଶ୍ର ଜା: ବ୍ରାହ୍ମଣ ବା: ଶୁକପୁର |
| ୧୨ | ୧୨୧ | ୬୫୫ | ୦.୧୫୦ | ୦.୦୨୦ | ଶାରଦ ଜଳ-୧ | ନାରାୟଣ ମିଶ୍ର ପି:ବ୍ରହ୍ମାନନ୍ଦ ମିଶ୍ର ଜା: ବ୍ରାହ୍ମଣ ବା: ସପନ ପୁର |
| ୧୩ | ୧୨୧ | ୬୭୫ | ୦.୧୭୫ | ୦.୦୨୨ | ଶାରଦ ଜଳ-୧ | ନାରାୟଣ ମିଶ୍ର ପି:ବ୍ରହ୍ମାନନ୍ଦ ମିଶ୍ର ଜା: ବ୍ରାହ୍ମଣ ବା: ସପନ ପୁର |
| ୧୪ | ୧୩ | ୬୭୭ | ୦.୦୬୫ | ୦.୦୧୬ | ଶାରଦ ଜଳ-୧ | ଅମୂଲ୍ୟ କୁମାର ସେନ, ଅନିଲ କୁମାର ସେନ ପି: ଚନ୍ଦ୍ରଶେଖର ସେନ, ବିଣାପାଣୀ ସେନ ସ୍ୱା: ଚନ୍ଦ୍ରଶେଖର ସେନ ଜା: କାଏସ୍ଥ ବା: ବେଲାର ପୁର |
| ୧୫ | ୨୬୮/୧୯୭ | ୬୭୮ | ୦.୦୪୦ | ୦.୦୧୫ | ଘରବାରି-୧ | ମିନାକ୍ଷୀ ନାୟକ ସ୍ୱା:ଶତ୍ରୁଘ୍ନ ବେହେରା ଜା: ଖଣ୍ଡାୟତ ବା: ଗଣପତିପୁର |
| ୧୬ | ୨୬୮/୫୩୫ | ୭୦୨ | ୦.୦୦୧ | ୦.୦୦୫ | ଘରବାରି | ଚିତ୍ତରଂଜନ ମହତାବ ପି:ମାନଗୋବିନ୍ଦ ମହତାବ ଜା: କ୍ଷତ୍ରୀୟ ବା: ସୁକୁପୁର |
| ୧୭ | ୨୬୮/୭୦୨ | ୭୦୨/୧୫୦୯ | ୦.୦୦୮ | ୦.୦୦୩ | ଘରବାରି | ଅର୍ଚ୍ଚନା ପାଣି ସ୍ୱା:ସତ୍ୟ ରଞ୍ଜନ ପାଢୀ ଜା: ବ୍ରାହ୍ମଣ ବା: ବଡସୁଆର |
| ୧୮ | ୨୬୮/୭୦୯ | ୭୦୨/୧୫୦୮ | ୦.୦୧୮ | ୦.୦୦୮ | ଘରବାରି | ପ୍ରଦୀପ କୁମାର ଘଡାଇ ପି:ବିନୋଦ ବିହାରି ଘଡାଇ ଜା: ଖଣ୍ଡାୟତ ବା: ପାଟପୁର, ଥା. ମଙ୍ଗଳପୁର |
| ୧୯ | ୨୦୩ | ୭୦୩ | ୦.୦୩୦ | ୦.୦୧୫ | ଶାରଦ ଜଳ-୧ | ରଘୁନାଥ ପଣ୍ଡା ପି:କଣ୍ଠୁରୀ ପଣ୍ଡା ଜା: ବ୍ରାହ୍ମଣ ବା: ନିଜଗାଁ |
| ୨୦ | ୨୬୨ | ୭୦୪ | ୦.୦୩୧ | ୦.୦୨୪ | ଶାରଦ ଜଳ-୧ | ସୋମନାଥ ମିଶ୍ର, ଆଶୁତୋଷ ମିଶ୍ର, ବିଦ୍ୟୁଭୂଷଣ ମିଶ୍ର, କିଶୋରୀ କର, ମିନାକ୍ଷି ମିଶ୍ର ପି: ପୂର୍ଣ୍ଣାନନ୍ଦ ମିଶ୍ର, ହାରାମଣି ମିଶ୍ର ସ୍ୱା: ପୂର୍ଣ୍ଣାନନ୍ଦ ମିଶ୍ର ଜା: ବ୍ରାହ୍ମଣ ବା: ୟୁନିଟ ନମ୍ବର-12 ପଦ୍ମେଶ୍ୱରପୁର |
| ୨୧ | ୨୬୨ | ୭୦୫ | ୦.୦୮୮ | ୦.୦୪୦ | ଶାରଦ ଜଳ-୧ | ସୋମନାଥ ମିଶ୍ର, ଆଶୁତୋଷ ମିଶ୍ର, ବିଦ୍ୟୁଭୂଷଣ ମିଶ୍ର, କିଶୋରୀ କର, ମିନାକ୍ଷି ମିଶ୍ର ପି: ପୂର୍ଣ୍ଣାନନ୍ଦ ମିଶ୍ର, ହାରାମଣି ମିଶ୍ର ସ୍ୱା: ପୂର୍ଣ୍ଣାନନ୍ଦ ମିଶ୍ର ଜା: ବ୍ରାହ୍ମଣ ବା: ୟୁନିଟ ନମ୍ବର-12 ପଦ୍ମେଶ୍ୱରପୁର |
| ୨୨ | ୧୭ | ୧୦୮୬ | ୦.୦୧୨ | ୦.୦୧୨ | ଶାରଦ ଜଳ-୧ | ଅଶୋକ ପଣ୍ଡା, ଅଛୁତି ପଣ୍ଡା, କାବେରି ପଣ୍ଡା, ଗିରିଜା ପଣ୍ଡା ପି: ଗୋବିନ୍ଦ ପଣ୍ଡା ଜା: ବ୍ରାହ୍ମଣ ବା: ଶିରିଆ ପୁର |
| ୨୩ | ୧୭ | ୧୦୮୭ | ୦.୦୧୩ | ୦.୦୧୩ | ଶାରଦ ଜଳ-୧ | ଅଶୋକ ପଣ୍ଡା, ଅଛୁତି ପଣ୍ଡା, କାବେରି ପଣ୍ଡା, ଗିରିଜା ପଣ୍ଡା ପି: ଗୋବିନ୍ଦ ପଣ୍ଡା ଜା: ବ୍ରାହ୍ମଣ ବା: ଶିରିଆ ପୁର |
| ୨୪ | ୨୬୮/୫୧୮ | ୧୦୯୦/୧୪୭୪ | ୦.୦୬୫ | ୦.୦୧୦ | ଘରବାରି | ସତ୍ୟପ୍ରକାଶ ରାଉତ ପି:ଦାମୋଦର ରାଉତ ଜା: ଖଣ୍ଡାୟତ ବା: ଦୁଦୁରାଅଣ୍ଡା, ଥା. ମଙ୍ଗଳପୁର |
| ୨୫ | ୨୬୮/୪୮୯ | ୫୦୧/୧୪୩୭ | ୦.୧୦୫ | ୦.୦୨୨ | ଘରବାରି | ଅନିଲ କୁମାର ରାୟ ପି:ଅଦ୍ୱୈତ ପ୍ରସାଦ ରାୟ ଜା: ଖଣ୍ଡାୟତ ବା: ଶିତଳେଶ୍ୱର |
| ୨୬ | ୨୬୮/୫୯୫ | ୬୨୪/୧୪୬୦ | ୦.୦୧୮ | ୦.୦୦୬ | ଶାରଦ ଜଳ-୧ | ପ୍ରସନ୍ନ ମହାନ୍ତି, ପ୍ରଦ୍ୟୁମ୍ନ କୁମାର ମହାନ୍ତି ପି: ରାଜ କିଶୋର ମହାନ୍ତି ଜା: ଖଣ୍ଡାୟତ ବା: କାକୁଡିକୁଦ |
| ୨୭ | ୨୬୮/୫୫୭ | ୬୨୫/୧୪୬୧ | ୦.୦୧୧ | ୦.୦୦୪ | ଶାରଦ ଜଳ-୧ | ନିରଞ୍ଜନ ରାଉତ ପି:ଅର୍ଜୁନୀ ରାଉତ ଜା: ଖଣ୍ଡାୟତ ବା: ବେଲାରପୁର |
| ୨୮ | ୧୦୫ | ୫୧୨ | ୦.୦୦୫ | ୦.୦୦୫ | ଶାରଦ ଜଳ-୧ | ଦୁର୍ଗାକାନ୍ତ ମିଶ୍ର, ବୈଦ୍ୟନାଥ ମିଶ୍ର, କଲ୍ୟାଣି ମିଶ୍ର, ଉମା ଦାଶ ପି: ବିଶ୍ୱମ୍ବର ମିଶ୍ର, ଶଶିଭୂଷଣ ମିଶ୍ର, ଲଳିତା ମିଶ୍ର ପି: ନିତ୍ୟାନନ୍ଦ ମିଶ୍ର, ଅଛୁତାନନ୍ଦ ମିଶ୍ର ପି: ନିଳମଣି ମିଶ୍ର, ସିଦ୍ଧେଶ୍ୱର ମିଶ୍ର, ଭାବନାଥ ମିଶ୍ର, ହେମ ମିଶ୍ର, ସରୋଜିନୀ ତ୍ରିପାଠୀ, ବିମଳା ମିଶ୍ର, ଶୁଶିଳା ମିଶ୍ର, ଝୁଲୁ ମହାପାତ୍ର, ଅଳକା ମହାପାତ୍ର, କୁନ୍ଦ ମହାପାତ୍ର, ପ୍ରମିଳା ପଣ୍ଡା ପି: ବାମଦେବ ମିଶ୍ର, ଉମା ମିଶ୍ର ସ୍ୱା: ବାମଦେବ ମିଶ୍ର, ସୋମନାଥ ମିଶ୍ର, ଆଶୁତୋଷ ମିଶ୍ର, ବିଦ୍ୟୁଭୂଷଣ ମିଶ୍ର, କିଶୋରୀ କର, ମିନାକ୍ଷୀ ମିଶ୍ର ପି: ପୁନାନନ୍ଦ ମିଶ୍ର, ହାରାମଣୀ ମିଶ୍ର ସ୍ୱା: ପୁନାନନ୍ଦ ମିଶ୍ର, ରବି ନାରାୟଣ ମିଶ୍ର, ଗୌରୀ ଦାସ, ଉର୍ମିଳା ପାଣିଗ୍ରାହି, ଅଂଶୁ ସନ୍ଧିବିଗ୍ରହ, ବିଧୁ ମହାପାତ୍ର, ବିଜୟା ମିଶ୍ର ପି: ରସାନନ୍ଦ ମିଶ୍ର ଜା: ବ୍ରାହ୍ମଣ ବା: ସପନ ପୁର,କିସ୍ମତ ଛଅଅଣା ବା:, ରମାକାନ୍ତ ମିଶ୍ର, ଉମାକାନ୍ତ ମିଶ୍ର, ତାରାକାନ୍ତ ମିଶ୍ର, ସୁଧାକର ମିଶ୍ର ପି: କାମପାଳ ମିଶ୍ର ଜା: ବ୍ରାହ୍ମଣ ବା: ସପନ ପୁର,କିସ୍ମତ ଦଶଅଣା ବା: |
| | | ମୋଟ | ୧.୪୮୪ | ୦.୩୯୮ | | |

**ସ୍ୱା/- ଭୂ-ଅର୍ଜନ ଅଧିକାରୀ(ସିଭିଲ), ଯାଜପୁର**

OIPR-24163/14/0054/2324

**AFFIDAVIT**

By virtue of an affidavit before the Notary Bhubaneswar, Odisha. I Kumari Raulo, W/o-Lingaraj Raulo, R/o-Village-Qr.No-2RB-8, R C Das Lane, Kamapalli, Berhampur, Dist-Ganjam, Odisha-760004. Declare by this affidavit No.19402 dated 19.12.2023 that now onwards, I shall be known as **BASANTI KUMARI RAULO** for all future purposes.

**AFFIDAVIT**

I Krishnna Mittaal, S/o Nilesh Mittal Resident of Qtr No B-4 Saraswati Enclave, Bargarh, Po/Ps/Dist: Bargarh, Odisha declare by this affidavit No 437 dt. 30.12.2021, That now onwards I shall be known as **KRISHNNA MITTAAL** instead of Krishna Mittal for all Future Purposes.


**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact-Bhavishya Homes Pvt Ltd.

**Ph.: 9437015112**


**AFFIDAVIT**

I, Bidyut Prava Mohanty, W/o- Ananda Pattanayak, resident of Phulbani Sahi, Po-Phulbani Town, Dist-Kandhamall, Pin-762001, Odisha declared by this affidavit No.4421, dated 26/12/2023, that now onwards I shall be known as **BIDYUT PRABHA PATTANAYAK** for all future purposes.

**AFFIDAVIT**

I, **Arun Kumar Mohapatra,** S/o- Anchalananda Mohapatra, resident of Plot No.6, Pokharian Village, Chandrasekharpur, Bhubaneswar, Dist-Khordha, Odisha have changed my minor Son's name from **Apurva Subhadarshan Mohapatra** to **Apurv Sai Mohapatra** for all future purposes.

**AFFIDAVIT**

I, Kailasha Chandra Panda, S/o- Kuturi Charan Panda, resident of AT- Artung, PO -Barapur, PS- Basudebpur, Dist- Bhadrak, Pin- 756125, Odisha declared by this affidavit No.2246, dated-26/12/2023, that now onwards I shall be known as **KAILASH CHANDRA PANDA** for all future purposes.

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବସାଇଟ୍: www.oshb.org

CAD-

ପତ୍ର ସଂଖ୍ୟା- ୩୫୨ — ତା. ୧୧.୧୨.୨୦୨୩
H-1556/05

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର. ନଂ. | ମୃତ ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ୰ ରବୀନ୍ଦ୍ର ନାଥ ସାହୁ ପିତା- ୰ ରଘୁନାଥ ସାହୁ ସା/ପୋ- ପଦ୍ମାବତୀ, ଥାନା- ଫତେଗଡ ଜିଲ୍ଲା- ପୁରୀ | ଏମ୍.ଆଇ.ଜି-୧୪୯ MIG-149 କପିଳପ୍ରସାଦ, ଦ୍ୱିତୀୟ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା | ୧- ସୁଲୋଚନା ସାହୁ (ସ୍ତ୍ରୀ) |

ସା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0553/2324

F-177

**OFFICE OF THE COLLECTOR AND DISTRICT MAGISTRATE, BHADRAK.**
**(Social Welfare Section)**

**No. 2827/SW** — **Date 22.12.2023**

**CORRIGENDUM / ADDENDEMUM**

The following terms & conditions has been added to the **Tender Call Notice No. 2814/SW dated. 20.12.2023** invited for appointment of Transporting Agent for transportation of food stuff under SNP in respect of all ICDS projects of Bhadrak District for the period of 01.01.2024 to 31.12.2024. This may be treated as Corrigendum / Addendum of the Tender process. Other terms and conditions remain unchanged.

1. In case the approved Contractor fails to sign the agreement by depositing Security deposit due to any reason, the District Tender Committee shall have right to negotiate with the 2nd lowest bidder for that particular unit combination to operate at the lowest approved rate. In case the 2nd lowest bidder disagrees to operate at the lowest approved rate, fresh tender may be floated for appointment of new Transport Contractor.
2. in case the approved existing Transport Contractor fails to perform during currency of the contract due to any reason, the DLTC shall have right to negotiate with the 2nd lowest bidder qualified in Technical Bid for that for that unit combination to operate at the lowest approved rate.
3. In case the 2nd lowest bidder disagrees to operate at the lowest approved rate, fresh tender may be floated for appointment of new Transport Contractor for the unexpired period of contract at the risk and cost of the defaulting contractor which includes but not limited to blacklisting for 05 years.

Collector & District Magistrate,
Bhadrak

OIPR-33029/11/0003/2324

# ୨୦୨୪ରେ 'ବ୍ରହ୍ମାସ୍ତ୍ର-୨'ର ସୁଟିଂ



୨୦୨୨ରେ ରଣବୀର କପୁର ଓ ଆଲିଆ ଭଟ୍ଟଙ୍କ ଅଭିନୀତ 'ବ୍ରହ୍ମାସ୍ତ୍ର' ରିଲିଜ୍ ହୋଇଥିଲା । 'ବ୍ରହ୍ମାସ୍ତ୍ର: ପାର୍ଟ-୧ ଶିବା' ବକ୍ସ ଅଫିସ୍‌ରେ ଭଲ ବିଜିନେସ୍ କରିଥିଲା । ସେତେବେଳେ ଏହାର ନିର୍ଦ୍ଦେଶକ ଅୟାନ୍ ମୁଖାର୍ଜୀ ଏହାକୁ ତିନୋଟି ପାର୍ଟରେ ନିର୍ମାଣ କରିବା ପାଇଁ ଘୋଷଣା କରିଥିଲେ । ଏହି ଫିଲ୍ମର ସୁଟିଂରୁ ଆଲିଆ ଓ ରଣବୀରଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିବା କଥା କୁହାଯାଏ । ଏବେ 'ବ୍ରହ୍ମାସ୍ତ୍ର'ର ଦ୍ୱିତୀୟ ଭାଗକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ତେବେ ଏହାର ଦ୍ୱିତୀୟ ଭାଗରେ ଦେବ ଦୁନିଆକୁ ଆସିବାର ପୂର୍ବର କାହାଣୀକୁ ଦେଖାଯିବ । ଏହାର ସୁଟିଂ ଆସନ୍ତା ବର୍ଷରୁ ଆରମ୍ଭ ହେବ ବୋଲି କୁହାଯାଉଛି । ତେବେ ଏଯାବତ୍ ଏଥିରେ କାମ କରିବାକୁ ଥିବା କଳାକାରମାନଙ୍କୁ ଫାଇନାଲ୍ କରାଯାଇ ନାହିଁ । ଏଥିରେ ଲିଡ୍ ରୋଲରେ ରଣବୀର ସିଂହ ଓ ଦୀପିକା ପାଦୁ୍ୟକୋନ୍ ନଜର ଆସିପାରନ୍ତି ବୋଲି ଚର୍ଚ୍ଚା ହେଉଛି । ଅୟାନ୍ ଏବେ 'ୱାର୍-୨'ର ସୁଟିଂରେ ବ୍ୟସ୍ତ ଅଛନ୍ତି । ଏହାର ସୁଟିଂ ମୁମ୍ବାଇରେ ଚାଲିଛି । ଏହାସହ ସେ ଏବେ 'ବ୍ରହ୍ମାସ୍ତ୍ର-୨'ର କାହାଣୀରେ ମଧ ବ୍ୟସ୍ତ ଅଛନ୍ତି । ତେବେ ଅୟାନ୍ ଏହି ଫିଲ୍ମ ପାଇଁ ଏକ ଦୁଃଖଭରା ପ୍ରେମ କାହାଣୀ ସନ୍ଧାନରେ ଥିବା ଜଣାପଡ଼ିଛି ।



# ବିଶ୍ୱର ସବୁଠୁ ମହଙ୍ଗା ତରଭୁଜ

ଆମ ଦେଶରେ ଖରାଦିନେ ଲୋକେ ଅଧିକ ତରଭୁଜ ଖାଇଥାନ୍ତି । ଏହି ରସାଳ ଫଳଟି ଭୋକଶୋଷ ମେଣ୍ଟାଇଥାଏ । ତରଭୁଜ କିଲୋ ପିଛା ବିକ୍ରି ହୁଏ, ଯାହାର ଦର ଗ୍ରାହକ ସହଣୀୟ । କିନ୍ତୁ ବିଶ୍ୱରେ ଏମିତି ଗୋଟିଏ ତରଭୁଜ ଅଛି ଯାହାକୁ ନିଲାମ ମାଧ୍ୟମରେ ବିକ୍ରି କରାଯାଏ । ଏହାର ଦାମ୍ ବି ଲକ୍ଷାଧିକ ଟଙ୍କା । ଡେନ୍‌ସୁକେ ତରଭୁଜକୁ ବିଶ୍ୱର ସବୁଠୁ ଦାମୀ ତରଭୁଜ କୁହାଯାଏ । ଏହା 'ବ୍ଲାକ୍ ୱାଟରମେଲନ୍' ଭାବେ ମଧ ଜଣାଶୁଣା । ଜାପାନର ହୋକାଇଡୋ ଦ୍ୱୀପରେ ଏହା ଚାଷ କରାଯାଏ । ଏହା ବେଶ୍ କମ୍ ଫଳୁଥିବା କାରଣରୁ ଏହାର ଦାମ୍ ଅଧିକ ହୋଇଥାଏ । ବର୍ଷକୁ କେବଳ ୧୦୦ଟି ଏଭଳି ତରଭୁଜ ଉତ୍ପାଦନ ହୋଇଥାଏ । ସେଥିପାଇଁ ଏହାକୁ ନିଲାମ ମାଧ୍ୟମରେ ବିକ୍ରି କରାଯାଏ । ଏଭଳି ତରଭୁଜର ଦାମ ୟୁନିଟ୍ ପ୍ରତି ହଜାରେରୁ ଲକ୍ଷେ ଟଙ୍କା ଯାଏଁ ହୋଇଥାଏ । ୨୦୧୯ ମସିହାରେ ଏହାକୁ ଏକ ନିଲାମବେଳେ ସାଢ଼େ ଚାରି ଲକ୍ଷ ଟଙ୍କାରେ ବିକ୍ରି କରାଯାଇଥିଲା । ତେବେ ଏହି ତରଭୁଜ ସମ୍ପର୍କରେ ଖାସ୍ କଥାଟି ହେଉଛି, ଅନ୍ୟ କିସମର ତରଭୁଜ ତୁଳନାରେ ଏହା ଅଧିକ ମିଠା ହୋଇଥାଏ । ଏହା ସହ ଏଥିରେ କମ୍ ମଞ୍ଜି ଥାଏ । କରୋନା ମହାମାରୀ ସମୟରେ ଏହାର ଦାମ୍ କମିଥିଲେ ମଧ ଚାହିଦା କମି ନ ଥିଲା । । ବହୁ ଦେଶରୁ ଏହାକୁ କିଣିବା ପାଇଁ ଅର୍ଡର ଆସୁଥିଲେ ମଧ ଏହା ସମସ୍ତଙ୍କୁ ମିଳିପାରେ ନାହିଁ । ପ୍ରଥମ ଥର ପାଇଁ ଏହାକୁ ୨୦୦୮ ମସିହାରେ ଚାଷ କରାଯାଇଥିଲା । ସେତେବେଳେ ଏହି ତରଭୁଜକୁ ଚାରିଲକ୍ଷ ଟଙ୍କାରେ ବିକ୍ରି କରାଯାଇଥିଲା ।





# ସୁଲତାନ୍‌ଙ୍କ ସଉକ: ୭ ହଜାର ବିଳାସପୂର୍ଣ୍ଣ କାର୍, ସ୍ୱର୍ଣ୍ଣମହଲ

ବିଶ୍ୱର ବହୁ ରାଷ୍ଟ୍ରରେ ରାଜତନ୍ତ୍ରର ଅନ୍ତ ଘଟିଥିଲେ ମଧ୍ୟ ଦକ୍ଷିଣ-ପଶ୍ଚିମ ଏସୀୟ ରାଷ୍ଟ୍ର ବ୍ରୁନେଇରେ ଏହା ବଳବତ୍ତର ରହିଛି । ଏହି ଦେଶର ବର୍ତ୍ତମାନର ଶାସକ ହେଉଛନ୍ତି ସୁଲତାନ ହାସନଲ ବୋଲ୍‌କିୟା । ୭୭ ବର୍ଷୀୟ ସୁଲତାନ ହାସନଲ ବୋଲ୍‌କିୟା ବିଶ୍ୱର ଅନ୍ୟତମ ବିତ୍ତଶାଳୀ ଶାସକ ଭାବେ ପରିଚିତ । ୧୯୮୦ରେ ସେ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ବିବେଚିତ ହୋଇଥିଲେ । ତାଙ୍କ ବିଳାସପୂର୍ଣ୍ଣ ଜୀବନଶୈଳୀ ଓ ସଉକକୁ ନେଇ ଖୁବ୍ ଚର୍ଚ୍ଚା । ତାଙ୍କର ସୁଦୃଶ୍ୟ ପ୍ରାସାଦ, କାର୍ ଓ ଅନ୍ୟାନ୍ୟ ସାମଗ୍ରୀର ଫଟୋ ଅନେକ ସମୟରେ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଥାଏ । ସୁଲତାନ ରହୁଥିବା ପ୍ରାସାଦ 'ଇସ୍ତାନା ନୁରୁଲ ଇମାନ୍ ପ୍ୟାଲେସ୍' ସୁନାରେ ନିର୍ମିତ । ଏଥିରେ ମୋଟ ୧୭୦୦ କୋଠରି, ୨୫୭ ଗାଧୁଆ ଘର, ୫ ସୁଇମିଂ ପୁଲ, ୧୧୦ ଗ୍ୟାରେଜ ରହିଥିବାବେଳେ ସବୁଗୁଡ଼ିକ ଶୀତତାପ ନିୟନ୍ତ୍ରିତ । ସୁଲତାନଙ୍କ ବ୍ୟବହାର ପାଇଁ ଅଛନ୍ତି ୨୦୦ ଘୋଡ଼ା ଓ ୭ହଜାର ବିଳାସପୂର୍ଣ୍ଣ କାର । ସୁଲତାନ ଏକ ସୁନା ଆଚ୍ଛାଦିତ କାର ଓ ବ୍ୟକ୍ତିଗତ ଜେଟ୍ ବିମାନରେ ଯା'ଆସ କରନ୍ତି । ଏହି ଜେଟ୍ ବିମାନର ମୂଲ୍ୟ ୩ ହଜାର ୩୫୯ କୋଟି । ଏହି ବିମାନ ମଧ୍ୟରେ ୯୫୯ କୋଟି ଟଙ୍କାର ଜିନିଷ ମହଜୁଦ ରହିଛି । ଏଥିରେ ସୁନାରେ ତିଆରି ଏକ ୱାଶିଂ ମେସିନ୍ ରହିଛି । ଏହାବାଦ୍ ତାଙ୍କର ଏକ ବ୍ୟକ୍ତିଗତ ଚିଡ଼ିଆଖାନା ମଧ ରହିଛି ।

# ର୍‌ୟାପିଂ କାଗଜରେ ଘରସଜ୍ଜା



ସାଧାରଣତଃ ଉପହାରକୁ ର୍‌ୟାପିଂ ପେପର୍‌ରେ ପ୍ୟାକ୍ କରାଯାଏ । ତେବେ କେହି କେବେ ର୍‌ୟାପିଂ ପେପର୍‌ରେ ପୂରା ଘରକୁ ସଜାଇ ନ ଥିବେ । ଏଭଳି କିଛି ଭିନ୍ନ କାରନାମା ଜଣେ ଯୁବକ କରି ଦେଖାଇଛନ୍ତି । ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । ମ୍ୟାକ୍ସ ନାମକ ଜଣେ କଣ୍ଟେଣ୍ଟ କ୍ରିଏଟର ଟିକ୍‌ଟକ୍‌ରେ ଏହାର ଏକ ଭିଡିଓ ସେୟାର୍ କରିବା ପରେ ସମସ୍ତଙ୍କ ନଜରକୁ ଆସିଛି । ମ୍ୟାକ୍ସଙ୍କ ପରିବାର ଲୋକ ପାଞ୍ଚଦିନ ଛୁଟିରେ ବାହାରକୁ ଯାଇଥିବା ବେଳେ ସେ ଏକୁଟିଆ ଘରେ ଥିଲେ । ଏହି ପାଞ୍ଚଦିନରେ ସେ ଘରକୁ ର୍‌ୟାପିଂ ପେପର୍‌ରେ ସଜାଇବା କଥା ଚିନ୍ତା କରିଥିଲେ । ସେ ଘରର ପ୍ରତ୍ୟେକ କୋଣ ଓ ପ୍ରତିଟି ଜିନିଷକୁ ର୍‌ୟାପିଂ ପେପର୍‌ରେ ପ୍ୟାକ୍ କରିଥିବା ଦେଖାଯାଇଛି । ତେବେ ସେ ତାଙ୍କ ଭଉଣୀ ଘରକୁ ପ୍ରଥମେ ସଜାଇବା ଆରମ୍ଭ କଲେ । ସେ ଘରର ପ୍ରତିଟି ଜିନିଷକୁ ଏଭଳି ପ୍ୟାକ୍ କରିଛନ୍ତି, ଯାହାକୁ ଦେଖିଲେ ଲାଗୁଛି ସେସବୁ ଉପହାର । ଗୋଟିଏ ଘରକୁ ଗିଫ୍ଟ ପେପର୍‌ରେ ର୍‌ୟାପ୍ କରିବା ପାଇଁ ତାଙ୍କୁ ୨୦ ଘଣ୍ଟା ଲାଗିଥିଲା । ସେ ରୋଷେଇ ଘରଠୁ ଆରମ୍ଭ କରି ବହି, ଟିଭି, କାନ୍ଥ, ଟେବୁଲ, ସିଙ୍କ୍ ସବୁକିଛିକୁ ର୍‌ୟାପର୍‌ରେ ଗୁଡ଼ାଇ ଦେଇଥିଲେ । ଏପରିକି ସେ ବିଜୁଳି ଉପକରଣକୁ ମଧ ର୍‌ୟାପିଂ କାଗଜରେ ଗୁଡ଼ାଇଥିଲେ । ସେ ପୂରା ଘରକୁ ୯୨ ଘଣ୍ଟା ପର୍ଯ୍ୟନ୍ତ ନ ଶୋଇ ଏଭଳି କରିଥିବା କହିଛନ୍ତି । ସେହିପରି ପାଞ୍ଚଦିନ ପରେ ତାଙ୍କ ପରିବାର ଲୋକ ଘରର ଏଭଳି ବିଚିତ୍ର ତଥା ନୂଆ ରୂପକୁ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ । ଅବଶ୍ୟ ମ୍ୟାକ୍ସଙ୍କ ଏଭଳି ସାଜସଜ୍ଜାକୁ ତାଙ୍କ ପରିବାର ଲୋକେ ବେଶ୍ ପସନ୍ଦ କରିଛନ୍ତି ।



# କଫି ପ୍ୟାକେଟ୍‌ରେ ସ୍ୱାସ୍ଥ୍ୟ ଚେତାବନୀ

ସିଗାରେଟ୍ ପ୍ୟାକେଟ୍ ଉପରେ ବୈଧାନିକ ସତର୍କତା ବା ସ୍ୱାସ୍ଥ୍ୟ ଚେତାବନୀ ଉଲ୍ଲେଖ ରହିଥାଏ । ସବୁଠାରୁ ଷ୍ଟ୍ରଙ୍ଗ୍ କଫିର ମାନ୍ୟତା ପାଇଥିବା ବାୟୋହାଜାର୍ଡ କଫି ପ୍ୟାକେଟ୍‌ରେ ମଧ କେଫିନ୍ ସେବନର ମାତ୍ରାକୁ ନେଇ ସ୍ୱାସ୍ଥ୍ୟ ସତର୍କତା ରହିଛି । ବାୟୋହାଜାର୍ଡ଼ କଫିର ୧୨ ଆଉନ୍ସ(ଏକ ଛୋଟ କାଗଜ କପ୍ ମାତ୍ରା)ରେ ୯୨୮ ମିଲିଗ୍ରାମ କେଫିନ୍ ରହିଛି । ଡାକ୍ତରଙ୍କ କହିବା ଅନୁସାରେ, ଦୈନିକ ଜଣେ ବ୍ୟକ୍ତି ୪୦୦ ଗ୍ରାମ୍ କେଫିନ୍ ସେବନ କରିପାରିବେ । କିନ୍ତୁ ବାୟୋହାଜାର୍ଡ କଫିରେ ଏହାର ଦୁଇଗୁଣରୁ ଅଧିକ ମାତ୍ରାରେ କେଫିନ୍ ରହିଛି । ସେଥିପାଇଁ ଏହି କଫି ପ୍ୟାକେଟ୍‌ରେ କଫିର ମାତ୍ରା ଲେଖାଯିବା ସହ ଏତିକିମାତ୍ରାରେ କେଫିନ୍ ସେବନ କଲେ ଜଣେ ହୃଦ୍‌ଘାତର ଶିକାର ହୋଇପାରନ୍ତି ବୋଲି ଉଲ୍ଲେଖ ଅଛି । ଅପରପକ୍ଷରେ ଏହି କଫି କମ୍ପାନୀର ସହ ପ୍ରତିଷ୍ଠାତା ଯୋନାଟନ୍ ପିନ୍‌ହାସୋଭଙ୍କ କହିବାନୁଯାୟୀ, ଏହି କଫି ମାଧ୍ୟମରେ ଲୋକମାନଙ୍କୁ ସେ ସେହି ସ୍ୱାଦ ଚଖାଇବାକୁ ଚାହୁଁଛନ୍ତି, ଯାହା ଅନ୍ୟ ସାଧାରଣ କଫିରୁ ମିଳି ନଥାଏ ।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ । ଚାକିରିରେ ପରିବର୍ତ୍ତନ ହେବ । ରାଜନୀତିରେ ସଫଳ ହେବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ । ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ । ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ । ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ । ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ । ପ୍ରେମ ଜୀବନ ସୁଖମୟ ହେବ ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ସ୍ୱାସ୍ଥ୍ୟରେ ସୁଧାର ଆସିବ । ଅଧିକ ପରିଶ୍ରମ କରିବେ । ପାରିବାରିକ ଜୀବନ ସୁଖମୟ ହେବ । ବାଦବିବାଦରୁ ଦୂରେଇ ରହିବେ । ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ଉଧାର ଧନ ଫେରିପାଇବେ । ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ । ଚାକିରିରେ ନୂଆ ସୁଯୋଗ ଜୁଟିବ । ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

**ସିଂହ:** ନିବେଶରୁ ଲାଭ ପାଇବେ । କାର୍ଯ୍ୟରେ ସଫଳତା ମିଳିବ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ । ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ । ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ । ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ । ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ । ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିବ ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ । ଧାର କରଜ କରିବାରୁ ରକ୍ଷା ପାଇବେ । ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ । ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ । ଇଚ୍ଛା ପୂରଣ ହେବ । ଦାମ୍ପତ୍ୟ ଜୀବନ ଖୁସିରେ ବିତିବ । ବନ୍ଧୁଙ୍କ ସହ ବୁଲିବାକୁ ଯିବେ ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି । ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ ।

**ମକର:** ନାଚ, ଗୀତରେ ସଫଳତା ମିଳିବ । ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ । ବିଦେଶ ଯାତ୍ରା ଯୋଗ ଅଛି । ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ । ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ । ଘର ପାଇଁ ନୂଆ ଜିନିଷ କିଣିବେ । ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ । ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ । ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ । ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ । ଶିକ୍ଷାରେ ସଫଳତା ମିଳିବ । ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ । ବ୍ୟବସାୟରେ ପରିବର୍ତ୍ତନ ଆଣିବେ ।

# ଅଳିଆ ସଫା କରି କୋଟିପତି

## ମାଗଣାରେ କରନ୍ତି ବିଦେଶ ଭ୍ରମଣ



ପରିବେଶ ସଫା ଓ ଆବର୍ଜନାମୁକ୍ତ ରହିଲେ, ଲୋକେ ସୁସ୍ଥ ଓ ନୀରୋଗ ଜୀବନ ଜିଇଁଥାନ୍ତି । ଏଥିପାଇଁ ଲୋକେ ନିଜ ଘର ସହିତ ଚତୁଃପାର୍ଶ୍ୱକୁ ସଫା ରଖିଥାନ୍ତି । ଏମିତି ବି ଅନେକ ଅଛନ୍ତି ଯେଉଁମାନେ ନିଜ ଘରୁ ଅଳିଆ ଆବର୍ଜନା ସଫା କରିବାକୁ ହେଳା କରିଥାନ୍ତି । କିନ୍ତୁ ଏପରି ଲୋକଙ୍କ ଘରକୁ ସଫା କରିବାର ଦାୟିତ୍ୱ ନେଇଛନ୍ତି ଫିନ୍‌ଲ୍ୟାଣ୍ଡର ୩୦ ବର୍ଷୀୟା ଯୁବତୀ ଓରି କନାନେନ । ସାଧାରଣତଃ ଯେଉଁମାନେ ନିଜ ଘରୁ ଅଳିଆ ଆବର୍ଜନା ସଫା କରିବାକୁ ଅମଙ୍ଗ ହୋଇଥାନ୍ତି, ସେ ସେମାନଙ୍କ ଘରକୁ ସଫା କରନ୍ତି । ସେ ଯେକୌଣସି ଅଳିଆ ଆବର୍ଜନାରେ ପୂର୍ଣ୍ଣ ଘରକୁ ବି ସେ ବ୍ୟବସ୍ଥିତ କରିଦିଅନ୍ତି । ଆଉ ଏଥିପାଇଁ ପାରିଶ୍ରମିକ ମଧ ନେଇଥାନ୍ତି । କରୋନା ମହାମାରୀ ସମୟରୁ ଓରି ଏହି କାର୍ଯ୍ୟ ଆରମ୍ଭ କରିଥିଲେ, ପ୍ରଥମେ ସେ କ୍ଲିନିଂ ସୁପରଭାଇଜର ଭାବେ କାମ କରିଥିଲେ । ପରେ ସେ ଅଳିଆ ଆବର୍ଜନା ଘରକୁ ସଫା କରିବା କାମ କରିଥିଲେ । ଓରିଙ୍କ କହିବାନୁସାରେ, ସେ ଅନ୍ୟମାନଙ୍କ ଘର ସଫା କରି ନିଜେ ଖୁସି ହୋଇଥାନ୍ତି । ନିଜ କାର୍ଯ୍ୟରେ ଖୁସି ହେବା ପାଇଁ ସେ ଅତ୍ୟଧିକ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ଦୁର୍ଗନ୍ଧମୟ ଘର ଖୋଜିଥାନ୍ତି । ଆଉ ଏହାକୁ ବେଶ୍ ଭଲ ଭାବେ ସଫା କରି ସେ ଖୁସି ହୁଅନ୍ତି । ଏମିତିକି ସାମାଜିକ ଗଣମାଧ୍ୟମରେ ଓରି ଘର ସଫାସୁତୁରା କରୁଥିବା ଭିଡିଓ ସେୟାର କରନ୍ତି । ଏହାକୁ ପେସା ଭାବେ ସେ ଗ୍ରହଣ କରିଥିବାରୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଏବେ କୋଟି କୋଟି ଟଙ୍କା ରହିଛି । ଏହି କାମରୁ ତାଙ୍କୁ ଅଧିକ ଖୁସି ମିଳୁଥିବାରୁ ବର୍ତ୍ତମାନ ସେ ଏହି କାମ ଛାଡ଼ିବାକୁ ଆଦୌ ଚାହୁଁନାହାନ୍ତି । ଏହି କାମ ପାଇଁ ଓରିଙ୍କୁ ସ୍ୱିଜରଲ୍ୟାଣ୍ଡ, ଆମେରିକା, ସଂଯୁକ୍ତ ରାଷ୍ଟ୍ରରୁ ମଧ ଅଫର୍ ଆସିଥାଏ । ଆଉ ଘର ସଫା କାମ କରିବାକୁ ସେ ମାଗଣାରେ ବିଦେଶ ଯାତ୍ରା କରନ୍ତି । ଫଳରେ ସେ ଏହି କାମ ଜରିଆରେ ନିଜ ସ୍ୱପ୍ନ ପୂରା କରିବା ସହ ବେଶ୍ ଆରାମରେ ଜୀବନ ଜିଉଁଛନ୍ତି ।

# ଜେଲ୍‌ର ଜଗୁଆଳ ବତକ!



କୁକୁରର ଘ୍ରାଣ ଶକ୍ତି ଯୋଗୁଁ ଏହାକୁ ସୁରକ୍ଷା ପାଇଁ ନିଯୁକ୍ତ କରାଯାଉଥିବା କଥା ସମସ୍ତେ ଜାଣନ୍ତି । ତେବେ କୌଣସି ଜେଲ୍‌ରେ ସୁରକ୍ଷା ପାଇଁ ବତକକୁ ନିଯୁକ୍ତ କରାଯିବା ଘଟଣା ବୋଧହୁଏ କେହି କେବେ ଶୁଣି ନ ଥିବେ । ବ୍ରାଜିଲର ସାଣ୍ଟା କାଣ୍ଟାରିନା ଜେଲ୍‌ରେ ଏବେ ଜଗୁଆଳ କାମ କରୁଛି ବତକ । ଏହି ଜେଲ୍‌ରେ ଏଭଳି ଅଜବ ଦୃଶ୍ୟ ଦେଖିବାକୁ ମିଳିଛି । ଅବଶ୍ୟ ଜେଲ୍ ସୁରକ୍ଷା ପାଇଁ ଏଠାରେ ସିସିଟିଭି କ୍ୟାମେରା ଥିବା ସତ୍ତ୍ୱେ କୁକୁରଙ୍କୁ ପ୍ରଥମେ ରଖାଯାଇଥିଲା । ଏବେ କୁକୁରଙ୍କୁ ବାହାର କରାଯାଇ ସେମାନଙ୍କ ସ୍ଥାନରେ ବତକଙ୍କୁ ରଖାଯାଇଛି । ତେବେ ଏଠାରେ କୁକୁରଙ୍କୁ ବାହାର କରି ବତକକୁ ରଖିବା ପଛରେ କାରଣ ମଧ ରହିଛି । ବତକମାନେ କୌଣସି ପ୍ରକାର ଶବ୍ଦ ଶୁଣିଲେ ଚିତ୍କାର କରିଥାନ୍ତି । ଫଳରେ ସେମାନଙ୍କ ରଡ଼ି ଶୁଣି ଏଠାରେ ସିପାହୀମାନେ ସତର୍କ ହୋଇଯାନ୍ତି । ତେବେ ଜେଲ୍‌ର ନିର୍ଦ୍ଦେଶକ ରବର୍ଟ ଡି ସୁଜା କହିଛନ୍ତି, ରାତିରେ ତଥା ଦିନରେ ଏଠାକାର ପରିବେଶ ଖୁବ୍ ଶାନ୍ତ । ଏଭଳି ଶାନ୍ତିପୂର୍ଣ୍ଣ ସ୍ଥାନରେ ବତକ ରଖିବା ଖୁବ୍ ସହଜ ହୋଇଥାଏ । ବତକମାନେ ଜେଲ୍ ଭିତରେ ଓ ବାହାରେ ବୁଲିଥାନ୍ତି । ସେହିପରି ଏହାକୁ ପାଳିବା ଓ ସେମାନଙ୍କର ରକ୍ଷଣାବେକ୍ଷଣ କରିବା ଖୁବ୍ ସହଜ ଓ ଶସ୍ତା । ଏହି କାରଣ ଯୋଗୁଁ ଜେଲ୍‌ରେ ବତକ ରଖାଯାଇଛି ।

## ଆଜିର ଇତିହାସ

- ୧୭୯୭- ଲୋକପ୍ରିୟ ସାୟର୍ ତଥା ଉର୍ଦ୍ଦୁ କବି ମିର୍ଜା ଗାଲିବଙ୍କ ଜନ୍ମ ।
- ୧୮୨୨- ରସାୟନବିତ୍ ଲୁଇ ପାଶ୍ଚରଙ୍କ ଜନ୍ମ ।
- ୧୯୩୯- ତୁର୍କୀରେ ଭୂମିକମ୍ପ ଯୋଗୁଁ ୪୦ ହଜାର ଲୋକଙ୍କ ମୃତ୍ୟୁ ।
- ୧୯୪୫-ଅନ୍ତଃରାଷ୍ଟ୍ରୀୟ ମୁଦ୍ରା କୋଷ(ଆଇଏମ୍‌ଏଫ୍)ର ସ୍ଥାପନା ।
- ୧୯୬୫- ଅଭିନେତା ସଲମାନ୍ ଖାନ୍‌ଙ୍କ ଜନ୍ମ ।
- ୧୯୭୯- ସୋଭିଏତ୍ ସେନା ଆଫଗାନିସ୍ତାନ ଉପରେ ଆକ୍ରମଣ କଲା ।
- ୨୦୦୭- ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ବେନଜିର ଭୁଟ୍ଟୋଙ୍କୁ ରାୱଲପିଣ୍ଡି ନିକଟରେ ଗୁଳିକରି ହତ୍ୟା ।

# ଉପବାସ ସମୟରେ କ'ଣ ଖାଇବେ...



**ବିଭିନ୍ନ ପର୍ବପର୍ବାଣିରେ ମହିଳାମାନେ ଉପବାସ ରଖିଥାନ୍ତି । ସାଧାରଣତଃ ଉପବାସକୁ ଭକ୍ତିଭାବ ସହ ଯୋଡ଼ା ଯାଇଥାଏ । ତେବେ ଉପବାସ ଦ୍ୱାରା ଓଜନ ହ୍ରାସ ପାଇଥାଏ ବୋଲି କିଛି ଲୋକ ମନେ କରିଥାନ୍ତି । ବିଜ୍ଞାନ ଓ ଆଧ୍ୟାତ୍ମିକ ଦୃଷ୍ଟିରୁ ଉପବାସ କରିବା ସ୍ୱାସ୍ଥ୍ୟପକ୍ଷେ ଭଲ ବୋଲି କୁହାଯାଏ । କିନ୍ତୁ ଉପବାସ ସମୟରେ ଏମିତି କିଛି ଖାଦ୍ୟପେୟ ରହିଛି, ଯାହାକୁ ଖାଇବା ଦ୍ୱାରା ଗ୍ୟାସ୍, ଏସିଡିଟି, ମୁଣ୍ଡବିନ୍ଧା, ବାନ୍ତି ଆଦି ସମସ୍ୟା ଦେଖାଯାଏ । ତେବେ ଚାଲନ୍ତୁ ଜାଣିବା, ଉପବାସ ସମୟରେ କେଉଁସବୁ ଖାଦ୍ୟ ଶରୀର ପକ୍ଷେ ହାନିକାରକ ହୋଇଥାଏ ।**

- ଉପବାସ ସମୟରେ ଅତ୍ୟଧିକ ଚା' ପିଇବା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ । ଏହି ସମୟରେ ଦୁଇ କପ୍‌ରୁ ଅଧିକ ଚା' ପିଇବା ଦ୍ୱାରା ଗ୍ୟାସ୍ ଏବଂ ଏସିଡିଟି ସମସ୍ୟା ଦେଖାଯାଇଥାଏ ।
- ଉପବାସ ସମୟରେ ଖାଲିପେଟରେ କମଳା, ଲେମ୍ବୁ ଆଦି ଖଟା ଫଳ ଖାଆନ୍ତୁ ନାହିଁ । ଏସବୁ ବଦଳରେ କଦଳୀ, ସେଓ, ତରଭୁଜ ଆଦି ଖାଆନ୍ତୁ ।
- ସାଧାରଣ ଦିନ ଅପେକ୍ଷା ଉପବାସ ସମୟରେ କିଛି ଲୋକେ ତେଲଛଣା ଅଧିକ ଖାଇଥାନ୍ତି, ଯାହାକି ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ । ଯେତେସମ୍ଭବ ତେଲଛଣା ଖାଦ୍ୟ ବଦଳରେ ଫଳ, ଡ୍ରାଏ ଫ୍ରୁଟ୍‌ସ ଏବଂ ତରଳ ଓ ହାଲୁକା ଖାଦ୍ୟ ଖାଇବା ଜରୁରି ।
- କେତେକ ବିଶେଷ ବ୍ରତ ପାଳନ ବେଳେ କିଛି ଲୋକ ନିର୍ଜଳା ଉପବାସ କରିଥାନ୍ତି କିନ୍ତୁ ଏହା ଆଦୌ କରିବା ଉଚିତ ନୁହେଁ । ଏହାଦ୍ୱାରା ଶରୀରରେ ଦୁର୍ବଳତା, ମୁଣ୍ଡବ୍ୟଥା, ବାନ୍ତି, ଗ୍ୟାଷ୍ଟ୍ରିକ୍ ଭଳି ଅନେକ ସମସ୍ୟା ଦେଖାଯାଏ ।

# ପ୍ରତିଷ୍ଠା ଦିବସ ଉପଲକ୍ଷେ ବିଜୁ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି

**ବୁର୍ଲା, ୨୬।୧୨ (ସମିସ):** ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ଉପଲକ୍ଷେ ବୁର୍ଲାସ୍ଥିତ ଜ୍ୟୋତିବିହାର ପରିସରରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଆଜି ମାଲ୍ୟାର୍ପଣ କରାଯାଇଛି।



ଓଡ଼ିଆ ସ୍ୱାଭିମାନର ପ୍ରତୀକ ତଥା ନୂତନ ଓଡ଼ିଶାର ବିନ୍ଧାଣି ବିଜୁବାବୁଙ୍କ ଜୀବନୀ ଉପରେ ଉପସ୍ଥିତ ଅତିଥିମାନେ ସ୍ମୃତି ଚାରଣ କରିଥିଲେ। ୨୬ ବର୍ଷର ବିଜୁ ଜନତା ଦଳର ସଫଳ ଯାତ୍ରା ଓଡ଼ିଶା ବାସୀଙ୍କ ଭଲ ପାଇବା ବିକାଶର ସଫଳତାକୁ ଶୀର୍ଷ ସ୍ତରକୁ ନେବା ପାଇଁ ପ୍ରେରିତ କରୁଛି ବୋଲି ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଜିଲ୍ଲା ସଭାପତି ଇଂ ରୋହିତ ପୁଝାରୀ, ରାଜ୍ୟ ସାଧାରଣ ସମ୍ପାଦକ ଇଂ ସିଦ୍ଧାର୍ଥ ଦାସ, ମହାନଗର ସଭାପତି ସତୀଶ ବିଶି, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ଜିଲ୍ଲା ଉପ ସଭାପତି ଦେବାଶିଷ ନନ୍ଦ, ଅଶୋକ ମହାକୁର, ସୁମନ୍ତ୍ର ପଣ୍ଡା, ଜିଲ୍ଲା ସାଧାରଣ ସମ୍ପାଦକ ଦିଲ୍ଲୀପ ଦାସ, ଜିଲ୍ଲା ସମ୍ପାଦକ ତରଣୀସେନ ଚାନ୍ଦ, ବିଭୀଷଣ ଭୀଷର, ଯୁବ ଜୋନ ସାଧାରଣ ସମ୍ପାଦକ ରମାକାନ୍ତ ସାହୁ, ମହିଳା ରାଜ୍ୟ ସାଧାରଣ ସମ୍ପାଦକ ମିତାଲି ସାହୁ, ଅନିତା ନାୟକ, ମହିଳା ମହାନଗରଉପ ସଭାପତି ଶାନ୍ତିଲତାସ୍ୱାଇଁ, ଯୁବ ମହାନଗର ସଭାପତି ନିଶାନ୍ତ ବହିଦାର, ଜିଲ୍ଲା ଯୁବ ଉପ ସଭାପତି ଅମିତାଭ ପରିଡ଼ା, ବରିଷ୍ଠ ନେତା ଶଙ୍କର ପ୍ରସାଦ, ଅଶୋକ ସାମଲ, ପୂର୍ବତନ ଉପ ନଗରପାଳ ଦେବେନ୍ଦ୍ର ପ୍ରଧାନ, ପୂର୍ବତନ ଟାଉନ ସଭାପତି ସଞ୍ଜୟ ଗୌଡ଼, ଅଶ୍ୱିନୀ ପାଢ଼ୀ, କାଳିଆ କୁସୁମ, ଲିଙ୍ଗରାଜ ତ୍ରିପାଠୀ, ବାପି ପଣ୍ଡା, ରାମେଶ୍ୱର ସିଂ, ରିଙ୍କୁ ମାଝୀ, ଲଳିତ ଲୁହା, ବାବୁଲୁ କାଦରୀ, ତ୍ରିଲୋଚନ ପ୍ରଧାନ, ସୂର୍ଯ୍ୟକାନ୍ତ ସ୍ୱାଇଁ, ପ୍ରଶାନ୍ତ ନାୟକ, ଆନନ୍ଦ ରଣବଂଶୀ, ଦିଲ୍ଲୀପ ବିଶ୍ୱାଳ, ଜିତୁ ଲାମା, ତ୍ରିଲୋଚନ ସିଂ, ଜଗଜିତ ସିଂ, ଦୀପକ ପ୍ରଧାନ, ନଗି ମହାନନ୍ଦ, ଦିଲ୍ଲୀପ ଜେନା, ସଞ୍ଜୀବ କର ଯୋଗଦେଇ ଆଗାମୀ ଦିନରେ ବିଜୁ ବାବୁଙ୍କ ସ୍ୱପ୍ନର ଓଡ଼ିଶା ପରିକଳ୍ପନାକୁ ବାସ୍ତବ ରୂପରେ ସଫଳ କରିବା ପାଇଁ ଶପଥ ନେଇଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅନେକ ବିଜୁପ୍ରେମୀ ମଧ୍ୟ ସାମିଲ ହୋଇଥିଲେ।

## ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ

# ସମୃଦ୍ଧ, ସଶକ୍ତ ନବୀନ ଓଡ଼ିଶା ଗଠନ ପାଇଁ ଶପଥ

**ସମ୍ବଲପୁର, ୨୬।୧୨( ସମିସ)**

ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ଦଳର ୨୭ତମ ପ୍ରତିଷ୍ଠା ଦିବସ ପାଳନ ହୋଇଛି। କାଇଁଶୀର ରୋଡ଼ ସ୍ଥିତ ସିଟି ପେଲେସ ଠାରେ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ଅଧକ୍ଷତାରେ ହୋଇଥିଲା। ନୂତନ ଓଡ଼ିଶା ଗଠନର ଲକ୍ଷ୍ୟକୁ ଦୃଷ୍ଟିରେ ରଖି ଓଡ଼ିଶାବାସୀଙ୍କ ସେବାରେ ନିଜକୁ ଉତ୍ସର୍ଗ କରିବା। ରାଜ୍ୟ ବିକାଶର ସାରଥୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱକୁ ଉଚ୍ଚତର ସୋପାନକୁ ନେବା ପାଇଁ ମୁଁ ସୈନିକ ଭାବେ କାର୍ଯ୍ୟ କରିବି ଓ ଓଡ଼ିଶାର ନ୍ୟାର୍ଯ୍ୟ ଦାବି ହାସଲ ପାଇଁ ନିର୍ଭିକତାର ସହ ସଂଗ୍ରାମ କରି ଏକ ସମୃଦ୍ଧ, ସଶକ୍ତ ଓ ସ୍ୱାଭିମାନୀ ନବୀନ ଓଡ଼ିଶା ଗଠନ ପାଇଁ ଶପଥ ନେଇଥିଲେ। ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକଙ୍କୁ ପୁଣିଥରେ ଆସନରେ ବସେଇବା ପାଇଁ ନେତୃ ମଣ୍ଡଳୀ ତଥା ଦଳର କର୍ମୀ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ତଥା ରେଢ଼ାଖୋଲ ବିଧାୟିକ ଇଂ.ରୋହିତ ପୂଜାରୀ, ପୂର୍ବତନ ରାଜ୍ୟସଭା ସାଂସଦ ସୁଶ୍ରୀ ପ୍ରମିଳା ବହିଦାର, ଜିଲ୍ଲା ପରିଷଦ ସଭାପତି କୁମୋଦିନୀ ନାୟକ, ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ, ପ୍ରବକ୍ତା ସଞ୍ଜୟ ବାବୁ, ଜିଲ୍ଲା ପରିଷଦ ସଦସ୍ୟ ଦେବ ନାରାୟଣ ତିୱାରୀ, ସଞ୍ଜିତ ମହାନ୍ତି, ଜିଲ୍ଲା ଉପ ସଭାପତି ଦେବାଶିଷ ନନ୍ଦ, ସୁମନ୍ତ୍ର ପଣ୍ଡା, ବସନ୍ତ ମିଶ୍ର, ଅଶୋକ ମହାକୁର, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ମହିଳା ମହାନଗର ସଭାନେତ୍ରୀ ଡ଼.ସଂଯୁକ୍ତା ମେହେର, ବରିଷ୍ଠ ବିଜେଡି ନେତା ବିଜୟ ମହାନ୍ତି, ଆର୍ତ୍ତତ୍ରାଣ ମିଶ୍ର, ଗୋକୁଳ ମେହେର, ଅଶୋକ ସେନାପତି, ଭବାନୀ ବାବୁ, ଦେବାଶିଷ ପରିଡ଼ା, ମନୋଜ ମହାପାତ୍ର, ଦିଲୀପ ଦାଶ, ସୁରୁବାବୁ ମେହେର, କୁନୁ ମେହେର, ଲିଙ୍ଗରାଜ ତ୍ରିପାଠୀ, ଦିନେଶ ସେଠ, ଜିଲ୍ଲା ଛାତ୍ର ସଭାପତି ଶୁଭ୍ରାଂଶୁ ପାଢ଼ୀ, ମହିଳା ନେତ୍ରୀ ଉଷା ପ୍ରଧାନ, କବିତା ପୁରୋହିତ, ସିପ୍ରା ମହାନ୍ତି, କଳ୍ପନା ମିଶ୍ର, ମିତାଲି ସାହୁ, ରାଜଲକ୍ଷ୍ମୀ ପ୍ରଧାନ, ସୁରେଖା ସାହୁ, ସବିତା ଆଚାର୍ଯ୍ୟ, ପୁଷ୍ପା ପଣ୍ଡା, ନୀଳିମା ନାୟକ, ସସ୍ମିତା ଦୀପ, ସୁବର୍ଣ୍ଣ ନାୟକ, ନନ୍ଦିନୀ ପ୍ରଧାନ, ବୃନ୍ଦା କଟା, ଅନିତା ନାୟକ, ଭୋଳା ମହନ୍ତମ, ପ୍ରଦ୍ୟୋଷ ମହାନ୍ତି, ଲିଙ୍ଗରାଜ ପରିଡ଼ା, ଭାବେଶ ଚାନ୍ଦ, ସୁରେନ୍ଦ୍ର ବିଶ୍ୱାଳ, ତରଣୀ ସେନ ଚାନ୍ଦ, ରମାକାନ୍ତ ସାହୁ, ପ୍ରଶାନ୍ତ ନାୟକ, ହରଦୀପ ସିଂ ଭୁର୍ଜି, ଜିନୁ ରାଉତରାୟ, ଜଗନ୍ନାଥ ଚୌଧୁରୀ, ନିଶାନ୍ତ ବହିଦାର, ଅମିତାଭ ପରିଡ଼ା, ଦିପେନ୍ଦ୍ର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ସମ୍ବଲପୁର ମହାନଗର ନିଗମ ବିଜେଡି ସଭାପତି ସତୀଶ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।





## ଯୁବ ଛାତ୍ର ବିଜେଡି ପକ୍ଷରୁ ଗଣ ଦୌଡ଼, ରକ୍ତଦାନ ଶିବିର

ଏହି ଅବସରରେ ସକାଳେ ଲକ୍ଷ୍ମୀ ଟକିଜ୍ ଛକରୁ ଜେଲ ଛକ ପର୍ଯ୍ୟନ୍ତ ଗଣ ଦୌଡ ପରେ ରେମେଡ଼ ଛକ ଓ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ପରିସରରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହା ସହିତ ପାନ୍ଥ ନିବାସ ଠାରେ ଯୁବ ଛାତ୍ର ବିଜେଡି ପକ୍ଷରୁ ଜୀବନ ବିନ୍ଦୁ ରକ୍ତଦାନ ଶିବିରରେ ସମୁଦାୟ ୧୦୭ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମରେ ଶତାଧିକ ଛାତ୍ର, ଯୁବ, ମହିଳା, ବିଜେଡି ନେତା ଓ କର୍ମୀ ଅଂଶଗ୍ରହଣ କରିଥିଲେ।

## କନେଷ୍ଟେବଲଙ୍କ ମୁଣ୍ଡ ଫଟାଇଲେ

# ପିକନିକ୍ ଆସି ଜେଲ୍ ଗଲେ

**ବୁର୍ଲା, ୨୬।୧୨ (ସମିସ):** ବର୍ତ୍ତମାନ ସାରା ରାଜ୍ୟରେ ପିକନିକ ଋତୁ ଚାଲିଛି। କର୍ମମୟ ଜୀବନରୁ ସମୟକାଢି ଅବସର ବିନୋଦନ ପାଇଁ ଲୋକେ ବଣ ଜଙ୍ଗଲ ତଥା ନିଛାଟିଆ ଅଞ୍ଚଳକୁ ପିକନିକ ପାଇଁ ବାଛିଥାନ୍ତି। ତେବେ ଏଭିତରେ ଚାଖନା ସାଙ୍ଗକୁ ମୃଦୁ ପାନୀୟ ଲୋକଙ୍କୁ ବାଇୟା କରୁଛି। ତେବେ ସେହି ବାଇୟା ହେବା ଚକ୍କରରେ ଖୋର୍ଦ୍ଧା ଜିଲ୍ଲାର ୩ଜଣ ପର୍ଯ୍ୟଟକଙ୍କୁ ଗିରଫ କରି ବୁର୍ଲା ପୋଲିସ କୋର୍ଟ ଚାଲାଣ କରିଛି। ତେବେ ଜାମିନ ନାମଞ୍ଜୁର ହେବାରୁ ୩ଜଣ ଯାକଙ୍କୁ ବୁର୍ଲା ପୋଲିସ ଜେଲ୍ ହାଜତକୁ ପଠାଇଦେଇଛି। ସେମାନେ ହେଲେ ଖୋର୍ଦ୍ଧା ବେଗୁନିଆ ଗୋବିନ୍ଦପୁରର ମେରୁ ଜେନା (୪୮), ସୁବାଶ ମୁଦୁଲି (୪୩), ଦିପକ କୁମାର ଦାସ (୨୬)। ଏନେଇ ବୁର୍ଲାଥାନାରେ କେସ ନଂ୫୭୯/୨୩ରେ ମାମଲା ରୁଜୁ ହୋଇଛି। ସୂଚନା ଅନୁସାରେ ସମ୍ବଲପୁର ଗସ୍ତରେ ରାଜ୍ୟପାଳ ରଘୁବର ଦାସ ଆସିଛନ୍ତି। ମହାମହିମ ରାଜ୍ୟପାଳଙ୍କ ଆଶୋକ ନିବାସରେ ରହଣୀ ରହିଛି। ରାଜ୍ୟପାଳ ଗସ୍ତ ଦିନକ ପୂର୍ବରୁ ଅଇଁଠାପାଲି ଥାନା ନିୟୁକ୍ତ ଥିବା କନେଷ୍ଟବଳ ବିଙ୍କେଶ୍ୱର ଜେନା ଅଶୋକ ନିବାସ ନିକଟରେ କାର୍ଯ୍ୟରତ ଥିଲେ। ବେଗୁନିଆ ଅଞ୍ଚଳର ଯୁବକମାନେ ହୀରାକୁଦକୁ ପିକନିକରେ ଆସିଥିଲେ। ତେବେ ଏହି ପର୍ଯ୍ୟଟକମାନେ ବସରେ ବସ ଅଟକାଇ ଟ୍ରାଫିକ ଜାମ କରିଥିଲେ। ଏହାକୁ ନେଇ କନେଷ୍ଟବଳ ଜେନା ମନା କରିଥିଲେ। ତେବେ ମାତାଲ ଅବସ୍ଥାରେ ଥିବା ଏହି ପର୍ଯ୍ୟଟକମାନେ ବସ କିଛି ବାଟ ଯିବା ପରେ ୩ ଜଣ ଅଭିଯୁକ୍ତ ବସରୁ ଓହ୍ଲାଇ ଆସି ମୁଣ୍ଡରେ ବାଡିରେ ଆକ୍ରମଣ କରିଥିଲେ। ଫଳରେ କନେଷ୍ଟେବଳଙ୍କ ମୁଣ୍ଡ ଫାଟିବା ଆହତ ହୋଇଥିଲେ। ଏହା ପରେ ଅଭିଯୁକ୍ତମାନେ କନେଷ୍ଟବଳଙ୍କ ୩୦୦ ଟଙ୍କା, ମୋବାଇଲ ଲୁଟ କରି ନେଇଥିଲେ। କନେଷ୍ଟେବଳଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲାରେ ସ୍ଥାନାନ୍ତର କରାଯାଇଥିଲେ। ଫଳରେ ଏନେଇ ବୁର୍ଲା ଥାନାରେ ଏକ ମାମଲା ରୁଜୁ ହେବା ସହ ଅଭିଯୁକ୍ତଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି।



## ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ

# ଗଣଦୌଡ଼ ସହ ରକ୍ତଦାନ ଶିବିର

**ସମ୍ବଲପୁର, ୨୬।୧୨(ସମିସ):** ସମ୍ବଲପୁର ଜିଲ୍ଲା ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ୨୭ତମ ପ୍ରତିଷ୍ଠା ଦିବସ ଅବସରରେ ସ୍ଥାନୀୟ ଲକ୍ଷ୍ମୀ ଟକିଜ୍ ଛକଠାରୁ ଜିଲ୍ଲା ସ୍କୁଲ ଛକ ପର୍ଯ୍ୟନ୍ତ ଏକ ଗଣ ଦୌଡ ଅନୁଷ୍ଠିତ ହୋଇଛି। ଏହି ଦୌଡରେ ଶତାଧିକ ଯୁବକ ଓ ଛାତ୍ରମାନେ ନିଜକୁ ସାମିଲ କରି ବିଜୁ ଜନତା ଦଳ ପ୍ରତି ନିଜର ଆନୁଗତ୍ୟ ପ୍ରକାଶ କରିଥିଲେ। ଏହାପରେ ସ୍ଥାନୀୟ ପାନ୍ଥନିବାସ ଠାରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଶିବିରକୁ ସମ୍ବଲପୁର ଜିଲ୍ଲା ପର୍ଯ୍ୟବେକ୍ଷକ ରାଜେଶରାଜ ସ୍ୱାଇଁ, ଜିଲ୍ଲା ଯୁବ ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ଜିଲ୍ଲା ଛାତ୍ର ସଭାପତି ସୁଭ୍ରାଂଶୁ ପାଢ଼ୀ, ରାଜ୍ୟ ଛାତ୍ର ସମ୍ପାଦକ ଅନମୋଲ କୁମାର ଦାଶ, ସମ୍ବଲପୁର ଜୋନ୍ ଯୁବ ସଭାପତି ଦେବାଶିଷ ପରିଡ଼ା, ସମ୍ବଲପୁର ଜୋନ୍ ଛାତ୍ର ସଭାପତି ମିଳନ ହୋତା, ଜୋନ୍ ଉପସଭାପତି ସୁଧିର ପଣ୍ଡା, ସମ୍ବଲପୁର ମହାନଗର ଯୁବ ସଭାପତି ନିଶାନ୍ତ ବହିଦାର, ଯୁବ ସମ୍ପାଦକ ଦିନେଶ ସେଠ୍, ଜିଲ୍ଲା ଯୁବ ସମ୍ପାଦକ ମଞ୍ଜୁ ଓରାମ, ଜୋନ୍ ସାଧାରଣ ସମ୍ପାଦକ ରାଜେଶ ପଣ୍ଡା, ଚୁମନ ପ୍ରଧାନ, ସଞ୍ଜୟ ଓରାମ, ସଦାନନ୍ଦ ଦାସ, ସୋମ ପ୍ରକାଶ ବେହେରା ପ୍ରମୁଖ ସଂଯୋଜନା କରିଥିଲେ। ଉଭୟ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ତଥା ବିଧାୟକ ରୋହିତ ପୂଜାରୀ, ପୂର୍ବତନ ଜିଲ୍ଲା ସଭାପତି ବିଜୟ ମହାନ୍ତି, ଜିଲ୍ଲା ଜୀବନ ବିନ୍ଦୁ ସଂଯୋଜିକା କବିତା ପୁରୋହିତ, ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ, କେନ୍ଦୁପତ୍ର ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି, କାଳିଆ ଯୋଜନା ଉପଦେଷ୍ଟା ସଞ୍ଜୟ ବାବୁ, ଜିଲ୍ଲା ଉପସଭାପତି ବସନ୍ତ ମିଶ୍ର, ସୁରୁ ବାବୁ ମେହେର, ଜିଲ୍ଲା ମହିଳା କାର୍ଯ୍ୟକାରୀ ସଭାପତି ଉଷା ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ। ଶିବିରରେ ସର୍ବମୋଟ ୧୦୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା

## ୧୦୬ ୟୁନିଟ ରକ୍ତ ସଂଗୃହୀତ




# ବିଜେଡି ପ୍ରତିଷ୍ଠା ଦିବସରେ କମ୍ବଳ ବଣ୍ଟନ

**ସମ୍ବଲପୁର, ୨୬।୧୨(ସମିସ):** ବିଜୁ ଜନତା ଦଳର ୨୭ ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଏସ୍ଏମ୍ସି ୱାର୍ଡ ନମ୍ବର ୧୨ ଅନ୍ତର୍ଗତ ଲରଭଙ୍ଗା ଗ୍ରାମରେ ବିଜେଡି ପକ୍ଷରୁ ୧୦୦ କମ୍ବଳ ବଣ୍ଟନ କରାଯାଇଛି। କିରନ ଜୟପୁରିଆଙ୍କ ନେତୃତ୍ୱରେ ବିଜୁ ଜନତା ଦଳର ରାଜ୍ୟ ଯୁଗ୍ମ ସମ୍ପାଦକ ଇଂ ଦିଲ୍ଲୀପ ଦୁରିଆ, ଧନକୌଡା ବ୍ଲକ ବିଜୁ ମହିଳା ଜନତା ଦଳ ସଭାପତି ସାବିତ୍ରୀ ରଥ, କ୍ରିଷ୍ଣା ବେହେରା, ବିଶିକେଷନ ମିର୍ଧା, ଦୁବରାଜ ଗର୍ତିଆ, ସମିର ପ୍ରଧାନ, ରେମେଶ ଷଣ୍ଢ ଉପସ୍ଥିତ ରହି ଲରଭଙ୍ଗା ଗ୍ରାମର ଶତାଧିକ ବୃଦ୍ଧ ମହିଳା ଏବଂ ପୁରୁଷ ମାନଙ୍କୁ ଶୀତ କାଳୀନ ଋତୁକୁ ନଜରରେ ରଖି କମ୍ବଳ ବଣ୍ଟନ କରଯାଇଛି। ଏହା ସହ ଗ୍ରାମର ପାନୀୟ ଜଳ ସମସ୍ୟା ଓ ବିଭିନ୍ନ ପ୍ରସଙ୍ଗ ଉପରେ ଗ୍ରାମର ବରିଷ୍ଠ ଲୋକଙ୍କ ସହିତ ଆଲୋଚନା କରିଥିଲେ।ଗ୍ରାମରେ ଥିବା ସମସ୍ୟାକୁ ଶୀଘ୍ର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।



# ବୁର୍ଲା ବିଜେଡି ପକ୍ଷରୁ ପ୍ରତିଷ୍ଠା ଦିବସ ପାଳିତ

**ବୁର୍ଲା, ୨୬।୧୨(ସମିସ):** ବିଜେଡି ୨୭ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଆଜି ବୁର୍ଲା ବିଜେଡି ତରଫରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଠାରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଫୁଲ ମାଳ ଅର୍ପଣ କରାଯାଇଛି। ବିଜେଡି ନେତା ପ୍ରଦୀପ କୁମାର ମିଶ୍ରଙ୍କ ନେତୃତ୍ୱରେ ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ କୁମାର ନାୟକ, ନବ ରାଉତ, ଦିଜ ରାଉତ, ଲକ୍ଷ୍ମୀଧର ମହାନ୍ତି, କ୍ରିଷ୍ଣା ରେଡି, ରୋମୀ ମହାପାତ୍ର, ରାଜ କିଶୋର ଦେବତା, ତ୍ରିଲୋଚନ ପ୍ରଧାନ, ଅରକ୍ଷିତ ପ୍ରଧାନ, ଦିଲୀପ ବିଷୋୟୀ, ଦେବଦତ୍ତ ମହାନ୍ତି, ଦୀପ୍ତି ମଲିକ, ଗୌତମ ବେହେରା, ଶ୍ୟାମ ନାଏକ, ମନୋଜ ଲୁହା, ଫିରୁ ରାଉତ, ସୁବୋଧ ଦାସ, ଅନିତା ନାଏକ, ଯୋଶବନ୍ତି ଚକ୍ରବର୍ତୀ ପ୍ରମୁଖ ବହୁତ ସଂଖ୍ୟାରେ କର୍ମୀ ଉପସ୍ଥିତ ଥିଲେ।



# ମାନବ ସେବା ହିଁ ମାଧବ ସେବା ଅନୁଷ୍ଠାନ ପକ୍ଷରୁ ସହାୟତା

**ହୀରାକୁଦ ୨୬।୧୨( ସମିସ)** ଓଡ଼ିଶାର ଏକ ଅଗ୍ରଣୀ ଅନୁଷ୍ଠାନ ମାନବ ସେବା ହିଁ ମାଧବ ସେବା ଚାରିଟେବଲ ଟ୍ରଷ୍ଟ ତରଫରୁ ସମ୍ବଲପୁର ଜିଲ୍ଲାର ହୁମାଠାରେ ଥିବା ବୀର ସୁରେନ୍ଦ୍ର ସାଏ ଜରା ନିବାସରେ ଏକ ସେବା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହିଣ୍ଡାଲକୋ କମ୍ପାନୀର ଇଞ୍ଜିନିୟରିଙ୍ଗ ବିଭାଗର ମ୍ୟାନେଜେର ନୀଳାଞ୍ଚଳ ରାଉତ ମୁଖ୍ୟ ଅତିଥି ଭାବରେ ଓ ଇବ ଥର୍ମାଲ କମ୍ପାନୀର ଅବସର ପ୍ରାପ୍ତ ଡି.ଜି.ଏମ. ଫାଇନାନ୍ସ ଆନନ୍ଦ କୁମାର ବିଶି, ସମ୍ବଲପୁରର ଅବସର ପ୍ରାପ୍ତ ବ୍ୟାଙ୍କ ମ୍ୟାନେଜେର ଯୋଗେଶ ହୋତା ସେଞ୍ଚୁରିଆନ ୟୁନିଭେର୍ସିଟିର ଚିଫ ଲାଇବ୍ରେରୀଆନ ତାପସ କୁମାର ଭୂୟାଁ, ଅନୁଷ୍ଠାନର ଚନ୍ଦ୍ରଶେଖର ଶତପଥୀ, ସହ ସମ୍ପାଦିକା ଇତିଶ୍ରୀ ଶତପଥୀ, ସଂଯୋଜିକା ଗୀତାଞ୍ଜଳୀ ପଣ୍ଡା, ବରିଷ୍ଠ ଉପଦେଷ୍ଟା ଜ୍ଞାନେନ୍ଦ୍ରୀୟ ଦାଶ, ସବିତା ଗୁରୁ, ବିଜୟକେତନ ପଣ୍ଡା, ବିଜୟ ପଣ୍ଡା, ଏଥିସହିତ ଅନୁଷ୍ଠାନର ଅତନୁ ବହିଦାର, ରବିନାରାୟଣ ପଣ୍ଡା, ଯୁଗଳ କିଶୋର ନାୟକ, ବୀଣାପାଣି ଦାସ, ଶୁଭଶ୍ରୀ ନାୟକ, ସଂଗ୍ରାମ କେଶରୀ ନାୟକ, ସୁଶାନ୍ତ ସାହୁ, ମାନଭଞ୍ଜନ ପଣ୍ଡା, ବିନୋଦିନୀ ଦେବତା, ଆଶ୍ରମର ମୁଖ୍ୟ ସତ୍ୟ ନାରାୟଣ ମେଣ୍ଡାଲିଙ୍କ ସହିତ ଅନ୍ୟାନ୍ୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସେମାନଙ୍କ ପରିବାର ବର୍ଗ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଆଶ୍ରମର ଅସୁବିଧା ବିଷୟରେ ଏବଂ ଏମ.ଏସ. ଏମ.ଏସ. ଅନୁଷ୍ଠାନ ବିଷୟରେ ବହୁତ ସୁନ୍ଦର ଆଲୋଚନା କରାଯାଇଥିଲା। ଆଶ୍ରମରେ ଥିବା ୨୫ ଜଣ ଅନ୍ତେବାସୀଙ୍କ ପାଇଁ ୨ ମାସର ରାସନ ସାମଗ୍ରୀ ପ୍ରଦାନ କରାଯଇଥିଲା। ସକାଳ ଜଳଖିଆ ସହ ମଧ୍ୟାହ୍ନ ଭୋଜନ ମଧ୍ୟ ବିତରଣ କରାଯାଇଥିଲା।

# ନିମନ୍ତ୍ରଣ ଦେବାକୁ ସମ୍ବଲପୁରରେ ସେବାୟତ, ଅଧିକାରୀ

**ସମ୍ବଲପୁର, ୨୬।୧୨(ସମିସ):** ସମ୍ବଲପୁର ଜିଲ୍ଲା ପ୍ରଶାସନ ତରଫରୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଭବ୍ୟ ପ୍ରତିଷ୍ଠା ପୂଜା ଓ ଲୋକାର୍ପଣ ଉତ୍ସବ ନିମନ୍ତେ ପୁରୀ ଧାମରୁ ଆସିଥିବା ୩ ସେବାୟତ ଓ ଜଣେ ପ୍ରଶାସନିକ ଅଧିକାରୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ଫକୀର ମୋହନ ମାଝୀ ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ଆସନ୍ତାକାଲି ପୂର୍ବାହ୍ନ ୧୦ଟାରେ ସମଲେଇ ମନ୍ଦିର ଠାରେ ନିମନ୍ତ୍ରଣ ପତ୍ର ବଣ୍ଟନ କାର୍ଯ୍ୟକ୍ରମ ହେବ। ସେଠାରେ ରେଢ଼ାଖୋଲ ଜଗନ୍ନାଥ ମନ୍ଦିର ଏବଂ ସମଲେଇ ମନ୍ଦିରର ସେବାୟତ ମାନଙ୍କୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିମନ୍ତେ ନିମନ୍ତ୍ରଣ ପତ୍ର ବଣ୍ଟନ କରିବେ। ଯାହାକି ଆସନ୍ତା ଜାନୁଆରୀ ୧୭ ରେ ଅନୁଷ୍ଠିତ ହେବ। ଏହି ପ୍ରକଳ୍ପ ନିମନ୍ତେ ପ୍ରତି ଜିଲ୍ଲାର ଦୁଇଟି ମୁଖ୍ୟ ଧର୍ମସ୍ଥଳୀ ମାନଙ୍କଠାରୁ ଦୁଇ ଜଣ ଲେଖାଁଏ ସେବାୟତ ଏହି ପ୍ରକଳ୍ପ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯିବେ। ସମ୍ବଲପୁର ଆସିଥିବା ଏହି ଦଳ ସୁନ୍ଦରଗଡ଼ ଏବଂ ଝାରସୁଗୁଡା ଗସ୍ତ କରି ପୁରୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି।



# ଆଧ୍ୟାତ୍ମିକ, ଯୋଗ, ସ୍ୱାସ୍ଥ୍ୟ ଶିବିରର ଅନ୍ତିମ ଦିବସ

**ସମ୍ବଲପୁର, ୨୬।୧୨ (ସମିସ):** ଧନକଉଡ଼ାସ୍ଥିତ ସୁବାସିନୀ କଲୋନୀରେ ଆୟୋଜିତ ହୋଇଥିବା ତ୍ରିଦିବସୀୟ ଆଧ୍ୟାତ୍ମିକ, ମାନସିକ, ଶାରୀରିକ ସ୍ୱାସ୍ଥ୍ୟ ଶିବିରର ଆଜି ଅନ୍ତିମ ଦିବସ ପାଳିତ ହୋଇଯାଇଛି। ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟାକୁ ନେଇ ଡା. ସୁଭାଷ ଚନ୍ଦ୍ରା ଫିଜିଓଥେରାପି, ଆକ୍ୟୁପ୍ରେସର ଓ ଚୁମ୍ବକ ଚିକିତ୍ସା କରିଥିଲେ। ଯୋଗ ଦର୍ଶନ ଆଶ୍ରମର ପ୍ରଶିକ୍ଷିକା ସୁଶ୍ରୀ ସମା ବିଭିନ୍ନ ଆସନ ମାଧ୍ୟରେ ବହୁ ରୋଗରୁ କିପରି ସବୁ ବର୍ଗର ଲୋକ ଉପଶମ ପାଇପାରିବ ତାହା ଜଣାଇଥିଲେ। ଓଶୋ ଜାଗୃତି ଧ୍ୟାନ କେନ୍ଦ୍ରର ସଂସ୍ଥାପକ ସ୍ୱାମୀ ଧ୍ୟାନ ଆଶିଷଙ୍କ ବିଭିନ୍ନ ଧ୍ୟାନ ଓ ଧ୍ୟାନର ପ୍ରକ୍ରିୟା ତିନି ଦିନ ଧରି ବୁଝାଇଥିଲେ। ଅତିଥି ଅଜୟ ବାବା ଗୋପାଳନ ଦ୍ୱାରା ମିଳୁଥିବା ଉପକାର ଉପକାର ଆଲୋଚନା କରିଥିଲେ। ପ୍ରତି ଗ୍ରାମ ଓ ସହରରେ ରହୁଥିବା ଯୁବପିଢିଙ୍କ ପାଇଁ ଏପରି ଶିବିର ଆୟୋଜନ କରି ଆଧ୍ୟାନିକ ବିକାଶରେ ଉନ୍ନତି ଆଣିପାରିବ ବୋଲି ରୀତା ପଣ୍ଡା ଓ ଅଶୋକ ପଣ୍ଡା ମତବ୍ୟକ୍ତ କରିଥିଲେ। ସମାପନ ଉତ୍ସବରେ ଦିଲ୍ଲୀପ ବଘାର, ଡ. ଶ୍ୟାମ ସୁନ୍ଦର ଧର, ସୟଦ ହବି ବୁଲ୍ଲା ପ୍ରମୁଖଙ୍କ ସାହାଯ୍ୟ ପାଇଁ କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପନ୍ନ ହୋଇଥିଲା।



# ‘ରାସ୍ତାଟା ଟିକେ ଡେଞ୍ଜର ବି ଆଏ, ଆର୍ ଖତରନାକ ବି ଆଏ’

**ସମ୍ବଲପୁର, ୨୬।୧୨(ସମିସ)**

ବିଗତଦିନରେ ସମ୍ବଲପୁରୀ କାର୍ଟୁନ ଜଗତରେ "ରାସ୍ତା ଅବସ୍ଥା ଦେଖି ପକ୍ଷୀ ଦଳର ମୁଖିଆ କହନ୍ତି, ରାସ୍ତା ଟା ଟିକେ ଡେଂଜର୍ ବି ଆଏ; ଆର୍ ଖତରନାକ୍ ବି ଆଏ। ଆମକୁ ସମକୁଁ ହୋ ହେଇକରି ଉଡବାର ଅଛେ ପିଲେ" ଡାଇଲଗ୍ଟି ବେଶ୍ ଚର୍ଚ୍ଚା ହୋଇଥିଲା। ତେବେ ସମ୍ବଲପୁର ଜଗନ୍ନାଥ କଲୋନୀ ରାସ୍ତାରେ ଯିବାଆସିବା କରୁଥିବା ସମସ୍ତେ ବର୍ତ୍ତମାନ ସମାନ ଡାଇଲଗ୍ କହିବାକୁ ଲାଗିଲେଣି। ସଭିଙ୍କ ମୁହଁରେ ରାସ୍ତାଟା ଟିକେ ଡେଂଜର ବି ଆଏ; ଆର୍ ଖତରନାକ ବି ଆଏ ବୋଲି ଶୁଣିବାକୁ ମିଳୁଛି। ପ୍ରଶାସନ ମୃତ୍ୟୁର ଫାଶ ବସାଇଥିବା କେହି କେହି କହୁଛନ୍ତି। ଘଟଣା ହେଉଛି ସମ୍ବଲପୁର ଜଗନ୍ନାଥ କଲୋନୀରୁ ବୁଡାରଜା ରାସ୍ତାକୁ ବାହାରୁଥିବା ରାସ୍ତାରେ ଏମିତି ଷ୍ଟ୍ରିଟ ଲାଇଟ ବିପଦଜ୍ଜନକ ଅବସ୍ଥାରେ ରହିଛି। ତେବେ ଏହାକୁ କୌଣସି କାରଣରୁ ପ୍ରଶାସନ କିମ୍ବା ପ୍ରଶାସନ ଦ୍ୱାରା ନିୟୋଜିତ ଠିକାଦାର ଓପାଡି ପକାଇଛନ୍ତି। ଷ୍ଟ୍ରିଟ ଲାଇଟ ଓପାଡି ତ ଦେଇଛନ୍ତି ହେଲେ ତାକୁ ଠିକଣା ସ୍ଥାନରେ ରଖାଯାଇ ନାହିଁ। ଏପରିକି ରାସ୍ତାରେ ରଖାଯାଇଥିବାରୁ ଷ୍ଟ୍ରିଟ ଲାଇଟଟି ବାହାରକୁ ଲମ୍ବିଯାଇଛି। ଯାହା ଫଳରେ ସେହି ରାସ୍ତା ଦେଇ ଯାଉଥିବା ଲୋକେ ଦୁର୍ଘଟଣାର ଶିକାର ହେବା ଏକ ପ୍ରକାର ଥୟ। ସାମାନ୍ୟ ଅସାବଧାନତା ହେଲେ ଷ୍ଟ୍ରିଟ ଲାଇଟରେ ପିଟି ହେବା ଥୟ। ତେବେ ପ୍ରଶାସନର ଭୁଲ ପାଇଁ ବାଇକ ଆରୋହୀ ଦୁର୍ଘଟଣାର ସମ୍ମୁଖୀନ ହେବେ ବୋଲି ଲୋକେ କହୁଛନ୍ତି। ତେବେ ଦୁର୍ଘଟଣା ଘଟିବା ପୂର୍ବରୁ ଷ୍ଟ୍ରିଟ ଲାଇଟକୁ ରାସ୍ତା ମଝିରୁ ହଟାଇବା ପାଇଁ ଦାବି ହୋଇଛି। ନହେଲେ ପ୍ରଶାସନ ବଦନାମ ହେବା ସହ ସମାଲୋଚନାର ଶିକାର ହେବା ସାଧାରଣ କଥା।

## ଦେଖି କରି ଯିବ





# ମହିଳା ମହାବିଦ୍ୟାଳୟରେ ‘ନୂଆ-ଓ’ ସମୀକ୍ଷା

**ସମ୍ବଲପୁର, ୨୬।୧୨(ସମିସ):** ପୂର୍ବତନ ଶିକ୍ଷାମନ୍ତ୍ରୀ ତଥା ମାନ୍ୟବର ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ଆଜି ସରକାରୀ ମହିଳା ମହାବିଦ୍ୟାଳୟ ପରିଦର୍ଶନ କରି ନୂଆ ଓ କର୍ଯ୍ୟକ୍ରମ ସମୀକ୍ଷା କରିଛନ୍ତି। ଏହା ସହ ଛାତ୍ରୀମାନଙ୍କ ସହିତ ନୂଆଓ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ଓଡ଼ିଶା ସରକାରଙ୍କର ନୂଆ ଓ କାର୍ଯ୍ୟକ୍ରମ କିପରି ଛାତ୍ରୀଙ୍କର ବ୍ୟକ୍ତିତ୍ୱ ବିକାଶରେ ସହାୟକ ହେଉଛି, ସାମାଜିକ ସହାବସ୍ଥାନ କ୍ଷେତ୍ରରେ ଉନ୍ନତି ଆଣି ପାରିଛି ତାହାର ଟିକିନିଖି ସମୀକ୍ଷା କରିଥିଲେ। ଏହା ସହିତ ଛାତ୍ରୀମାନଙ୍କୁ କଲେଜରେ ଉପଲବ୍ଧ ସୁବିଧା ସୁଯୋଗ ସମ୍ପର୍କରେ ପଚାରି ବୁଝିଥିଲେ। ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ନୂଆ ଓ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ ଏବଂ ଏହି ଶିକ୍ଷାନୁଷ୍ଠାନକୁ ଦେଶର ଏକ ଅଗ୍ରଣୀ ଅନୁଷ୍ଠାନରେ ପରିଣତ କରିବାକୁ ସାମୁହିକ ପ୍ରାୟାସ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ରାଜଶ୍ରୀ ବରାଳ ମାନ୍ୟବର ବିଧାୟକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



## ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ସମାରୋହ

# ନବୀନ ପଟ୍ଟନାୟକ ଦେଶର ସର୍ବକାଳୀନ ଅଦ୍ୱିତୀୟ ନେତା

ଦେବଗଡ଼, ୨୬।୧୨(ସମିସ)

ଯେଉଁ ସଙ୍କଳ୍ପ ନେଇ ବିଜୁ ଜନତା ଦଳ ଗଠିତ ହୋଇଥିଲା ତାହା ଆଜି କାର୍ଯ୍ୟରେ ରୂପାନ୍ତରିତ ହୋଇଥିବା ଓଡ଼ିଶାବାସୀ ଅନୁଭବ କରୁଛନ୍ତି। ବିଜେଡି ସରକାର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ



ଯୋଜନା ପ୍ରସ୍ତୁତ କରି ଗରିବ, ଖଟିଖିଆ, ଦିନ ମଜୁରିଆଙ୍କ ପାଖରେ ପହଞ୍ଚି ପାରିଛି ବୋଲି ନେତୃବୃନ୍ଦ ମତବ୍ୟକ୍ତ କରିଛନ୍ତି। ବିଜୁ ଜନତା ଦଳ ସଭାପତି ଇଂ ଚିତ୍ତରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲ୍ଲା ପରିଷଦ ସଭାପତି କୌଶିକ କୁମାର ପ୍ରଧାନ, ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ପାଞ୍ଜିଆ ଭୋଇ, ଜିଲ୍ଲା ପରିଷଦ ସଦସ୍ୟ ରାଜେଶ ମହାନାୟକ, ସମରେନ୍ଦ୍ର କୁମାର ଜିତ୍, ସଦସ୍ୟା ପୁଷ୍ପାଞ୍ଜଳି ସାମଲ, ଗୀତାଞ୍ଜଳି ପାଣି ଓ ବାସନ୍ତୀ ବେହେରା, ବାରକୋଟ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ରିଆମାଳ ପଞ୍ଚାୟତ ସମିତି ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଇଂ. ସୁଜିତ କୁମାର ପ୍ରଧାନ, ଦେବଗଡ଼ ପୌର ପରିଷଦର କାଉନସିଲର ପ୍ରମିଳା ବେହେରା, ସଞ୍ଜୁକ୍ତା ଆଚାର୍ଯ୍ୟ, ବାସନ୍ତୀମଣି ମାଝୀ ଓ ଜତିନ କୁମାର ନାୟକ, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ଅରୁଣି ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଷମା ବେହେରା, ଦେବଗଡ଼ ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷା ଅନିତା ପାତ୍ର, ଅର୍ଚ୍ଚନା ପ୍ରଧାନ, ପାର୍ବତୀ ସାହୁ, ଶକୁନ୍ତଳା ପ୍ରଧାନ, ସୁଜାତା ପ୍ରଧାନ, ବାରକୋଟ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ବେହେରା, ଏସ୍‌ଡିସିସି ବ୍ୟାଙ୍କର ପୂର୍ବତନ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ପୂର୍ବତନ ସଦସ୍ୟ ଭୂପେନ୍ଦ୍ର ପ୍ରସାଦ ନାୟକ, ତିଲେଇବଣି ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିଭୂତି ଗଙ୍ଗଦେବ, ତିଲେଇବଣି ବ୍ଲକ ବିଜେଡି ସଭାପତି ବାବୁଲାଲ ପୃଷେଠ, ବାରକୋଟ ବ୍ଲକ ବିଜେଡି ସଭାପତି ହୀରାଲାଲ ସାହୁ, ଦେବଗଡ଼ ନଗର ବିଜେଡି ସଭାପତି ଶୁକଦେବ ଭଞ୍ଜ, ଜିଲ୍ଲା ଯୁବ ବିଜେଡି ସଭାପତି ପ୍ରତାପ କୁମାର ଦେବ, ଛାତ୍ର ବିଜେଡି ସଭାପତି ଭବାନୀ ଶଙ୍କର ସାହୁ, ବରିଷ୍ଠ ବିଜେଡି ନେତା ସତ୍ୟ ନାରାୟଣ ପାଣି, କାମାକ୍ଷା ଗଙ୍ଗଦେବ, ବିକାଶ କୁମାର ପ୍ରଧାନ, ରଞ୍ଜନ କୁମାର ସାହୁ, ସମୀର ରଞ୍ଜନ ପ୍ରଧାନ, ଆଲୋକ କୁମାର ଅମାନ୍ତ ଓ ଶଙ୍କର୍ଷଣ ମହାପାତ୍ରଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ମଞ୍ଚାସୀନ ରହି ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଦେବଗଡ଼ ଜିଲ୍ଲା ଗଠନରେ ବିଜୁ ବାବୁଙ୍କ ଭୂମିକା ଅତୁଳନୀୟ ବୋଲି ନେତୃବୃନ୍ଦ ମତବ୍ୟକ୍ତ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶର ସର୍ବକାଳୀନ ଅଦ୍ୱିତୀୟ ନେତା ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଜେଡି ନେତୃବୃନ୍ଦ ଦଳୀୟ କର୍ମୀ ଓ ନେତାମାନେ ମିଳିତ ଭାବେ ଏକତ୍ରିତ ହୋଇ କାମ କଲେ ଦେବଗଡ଼ ଜିଲ୍ଲା ଶଙ୍ଖମୟ ହୋଇପଡ଼ିବ ଓ ଆଗାମୀ ନିର୍ବାଚନରେ ଉଭୟ ବିଧାନସଭା ଓ ଲୋକସଭା ଆସନରେ ବିଜେଡି ପ୍ରାର୍ଥୀ ବିଜୟୀ ହେବେ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ପୂର୍ବାହ୍ନରେ ପ୍ରଧାନପାଟ ଶିଶୁ ଉଦ୍ୟାନସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯିବା ପରେ ଦଳୀୟ ନେତା ଓ କର୍ମୀମାନେ ଏକ ବିଶାଳ ଗଣଦୌଡରେ ସାମିଲ ହୋଇ ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ପହଞ୍ଚିଥିଲେ। ଏହି ଅବସରରେ ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ଦଳ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ୨୧ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ।

## ବ୍ରଜରାଜନଗରରେ ରୋଗୀଙ୍କୁ କମ୍ବଳ ବଣ୍ଟନ

**ବ୍ରଜରାଜନଗର:** ବିଜୁ ଜନତା ଦଳର ୨୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବ୍ରଜରାଜନଗର ନିର୍ବାଚନମଣ୍ଡଳୀସ୍ତରୀୟ ଏହି ପ୍ରତିଷ୍ଠା ଦିବସ ପାଳନ ଅବସରରେ ବ୍ରଜରାଜନଗର ବିଜେଡ଼ି ଟାଉନ ସଭାପତି ତପନ ରାଧାକାନ୍ତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବିଧାୟିକା ଅଳକା ମହାନ୍ତି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସକାଳ ୯ଟାରେ ଖଳିଆକାନୀ ଛକସ୍ଥିତ କିଶୋର ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି



ଅବସରରେ ବ୍ରଜରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହାଛଡ଼ା ଇଏସ୍‌ଆଇ ଛକସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ସେଠାରୁ ବିଜୁ ପଟ୍ଟନାୟକ ଛକ (ଗୋଲ ଚକ୍କର ଛକ) ପର୍ଯ୍ୟନ୍ତ ଗଣଦୌଡ ଅନୁଷ୍ଠିତ ହୋଇଥିଲା। ବିଜୁ ପଟ୍ଟନାୟକଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ବିଜୁ ପଟ୍ଟନାୟକ ଛକରେ ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଧାୟିକା ଶ୍ରୀମତୀ ମହାନ୍ତି ଏକ ରକ୍ତଦାନ ଶିବିର ଉଦଘାଟନ କରିଥିଲେ। ସୁଇମିଂ ପୁଲ୍ ପଡ଼ିଆରେ ବିଜେଡ଼ି ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ ସଭାର ଆୟୋଜନ କରାଯାଇଥିଲା। ବିଶ୍ୱନାଥ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ବିଧାୟିକା ଅଳକା ମହାନ୍ତି ଯୋଗଦାନ କରିଥିଲେ। ଗୌତମ ପ୍ରଧାନ, ବାବୁଲା ରୁଙ୍ଗଟା, ପର୍ଶୁରାମ ସାହୁ, ଶ୍ୟାମ ଶତପଥୀ, କୁଳମଣୀ ଦାସ, ବିଜୟ ପାଣି, ରବି ପ୍ରଧାନ, ଶମ୍ଭୁ ମହାନ୍ତି, ସାଧନା ସାମନ୍ତରାୟ, ଟିକେଶ୍ୱର୍ ସେନାପତି, ରାଜିନ ସାହୁ, କୈଳାସ ନାଏକ, ଚିନ୍ତାମଣି ଦାସ, ଲଖନପୁର ବ୍ଲକ ଅଧ୍ୟକ୍ଷା ହିତେଶ୍ୱରି ତିହିଦିଆ, ବ୍ରଜରାଜନଗର ପୌର ପରିଷଦ ଅଧ୍ୟକ୍ଷା ଯାଜ୍ଞସେନୀ ଓରାମ, ସଞ୍ଜୀବ ପ୍ରଧାନ, ସନତ ସିଂ, ଅକ୍ଷୟ ସାହୁ ପ୍ରମୁଖ ସଭାରେ ଉଦବୋଧନ ଦେଇଥିଲେ। ଶେଷରେ କିଶୋର ମହାନ୍ତିଙ୍କ ପୁଅ ପୁରୁଷୋତ୍ତମ ମହାନ୍ତି ଧନ୍ୟବାଦ୍ ଜ୍ଞାପନ କରିଥିଲେ। ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ଦଳୀୟ ପଦାଧିକାରୀ, ନିର୍ବାଚିତ ଜନ ପ୍ରତିନିଧି, ପୂର୍ବତନ ଜନ ପ୍ରତିନିଧି, ସକ୍ରିୟ ସଦସ୍ୟ ସଦସ୍ୟା, ମହିଳା, ଯୁବ, ଛାତ୍ର ସଙ୍ଗଠନର ଶତାଧିକ ସଦସ୍ୟ ସଦସ୍ୟା ଓ ସକ୍ରିୟ କର୍ମୀମାନେ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

## ରାଜ୍ୟପାଳଙ୍କ ଝାରସୁଗୁଡ଼ା ଗସ୍ତ ଆଜି

**ଝାରସୁଗୁଡ଼ା, ୨୬।୧୨ (ସମିସ):** ରାଜ୍ୟପାଳ ରଘୁବର ଦାସ ବୁଧବାର ଝାରସୁଗୁଡ଼ା ଜିଲ୍ଲା ଗସ୍ତରେ ଆସି ଅନେକ କାର୍ଯ୍ୟକ୍ରମରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟପାଳଙ୍କ ଗସ୍ତକୁ ନେଇ ବ୍ୟାପକ ପ୍ରସ୍ତୁତି କରାଯାଇଛି। ରାଜ୍ୟପାଳ ବରଗଡ଼ରୁ କାର୍ ଯୋଗେ ଝାରସୁଗୁଡ଼ାକୁ ସକାଳେ ପହଞ୍ଚିବା ପରେ ସକାଳ ୧୦ଟା ୫୦ ମିନିଟରେ ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନର ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିବେ। ସେଠାରୁ ଦୁର୍ଲଗାରେ ପହଞ୍ଚି ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କୁ ସାକ୍ଷାତ କରି ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ପଞ୍ଚାୟତ କାର୍ଯ୍ୟାଳୟଠାରେ ଦୁର୍ଲଗା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କ ସହିତ ଆଲୋଚନା କରିବେ। ତାଲପଟିଆଠାରେ ସ୍କୁଲ ଛାତ୍ରଛାତ୍ରୀ, କୃଷକ ଏବଂ ଗ୍ରାମବାସୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି। ସେଠାରୁ ଜିଲ୍ଲା ସଦର ଡାକ୍ତରଖାନାକୁ ଯିବେ। ଡାକ୍ତର, ପାରା ମେଡ଼ିକାଲ ଷ୍ଟାଫ ଏବଂ ରୋଗୀଙ୍କ ସହ ଆଲୋଚନା କରିବେ। ମଧ୍ୟାହ୍ନ ଭୋଜନ ପରେ ଅପରାହ୍ନ ୩ଟାରେ ଏଚ୍ କଗପାଲିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀଙ୍କ ସହ ସାକ୍ଷାତ ଆଲୋଚନା ରହିଛି। ଅପରାହ୍ନ ୪ଟାରେ ଡିଏମ୍‌ଏଫ୍ କନଫରେନ୍ସ ହଲଠାରେ ଜିଲ୍ଲା ପ୍ରଶାସନ ସହ ଆଲୋଚନା ଏବଂ ଜିଲ୍ଲାରେ ଗ୍ରହଣ କରାଯାଇଥିବା ଉଲ୍ଲେଖନୀୟ କାର୍ଯ୍ୟ ସମ୍ପର୍କରେ ପ୍ରଶାସନ ପକ୍ଷରୁ ରାଜ୍ୟପାଳଙ୍କୁ ଅବଗତ କରାଯିବ। ସନ୍ଧ୍ୟା ୫ଟା ୨୫ ମିନିଟରେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ବିମାନ ଯୋଗେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି।

## କାର୍-ପିକ୍‌ଅପ୍ ମୁହାଁମୁହିଁ ଧକ୍କା

**ଝାରସୁଗୁଡ଼ା, ୨୬।୧୨(ସମିସ):** ମଙ୍ଗଳବାର ପୂର୍ବାହ୍ନରେ ଜାମଗାଁ କାଳିମନ୍ଦିର ମଝିରେ ୪୯ ନମ୍ବର ଜାତୀୟ ରାଜପଥରେ ଏକ ପିକ୍‌ଅପ ଓ ଏରଟିକା କାର ମଧ୍ୟରେ ମୁହାଁମୁହଁ ଧକ୍କା ହେବାରୁ କାରଟିର ସମ୍ମୁଖ ଭାଗ ଚୁରମାର ହୋଇଯାଇଛି। ଦୁର୍ଘଟଣା ଘଟାଇ ପିକ୍‌ଅପଟି ଓଲଟି ପଡ଼ିଛି। ଦୁର୍ଘଟଣାରେ ଜଣେ ଆହତ ହୋଇଛନ୍ତି। ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି।

## ଧାନମଣ୍ଡିରେ ଅବ୍ୟବସ୍ଥା ନେଇ କଂଗ୍ରେସର ଅଭିଯୋଗ

**ଦେବଗଡ଼, ୨୬।୧୨ (ସମିସ):** ଧାନମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ନେଇ ଦେବଗଡ଼ ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି। ପୂର୍ବାହ୍ନରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ସେମ୍ ହେମ୍ବ୍ରମ ଉପ ଜିଲ୍ଲାପାଳ ପରୀକ୍ଷିତ ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଏନେଇ



ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦେବଗଡ଼ ଜିଲ୍ଲାରେ ଗତ ୧୫ତାରିଖରୁ ଧାନ କିଣା ଆରମ୍ଭ ହୋଇଥିବା ବେଳେ ଧାନମଣ୍ଡି ଗୁଡିକରେ କ୍ୱିଣ୍ଟାଲ ପ୍ରତି ସାଢେ ୩ କେଜିରୁ ୭ କେଜି ପର୍ଯ୍ୟନ୍ତ କଟନୀଛଟନୀ କରାଯାଉଛି। ଏଥିସହ ମିଲକୁ ଧାନ ଆଣିଦେବା ପାଇଁ ମିଲର୍ସମାନେ ଚାଷୀମାନଙ୍କୁ ବାଧ୍ୟ କରୁଛନ୍ତି। ଏଥିସହ ମିଲ୍‌କୁ ଧାନ ଆଣି ନ ଦେଲେ ଧାନ ଉଠାଇବୁ ନାହିଁ ବୋଲି ଚାଷୀମାନଙ୍କୁ ପରୋକ୍ଷରେ ଧମକ ଦେଉଥିବାରୁ ଅଭାବୀ ଚାଷୀମାନେ ବାଧ୍ୟ ହୋଇ ମିଲ୍‌କୁ ଧାନ ନେବା ସହ ହଜାର ହଜାର ଟଙ୍କାର କ୍ଷତି ସହୁଛନ୍ତି। ଏସବୁ ଜାଣି ଜିଲ୍ଲା ପ୍ରଶାସନ ନିରବଦ୍ରଷ୍ଟା ପାଲଟିଛି ବୋଲି କଂଗ୍ରେସ ପକ୍ଷରୁ ଦାବିପତ୍ରରେ ଅଭିଯୋଗ କରାଯିବା ସହ ଏଥିପ୍ରତି ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି କରାଯାଇଛି।

## ନାବାଳକର ଗଳା କାଟି ହତ୍ୟା, ଜଣେ ଅଟକ

**ଝାରସୁଗୁଡ଼ା, ୨୬।୧୨(ସମିସ):** ଲଖନପୁର ଥାନା ଅନ୍ତର୍ଗତ କର୍ଲାପୁରୀ ଗ୍ରାମରେ ଜଣେ ୧୪ ବର୍ଷୀୟ ନାବାଳକର ଗଳା କାଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ନାବାଳକ ଜଣକ ବିବେକ (ଓରଫ୍ ପାନ୍) ବୋଲି ଜଣାପଡ଼ିଛି। ପ୍ରକାଶ ଥାଉକି ବିବେକ ପିଲାଟି ଦିନରୁ ତାଙ୍କ ମାଆ ସହିତ କର୍ଲାପୁରୀ ନିଜ ମାମୁଁ ଘରେ ରହୁଥିଲେ। ବାପା ନ ଥିବା ବିବେକକୁ ଯେତେବେଳେ ୨ ରୁ ୩ ବର୍ଷ ହୋଇଥିଲା ତାଙ୍କ ମାଆ ନିଆଁରେ ଜଳିଯାଇ ପ୍ରାଣ ହରାଇଥିଲେ। ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧ଟା ମଧ୍ୟରେ ବିବେକ କର୍ଲାପୁରୀ ଗ୍ରାମ ନିକଟସ୍ଥ ପୋଖରୀକୁ ମାଛ ଧରିବା ପାଇଁ ଯାଇଥିଲେ। ଏହି ସମୟରେ କର୍ଲାପୁରୀ ଗ୍ରାମର ବିକାଶ ଦିଶ୍ରୀ ନାମକ ଜଣେ ଯୁବକ ମଧ୍ୟ ପୋଖରୀରେ ଉପସ୍ଥିତ ଥିଲେ। ବିକାଶ ଜଣେ ମାନସିକ ରୋଗୀ ଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ତେବେ ସେଠାରେ କୌଣସି କଥାକୁ ନେଇ କେହି ଦୁର୍ବୃତ୍ତ ଏକ ଧାରୁଆ ଛୁରୀ ଅଥବା ବଂଶୀ କଣ୍ଟା ଯୋଗେ ବିବେକର ଗଳା କାଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଅଜା ସନ୍ତୋଷ ଲୁହାର ସ୍ଥାନୀୟ ଲୋକଙ୍କ ସହାୟତାରେ ବିବେକକୁ ଘଟଣାସ୍ଥଳରୁ ଉଦ୍ଧାର କରି କାଳେ ସେ ଜୀବିତ ଥିବ ସେ ନେଇ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ବିବେକ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିଲେ। ଏନେଇ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ସନ୍ଦେହରେ ଯୁବକ ବିକାଶ ଦିଶ୍ରୀକୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି। ତେବେ ତାଙ୍କୁ ପ୍ରକୃତରେ ବିକାଶ ନା ଆଉ କିଏ ହତ୍ୟା କରିଛି ଏବଂ କେଉଁ କାରଣରୁ ତାହା ସ୍ପଷ୍ଟ ହୋଇପାରିନାହିଁ।

## ସ୍ୱର୍ଗତ ପ୍ରସନ୍ନ ପଣ୍ଡାଙ୍କ ୨୬ତମ ଶ୍ରାଦ୍ଧ ଦିବସ ପାଳିତ



### ଜନନେତାଙ୍କୁ ଭାରତ ରତ୍ନ ପାଇଁ ଦାବି

**ଝାରସୁଗୁଡ଼ା, ୨୬।୧୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗତ ଆଡ଼ାପଡ଼ା ଗ୍ରାମରେ ଜନନେତା ସ୍ୱର୍ଗତ ପ୍ରସନ୍ନ ପଣ୍ଡାଙ୍କ ୨୬ ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ହୀରାକୁଦ ବାସନ୍ତ୍ରୁୟତ ହେଉ କି ବିଭିନ୍ନ ଶିଳ୍ପ ସଂସ୍ଥା ଶ୍ରମିକ ମାନଙ୍କ ସମସ୍ୟା ହେଉ ପ୍ରସନ୍ନ ବାବୁ ସବୁବେଳେ ଲୋକ ସେବା ପରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କର ତ୍ୟାଗକୁ କେବେବି ଭୁଲିହେବନାହିଁ ବୋଲି ଅନୁଷ୍ଠିତ ସ୍ୱତନ୍ତ୍ର ସଭାରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ପ୍ରସନ୍ନ ପଣ୍ଡା ସ୍ମୃତି କମିଟିର ରାଜ୍ୟ ସମ୍ପାଦକ ଅଭୟ ସାହୁ, ଆଇନଜୀବୀ ଅଶୋକ କୁମାର ପଣ୍ଡା, ଅଶୋକ କୁମାର ଦାସ, ଶିବପ୍ରସାଦ ନନ୍ଦ, କ୍ଷୀରୋଦ ସିଂହଦେଓ, ରମେଶ ତ୍ରିପାଠୀ, ତପନ କୁମାର ବାରିକ, ସାରଙ୍ଗଧର ମିଶ୍ର, ରଘୁନନ୍ଦନ ପଣ୍ଡାଙ୍କ ସମେତ ସ୍ଥାନୀୟ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

### ପ୍ରସନ୍ନ ପଣ୍ଡା ସ୍ମୃତି କମିଟି

ଜନ ନେତା ଭାବରେ ପରିଚିତ ସ୍ୱର୍ଗତ ପ୍ରସନ୍ନ କୁମାର ପଣ୍ଡାଙ୍କର ୨୬ତମ ତିରୋଧାନ ଦିବସ ଜିଲ୍ଲାର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ଝାରସୁଗୁଡ଼ା ବିଟିଏମ୍ ବାଇପାସ ଛକଠାରେ ଥିବା ପ୍ରସନ୍ନ ପଣ୍ଡାଙ୍କ ପ୍ରତିମୂର୍ତ୍ତିଠାରେ ପ୍ରସନ୍ନ ପଣ୍ଡା ସ୍ମୃତି କମିଟି ପକ୍ଷରୁ ମାଲ୍ୟାର୍ପଣ କରିବା ସହିତ ତାଙ୍କର ସ୍ମୃତିଚାରଣ କରାଯାଇଛି। ଏହି ଅବସରରେ ସାରଙ୍ଗଧର ମିଶ୍ର, ମହେନ୍ଦ୍ର ନାଏକଙ୍କ ସମେତ ଅନେକ କର୍ମୀ ଉପସ୍ଥିତ ଥିଲେ।

## ବିଜେଡି ପ୍ରତିଷ୍ଠା ଦିବସ ପାଳିତ






**ଝାରସୁଗୁଡ଼ା, ୨୬।୧୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ବିଜେଡି ପକ୍ଷରୁ ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଝାରସୁଗୁଡା ବିଧାୟିକା ଦୀପାଳି ଦାସ ଯୋଗଦେଇ ବଡ଼ମାଳସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ବଡ଼ମାଳ ଛକଠାରୁ ପୁରୁଣା ବସଷ୍ଟାଣ୍ଡ ଛକ ପର୍ଯ୍ୟନ୍ତ ଏକ ବିଶାଳ ମୋଟରସାଇକେଲ ଶୋଭାଯାତ୍ରା ବାହାରିଥିଲା। ଆଜିର ଦିନରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରେରଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ଦଳ ଗଠନ କରାଯାଇଥିଲା। ଏହି ଦଳ ଲୋକଙ୍କ ଦଳ ଓ ସାଧାରଣ ଲୋକ ପାଇଁ କାର୍ଯ୍ୟ କରିଆସୁଅଛି। ଏହି ଦଳର କର୍ମୀମାନେ ଲୋକଙ୍କ ବିକାଶ କଥା ଭାବନ୍ତି ଓ ବିକାଶ ଦିଗରେ କାର୍ଯ୍ୟ କରନ୍ତି। ଏହା ସହ ନବୀନ ପଟ୍ଟନାୟକଙ୍କୁ ଅନୁସରଣ କରି ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ସ୍ୱର୍ଗତ ନବ କିଶୋର ଦାସଙ୍କ ଦେଖିଥିବା ନୂତନ ଝାରସୁଗୁଡ଼ା ନିର୍ମାଣ ସ୍ୱପ୍ନକୁ ଆଗେଇ ନେବା ପାଇଁ ଦଳ ଓ ଦଳୀୟ କର୍ମୀ ତତ୍ପର ଅଛୁ ବୋଲି ଝାରସୁଗୁଡ଼ା ବିଧାୟିକା ଦୀପାଳି ଦାସ କହିଥିଲେ। ସ୍ୱର୍ଗତ କିଶୋର ମହାନ୍ତିଙ୍କ ଏକ ପ୍ରତିମୂର୍ତ୍ତି ମଙ୍ଗଳବଜାରରେ ପ୍ରତିଷ୍ଠା କରାଯିବ ବୋଲି ବିଧାୟିକା ଘୋଷଣା କରିଥିଲେ। କାଳି ମନ୍ଦିର ସ୍ଥିତ ପଣ୍ଡା ବଗିଚାଠାରେ ଅନୁଷ୍ଠିତ ସମାରୋହରେ ହଜାର ହଜାର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଏହି କାର୍ଯକ୍ରମରେ ଜିଲ୍ଲା ସଭାପତି ରବି ସିଂ, ମହିଳା ସଭାପତି ରୋଜାଲିନ ପଟେଲ, ବ୍ଲକ ଅଧ୍ୟକ୍ଷ ଚିତ୍ରେନୀ ପଟେଲ, ସଞ୍ଜିତ ନାଏକ, ଭୋଜରାଜ ପଟେଲ, ଝାରସୁଗୁଡ଼ା ପୌରାଧ୍ୟକ୍ଷା ରାନି ହାତୀ, ଜିଲ୍ଲା ଯୁବ ବିଜେଡ଼ି ସଭାପତି ପ୍ରଶାନ୍ତ ଜେନା, ତାପସ ରାୟ ଚୌଧୁରୀ, ତ୍ରିନାଥ ଗୁଆଲ୍, ସନ୍ଦିପ ଅବସ୍ଥୀ, ହରିଶ ଗଣତ୍ରା, ରାମ ମୋହନ ରାୟ, ରାଜୁ ପାଣିଗ୍ରାହୀ, ପ୍ରତାପ ନନ୍ଦ, ପିଣ୍ଟୁ ପାଢ଼ୀ, ମଦନ ହାତୀ, ଜୟ ପ୍ରକାଶ କୁଅଁର, ତୁଳସୀ ଦାସ, ଚିରଞ୍ଜିବୀ ପତି, ବିଶ୍ୱନାଥ ତ୍ରିପାଠୀ, ଶ୍ରୀକାନ୍ତ ପାତ୍ର, ସ୍ୱତନ୍ତ୍ର ଶର୍ମା, ରାଜୁ ମିଶ୍ର, ସରିତା ଅଗ୍ରୱାଲ, ରିଙ୍କି କୌର, ନବନିତ୍ କୌର, ସୁବାସ କେଡିଆ, ଲିଙ୍ଗରାଜ ମହାପାତ୍ର, ଶିବାଶୀଷ ପଟ୍ଟନାୟକ ଓ ରିପୁନ ମହାପାତ୍ର ପ୍ରଭୃତି ଉପସ୍ଥିତ ଥିଲେ।

## ଡିଏଭିରେ ବହୁଭାଷୀ ସାହିତ୍ୟ ସମ୍ମିଳନୀ

# ‘ସାହିତ୍ୟ ହିଁ ବ୍ୟକ୍ତିତ୍ୱ ବିକାଶର ଆଧାର’

**ଝାରସୁଗୁଡ଼ା, ୨୬।୧୨(ସମିସ):** ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ପରିସର ମଧ୍ୟରେ ବହୁଭାଷୀ ସାହିତ୍ୟ ସମ୍ମିଳନୀ-୨୦୨୩ ଅନୁଷ୍ଠିତ ହୋଇଯାଇଛି। ଡିଏଭି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସାହିତ୍ୟ ସମ୍ମିଳନୀରେ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟଅତିଥି ଭାବରେ ଯୋଗଦେଇ କବିମାନଙ୍କୁ ସ୍ରଷ୍ଟା ତଥା ଯୋଗଜନ୍ମା ବୋଲି ବର୍ଣ୍ଣନା କରିବା ସହିତ ପଦ୍ମଶ୍ରୀ ପ୍ରାପ୍ତ ହେବାର ଶ୍ରେୟ ପଶ୍ଚିମାଞ୍ଚଳର ଶୁଭେଚ୍ଛୁମାନଙ୍କୁ ଦେଇଥିଲେ। ଶ୍ରୀ ନାଗ ଆହୁରି କହିଥିଲେ ଯେ ଭାରତ ଏକ ସଂସ୍କୃତି ସମ୍ପନ୍ନ ଦେଶ। ରାମଚରିତ ମାନସର ସ୍ରଷ୍ଟା ଗୋସ୍ୱାମୀ ତୁଳସୀ ଦାସ, ଅନ୍ଧ କବି ଭୀମ ଭୋଇ ଓ ଗଙ୍ଗାଧର ମେହେରଙ୍କ କୃତୀ ତାଙ୍କ ଲାଗି ଆଦର୍ଶ ବୋଲି ସେ ଭାବ ପ୍ରକଟ କରିଥିଲେ। ମୁଖ୍ୟବକ୍ତା ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର କାମଦେବ ସାହୁ ବ୍ୟକ୍ତିର ସର୍ବାଙ୍ଗୀନ ଓ ବ୍ୟକ୍ତିତ୍ୱ ବିକାଶରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ବକ୍ତା ପୁରୀ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ରମାକାନ୍ତ ମିଶ୍ର ସଂସ୍କୃତ ଭାଷାକୁ ଭାଷାବୀଜ ବୋଲି ବ୍ୟକ୍ତ କରିବା ସହ ସଂସ୍କୃତ ଓ ସଂସ୍କୃତି ପରସ୍ପର ଅନୁପୂରକ ବୋଲି ପ୍ରକାଶ କରିଥିଲେ। ବିହାର ଥାବେ ବିଶ୍ୱବିଦ୍ୟାଳୟର କୁଳପତି ଧୀରଜ ପାଠକ ଭାଷାକୁ କଠିନ ପରିଶ୍ରମ ଓ ସାଧନା ଦ୍ୱାରା ହିଁ ହାସଲ କରାଯାଇପାରେ ବୋଲି ମତବ୍ୟକ୍ତ କରିଥିଲେ। ଅତିଥିଗଣଙ୍କଦ୍ୱାରା ବିଦ୍ୟାଳୟ




ପ୍ରାଙ୍ଗଣରେ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସମ୍ମିଳନୀରେ ଅଞ୍ଚଳରେ ତଥା ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ସୁସାହିତ୍ୟିକ ସ୍ୱର୍ଗତଃ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ ତାଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭୀମଭୋଇ ଗବେଷଣା ଗୃହର ଅବସରପ୍ରାପ୍ତ ପ୍ରଫେସର ଡ. ପ୍ରଦୀପ କୁମାର ପଣ୍ଡା ସମ୍ମିଳନୀର ସଭାକାର୍ଯ୍ୟ ସଂଯୋଜନା କରିଥିଲେ। ବିଦ୍ୟାଳୟ ତରଫରୁ ଅତିଥିମାନଙ୍କୁ ସେମାନଙ୍କ ଅତୁଳନୀୟ ସାହିତ୍ୟ କୃତୀ ଲାଗି ସ୍ମରଣିକା ଓ ଉପଢୌକନ ପ୍ରଦାନପୂର୍ବକ ସମ୍ମାନିତ କରାଯାଇଥିଲା। ଯୁବ କବି ଓ ଲେଖକମାନେ ସ୍ୱରଚିତ ସର୍ଜନା ଉପସ୍ଥାପନ କରିଥିଲେ। ଏହି ଅବସରରେ ନୃତ୍ୟ, ସାମୂହିକ ସଙ୍ଗୀତ ପରିବେଷଣ ତଥା ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ସମ୍ମିଳନୀରେ ସହରର ଅନେକ ସାହିତ୍ୟପ୍ରେମୀ, କବି, ଲେଖକ, ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକବୃନ୍ଦ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତରଫରୁ ଡ. ମଞ୍ଜୁଶ୍ରୀ ବେଦୁଲା, ଅକ୍ଷୟ କୁମାର ପାଣି, ଅଲେଖ ବିହାରୀ ସାହୁ ଓ ସତ୍ୟନାରାୟଣ ଜେନା ମିଳିତ ଭାବରେ ସାହିତ୍ୟ ସମ୍ମିଳନୀ ସଞ୍ଚାଳନ କରିଥିଲେ। ବରିଷ୍ଠ ଶିକ୍ଷକ ସୁବାସ ଚନ୍ଦ୍ର ମିଶ୍ର, ରାହାସ ବିହାରୀ ଦାଶ, ନୀଳିମା ପଟେଲ, ବିଜୟ କୁମାର ଦାଶ ଓ ପଞ୍ଚାନନ ପଟେଲ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ସହଯୋଗ କରିଥିଲେ। ଅନ୍ତିମ ପର୍ଯ୍ୟାୟରେ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ଉପସ୍ଥିତ ସାହିତ୍ୟପ୍ରେମୀଙ୍କୁ ସେମାନଙ୍କ ଉପସ୍ଥିତି ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଉମାକାନ୍ତଙ୍କ ହତ୍ୟାକାରୀଙ୍କୁ ଗିରଫ ଦାବିରେ ମହିଳାଙ୍କ ଥାନା ଘେରାଉ

ଦେବଗଡ଼, ୨୬।୧୨(ସମିସ)

ଦେବଗଡ଼ ଜିଲ୍ଲା ଲଇମୁରା ଥାନାଞ୍ଚଳ ଭାଲୁଗୁହା ଗ୍ରାମର ଉମାକାନ୍ତ ବାଘଙ୍କ ହତ୍ୟା ଘଟଣାରେ ହତ୍ୟାକାରୀକୁ ପୁଲିସ ଧରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଗ୍ରାମର ମହିଳାମାନେ ମଙ୍ଗଳବାର ଦ୍ୱିତୀୟ ଥର ପାଇଁ ଥାନା ଘେରଉ କରିଛନ୍ତି। ପ୍ରକାଶଥାଉକି ଉମାକାନ୍ତ ନିଖୋଜ ହେବା ନେଇ ପରିବାର ଲୋକେ ୧୨ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ୧୬ ତାରିଖ ଦିନ ଉକ୍ତ ଗ୍ରାମର କେତେକ ଯୁବକ ଭାଲୁଗୁହା ଗ୍ରାମ ଦେଇ ଯାଇଥିବା ନାଳକୁ ଗାଧୋଇବାକୁ ଯାଇଥିବା ବେଳେ ଉକ୍ତ ନାଳ ମଧ୍ୟରେ ଉମାକାନ୍ତଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ତେବେ ନିକଟସ୍ଥ ସୁରୁପା ଗ୍ରାମର ଚନ୍ଦ୍ରମଣୀ ସୁନାନି ନାମକ ଜଣେ ଯୁବକ ଏକଥା ଜାଣିବା ପରେ ଏନେଇ କାହାରିକୁ ନ ଜଣାଇବା ପାଇଁ ସମ୍ପୃକ୍ତ ଯୁବକମାନଙ୍କୁ କୁଆଡ଼େ ଅନୁରୋଧ କରିଥିଲେ। ଏ ଘଟଣା ପ୍ରଘଟ ହେବା ପରେ ଗତ ୨୨ ତାରିଖ ଦିନ ଗ୍ରାମରେ ଏକ ବୈଠକ ବସିବା ସହ ସେଠାକୁ ଚନ୍ଦ୍ରମଣୀଙ୍କୁ ଡକାଯାଇଥିଲା। ଉକ୍ତ ବୈଠକରେ ଗ୍ରାମବାସୀ ଚନ୍ଦ୍ରମଣୀଙ୍କୁ ପଚାରିବାରୁ ସେ କୁଆଡେ ପ୍ରାରମ୍ଭିକ ପର୍ଯ୍ୟାୟରେ ଘଟଣା ସମ୍ପର୍କରେ କିଛି ଜାଣି ନ ଥିବା ପ୍ରକାଶ କରିଥିଲା। ମାତ୍ର ପରେ



ସେ ନିଜେ ଉମାକାନ୍ତଙ୍କୁ ହତ୍ୟା କରିବା ସହ ଅନ୍ୟ ଜଣେ ବ୍ୟକ୍ତି ସହାୟତାରେ ଜଙ୍ଗଲ ମଧ୍ୟରେ ପୋତି ଦେଇଥିବା ସ୍ୱୀକାର କରିଥିଲେ। ଏନେଇ ଭାଲୁଗୁହା ଗ୍ରାମର ମହିଳାମାନେ ଗତ ୨୩ ତାରିଖ ଦିନ ଲଇମୁରା ଥାନାରେ ଲିଖୀତ ଅଭିଯୋଗ କରିଥିଲେ ହେଁ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ କରି ୨୪ ତାରିଖ ଦିନ ଲଇମୁରା ଥାନା ଘେରଉ କରିଥିଲେ। ଏହା ସତ୍ତ୍ୱେ ଅଭିଯୁକ୍ତ ବିରୋଧରେ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଦର୍ଶାଇ ଏହାର ପ୍ରତିବାଦ କରିବା ସହ ହତ୍ୟାକାରୀକୁ ଅବିଳମ୍ବେ ଗିରଫ କରିବା ଦାବିରେ ଆଜି ପୁଣି ଥରେ ଲଇମୁରା ଥାନା ଘେରାଉ କରିଥିଲେ। ସୂଚନା ପାଇ ଦେବଗଡ଼ ଏସ୍‌ଡିପିଓ ସୌମ୍ୟରଞ୍ଜନ ମଲ୍ଲିକ ଲଇମୁରା ଥାନାରେ ପହଞ୍ଚି ଆନ୍ଦୋଳନରତ ମହିଳାମାନଙ୍କ ସହିତ ଆଲୋଚନା କରିଥିବା ବେଳେ ସେମାନେ ଏସଡ଼ିପିଓଙ୍କ ଆଗରେ ମଧ୍ୟ ସମାନ ଦାବି ଉପସ୍ଥାପନ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଚନ୍ଦ୍ରମଣୀ ଉମାକାନ୍ତକୁ ହତ୍ୟା କରି ଭାଲୁଗୁହା ଜଙ୍ଗଲ ମଧ୍ୟରେ ପୋତି ଦେଇଥିବା ଏବଂ ନାନା ଧମକଚମକ ଦେଉଥିବା ନେଇ ଆଜି ଲଇମୁରା ଥାନାରେ ଲିଖିତ ଅଭିଯୋଗ କରିଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି।

## ବେଆଇନ ବନ୍ୟଜନ୍ତୁ ଶିକାର ପାଇଁ ହେଉଛି ବିଦ୍ୟୁତ ବିଭ୍ରାଟ

### ସର୍ଭିସ ତାର, ବୋତଲ ଓ ଖାଡ଼ି ଜବତ

**ରିଆମାଳ, ୨୬।୧୨(ସମିସ):** ରିଆମାଳ ବ୍ଲକ ଅଞ୍ଚଳରେ ଶିକାରୀମାନଙ୍କ ଉପଦ୍ରବ ଯୋଗୁଁ ବିଦ୍ୟୁତ ବିଭ୍ରାଟ ହେଉଛି। ବିଦ୍ୟୁତ ତାର ବିଛାଇ ବନ୍ୟଜନ୍ତୁ ଶିକାର କରୁଥିବାରୁ ବିଦ୍ୟୁତ ତାର ଉପରେ ପ୍ରଭାବ ପଡ଼ି ସ୍ପାର୍କ ହୋଇ ନିଆଁ ବାହାରି ବିଦ୍ୟୁତ ବିଭ୍ରାଟ ହେଉଛି। ମଙ୍ଗଳବାର ରାତି ୭ଟାରୁ ୮ଟା ୩୦ ପର୍ଯ୍ୟନ୍ତ ବହୁବାର ବିଦ୍ୟୁତ୍ କାଟ୍ ହୋଇଥିଲା। ଖବର ପାଇ ରିଆମାଳ ବନ ବିଭାଗ ଓ ବିଦ୍ୟୁତ କର୍ମଚାରୀ ମିଶି ପାଟ୍ରୋଲିଂ କରିଥିଲେ। ରିଆମାଳ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ରିଆମାଳ-ରାମପାଲି ରାସ୍ତା ହାତୀପଥର ଜଙ୍ଗଲଠାରେ ବେଆଇନ ବିଦ୍ୟୁତ ତାର ବିଛାଇ ଜଙ୍ଗଲି ଜନ୍ତୁ ଶିକାର କରୁଥିବା ଜାଣି ଘଟଣାସ୍ଥଳରେ ପହଞ୍ଚି ସେଠାରୁ ସର୍ଭିସ ତାର, ଜିଆଇ ତାର, ବୋତଲ ଓ ଖାଡି ଆଦି ଶିକାର ପାଇଁ ବ୍ୟବହୃତ ସାମଗ୍ରୀ ଜବତ କରିଛନ୍ତି। ଉକ୍ତ ଶିକାରୀମାନଙ୍କୁ ଗିରଫ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୭୫ ● ପାଉଣ୍ଡ ୧୦୫.୫୬
- ୟୁରୋ ୯୧.୩୫ ● ୟେନ୍ ୦.୫୮

**ସୁନାରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୮,୫୦୦ (ନୂଆଦିଲ୍ଲୀ)
- ରୁପା : ୭୭,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୧,୩୩୬.୦୦
- ନିଫ୍ଟି ୨୧,୪୪୧.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



**ଆଇଆର୍‌ଡିଏର ସୁପାରିସ**

## ନୂଆବର୍ଷରୁ ସ୍ୱାସ୍ଥ୍ୟ ବୀମା ନିୟମରେ ହେବ ବଡ଼ ପରିବର୍ତ୍ତନ !

# ୬୫ ବର୍ଷ ପରେ ବି ନେଇହେବ ସ୍ୱାସ୍ଥ୍ୟ ବୀମା

**ନୂଆଦିଲ୍ଲୀ,୨୬।୧୨(ଏଜେନ୍ସି):**

ବର୍ତ୍ତମାନ ସ୍ୱାସ୍ଥ୍ୟ ବୀମା ସମସ୍ତଙ୍କ ପାଇଁ ଏକ ବଡ଼ ଆବଶ୍ୟକତା ପାଲଟିଛି। କରୋନା ମହାମାରୀ ପରେ ସ୍ୱାସ୍ଥ୍ୟ ବୀମାଧାରୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଛି। କିନ୍ତୁ ଏଠାରେ ଏକ ବଡ଼ ସମସ୍ୟା ହେଉଛି, ସ୍ୱାସ୍ଥ୍ୟ ବୀମା ପ୍ରଦାନକାରୀ କମ୍ପାନୀଗୁଡ଼ିକ ଏମିତି କିଛି ନିୟମ ରଖିଛନ୍ତି, ଯେଉଁଥିପାଇଁ ବୀମାଧାରୀମାନେ ବେଶ ହଇରାଣ ହରକତ ହେଉଛନ୍ତି। ନୂଆ ବର୍ଷରେ ସ୍ୱାସ୍ଥ୍ୟ ବୀମା ପାଇଁ ପଲିସି କ୍ଷେତ୍ରରେ କେତେକ ପ୍ରସ୍ତାବ ସୁପାରିସ କରିଛି। ଏଥିରେ ବୀମାକାରୀଙ୍କ ବୟସ ସୀମା ଶେଷ କରିବା ପାଇଁ ମଧ ବୀମା ନିୟାମକଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି।

ସ୍ୱାସ୍ଥ୍ୟ ବୀମା କ୍ଷେତ୍ରରେ ଆଇଆର୍‌ଡିଏ ଆଣିବାକୁ ଯାଉଥିବା କେତେକ ପରିବର୍ତ୍ତନ ବୀମାଧାରୀଙ୍କ ପାଇଁ ଆଶ୍ୱସ୍ତି ଆଣିଛି। ବୀମା ନିୟାମକ କହିଛନ୍ତି ଯେ, ଏଣିକି ସ୍ୱାସ୍ଥ୍ୟବୀମା ଦାବି ବା କ୍ଲେମ୍ କରିବା ପାଇଁ ରୋଗୀଙ୍କୁ ଆଉ ଡାକ୍ତରଖାନାରେ ୨୪ ଘଣ୍ଟା ଭର୍ତ୍ତି ହେବାକୁ ପଡ଼ିବନାହିଁ। ବୀମା କମ୍ପାନୀ

### ବୟସ ସୀମା, ୨୪ ଘଣ୍ଟା ଭର୍ତ୍ତି ରହିବା ସର୍ତ୍ତର ଅନ୍ତ ପାଇଁ ପ୍ରସ୍ତାବ



ସର୍ବାଧିକ ବୟସ ସୀମାକୁ ଶେଷ କରାଯାଇପାରେ। ନୂଆ ନିୟମରେ ୬୫ ବର୍ଷ ପରେ ବି ଲୋକମାନେ ସ୍ୱାସ୍ଥ୍ୟ ବୀମା କିଣିପାରିବେ। ଯେମିତିକି ସ୍ୱାସ୍ଥ୍ୟ ବୀମା ରାଶି ଦାବି କରିବା ପାଇଁ ଆପଣଙ୍କୁ ଡାକ୍ତରଖାନାରେ ୨୪ ଘଣ୍ଟା ଭର୍ତ୍ତି ହେବା ଜରୁରୀ। ଏହି ନିୟମ ଯୋଗୁଁ ସ୍ୱାସ୍ଥ୍ୟବୀମା ଥାଇ ମଧ ଆପଣଙ୍କୁ ଅନେକ ସମୟରେ ନିଜ ପକେଟ୍‌ରୁ ଅର୍ଥ ଭରଣା କରିବାକୁ ପଡ଼ିଥାଏ। ତେଣୁ ନୂଆ ବର୍ଷରୁ ଭାରତୀୟ ବୀମା ନିୟାମକ ଓ ବିକାଶ କର୍ତ୍ତୃପକ୍ଷ (ଆଇଆର୍‌ଡିଏ) ସ୍ୱାସ୍ଥ୍ୟ ବୀମା ଗଡିକ ଏଥିପାଇଁ ପୃଥକ ବ୍ୟବସ୍ଥା କରିବେ। ଏହି ଦାବିକୁ ଡେ-କେୟାର ଅଧୀନରେ ରଖାଯାଇପାରିବ ଏବଂ ଜଣେ ୨୪ ଘଣ୍ଟା ପାଇଁ ଡାକ୍ତରଖାନାରେ ଆଡମିଶନ ନ ହୋଇ ମଧ ବୀମା କମ୍ପାନୀଠାରୁ ବୀମାରାଶି ଦାବି କରିପାରିବେ। ନୂଆ ନିୟମ ବୀମାକାରୀଙ୍କୁ ଅନେକ ସୁବିଧା ଯୋଗାଇବ। ଡାକ୍ତରଖାନାରେ ଭର୍ତ୍ତି ହେବା ନେଇ ସ୍ୱଷ୍ଟ ସଂଜ୍ଞା ନିରୂପଣ କରିଛନ୍ତି ବୀମା ନିୟାମକ ପ୍ରାଧିକରଣ। ଆଇଆର୍‌ଡିଏଆଇର କହିବାନୁଯାୟୀ, ବୀମାରାଶି ପାଇବା ପାଇଁ ବୀମାଧାରୀଙ୍କୁ ଅତି କମ୍‌ରେ ୨୪ ଘଣ୍ଟା ଡାକ୍ତରଖାନାରେ ଚିକିତ୍ସିତ ହେବା ଜରୁରୀ, କିନ୍ତୁ କେତେକ ବିଶେଷ ଚିକିତ୍ସା କ୍ଷେତ୍ରରେ ଏହି ନିୟମରେ କିଛିଟା କୋହଳ କରାଯାଇଛି। ସ୍ୱାସ୍ଥ୍ୟବୀମାରେ ନୂଆ ଟର୍ମ 'ଡେ କେୟାର'କୁ ସାମିଲ କରାଯାଇଛି। ଯାହା ଦ୍ୱାରା ୨୪ ଘଣ୍ଟା ମଧରେ ଯେକୌଣସି ଅସ୍ତ୍ରୋପଚାର କରାଯାଉଥିଲେ କିମ୍ବା ଆନାସ୍ଥେସିଆ ବା ନିଶ୍ଚେତକ ବ୍ୟବହାର ହେଉଥିଲେ ବୀମାଧାରୀ ମେଡି କ୍ଲେମ୍ କରିପାରିବେ। ଏଭଳି ସ୍ଥିତିରେ ରୋଗୀଙ୍କୁ ଆଉ ୨୪ ଘଣ୍ଟା ପାଇଁ ଡାକ୍ତରଖାନାରେ ଭର୍ତ୍ତି ହେବା ଜରୁରୀ ନୁହେଁ।

ନୂଆ ନିୟମ ଅନୁଯାୟୀ କିଛି ବିଶେଷ ଧରଣର ଚିକିତ୍ସାକୁ 'ଡେ କେୟାର'ରେ ଅନ୍ତର୍ଭୁକ୍ତ କରାଯାଇଛି। ଯଦି କୌଣସି ଚିକିତ୍ସାରେ ଆନାସ୍ଥେସିଆ ବା ନିଶ୍ଚେତକର ବ୍ୟବହୃତ ହୋଇଥାଏ ଏବଂ ଏ କ୍ଷେତ୍ରରେ ରୋଗୀ ଡାକ୍ତରଖାନାରେ ୨୪ ଘଣ୍ଟା ବିତାଇ ନ ଥିଲେ ମଧ ମେଡିକ୍ଲେମ୍ ଦାବି କରିପାରିବ। ଯେମିତି କି ଟନ୍‌ସିଲ୍ ଅସ୍ତ୍ରୋପଚାର, କେମୋଥେରାପି, ମୋତିଆବିନ୍ଦୁ ଅସ୍ତ୍ରୋପଚାର, ସାଇନସ୍ ଅପରେସନ୍, ରେଡିଓଥେରାପି, ହେମୋ ଡାଏଲିସିସ୍, କରୋନାରୀ ଆଞ୍ଜିଓଗ୍ରାଫି, ଚର୍ମ ପ୍ରତିରୋପଣ ଓ ଆଣ୍ଠୁ ଅପରେସନ୍ ଅନ୍ତର୍ଭୁକ୍ତ। ଏହି ଧରଣର ଚିକିତ୍ସା ପାଇଁ ଆଉ ବୀମାଧାରୀଙ୍କୁ ୨୪ ଘଣ୍ଟା ପାଇଁ ଆଡମିଶନ ନେବାର ଆବଶ୍ୟକତା ନାହିଁ। ଅପରପକ୍ଷେ 'ଡେ କେୟାର' ଅଧୀନରେ ଡାକ୍ତରଖାନାରେ ୨୪ ଘଣ୍ଟା ଭର୍ତ୍ତି ନ ହୋଇ ମଧ ବୀମା କମ୍ପାନୀଗୁଡ଼ିକ ଆପଣଙ୍କୁ ମେଡି କ୍ଲେମ୍ ସୁବଧା ଦେଇଦେବେ କିନ୍ତୁ ଏଥିପାଇଁ ଆପଣଙ୍କୁ କିଛିଟା କ୍ଷତି ମଧ ସହିବାକୁ ପଡ଼ିବ। ନୂଆ ନିୟମ ଅନୁଯାୟୀ, 'ଡେ କେୟାର' ଟର୍ମରେ ଡାକ୍ତରଙ୍କ ଫି, ହେଲ୍‌ଥ ଚେକ୍‌ଅପ୍ (ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଅନୁସନ୍ଧାନ) ବାବଦ ଖର୍ଚ୍ଚକୁ ଅନ୍ତର୍ଭୂକ୍ତ କରାଯାଇନାହିଁ। ଏହି ବର୍ଗରେ 'ଆଉଟ ଡୋର୍' ବା ବର୍ହିର ଚିକିତ୍ସାକୁ ଅନ୍ତର୍ଭୁକ୍ତ କରାଯାଇଛି। କିଛି ଖର୍ଚ୍ଚକୁ ବାଦ୍‌ଦେବା ପରେ ବୀମାଭୁକ୍ତ ବ୍ୟକ୍ତି ସହଜରେ ବାକି ଦାବି କରିପାରିବେ। ନିକଟରେ ଗୁଜରାଟର ଏକ ଖାଉଟି ଅଦାଲତ ଏଭଳି ଏକ ମାମଲାର ବିଚାର କରି ବୀମା କମ୍ପାନୀ ବିରୋଧରେ ରାୟ ଦେଇଥିଲେ। ଏହା ପରେ ଆଇଆର୍‌ଡିଏ ଏହି ନିୟମ ଆଣିଛନ୍ତି।

## ନଭେମ୍ବର ସୁଦ୍ଧା ୭୦୦ରୁ ଅଧିକ ପିଏଲ୍‌ଆଇ ଆବେଦନକୁ ମଞ୍ଜୁରୀ

**ନୂଆଦିଲ୍ଲୀ,୨୬।୧୨(ଏଜେନ୍ସି):** ଔଷଧ, ଏଲ୍‌ଇଡି, ଏସି ତଥା ଇଲେକ୍ଟ୍ରୋନିକ୍ ଉତ୍ପାଦ ଭଳି ୧୪ଟି କ୍ଷେତ୍ରରେ, ଉତ୍ପାଦନ ଆଧାରିତ ପ୍ରୋତ୍ସାହନ (ପିଏଲ୍‌ଆଇ) ଯୋଜନା ଅନୁଯାୟୀ ୨୦୨୩ ନଭେମ୍ବର ସୁଦ୍ଧା ୭୪୬ ଆବେଦନକୁ ମଞ୍ଜୁରୀ ଦିଆଯାଇଛି। ମଙ୍ଗଳବାର ଏକ ବିବୃତ୍ତିରେ ଏହି ସୂଚନା ଦେଇଛନ୍ତି କେନ୍ଦ୍ର ସରକାର। ବିବୃତ୍ତି ଅନୁଯାୟୀ, ଭାରତର ନିର୍ମାଣ କ୍ଷମତା ତଥା ରପ୍ତାନୀ ବୃଦ୍ଧି ପାଇଁ ୧.୯୭ ଲକ୍ଷ କୋଟି ଟଙ୍କାର ବ୍ୟୟରେ ୧୪ଟି କ୍ଷେତ୍ର ପାଇଁ ପିଏଲଆଇ ଯୋଜନା ଘୋଷଣା କରାଯାଇଛି। ଲାଭାର୍ଥୀ କମ୍ପାନି ୨୪ ରାଜ୍ୟରେ ୧୫୦ରୁ ଅଧିକ ଜିଲ୍ଲାରେ ୟୁନିଟ୍ ସ୍ଥାପନ କରିଛନ୍ତି। ସେପ୍ଟେମ୍ବର ସୁଦ୍ଧା ୯୫ ହଜାର କୋଟି ଟଙ୍କାରୁ ଅଧିକ ନିବେଶ ହୋଇଛି। ଯେଉଁଥିରେ ୭.୮୦ ଲକ୍ଷ କୋଟି ଟଙ୍କାର ଉତ୍ପାଦନ ଏବଂ ବିକ୍ରି ହୋଇଛି ତଥା ୬.୪ ଲକ୍ଷରୁ ଅଧିକ ରୋଜଗାର ଅବସର ଉତ୍ପନ ହୋଇଛି।ବିବୃତ୍ତରେ ଆହୁରି କୁହାଯାଇଛି ଯେ, "ନଭେମ୍ବର ୨୦୨୩ ସୁଦ୍ଧା ୭୪୬ ଆବେଦନ ସ୍ୱୀକୃତ ହୋଇଛି। ୨୦୨୨-୨୩ରେ ପ୍ରାୟ ୨,୯୦୦ କୋଟି ଟଙ୍କାର ପ୍ରୋତ୍ସାହନ ଦିଆଯାଇଛି। ତିନି ବର୍ଷର ଅବଧିରେ ମୋବାଇଲ ଉତ୍ପାଦନ ରେ ୨୦ ପ୍ରତିଶତ ବୃଦ୍ଧି ହୋଇଛି। ଆହୁରି ମଧ ୨୦୨୨-୨୩ରେ ସମୁଦାୟ ଇଲେକ୍ଟ୍ରୋନିକ ଉତ୍ପାଦନ ୧୦୧ ବିଲିୟନ ଡଲାର ଥିଲା ଯେଉଁଥିରେ ସ୍ମାର୍ଟଫୋନ୍‌ର ଭାଗୀଦାରୀ ୪୪ ବିଲିୟନ ଡଲାର ରହିଥିଲା। ସେହିଭଳି ୧୧.୧ ବିଲିୟନ ଡଲାରର ରପ୍ତାନୀ ହୋଇଥିଲା।

**ଆଖୁ ରସରୁ ଇଥାନଲ୍ ପ୍ରସ୍ତୁତି ଉପରେ ନିଷେଧାଦେଶ**

## ଉତ୍ପାଦନକାରୀଙ୍କ ନଜର ମକା ଓ ଗହମ ଉପରେ



**ନୂଆଦିଲ୍ଲୀ,୨୬।୧୨(ଏଜେନ୍ସି):** ନଭେମ୍ବରରୁ ୨୦୨୩-୨୪ ଯୋଗାଣ ବର୍ଷରେ ଆଖୁ ରସରୁ ଇଥାନଲ ଉତ୍ପାଦନ ବନ୍ଦ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଡିସେମ୍ବର ୭ରେ ନିଆଯାଇଥିବା ଏହି ନିଷ୍ପତ୍ତି କେବଳ ଚିନି କ୍ଷେତ୍ରର ଦ୍ୱନ୍ଦ୍ୱକୁ ବଢ଼ାଇ ଦେଇଛି ତା ନୁହେଁ ପେଟ୍ରୋଲ ଡିଜେଲରେ ଇଥାନଲ ମିଶ୍ରଣ ଯୋଜନା ନେଇ ମଧ ଆଶଙ୍କା ସୃଷ୍ଟି ହୋଇଛି। ୨୦୨୫ ସୁଦ୍ଧା ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ ମିଶ୍ରଣ ଲକ୍ଷ୍ୟ ନେଇ ଅନେକ ବିଶେଷଜ୍ଞ ପ୍ରଶ୍ନ ଉଠାଉଛନ୍ତି। ଏଭଳି ପରିସ୍ଥିତିରେ ବର୍ତ୍ତମାନ ଉତ୍ପାଦନକାରୀମାନେ ଭାରତୀୟ ଖାଦ୍ୟ ନିଗମ ଦ୍ୱାରା ଯୋଗାଯାଇଥିବା ଗହମ ଏବଂ ମକାରୁ ଇଥାନଲ୍ ଉତ୍ପାଦନ ଉପରେ ନଜର ରଖିଛନ୍ତି। ୨୦୨୫ ସୁଦ୍ଧା ୨୦ ପ୍ରତିଶତ ମିଶ୍ରଣର ଲକ୍ଷ୍ୟ ହାସଲ କରିବାକୁ, ଯୋଗାଣ ବର୍ଷରେ ୨୦୨୩-୨୪ ରେ ପେଟ୍ରୋଲରେ ୧୫ ପ୍ରତିଶତ ଇଥାନଲ ମିଶ୍ରଣ କରିବାର ଲକ୍ଷ୍ୟ ହାସଲ କରିବାକୁ ପଡିବ। କିନ୍ତୁ ଅଧିକାଂଶ ବିଶେଷଜ୍ଞ କହିଛନ୍ତି ଯେ ବର୍ତ୍ତମାନ ଆଖୁ ରସକୁ ବାଦ ଦିଆଯାଇଛି। ଯଦି ଏହା କରାଯାଇଥାଏ ମିଶ୍ରଣ ୨୦୨୩-୨୪ ରେ ୧୦ ପ୍ରତିଶତରେ ମଧ ପହଞ୍ଚିବନାହିଁ। ସାମ୍ପ୍ରତିକ ବର୍ଷଗୁଡିକରେ, ଆଖୁ ରସ ଇଥାନଲ୍ ପ୍ରସ୍ତୁତର ବୃହତ୍ତମ ଉତ୍ସ ଭାବରେ ଉଭା ହୋଇଛି। ଚିନି ମୂଲ୍ୟରେ ହ୍ରାସ ସ୍ଥିତି ଉତ୍ସାହଜନକ ଦେଖାଯାଉ ନ ଥିବାରୁ ଇଥାନଲ ମିଶ୍ରଣ ଯୋଜନା ବର୍ତ୍ତମାନ କିଛି ବର୍ଷ ବିଳମ୍ବ ହେବ ବୋଲି ନିଶ୍ଚିତ ହୋଇଛି। ତେବେ ଚିନି କମ୍ପାନୀଗୁଡିକର ତୀବ୍ର ବିରୋଧ ପରେ କେନ୍ଦ୍ର ସରକାର ଏହି ନିଷେଧାଦେଶର କିଛି ସର୍ତ୍ତକୁ ଆରାମ ଦେଇଛନ୍ତି। ୨୦୨୩-୨୪ରେ ଇଥାନଲ୍ ପ୍ରସ୍ତୁତିରେ ୧୭ ଲକ୍ଷ ଟନ୍ ଚିନି ବ୍ୟବହାର କରିବାକୁ ଅନୁମତି ଦେଇଛନ୍ତି, କିନ୍ତୁ ପୂର୍ବରୁ ଏହି ଯୋଜନା ୪୦ ଲକ୍ଷ ଟନ୍ ରହିଥିଲା।

## ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ମହାପ୍ରବନ୍ଧକଙ୍କ ଦାୟିତ୍ୱ ଗ୍ରହଣ



**ଭୁବନେଶ୍ୱର,୨୬।୧୨(ସିମସ):** ଭାରତୀୟ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳର ନୂତନ ମହାପ୍ରବନ୍ଧକ ରୂପେ ଦିନେଶ ପୃଥି ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ପୃଥି ୧୯୯୧ରେ ଷ୍ଟେଟ୍ ବ୍ୟାଙ୍କରେ ପ୍ରୋବେସନାରୀ ଅଫିସର ଭାବେ ଯୋଗଦେଇଥିଲେ। ଏହା ପୂର୍ବରୁ ସେ ମୁମ୍ବାଇ ସ୍ଥିତ ଷ୍ଟେଟ ବ୍ୟାଙ୍କ କର୍ପୋରେଟ କାର୍ଯ୍ୟାଳୟରେ ମୁଖ୍ୟ ମହାପ୍ରବନ୍ଧକ (ସ୍ୱତନ୍ତ୍ର ପ୍ରକଳ୍ପ) ବିଭାଗରେ କାର୍ଯ୍ୟରତ ଥିଲେ। ତାଙ୍କ ନିଯୁକ୍ତି ଚନ୍ଦର ଶେଖର ଶର୍ମାଙ୍କ ସ୍ଥାନରେ ହୋଇଛି। ଶ୍ରୀ ଶର୍ମା ଷ୍ଟେଟ ବ୍ୟାଙ୍କ ଭୋପାଳ ମଣ୍ଡଳର ମହାପ୍ରବନ୍ଧକ ଭାବରେ ସ୍ଥାନାନ୍ତରିତ ହୋଇଛନ୍ତି।


## ଲାଲ୍‌ଚାନ୍ଦ୍ ଜୁଏଲର୍ସ ପକ୍ଷରୁ ଏଣ୍ଡ ଅଫ୍ ଇୟର୍ ଅଫର୍

**ଭୁବନେଶ୍ୱର,୨୬।୧୨(ସମିସ):** ଅଳଙ୍କାର ପ୍ରତିଷ୍ଠାନ ଲାଲ୍‌ଚାନ୍ଦ୍ ଜୁଏଲର୍ସ ପକ୍ଷରୁ ଏଣ୍ଡ ଅଫ୍ ଇୟର୍ ଅଫର ଅଣାଯାଇଛି। ବିଦାୟୀ ବର୍ଷ ୨୦୨୩କୁ ମେଲାଣି ଏବଂ ନବ ବର୍ଷ ୨୦୨୪କୁ ସ୍ୱାଗତ ସହ ବର୍ଷପୂର୍ତ୍ତି ମଉଜକୁ ଦ୍ୱିଗୁଣିତ କରିବା ପାଇଁ ସୁନା, ରୁପା ଏବଂ ହୀରାର ସର୍ବୋତ୍କୃଷ୍ଟ ସଂଗ୍ରହରେ ଲାଲ୍‌ଚାନ୍ଦ୍ ଅନେକ ଆକର୍ଷଣୀୟ ଅଫର୍ ପ୍ରଦାନ କରୁଛି। ବିଶେଷ କରି ସମସ୍ତ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନା ଗହଣାର ଗଢ଼ା ମୂଲ୍ୟ ପ୍ରତି ଗ୍ରାମ୍ ପିଛା ଫ୍ଲାଟ୍ ୬୯୯ଟଙ୍କା ରଖାଯାଇଛି। ନୂଆବର୍ଷ ସହ ଆଗାମୀ ଉତ୍ସବ ଋତୁକୁ ଧାନରେ ରଖି ଓଡ଼ିଶାର ନିର୍ଭରଯୋଗ୍ୟ ଜୁଏଲର୍ସ ଲାଲ୍‌ଚାନ୍ଦ୍ ଏହି ଏଣ୍ଡ ଅଫ୍ ଇୟର୍ ଅଫରରେ ହୀରା ମୂଲ୍ୟ ଉପରେ ଫ୍ଲାଟ୍ ୨୦%, ନିର୍ଦ୍ଦିଷ୍ଟ ହାତଘଣ୍ଟା ବ୍ରାଣ୍ଡଗୁଡ଼ିକ ଉପରେ ଫ୍ଲାଟ୍ ୨୦%, ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୫୦% ଏବଂ ବ୍ରାଣ୍ଡେଡ୍ ଆଇଟମ୍ ଉପରେ ଫ୍ଲାଟ୍ ୧୫% ରିହାତି ପ୍ରଦାନ କରାଯାଉଛି। ଏହି ଅଫର୍ କେବଳ ୨୫ ଡିସେମ୍ବର ୨୦୨୩ରୁ ୧ ଜାନୁଆରୀ ୨୦୨୪ ପର୍ଯ୍ୟନ୍ତ ଉପଲବ୍ଧ। ଲାଲ୍‌ଚାନ୍ଦ୍ର ପ୍ରତ୍ୟେକ ଶୋ'ରୁମ୍‌ରେ ବିଆଇଏସ୍ ହଲ୍‌ମାର୍କଯୁକ୍ତ ପୁରୁଣା ସୁନାର ଏକ୍ସଚେଞ୍ଜ୍ ଉପରେ ୧୦୦% ସୁନା ମୂଲ୍ୟ ମିଳୁଥିବା ନେଇ ସୂଚନା ଦିଆଯାଇଛି। ଏହାସହ ଏସ୍‌ବିଆଇ କାର୍ଡ ଉପଭୋକ୍ତା ପାଇଁ ଲାଲ୍‌ଚାନ୍ଦ୍‌ର ସମସ୍ତ ଷ୍ଟୋରରେ ୫% ଅତିରିକ୍ତ କ୍ୟାସ୍ ବ୍ୟାକ୍ ଅଫର୍ ପ୍ରଦାନ କରାଯାଉଛି। ଲାଲ୍‌ଚାନ୍ଦ୍ ଜୁଏଲର୍ସ ସର୍ବଦା ଗ୍ରାହକଙ୍କ ହିତ ଓ ସତ୍ୟତାକୁ ଅଗ୍ରାଧିକାର ଦେଇ ଦୀର୍ଘ ୩୫ ବର୍ଷ ଧରି ସଚେତନତା ଅଭିଯାନ ଚଳାଇ ଆସୁଛି। ସୁନାର ଗୁଣବତ୍ତା ସହ ଲାଲ୍‌ଚାନ୍ଦ୍ ଗ୍ରାହକଙ୍କୁ 'ଅପ୍ ଟୁ ସ୍କାମ୍' ଏବଂ ସର୍ତ୍ତମୂଳକ କିମ୍ବା ବିଭ୍ରାନ୍ତିକର ଅଫରରୁ ଦୂରେଇ ରହିବା ନେଇ ସଚେତନ କରିଆସୁଛି। ଏଥିସହ ସର୍ବଦା ଫ୍ଲାଟ୍ ଓ ସ୍ୱଚ୍ଛ ଗଢ଼ା ମଜୁରୀକୁ ଚୟନ କରିବା ପାଇଁ ଗ୍ରାହକଙ୍କୁ ପରାମର୍ଶ ଦେଇଆସୁଛି। ଭୁବନେଶ୍ୱରରେ ଗ୍ରାହକଙ୍କ ସୁବିଧା ପାଇଁ ମାଷ୍ଟର୍ କ୍ୟାଣ୍ଟିନ୍ ଶୋ' ରୁମ୍‌ର ପଛ ପାର୍ଶ୍ୱର୍ସ୍ଥ ନୂତନ ଦ୍ୱାରଠାରେ ପର୍ଯ୍ୟାପ୍ତ ପାର୍କିଂର ସୁବ୍ୟବସ୍ଥା ସହ ସମ୍ମୁଖ ଦ୍ୱାର ନିକଟରେ ପାର୍କିଂ ବ୍ୟବସ୍ଥା ରହିଛି।


## ସେନ୍‌ସେକ୍ସରେ ୨୩୦ ପଏଣ୍ଟ ବୃଦ୍ଧି

**ମୁମ୍ବଇ,୨୬।୧୨(ଏଜେନ୍ସି):** ଘରୋଇ ପୁଞ୍ଜିବଜାରରେ ଉତ୍ସାହ ଧାରା ଜାରି ରହିଛି। ମଙ୍ଗଳବାର କାରବାର ଶେଷ ବେଳକୁ ସେନ୍‌ସେକ୍ସରେ ୨୩୦(୨୨୯.୮୪) ପଏଣ୍ଟ ବା ୦.୩୨ ପ୍ରତିଶତ ବୃଦ୍ଧି ଘଟି ୭୧,୩୩୬.୮୦ ପଏଣ୍ଟରେ କାରବାର ଶେଷ ହୋଇଛି। ସେହିପରି ଆଜି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିରେ ୯୧.୯୫ ବା ୦.୪୩ ପ୍ରତିଶତ ବୃଦ୍ଧି ଘଟି ୨୧,୪୪୧.୩୫ ପଏଣ୍ଟରେ କାରବାର ଶେଷ ହୋଇଛି।

## ଗିଫ୍ଟ ସ୍ୱୟଂଶାସିତ କଲେଜରେ ଆଲୁମନି ମିଟ୍



**ଭୁବନେଶ୍ୱର,୨୬।୧୨(ସିମସ):** ଗିଫ୍ଟ ସ୍ୱୟଂ ଶାସିତ କଲେଜରେ ୧୩ତମ ଆଲୁମନି ମିଟ୍ ଗାମେକ୍ସ-୨୦୨୩ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେଙ୍ଗାଲୁର, ଦିଲ୍ଲୀ, ମୁମ୍ବାଇ, ନାଗପୁର, ହାଇଦ୍ରାବାଦ, କୋଲକାତା, ଚେନ୍ନାଇ ଓ ଭୁବନେଶ୍ୱରର ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଇଥିବା ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଏହି ସମାରୋହରେ ଗିଫ୍ଟର ଉପାଧ୍ୟକ୍ଷ ଡଃ. ପତିତପାବନ ପଣ୍ଡା, ଅଧ୍ୟକ୍ଷ ଡଃ. ଶରତ କୁମାର ମହାରଣା, ଡିନ୍ ଏକାଡେମିକ୍ ଡଃ. ରବିନାରାୟଣ ପଣ୍ଡା, ଓଏସଡି ଇଂ ସମୀର ରଞ୍ଜନ ପଣ୍ଡା, ରେଜିଷ୍ଟ୍ରାର ସନ୍ତୋଷ କୁମାର ଉପାଧ୍ୟାୟ, କାର୍ଯ୍ୟକ୍ରମ ର ଉପଦେଷ୍ଟା ପ୍ରଫେସର ମିନତୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପ୍ରଫେସର ଅର୍ଚ୍ଚନା ପଣ୍ଡା ପରିଚାଳନା କରିଥିବା ବେଳେ ଶେଷରେ ପ୍ରଫେସର ମିନତୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଟେଲିକମ୍ ବିଲ୍‌କୁ ରାଷ୍ଟ୍ରପତିଙ୍କ ମଞ୍ଜୁରି



**ନୂଆଦିଲ୍ଲୀ,୨୬।୧୨(ଏଜେନ୍ସି):** ସମ୍ପ୍ରତି ସଂସଦର ଉଭୟ ଗୃହରେ ଅନୁମୋଦନ ଲାଭ କରିଥିବା ଟେଲିକମ୍ ବିଲ୍‌କୁ ଆଜି ରାଷ୍ଟ୍ରପତିଙ୍କ ମଞ୍ଜୁରି ମିଳିଛି। ଏହାସହିତ ଟେଲିକମ୍ ଅଧିନିୟମ ୨୦୨୩ ଏହି କ୍ଷେତ୍ରର ନିବେଶକଙ୍କ ଲାଗି ଅନୁକୂଳ ହେବା ସହ ଶତାବ୍ଦୀ ପୁରୁଣା ନିୟମ ପରିବର୍ତ୍ତନ କରିବାକୁ ପ୍ରସ୍ତୁତ। ଏହା ମଧ ଉପଭୋକ୍ତାଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେଉଥିବାବେଳେ ଯୋଗାଯୋଗରେ ବାଧା ଏଡାଇବାକୁ ସରକାରଙ୍କୁ ପୂର୍ଣ୍ଣ କ୍ଷମତା ପ୍ରଦାନ କରୁଛି। ଯଦିଓ ହ୍ୱାଟ୍ସଆପ୍ ଏବଂ ଟେଲିଗ୍ରାମ ପରି ପ୍ରସାରଣ ଏବଂ ସେବାଗୁଡିକ ଏହାର ଆଭିମୁଖ୍ୟରେ ଅନ୍ତର୍ଭୂକ୍ତ କରାଯାଇନାହିଁ, ଏହା ସ୍ପେକ୍ଟ୍ରମ୍ ଆବଣ୍ଟନ ନିୟମକୁ ଦୃଢ଼ କରିଥାଏ ଏବଂ ଉପଗ୍ରହ ଭିତ୍ତିକ ଯୋଗାଯୋଗ ସେବା ପାଇଁ ନିଲାମ ବିନା ସ୍ପେକ୍ଟ୍ରମ୍ ଆବଣ୍ଟନ ପାଇଁ ପଥ ପରିଷ୍କାର କରିଛି। ଟେଲିକମ୍ ଆଇନକୁ ୨୦ ଡିସେମ୍ବରରେ ଲୋକସଭା ଏବଂ ୨୧ ଡିସେମ୍ବରରେ ରାଜ୍ୟସଭା ଅନୁମୋଦନ କରିଥିଲା। ଏଥିରେ ସରକାରଙ୍କୁ ଜାତୀୟ ସୁରକ୍ଷା ଦୃଷ୍ଟିରୁ ଟେଲି ଯୋଗାଯୋଗ ସେବାକୁ ସାମୟିକ ଭାବେ ନିୟନ୍ତ୍ରଣ କରିବାକୁ ଅନୁମତି ଦିଆଯାଇଛି। ୧୮୮୫ର ଭାରତୀୟ ଟେଲିଗ୍ରାଫ୍ ଆଇନ, ବେତାର ଟେଲିଗ୍ରାଫି ଆଇନ (୧୯୩୩) ଏବଂ ଟେଲିଗ୍ରାଫ୍ ୱେର (ବେଆଇନ ଅଧିକାର) ଅଧିନିୟମ (୧୯୫୦) ଉପରେ ଆଧାର କରି ଟେଲିକମ୍ କ୍ଷେତ୍ର ପାଇଁ ବିଦ୍ୟମାନ ତଥା ପୁରୁଣା ନିୟାମକ ଢ଼ାଞ୍ଚାକୁ ଏହି ଅଧିନିୟମ ବଦଳାଇ ଦେଇଛି।

**ଲେ' ଅଫ୍‌ସ ଟ୍ରାକର ରିପୋର୍ଟ**

# ୨୦୨୩ରେ ଯାଇଛି ୨.୬୦ ଲକ୍ଷ ଆଇଟି କର୍ମଚାରୀଙ୍କ ଚାକିରି

**ନୂଆଦିଲ୍ଲୀ,୨୬।୧୨(ଏଜେନ୍ସି):**

୨୦୨୩ ଭଳି ୨୦୨୪ରେ ଦେଶର ଟେକ୍ନୋଲୋଜି କ୍ଷେତ୍ରରେ ଛଟେଇ ସ୍ଥିତି ଜାରି ରହିବ କି। ଏମିତିକି ଟେକ୍ କମ୍ପାନୀଗୁଡିକ ପୂର୍ବବର୍ଷ ଭଳି ଆଭିମୁଖ୍ୟ ରଖିବେ କି, ଅନେକ ପ୍ରଶ୍ନ ଏବେ କର୍ମଚାରୀଙ୍କ ମନରେ ଆସିବାରେ ଲାଗିଛି। ୨୦୨୩ ବର୍ଷ ପ୍ରାରମ୍ଭରୁ ଗୁଗୁଲ୍ ଏବଂ ଫେସବୁକ୍ ପରି କମ୍ପାନୀଗୁଡିକ କର୍ମଚାରୀ ଛଟେଇ ଆରମ୍ଭ କରିଥିଲେ। ବର୍ତ୍ତମାନ ଚଳିତ ବର୍ଷର ଶେଷ ସପ୍ତାହରେ ମଧ ଭାରତରେ ପେଟିଏମରେ ଛଟେଇ ହେବାର ଖବର ଆସିଥିବାବେଳେ ସର୍ବଭାରତୀୟ ସ୍ତରରେ ନାଇକା ମଧ ୨୦୨୩ ଶେଷ ପୂର୍ବରୁ ଶହ ଶହ ଲୋକଙ୍କୁ ଚାକିରିରୁ ବିଦା କରିବା ନେଇ ଘୋଷଣା କରିଛି। ତେଣୁ ଟେକ୍ କର୍ମଚାରୀଙ୍କ ମଧରେ ଏହା ଏକ ଭୟ ସୃଷ୍ଟି କରିଛି କି ଏହି ପର୍ଯ୍ୟାୟ ୨୦୨୪ରେ ମଧ ଜାରି ରହିବ କି ନାହିଁ। ଯଦି ଆମେ ୨୦୨୩ କଥା ବିଚାରକୁ ନେବା ତେବେ ଜଣାପଡିବ ଯେ, ୨୦୨୩ରେ ୨.୬୦ ଲକ୍ଷ ଆଇଟି କର୍ମଚାରୀଙ୍କ ଚାକିରି ଯାଇଥିବା ଲେ' ଅଫ୍‌ସ ଟ୍ରାକର ରିପୋର୍ଟରେ କୁହାଯାଇଛି।

ଯଦିଓ ଆମେ ବିଶ୍ୱସ୍ତରୀୟ ପରିସଂଖ୍ୟାନକୁ ଅନୁଧାନ କରିବା ତେବେ ଚାକିରି କ୍ଷତି ଦୃଷ୍ଟିରୁ ୨୦୨୩ ବର୍ଷ ଭାରତ ପାଇଁ ବେଶ ଖରାପ ରହିଥିଲା। ଲେ' ଅଫ୍‌ସ ଟ୍ରାକରର ଲେ' ଅଫ୍‌ସଡଟ୍‌ଏଫ୍‌ୱାଇଆଇର ତଥ୍ୟ ଅନୁଯାୟୀ, ଦେଶର ୧୧୭୫ଟି ଛୋଟ ଏବଂ ବଡ ଟେକ୍ କମ୍ପାନୀଗୁଡିକ କେବଳ ୨୦୨୩ରେ ୨.୬୦ ଲକ୍ଷ କର୍ମଚାରୀ ଛଟେଇ କରିଥିଲେ। ତେବେ ୨୦୨୨ରେ ୧୦୬୪ଟି କମ୍ପାନୀ ୧.୬୪ ଲକ୍ଷ କର୍ମଚାରୀଙ୍କୁ ଚାକିରିରୁ ଛଟେଇ କରିଥିଲେ। ତେଣୁ କର୍ମଚାରୀ ଛଟେଇ ମାମଲାରେ ୨୦୨୩ରେ ୫୮ ପ୍ରତିଶତ ଅଧିକ କର୍ମଚାରୀଙ୍କ ଚାକିରି ଯାଇଛି। ଛଟେଇ ଦୃଷ୍ଟିରୁ ଭାରତର ଷ୍ଟାର୍ଟଅପ୍ କ୍ଷେତ୍ରରେ ଗତ ବର୍ଷ ସବୁଠାରୁ ଖରାପ ସ୍ଥିତି ଦେଖିବାକୁ ମିଳିଥିଲା। ଘେରୋଇ ଷ୍ଟାର୍ଟଅପ୍‌ଗୁଡିକୁ ବିଶ୍ୱ ସ୍ତରୀୟ ପାଣ୍ଠି ବନ୍ଦ ହୋଇଯିବା ପରେ ଦେଶର ପ୍ରାୟ ୧୦୦ ଷ୍ଟାର୍ଟଅପ୍ ସେମାନଙ୍କର ପ୍ରାୟ ୧୫,୦୦୦ ଲୋକଙ୍କୁ ଛୁଟିରେ ପଠାଇ ଦେଇଥିଲେ। ବାଇଜୁସ୍‌ରେ ସବୁଠାରୁ ଖରାପ ସ୍ଥିତି ଦେଖିବାକୁ ମିଳିଥିଲା, ଯେଉଁଠାରେ ଚଳିତବର୍ଷ ୨୫୦୦ରୁ ଅଧିକ ଲୋକ ଚାକିରି ହରାଇଥିଲେ।




**୧୧୭୫ କମ୍ପାନୀ କରିଛନ୍ତି ଛଟେଇ**

ଯଦି ଆମେ ବାସ୍ତବରେ ବଜାର ଧାରାକୁ ଯାଞ୍ଚ କରିବା ତେବେ ୨୦୨୪ରେ ଅଧିକାଂଶ କମ୍ପାନୀର କର୍ମଚାରୀଙ୍କୁ ପୁନର୍ବାର ସେମାନଙ୍କର କାର୍ଯ୍ୟାଳୟକୁ ଫେରିବାକୁ ପଡିବ। କମ୍ପାନୀଗୁଡିକ ବର୍ତ୍ତମାନ ବ୍ୟାକ୍ ଟୁ ଅଫିସ୍ ଉପରେ ଗୁରୁତ୍ୱ ଦେଉଛନ୍ତି। କମ୍ପାନୀଗୁଡିକ ୱାର୍କ ଫ୍ରମ୍ ହୋମ୍ ବ୍ୟବସ୍ଥାରୁ ଦୂରେଇ ଯାଉଛନ୍ତି। ନୂତନ ବର୍ଷରେ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ ମେସିନ୍ ଲର୍ଣ୍ଣିଂ ଭଳି ନୂତନ ବୈଷୟିକ ଜ୍ଞାନକୌଶଳରେ କାର୍ଯ୍ୟ କରୁଥିବା ଲୋକଙ୍କ ପାଇଁ ଚାହିଦା ରହିବ। ଏଭଳି ପରିସ୍ଥିତିରେ ଲୋକଙ୍କୁ ପୁନଃ ସ୍କିଲ୍ କିମ୍ବା ଅପ୍ ସ୍କିଲ୍ ପ୍ରତି ଧାନ ଦେବାକୁ ପଡିବ। ଏଥିରେ ଆଉ ଏକ ପରିବର୍ତ୍ତନ ଦେଖାଯାଉଛି ଯେ କମ୍ପାନୀଗୁଡିକ ବର୍ତ୍ତମାନ ସଫ୍ଟ ସ୍କିଲ୍ ପ୍ରତି ମଧ ଧାନ ଦେଉଥିବା ଲେ' ଅଫ୍‌ସ ଟ୍ରାକର ରିପୋର୍ଟରେ କୁହାଯାଇଛି।

## ଅବଶିଷ୍ଟାଂଶ...

### ଶ୍ରୀକ୍ଷେତ୍ରରୁ ଅନୁକୂଳ...

ନିମନ୍ତ୍ରଣ ପତ୍ର ବଣ୍ଟନ ନିମନ୍ତେ ରାଜ୍ୟ ମଧ୍ୟରେ ୧୩ଟି ଟିମ୍ ଏବଂ ରାଜ୍ୟ ବାହାରକୁ ୧୭ଟି ଟିମ୍ ଏହି କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ନିମନ୍ତ୍ରଣପତ୍ର, ମହାପ୍ରଭୁଙ୍କ ଲାଗି ତୁଳସୀ, ଓଲାଗି ବାନା ଏବଂ ପରିକ୍ରମା ପ୍ରକଳ୍ପ ପ୍ରଚାରପତ୍ରକୁ ନେଇ ପ୍ରସ୍ତୁତ ନିମନ୍ତ୍ରଣ ପୁଟୁଳି ଧରି ସଦସ୍ୟମାନେ ଗସ୍ତ ଆରମ୍ଭ କରିଛନ୍ତି। ନିମନ୍ତ୍ରଣ ବେଳେ ଏହି ପୁଟୁଳି ପ୍ରଦାନ କରାଯିବ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ଜିଲ୍ଲାପାଳ ସମର୍ଥ ବର୍ମା, ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ମହାପାତ୍ର, ଉପଜିଲ୍ଲାପାଳ ଭବତାରଣ ସାହୁ, ଶ୍ରୀମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ନିମନ୍ତ୍ରଣ ପତ୍ର ବଣ୍ଟନ ଯାତ୍ରାରେ ସାମିଲ ଥିବା ସେବାୟତ ଓ ଅଧିକାରୀମାନଙ୍କୁ ସଫଳ ଯାତ୍ରାର ଶୁଭେଚ୍ଛା ଜଣାଇଥିଲେ । ଏହାପରେ ସମସ୍ତେ ଏକାମ୍ର କ୍ଷେତ୍ରାଧିପତି ମହାପ୍ରଭୁ ଶ୍ରୀଲିଙ୍ଗରାଜ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ ଜଣାଇବା ଲାଗି ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ । ପରିକ୍ରମା ପ୍ରକଳ୍ପ ନିମନ୍ତ୍ରଣ ଦେବା ପାଇଁ ସକାଳୁ ବଡ଼ଦାଣ୍ଡରେ ସୃଷ୍ଟି ହୋଇଥିଲା ଆଧ୍ୟାତ୍ମିକ ପରିବେଶ। ନିଳାଦ୍ରୀ ଭକ୍ତ ନିବାସ ପରିସର ବେଦପାଠ ସହ ମହିଳାଙ୍କ ସଂକୀର୍ତ୍ତନ ଓ ଯୋଡ଼ିଶଙ୍ଖ ନାଦରେ କମ୍ପିଥିଲା ବଡ଼ଦାଣ୍ଡ । ରାଜ୍ୟ ଏବଂ ରାଜ୍ୟ ବାହାରୁ ଆସିଥିବା ପର୍ଯ୍ୟଟକ ଏଭଳି ମୁହୂର୍ତ୍ତକୁ ହାତଛଡ଼ା କରି ନ ଥିଲେ । ଭକ୍ତ ନିବାସ ଫାଟକ ପାଖରେ ରହି ସମସ୍ତ ଦୃଶ୍ୟକୁ ଉପଭୋଗ କରିଥିଲେ। ଏହାପରେ ଶ୍ରୀମନ୍ଦିର ପରିଚାଳନା ମଣ୍ଡଳୀ ପ୍ରତିନିଧି ଓ ସେବାୟତମାନେ ରାଜ୍ୟ ଓ ରାଜ୍ୟବାହାରକୁ ଯାତ୍ରା କରିଛନ୍ତି । ପ୍ରଥମ ଦିନରେ ରାଜ୍ୟ ମଧ୍ୟରେ ଢେଙ୍କାନାଳ, ଜଗତସିଂହପୁର, କଟକ, ଖୋର୍ଦ୍ଧା, ପୁରୀ ଜିଲ୍ଲାର ବିଭିନ୍ନ ଧାର୍ମିକ ପୀଠରେ ପରିକ୍ରମା ନିମନ୍ତ୍ରଣ ପତ୍ର ପହଞ୍ଚିଛି । ଝଙ୍କଡ଼ ସାରଳା ପୀଠ, କାକଟପୁର ମଙ୍ଗଳା, ନିଆଳି ମାଧବ, ଖୋର୍ଦ୍ଧାର ଦଧିମାଛ ଗଡ଼ିଆ ଦାରୁକ୍ଷେତ୍ର, ଜାଗୁଲେଇ ପୀଠ ଜଗନ୍ନାଥ ମନ୍ଦିର ସହ ବିଭିନ୍ନ ସ୍ଥାନରେ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଇଛି । ପରିକ୍ରମା ନିମନ୍ତ୍ରଣ ନେଇ ଯାଇଥିବା ପ୍ରତିନିଧିମାନଙ୍କୁ ସବୁ ସ୍ଥାନରେ ଭବ୍ୟ ସ୍ୱାଗତ କରାଯାଇଛି । ଘଣ୍ଟ, ଘଣ୍ଟା ବଜାଇ କୀର୍ତ୍ତନ କରି ଲୋକମାନେ ନିମନ୍ତ୍ରଣ ବାର୍ତ୍ତାବହଙ୍କୁ ସ୍ୱାଗତ କରିଛନ୍ତି ।

### ପାରମ୍ପରିକ ରୀତିନୀତିରେ...

ବନ୍ଧୁମାନଙ୍କର ଓ ସମଗ୍ର ପୁରୀବାସୀଙ୍କ କାମ ବୋଲି ଉଲ୍ଲେଖ କରି ଏହି ପବିତ୍ର କାର୍ଯ୍ୟ ପାଇଁ ଆବଶ୍ୟକୀୟ ସମସ୍ତ ସହଯୋଗ ରାଜ୍ୟ ସରକାର ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। 'ପରିକ୍ରମା ପ୍ରକଳ୍ପ'ର କାର୍ଯ୍ୟାନ୍ୱୟନ କରି ମୁଖ୍ୟମନ୍ତ୍ରୀ ଇତିହାସ ସୃଷ୍ଟି କରିଛନ୍ତି ବୋଲି ସେବାୟତମାନେ କହିଥିଲେ। "ଆପଣଙ୍କ ଉପରେ ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ରହିଛି। ଏହିକାର୍ଯ୍ୟ ପାଇଁ ଯୁଗଯୁଗ ଧରି ଆପଣଙ୍କ ନାମ ଲିପିବଦ୍ଧ ହୋଇରହିବ। କାଳକାଳକୁ ଆପଣଙ୍କ ନାମ ଉଜ୍ଜ୍ୱଳ ହେଉ ଓ ଆପଣ ଦୀର୍ଘାୟୁ ହୁଅନ୍ତୁ" ବୋଲି ସେବାୟତମାନେ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରିଥିଲେ। ସେହିପରି ଆପଣଙ୍କ ନିର୍ଦ୍ଦେଶରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମଧ୍ୟ ଦିନରାତି ପରିଶ୍ରମ କରି ବହୁତ ଭଲ କାମ କରୁଛନ୍ତି। ସେ ସାରା ଓଡ଼ିଶାର ରୂପରେଖରେ ପରିବର୍ତ୍ତନ ଆଣିଛନ୍ତି ବୋଲି ଉଲ୍ଲେଖ କରି ଶ୍ରୀ ପାଣ୍ଡିଆନଙ୍କୁ ଆଶିଷ ପ୍ରଦାନ କକରିଥିଲେ।

ସେବାୟତମାନଙ୍କ ସହିତ ଆଲୋଚନା କରି '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଥିଲେ ଆପଣମାନଙ୍କ ପାଇଁ ପରିକ୍ରମା ପ୍ରକଳ୍ପ ସମ୍ଭବ ହୋଇପାରିଛି। ପ୍ରକଳ୍ପ କାର୍ଯ୍ୟନ୍ୱୟନରେ ପୁରୀବାସୀ, ସେବାୟତ ଓ ଆପଣମାନଙ୍କ ଅତୁଳନୀୟ ତ୍ୟାଗକୁ ଇତିହାସ ସବୁଦିନ ଶ୍ରଦ୍ଧାର ସହ ସ୍ମରଣ କରିବ। ପରିକ୍ରମା ପ୍ରକଳ୍ପ କାମ ସମୟରେ ଅନେକ ବାର ବହୁତ ଅସୁବିଧା କିପରି ମହାପ୍ରଭୁଙ୍କ ଆଶୀର୍ବାଦରେ ଦୂର ହୋଇଛି ଏବଂ କାମ ସବୁ ଭଲ ଭାବରେ ଆଗେଇ ଚାଲିଥିଲା, ସେ ବିଷୟରେ ଶ୍ରୀ ପାଣ୍ଡିଆନ ନିଜ ବ୍ୟକ୍ତିଗତ ଅନୁଭୂତି ବର୍ଣ୍ଣନା କରିଥିଲେ। ପୁରୀ ସହରର ବିକାଶ ପାଇଁ ତଥା ସେବାୟତମାନଙ୍କ କଲ୍ୟାଣ ପାଇଁ ଯାହାକିଛି ଆବଶ୍ୟକ ସବୁକିଛି ମୁଖ୍ୟମନ୍ତ୍ରୀ କରିବେ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସବୁ ସେବାୟତମାନଙ୍କୁ ଉପଢୌକନ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ଶ୍ରୀମନ୍ଦିରର ସୁରକ୍ଷା ସହିତ ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ଓ ସେମାନଙ୍କ ପାଇଁ ଏକ ଦିବ୍ୟ ଅନୁଭବ ସୃଷ୍ଟି କରିବା ଲକ୍ଷ୍ୟ ନେଇ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଆରମ୍ଭ କରାଯାଇଛି। ୨୦୨୧ ନଭେମ୍ବର ୨୪ ତାରିଖରେ ମୁଖ୍ୟମନ୍ତ୍ରୀ ଗଜପତି ମହାରାଜ ଦିବ୍ୟସିଂହ ଦେବ, ସାଧୁ ସନ୍ଥ ,ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ତଥା ବିଶିଷ୍ଟ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଆସନ୍ତା ଜାନୁଆରୀ ୧୭ ତାରିଖରେ ଅନୁଷ୍ଠିତ ହେବାକୁଥିବା ଲୋକାର୍ପଣ କାର୍ଯ୍ୟରେ ବହୁ ସାଧୁସନ୍ଥ, ରାଜନୈତିକ ଦଳର ପ୍ରତିନିଧି ଓ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ସାମିଲ କରାଯିବ। ପ୍ରକଳ୍ପ କାର୍ଯ୍ୟ ଯେପରି ନିର୍ଦ୍ଧାରିତ ସମୟରେ ସଂପୂର୍ଣ୍ଣ ହେବ ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ପ୍ରକଳ୍ପ କାମର ନିୟମିତ ସମୀକ୍ଷା କରୁଛନ୍ତି।

### ଭିଜିଲାନ୍ସ ଜାଲରେ...

ପାଟପୁରରେ ଆଉ ଏକ ୩ବିଏଚ୍‌କେ ଫ୍ଲାଟ୍, ଭୁବନେଶ୍ୱର ଏବଂ କଟକର ପ୍ରମୁଖ ଜାଗାରେ ୧୦ଟି ପ୍ଲଟ୍ ରହିଛି। ଏସବୁ ପ୍ଲଟ୍‌ର ମୂଲ୍ୟ ଭିଜିଲାନ୍ସ ଟେକ୍ନିକାଲ ଟିମ୍ ଆକଳନ କରୁଛି। ସେହିପରି ସରୋଜକାନ୍ତଙ୍କ ଘରୁ ୭୦୩.୩୮ ଗ୍ରାମ୍‌ର ସୁନାଗହଣା, ୮୬୯ ଗ୍ରାମ୍‌ର ରୁପା ଅଳଙ୍କାର ଠାବ କରାଯାଇଛି। ବ୍ୟାଙ୍କ୍ ଆକାଉଣ୍ଟ, ଇନ୍ସ୍ୟୁରାନ୍ସ ଏବଂ ପୋଷ୍ଟାଲରେ ତାଙ୍କର ୭୦.୫୫ ଲକ୍ଷ ଟଙ୍କା ରହିଛି। ୨୦.୮୮ ଲକ୍ଷ ଟଙ୍କାର ଗୋଟିଏ ଚାରି ଚକିଆ ଏବଂ ୨ଟି ଦୁଇ ଚକିଆ ରହିଥିବା ବେଳେ ୨୦.୮୮ ଲକ୍ଷ ଟଙ୍କାର ଘର ଆସବାବପତ୍ର ରହିଛି।

ସରୋଜକାନ୍ତଙ୍କ କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ ହେବା ପରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଉଠାଇ ନେଇଥିଲେ। ଏ ସବୁ ସମ୍ପତ୍ତିର ସେ ହିସାବ ଦେଇ ପାରିନଥିବାରୁ ତାଙ୍କ ନାମରେ ଡିଏ ମାମଲା ରୁଜୁ କରାଯାଇଛି। ଆସନ୍ତାକାଲି ତାଙ୍କୁ କୋର୍ଟଚାଲାଣ କରାଯିବ। ସରୋଜକାନ୍ତ ଲୋକଙ୍କଠାରୁ ଲାଞ୍ଚ ଆକାରରେ ଲକ୍ଷାଧିକ ଟଙ୍କା ନେଉଥିବା ଭିଜିଲାନ୍ସରେ ପିଟିସନ୍ ହୋଇଥିଲା। ଏହି ପିଟିସନ୍‌କୁ ଯାଞ୍ଚ କରିବା ପରେ ସତ୍ୟାସତ୍ୟ ଜଣାପଡ଼ିଥିଲା। ଭିଜିଲାନ୍ସ ପକ୍ଷରୁ କୋର୍ଟରୁ ଅନୁମତି ଆଣି ଆଜି ଭୋର୍‌ରୁ ଚଢ଼ଉ କରାଯାଇଥିଲା। ଆଜିର ଏହି ଚଢ଼ଉରେ ୧୦ଜଣ ଡିଏସ୍‌ପି, ୬ଜଣ ଇନ୍ସପେକ୍ଟର ଏବଂ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

### ଆଜିଠୁ ଖୋଲିବ...

ଏବଂ ଶିମିଳିପାଳ ଶାନ୍ତି କମିଟି ମଧ୍ୟରେ ଆଲୋଚନା ହୋଇଥିଲା। ଯଶିପୁର ବିଧାୟକ ଗଣେଶରାମ ସିଂ ଖୁଣ୍ଟିଆ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉତ୍ତର ଡିଭିଜନ ଉପନିର୍ଦ୍ଦେଶକ ସାଇ କିରଣ, ଯଶିପୁର ବିଡ଼ିଓ, ତହସିଲଦାର, ଯଶିପୁର ଥାନା ଅଧିକାରୀ, ୩ଟି ପଞ୍ଚାୟତର ସରପଞ୍ଚ ସହ ତିନି ହଜାର ବାସିନ୍ଦା ଉପସ୍ଥିତ ରହି ଆଲୋଚନା ଭାଗ ନେଇଥିଲେ। ବୈଠକ ସଫଳ ହୋଇଥିବାରୁ ବୁଧବାରଠାରୁ ଅଭୟାରଣ୍ୟ ଖୋଲିବ ବୋଲି ଉତ୍ତର ଶିମିଳିପାଳ ଡେପୁଟି ଡାଇରେକ୍ଟର ସାଇ କିରଣ ସୂଚନା ଦେଇଛନ୍ତି। ପଞ୍ଚାୟତବାସୀଙ୍କ ଦାବି ଅନୁସାରେ ଅନେକ ସ୍ଥାନରେ ରାସ୍ତା, ପୋଲ ଆଦି ନିର୍ମାଣ ଓ ମରାମତି ଆରମ୍ଭ ହୋଇଥିବା ଜାଣିବା ପରେ ଶିମିଳିପାଳ ବିକାଶ ପରିଷଦ ଆନ୍ଦୋଳନରୁ ଓହରି ଯାଇଛି।

### ରାଜ୍ୟ ପାଇଁ...

ସହ ରାଜ୍ୟର ସାଧାରଣ ଲୋକ ନିଷ୍ଠାପର ଓ ନିରବଚ୍ଛିନ୍ନ କାର୍ଯ୍ୟ କରିବାକୁ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମଧ୍ୟ ବିଜୁବାବୁଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ଅନୁରୂପ ଭାବରେ ସମଗ୍ର ରାଜ୍ୟର ୧୪୭ ବିଧାନସଭାକ୍ଷେତ୍ରରେ ଦଳୀୟ କର୍ମୀ ଓ କର୍ମକର୍ତ୍ତାମାନେ ମଧ୍ୟ ତ୍ୟାଗ, ସମର୍ପଣ ଓ ସେବାର ଅଙ୍ଗୀକାରବଦ୍ଧତାକୁ ଦୋହରାଇ ଏହି ମର୍ମରେ ଶପଥପାଠ କରିଛନ୍ତି । ସମାଜସେବା ପ୍ରତି ନିଜର ଅଙ୍ଗୀକାରବଦ୍ଧତାକୁ ଆୟୁଧ କରି ବିଜୁ ଜନତା ଦଳ ଆଜି ଦେଶର ଶ୍ରେଷ୍ଠ ଆଞ୍ଚଳିକ ଦଳ ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି। ଅଢ଼େଇ ଦଶନ୍ଧିରୁ ଅଧିକ ସମୟ ଧରି ବିଜେଡି ଉତ୍ସର୍ଗୀକୃତ ମନୋଭାବ ନେଇ ନିଷ୍ଠାପର ଭାବେ ଜନଗଣଙ୍କ ପାଇଁ ନିରବଚ୍ଛିନ୍ନ କାର୍ଯ୍ୟ କରି ଆସୁଛି। ସମାଜସେବା ପ୍ରତି ନିଜର ଅଙ୍ଗୀକାରବଦ୍ଧତା ପାଇଁ ବିଜେଡି ଭାରତୀୟ ରାଜନୀତିରେ ଏକ ସ୍ୱତନ୍ତ୍ର ପରିଚୟ ପାଇଛି। ଓଡ଼ିଶାର ସାଢ଼େ ଚାରି କୋଟି ଜନତାଙ୍କ ଆଶା ଓ ଭରସାର ପ୍ରତୀକ ପାଲଟିଛି। ବିଜୁ ବାବୁଙ୍କ ଆଦର୍ଶରେ ଓଡ଼ିଶାର ସବୁ କ୍ଷେତ୍ରର ଏବଂ ସବୁ ବର୍ଗର ଲୋକଙ୍କ ବିକାଶ ପାଇଁ ବିଜେଡିର ଆଭିମୁଖ୍ୟ ଓଡ଼ିଶାର ଅଗଣିତ ଜନସାଧାରଣଙ୍କ ଆକୁଣ୍ଠ ସମର୍ଥନ ଶୁଭେଚ୍ଛା ପାଇ ଆସିଛି। ଦଳର କର୍ମକର୍ତ୍ତା, ନଜପ୍ରତିନିଧି, ଗାଁରୁ ସହର ତଥା ବସ୍ତି ଯାଏଁ ଲୋକଙ୍କ ସେବାରେ ନିୟୋଜିତ କର୍ମୀ, ଆଗୁଆ ସାଥୀ ମାନଙ୍କ ନିଷ୍ଠା, କଠିନ ପରିଶ୍ରମ ଆଜି ବିଜେଡିକୁ ଲୋକଙ୍କ ଆସ୍ଥାଭାଜନ କରିଛି। ଲୋକଙ୍କ ଆଶିଷ, ସମର୍ଥନ ଓ ଶୁଭେଚ୍ଛା ଦଳର ବିକାଶ ଆଭିମୁଖ୍ୟକୁ ଆଗେଇ ନେବା ପାଇଁ ପ୍ରେରଣା ଦେଇଛି। ମାତ୍ର ଏତିକିରେ ଅଟକି ଯାଇ ନାହିଁ ବିଜେଡି। ପ୍ରତି କ୍ଷେତ୍ରରେ ଓଡ଼ିଶାକୁ ଦେଶର ୧ ନମ୍ବର ରାଜ୍ୟରେ ପରିଣତ କରିବା, ରାଜ୍ୟ ପ୍ରତି କେନ୍ଦ୍ରସରକାରଙ୍କ ଅବିଚାର ବିରୋଧରେ ଦୁର୍ବାର ସଂଗ୍ରାମକୁ ଆହୁରି ଶାଣିତ କରିବା ପାଇଁ ଶପଥ ନେଇଛି ବିଜୁ ଜନତା ଦଳ। ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ଜବୀନ ବିନ୍ଧୁ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ବୃକ୍ଷ ରୋପଣ, ପରିବେଶ ସୁରକ୍ଷା, ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଆଜି ସକାଳ ୭ଟା ସମୟରେ ଦଳର ରାଜ୍ୟ କାର୍ଯ୍ୟାଳୟ ଶଙ୍ଖ ଭବନ ପରିସରରେ ଦଳୀୟ ପତାକା ଉତ୍ତୋଳନ କରାଯିବା ସହ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଦାସବର୍ମା, ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଏବଂ ଅନ୍ୟ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ। ଅନୁରୂପ ଭାବରେ ବିଜୁ ବାବୁଙ୍କର କଟକରୁ ପେଶୱାର ପର୍ଯ୍ୟନ୍ତ ଦୁର୍ଦ୍ଧଶା ଯାତ୍ରାର ସ୍ମାରକୀ ସ୍ୱରୂପ ବିଜୁ ଜନତା ଦଳର ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନେତୃତ୍ୱରେ ଏକ ବିଶାଳ ସାଇକଲ ରାଲି କଟକର ଆନନ୍ଦ ଭବନରୁ ବାହାରି ଭୁବନେଶ୍ୱର ବିମାନବନ୍ଦର ନିକଟରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀ ନିକଟରେ ପହଞ୍ଚିଥିଲା। ଏହି ସାଇକେଲ ଶୋଭାଯାତ୍ରାରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ରାଜ୍ୟ ଯୁବ ବିଜେଡି ଉପଦେଷ୍ଟା ପ୍ରଣବ ବଳବନ୍ତରାୟ, ରାଜ୍ୟ ଯୁବ ବିଜେଡି ସଭାପତି ବ୍ୟୋମକେଶ ରାୟ, ରାଜ୍ୟ ବିଜୁ ଛାତ୍ର ଜନତା ଦଳ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ, ବିଧାୟକ ଦିବ୍ୟଶଙ୍କର ମିଶ୍ର, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ରାଜ୍ୟ କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ରଙ୍କ ସମେତ ଦଳର ବହୁ ବରିଷ୍ଠ ନେତୃବୃନ୍ଦ ଯୋଗ ଦେଇଥିଲେ। ଏହି ଅବସରରେ ଶଙ୍ଖ ଭବନ ପରିସରରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ବହୁ ଯୁବ ଓ ଛାତ୍ର କର୍ମୀ ରକ୍ତଦାନ କରିଥିଲେ।

# କୋରାପୁଟର ପୂର୍ବତନ ବିଧାୟକଙ୍କ ପରଲୋକ

**କୋରାପୁଟ,୨୬।୧୨(ସମିସ):** କୋରାପୁଟ ଜିଲ୍ଲାର ପ୍ରଥମ ଜିଲ୍ଲା ପରିଷଦ ଅଧ୍ୟକ୍ଷ ତଥା କୋରାପୁଟର ପୂର୍ବତନ ବିଧାୟକ ନୃସିଂହାନନ୍ଦ ବ୍ରହ୍ମାଙ୍କର ମଙ୍ଗଳବାର ଅପରାହ୍ନରେ ବ୍ରହ୍ମପୁରରେ ପରଲୋକ ହୋଇଛି । ଜ୍ୟେଷ୍ଠ ପୁତ୍ର ଡ. ବ୍ରଜ କିଶୋର ବ୍ରହ୍ମାଙ୍କ ବାସଭବନରେ ସେ ସ୍ୱର୍ଗାରୋହଣ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପୁତ୍ର, ପୁତ୍ରବଧୂ ଏବଂ ପରିବାର ବର୍ଗ ଉପସ୍ଥିତ ଥିଲେ । ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ସମ୍ପନ୍ନ ହେବ ବୋଲି ଜଣାପଡ଼ିଛି । ମୃତ୍ୟୁ ଖବର ପ୍ରଚାର ହେବା ମାତ୍ରେ ବିଭିନ୍ନ ବ୍ୟକ୍ତି ଦୁଃଖ ପ୍ରକାଶ କରିଛନ୍ତି। ସ୍ୱର୍ଗତ ବ୍ରହ୍ମା ୧୯୮୦ ଓ ୧୯୮୫ ରେ କୋରାପୁଟ ବିଧାନ ସଭା ଆସନରୁ ଦୁଇଥର କଂଗ୍ରେସ ଦଳରୁ ପ୍ରାର୍ଥୀ ହୋଇ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ ।

■ ଝରିଗାଁ ନାବାଳିକା ଗଣଦୁଷ୍କର୍ମ ମାମଲା

# ୩ ଦୋଷୀଙ୍କୁ ଆଜୀବନ ଜେଲ୍

**ନବରଙ୍ଗପୁର,୨୬।୧୨(ସମିସ):** ଝରିଗାଁ ଥାନା ଅଞ୍ଚଳର ଜଣେ ନାବାଳିକାକୁ ଗଣଦୁଷ୍କର୍ମ ମାମଲାର ଶୁଣାଣି କରି ନବରଙ୍ଗପୁର ପକ୍ସୋ ସ୍ୱତନ୍ତ୍ର କୋର୍ଟ ବିଚାରପତି ପ୍ରଣତି ଶାହା ମଙ୍ଗଳବାର ୩ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୪୦ ହଜାର ଟଙ୍କା ଜରିମାନାରେ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ମାସ କାରାଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ଦୋଷୀମାନେ ହେଲେ, ଜିତୁ ଜାନୀ(୩୦), ମାଧବ ଜାନୀ(୨୨) ଓ ସନୁ ଜାନୀ(୫୦)। ଏହାବ୍ୟତୀତ ପୀଡ଼ିତାକୁ କ୍ଷତିପୂରଣ ବାବଦରେ ୭ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଡିଏଲ୍‌ଏସଏକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୨୦୨୦ରେ ଝରିଗାଁ ଥାନା ଅଞ୍ଚଳର ଉକ୍ତ ନାବାଳିକାଜଣଙ୍କ ନଦୀରୁ ପାଣି ଆଣି ଫେରିବା ବେଳେ ନିକଟସ୍ଥ ଏକ ମକାବାଡ଼ିରେ ଲୁଚି ରହିଥିବା ଜିତୁ, ମାଧବ ଓ ସନୁ ତାକୁ ଟେକି ନେଇ ଗଣଦୁଷ୍କର୍ମ କରିଥିଲେ। ଏ ସଂପର୍କରେ ପୀଡ଼ିତାଙ୍କ ପକ୍ଷରୁ ଝରିଗାଁ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୁଲିସ ୩ଜଣଙ୍କୁ ଗିରଫ କରିଥିଲା। ସେବେଠାରୁ ସେମାନେ ଜେଲ୍‌ରେ ଥିଲେ। ୧୯ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅଦାଲତ ଆଜି ଦୋଷୀମାନଙ୍କୁ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ସ୍ୱତନ୍ତ୍ର ପିପି ସଚ୍ଚିନନ୍ଦନ ସ୍ୱାଇଁ ମାମଲା ପରିଚାଳନା କରୁଥିଲେ।

## CBSE BOARD EXAMINATION (2023-24)
## PROBABLE QUESTION PAPER
## CLASS-X, SUB- I.T.

**SECTION-A (1 Mark)**

1. **Answer any 4 out of the given 6 questions based on Employability Skills.** (4x1 = 4)

(i) High expectations from self can leave one with chronic anxiety and stress, thus leading to ...............stress.
(a) physical (b) emotional (c) mental (d) financial
(ii) Which term means walking in the local park or a similar activity?
(a) Nature walk (b) Motivation (c) Regulation (d) None of these
(iii) It is a picture or graphic representation of an application or a file.
(a) Icon (b) Taskbar (c) Status bar (d) Desktop
(iv) A/An ...............creates new needs and new means to satisfy them.
(a) leadership (b) innovation (c) entrepreneur (d) None of these
(v) Non-verbal communication includes
(a) Written messages (b) Facial expressions
(c) Email communication (d) Phone calls
(vi) Which of the following is not a solution for sustainable development?
(a) Education and awareness programs (b) Sustainable agriculture practices
(c) Deforestation and habitat destruction (d) Green technology advances

2. **Answer any 5 out of the given 6 questions.** (5x1=5)

(i) ................ is a form of electronic commerce where customers can buy or sell goods over the Internet.
(a) Online shopping (b) E-Reservation (c) Email (d) E-banking
(ii) Facilities offered by databases are
(a) the ability to store a large amount of data in a structured format, easy update, sort query, production of reports
(b) easy edition, spell check, perform calculations, library of mathematical functions, replication
(c) the ability to rotate images, copy and paste, fill scale
(d) Nonw of the above
(iii) Computer based record keeping system is known as
(a)Data Manipulation System (b) Computerized Data System
(c) Computerised Record Keeping System (d)DBMS
(iv) Which of the following is a spreadsheet software?
(a)Lotus 1-2-3 (b)VisiCalc (c)Both and b (d) None of those
(v) A template is a model that you use to Create ...............
(a) images (b) other documents (c) design (d)DBMS
(vi) Database servers are referred to as
(a) front-ends (b) back-ends (c) clients (d) model

3. **Answer any 5 out of the given 6 questions.** (5x1=5)

(i) Which of the following in a set of formats consisting of such things as fonts, colors etc?
(a) style (b) margin (c)Indent (d)Leading
(ii) Which of the following is not a data type?
(a) picture/graphics (b) date/time (c) text (d) number
(iii) ...............is a Malware which is designed to spy on the victim's computer
(a) Virus (b) Spyware (c) Wocus (d) Trojan horse
iv) Pictures can be added to Word documents and they cannot be formatted in various ways. (1)
(a) True (b) False
(v) Which function cannot be performed through Subtotal in a Spreadsheet?
(a) Sum (b) Product (c) Average (d) Percentage
(vi) It refers to a cell or a range of cells on worksheet and can be used to find formula(1)
(a) Row (b) Column (c) Autosum (d) Cell reference

4. **Answer any 5 out of the given 6 questions.** (5x1=5)

(i) A computer ............... controls access between networks
(a)Firewall (b) virus (c) spyware (d) antivirus
(ii) In a document ...............is used to apply a style to many different areas quickly without having to hack w the Styles and Formatting window and double click every time.
(a) File format mode (b) Formatting window
(c) Painter mode (d) text wrapping
(iii)When you define a field for a table, .............. are the names given to column in a table
(a) field name (b) field size (c) data type (d) description
(iv) ............... Program(s) also offer real-time protection monitoring your computer for any changes by malware software.
(a) antivirus (b) antispyware (c)Both a & b (d) None of these
(v) The ...............feature creates a summarized outline of data in a worksheet.
(a) subtotal (b) solver (c)Goal Seek (d) scenario
(vi) Which feature of spreadsheet should be enabled to see the changes made?
(a) Macro (b) Link workbook
(c) Change worksheet (d) Track changes

5. **Answer any 5 out of the given 6 questions.** (5x1=5)

(i)Which of the following commands is not a data manipulation language?
(a) Select (b) Insert (c) Update (d) Alter
(ii) The action of sharing your opinions contents on a blog is termed as........
(a) Blogger (b) Blogging (c) Tweeting (d) Commenting
(iii) To copy a formula from one cell to another
(a) Drag the autofill handle (b) Cut the cell
(c) Both (a) and (b) (d) None of the above
(iv) Tanu explained his class that to apply an existing style, except for .......... position the insertion point in the paragraph, frame or page and then double click on the name of the style in one of these lists.
(a) Window style (b) Character style
(c) Paragraph style (d) Cell style
(v) In a document,......... refers to the vertical or horizontal placement of a graphic in relation to the chosen anchor point
(a) arrangement (b) alignment (c) indentation (d) margin
(vi) A ...............is a location or a place of employment, where someone works to earn his living
(a) Workplace (b)Home (c) Society (d) Industry

**Section B (Subjective Type)**

**Answer any 3 out of the given 5 questions on Employability skills.** (3×2=6)

6. When interviewing job candidates, what qualities do employers find impressive?
7. What do you mean by internal stress?
8. What are the facilities provided by operating system?
9. Explain innovativeness as a quality of entrepreneur
10. What polices can support the development of green skills

**Answer any 4 out of the given 6 questions in 20-30 words each** (4x2=8)

11. Explain the role of template in word
12. What is the purpose of a primary key in a database management system?
13. Write down the significance of spreadsheets electron
14. When is Memo data type is preferred over Text data type for a field?
15. What are slipping and tripping hazards?
16. Define router as network device.

**Answer any 3 out of the given 5 questions in 50-80 words each** (3×4=12)

17. How can a document's style be changed? Explain with proper steps.
18. Biswal stationery keeps stock of various stationeries in his shop. The proprietor wants to maintain a stock value and reorder level for following items as given in a spreadsheet. Write formulas for the operation (i) to (iii) and answer the question (iv) based on the spreadsheet given below along with the relevant cell address.

| ITEM CODE | ITEM NAME | MIN STOCK QTY | QTY IN STOCK | RATE | VALUE | QTY TO ORDER | ORDER VALUE |
|---|---|---|---|---|---|---|---|
| 101 | P HOLDER | 200 | 500 | 35 | | | |
| 123 | WHITNER | 450 | 150 | 25 | | | |
| 113 | STEPPLER PIN | 250 | 450 | 5 | | | |
| 156 | RAPERT CUTTER | 300 | 600 | 10 | | | |

(i) To calculate the Stock Value as product of 'Qty in Stock' and 'Rate' for each item presets in the spreadsheet.
(ii) To calculate the "Qty to Order as "Min Stock Qty' 'Qty in Stock for each item
(iii) To calculate the Order Value as product of Qty to Order and Rate for the stems if 'Qty to Order' >= 0, else assign the value as 0.
(iv) Proprietor wants to graphically represent his stationery stock. Suggest him the most appropriate feature of MS Excel.

19. What do you mean by data type in Ms Access. Discuss different data types present in MS-Access.
20. Ajay is learning about the different terms and command of a database He came across the following terms. Tell him the definition of the following
(a) Select command
(b) Insert command
(c) Delete command
(d)DCL command
21. Answer the following questions.
(a) What in an ISP?
(b) Name any two ISDPs of India
(c) Name any two connection types that home users use
(d) What is satellite?

*****

*All the Best...*

**ANSWER KEY**

**1.** i.(c) ii. (a) iii. (a) iv. (c) v. (d) vi. (c)
**2.** i. (a) ii. (a) iii. (d) iv. (d) v. (b) vi. (b)
**3.** i. (a) ii.(d) iii. (b) iv. (a) v. (a) vi. (d)
**4.** i. (a) ii. (a) iii. (c) iv. (c) v. (a) vi. (d)
**5.** i.(d) ii. (b) iii. (a) iv. (b) v. (b) vi. (a)

ePaper : www.sakalaepaper.com  Twitter : thesakala
News Portal : https://thesakala.in  Instagram : thesakala
Facebook : TheSakalaDigital  Youtube : @thesakaladigital

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaaschool.in

# ବକ୍ସିଂ ଡେ’ ଟେଷ୍ଟ: ଅଷ୍ଟ୍ରେଲିଆ ୧୮୭/୩

ମେଲବୋର୍ଣ୍ଣ,୨୬ ।୧୨(ଏ.ଜେନ୍ସି)

ସ୍ଥାନୀୟ ମେଲବୋର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ମଙ୍ଗଳବାରଠାରୁ ଅଷ୍ଟ୍ରେଲିଆ ଓ ଭ୍ରମଣକାରୀ ପାକିସ୍ତାନ କ୍ରିକେଟ ଦଳ ମଧ୍ୟରେ ବକ୍ସିଂ ଡେ ଟେଷ୍ଟ ଆରମ୍ଭ ହୋଇଛି । ଚଳିତ ସିରିଜର ଏହି ଦ୍ୱିତୀୟ ଟେଷ୍ଟରେ ଟସ୍ ଜିତି ପାକିସ୍ତାନ ଅଧିନାୟକ ସାନ ମାସୁଦ୍ ଅଷ୍ଟ୍ରେଲିଆକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ । ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୬୬ ଓଭରରେ ୩ ୱିକେଟ ହରାଇ ୧୮୭ ରନ ସଂଗ୍ରହ କରିଛି ।

ଷ୍ଟମ୍ପ ଅପସାରଣ ବେଳକୁ ମାର୍ନସ ଲାବୁସେନ୍ ୪୪ ଓ ଟ୍ରାଭିସ୍ ହେଡ୍ ୯ ରନକରି ଅପରାଜିତ ରହିଛନ୍ତି । ଅଭିଜ୍ଞ ଓପନର ଡେଭିଡ୍ ୱାର୍ଣ୍ଣର ଓ ଉସ୍‌ମାନ ଖୱାଜା ପ୍ରଥମ ୱିକେଟରେ ୯୦ ରନ ସଂଗ୍ରହ କରି ଦୃଢ ଆରମ୍ଭ କରିଥିଲେ । କିନ୍ତୁ ୩୮ ରନ କରିଥିବା ବେଳେ ୱାର୍ଣ୍ଣର ପ୍ରଥମ ସ୍ଲିପ୍‌ରେ ବାବର ଆଜମଙ୍କୁ କ୍ୟାଚ୍ ଦେଇ ଆଘା ସଲମାନଙ୍କୁ ଦ୍ୱାରା ଆଉଟ ହୋଇଥିଲେ । ସେହିପରି ୪୨ ରନ କରିଥିବା ବେଳେ ଖୱାଜା ସ୍ଲିପ୍‌ରେ ଆଘା ସଲମାନଙ୍କୁ କ୍ୟାଚ୍ ଦେଇ ହାସନ ଅଲିଙ୍କ ଶିକାର ହୋଇଥିଲେ । ଅଭିଜ୍ଞ ଷ୍ଟିଭେନ୍ ସ୍ମିଥ୍ ଅମୀର ଜମାଲଙ୍କ ବଲ୍‌ରେ ୱିକେଟରକ୍ଷକ ମହମ୍ମଦ ରିଜୱାନ୍ କ୍ୟାଚ୍ ଦେଇ ଆଉଟ ହେବା ପୂର୍ବରୁ ୨୬ ରନ ସଂଗ୍ରହ କରିଥିଲେ । ବୋଲିଂରେ ପାକିସ୍ତାନ ତରଫରୁ ହାସନ, ଜାମାଲ ଓ ସଲମାନ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ । ପ୍ରଥମ ଟେଷ୍ଟରେ ଅଷ୍ଟ୍ରେଲିଆ ୩୬୦ ରନରେ ବିଜୟୀ ହୋଇ ୧-୦ରେ ଅଗ୍ରଣୀ ହାସଲ କରିଛି ।

### ବକ୍ସିଂ ଡେ’ ଟେଷ୍ଟ କ’ଣ

ଖ୍ରୀଷ୍ଟମାସ (ଡିସେମ୍ବର ୨୫)ର ପରଦିନ ଅର୍ଥାତ ୨୬ତାରିଖରେ ଲୋକେ ପରସ୍ପର ମଧ୍ୟରେ ବକ୍ସ ବା ବାକ୍ସ ଉପହାର ସ୍ୱରୁପ ଆଦାନ ପ୍ରଦାନ କରିଥାନ୍ତି । ଖ୍ରୀଷ୍ଟମାସ ଛୁଟି ପରର ପ୍ରଥମ ସପ୍ତାହର ପ୍ରଥମ ଦିନକୁ ବକ୍ସିଂ ଡେ କୁହାଯାଇଥାଏ । ଏହି ଦିନରେ କେତେକ ଲୋକ କାମକୁ ଯାଇଥାନ୍ତି ଓ ସେମାନଙ୍କ ମାଲିକ ସେମାନଙ୍କୁ ବକ୍ସ ଉପହାର ଦେଇଥାନ୍ତି । ଖାସ୍ ଏଥିପାଇଁ ଡିସେମ୍ବର ୨୬କୁ ବକ୍ସିଂ ଡେ ଅବିହିତ କରାଯାଇଥାଏ ବୋଲି କେତେକ କୁହନ୍ତି । ଏହି ଦିନ ଆରମ୍ଭ ହୋଇଥିବା ଟେଷ୍ଟକୁ ବକ୍ସିଂ ଟେଷ୍ଟ କୁହାଯାଇଥାଏ ।

ବକ୍ସିଂ ଡେ’କୁ ନେଇ ଆଉ ଏକ ସିଦ୍ଧାନ୍ତ ମଧ୍ୟ ରହିଛି । ଖ୍ରୀଷ୍ଟମାସ ବେଳେ ଚର୍ଚ୍ଚରେ ଏକ ବକ୍ସ ବା ବାକ୍ସ ରଖାଯାଇଥାଏ । ଲେକେ ଏହି ବାକ୍ସରେ ଗରିବ ଲୋକଙ୍କ ପାଇଁ ଉପହାର ରଖିଥାନ୍ତି । କ୍ରୀଷ୍ଟମାସର ପରଦିନ ଅର୍ଥାତ ଡିସେମ୍ବର ୨୬ ତାରିଖ ଏହି ବାକ୍ସକୁ ଖୋଲାଯାଇଥାଏ ଓ ଦାନରେ ମିଳିଥିବା ଜିନିଷକୁ ଗରିବ ଲୋକଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଥାଏ । ସେବେଠାରୁ ଡିସେମ୍ବର ୨୬କୁ ବକ୍ସିଂ ଡେ କୁହାଯାଇଥାଏ ।


ଉସ୍‌ମାନ ଖୱାଜାଙ୍କୁ ଆଉଟ କରିବା ପରେ ହାସନ ଅଲିଙ୍କୁ ସାଥି ଖେଳାଳିଙ୍କ ବଧେଇ

### ୧୯୫୦-୫୧ରେ ପ୍ରଥମଥର ବକ୍ସିଂ ଡେ’ ଟେଷ୍ଟ ଖେଳାଯାଇଥିଲା

୧୮୯୨ରେ କ୍ରିକେଟରେ ବକ୍ସିଂ ଡେ ଟେଷ୍ଟର ଏଣ୍ଟ୍ରି ହୋଇଥିଲା । ଏହି ବର୍ଷ ଏମ୍‌ସିଜିରେ ଅଷ୍ଟ୍ରେଲିଆର ଦୁଇ ରାଜ୍ୟ ଭିକ୍ଟୋରିଆ ଓ ନ୍ୟୁ ସାଉଥ ୱେଲ୍ସ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା । ଏହାପରେ ପ୍ରତିବର୍ଷ ଦୁଇ ଦଳ ମଧ୍ୟରେ ଖ୍ରୀଷ୍ଟମାସରେ ମ୍ୟାଚ୍ ନିୟମିତ ଭାବେ ଆୟୋଜନ ହୋଇଥିଲା । ପରେ ଏହା ଏକ ପରମ୍ପରାରେ ପରିଣତ ହୋଇଥିଲା । କିନ୍ତୁ ୧୯୫୦-୫୧ରେ ପ୍ରଥମଥର ପାଇଁ ବକ୍ସିଂ ଡେ ଟେଷ୍ଟ ଖେଳାଯାଇଥିଲା । ଏମ୍‌ସିଜିରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଆସେସ ସିରିଜ ଅବସରରେ ଏହି ଟେଷ୍ଟ ଖେଳାଯାଇଥିଲା ।

● ସନ୍ତୋଷ ସ୍ମାରକୀ କ୍ରିକେଟ

## ଏମ୍‌ବିଏସ୍ ଏକାଦଶର ବିଜୟ



ଭୁବନେଶ୍ୱର, ୨୬।୧୨(ସମିସ): ସନ୍ତୋଷ ସ୍ମାରକୀ କ୍ରିକେଟ ପ୍ରତିଯୋଗିତାର ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ କଟକର ଏମ୍‌ବିଏସ୍ ଏକାଦଶ ୭୯ ରନ୍‌ରେ କଟକର ମାଭେରିକ୍ସ ଏକାଦଶକୁ ପରାସ୍ତ କରିଛି । ରସୁଲଗଡ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଏହି ପ୍ରତିଯୋଗିତାର ମଙ୍ଗଳବାର ଖେଳରେ ପ୍ରଥମେ ବ୍ୟାଟିଂ କରି ଏମ୍‌ବିଏସ୍ ୬ ୱିକେଟରେ ୧୭୬ ରନ୍ କରିଥିଲା । ଜବାବରେ ମାଭେରିକ୍ସ ୯୮ ରନ୍‌ରେ ଅଲଆଉଟ ହୋଇଯାଇଥିଲା । ବିଜୟୀ ଦଳର ପଙ୍କଜ ଦାସ ୩୧ ବଲ୍‌ରେ ୯୩ ରନ୍ କରି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି । ଅମ୍ପାୟାର ସ୍ମୃତିଚନ୍ଦନ ଦାସ ଓ ସିବୁନ ସ୍ୱାଇଁ ଖେଳ ପରିଚାଳନା କରିଥିଲେ । ଜଳେଶ୍ୱର ମୋଟର୍ସର ଏମ୍‌ଡି ସନାତନ ମହାନ୍ତି ଓ ଟରେଣ୍ଟ ଆଡଭର୍ଟାଇଜ୍ ଏମ୍‌ଡି ଜୟାଶିଷ ମହାପାତ୍ର ଅତିଥିଭାବେ ଯୋଗଦେଇଥିଲେ ।

● ରାଜ୍ୟ କନିଷ୍ଠ ବାସ୍କେଟବଲ୍ ଉଦ୍‌ଯାପିତ

## ପୁରୀକୁ ଡବଲ୍ ଟାଇଟଲ୍



କଟକ,୨୬।୧୨(ସମିସ): ବାରବାଟୀ ଷ୍ଟାଡିୟମ ପରିସରରେ ଚାଲିଥିବା ରାଜ୍ୟ କନିଷ୍ଠ ବାସ୍କେଟବଲ ଚାମ୍ପିଅନସିପ୍ ସୋମବାର ଉଦଯାପିତ ହୋଇଯାଇଛି । ଉଭୟ ବାଳିକା ଓ ବାଳକ ବିଭାଗରେ ପୁରୀ ଜିଲ୍ଲା ଦଳ ଚାମ୍ପିଅନ ହୋଇଛି । ବାଳିକା ବିଭାଗ ଫାଇନାଲରେ ପୁରୀ ଜିଲ୍ଲା ୩୬-୩୪ ପଏଣ୍ଟରେ କଟକର ଏଣ୍ଟରଟେନରକୁ ପରାସ୍ତ କରିଥିଲା । ସେହିପରି ବାଳକ ବିଭାଗର ଏକ ରୋମାଞ୍ଚକର ଫାଇନାଲ ମୁକାବିଲାରେ ପୁରୀ ୮୯-୮୪ ପଏଣ୍ଟରେ ଖୋର୍ଦ୍ଧାକୁ ହରାଇଥିଲା । ଉଦ୍‌ଯାପନୀ ଅବସରରେ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ରାଜ୍ୟ ବାସ୍କେଟବଲ ସଂଘ ସଭାପତି ଜ୍ଞାନରଞ୍ଜନ ପରିଡ଼ା, ଉପସଭାପତି ଅମୀୟ ମହାପାତ୍ର, ଏନ.ବି ଯାଦବ, ଦ୍ୱାରିକା ମହାନ୍ତି, ପ୍ରଦୀପ କୁମାର ବେହେରା, ଅମିତ ଦାସ ମହାପାତ୍ର, ସତୀଶ ସାହୁ, ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟ ସଂଘ ସମ୍ପାଦକ ଅଶୋକ ସାହୁ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ପ୍ରୀତମଙ୍କ ହ୍ୟାଟ୍ରିକ୍; ଆରଡୋର ବିଜୟୀ

କଟକ,୨୬।୧୨(ସମିସ)

ସ୍ଥାନୀୟ ବିଡାନାସୀ ଗ୍ରାଉଣ୍ଡରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ଆରଡୋର ଫୁଟବଲ ଏକାଡେମୀ ୭-୦ ଗୋଲରେ ଫାଓ ଏକାଡେମୀକୁ ପରାସ୍ତ କରିଛି । ମ୍ୟାଚ୍‌ରେ ଆଧିପତ୍ୟ ବିସ୍ତାର କରିଥିବା ଆରଡୋର ପ୍ରଥମାର୍ଦ୍ଧରେ ୨ଟି ଏବଂ ଦ୍ୱିତୀୟାର୍ଦ୍ଧରେ ୫ଟି ଗୋଲ ସ୍କୋର କରିଥିଲା । ପ୍ରୀତମ ଟୁଡୁ ହ୍ୟାଟ୍ରିକ ଗୋଲ ଦେଇଥିଲେ । ବି. ପ୍ରସନ୍ନଜିତ ୨ଟି, ଦେବାଂଶୁ ପ୍ରଧାନ, କ୍ରିସ ବାସକେ ଗୋଟିଏ ଲେଖାଏ ଗୋଲ ଦେଇଛନ୍ତି । ଏଠାରେ ଅନୁଷ୍ଠିତ ଅନ୍ୟ ମ୍ୟାଚରେ ସ୍ପୋର୍ଟସ ଓଡ଼ିଶା ୪-୧ ଗୋଲରେ ଓଡ଼ିଶା ଏଫସିକୁ ପରାସ୍ତ କରିଥିଲା । ବିଜୟୀ ଦଳର ଆକାଶ ସାହୁ ୨ଟି, ସୁମିତ ଭୋଇ ଓ ସୁମିତ ଲାକ୍ରା ଗୋଟିଏ ଲେଖାଏ ଗୋଲ ଦେଇଥିଲେ । ଓଡ଼ିଶା ଏଫସି ପକ୍ଷରୁ ସୂର୍ଯ୍ୟାଂଶ ଭୂମିଜ ଏକମାତ୍ର ଗୋଲ ସ୍କୋର କରିଥିଲେ ।



ବାମଣ୍ଡା କପ୍ କ୍ରିକେଟ୍

## ଝାରସୁଗୁଡ଼ାର ପ୍ରୋଗ୍ରେସିଭ ବିଜୟୀ

ଦେବଗଡ଼,୨୬।୧୨(ସମିସ)

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍‌ଠାରେ ଚାଲିଥିବା ୩୩ତମ ବାମଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ଝାରସୁଗୁଡାର ପ୍ରୋଗ୍ରେସିଭ ଦଳ ବିଜୟୀ ହୋଇଛି । ଗ୍ରୁପ ବି’ର ପ୍ରଥମ ମ୍ୟାଚ୍‌ରେ ବାମଣ୍ଡା କ୍ରିକେଟ କ୍ଲବକୁ ୩ ରନ୍‌ରେ ଝାରସୁଗୁଡ଼ା ପରାସ୍ତ କରିଥିଲା । ଝାରସୁଗୁଡ଼ା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୯.୧ ଓଭରରେ ୧୩୦ ରନ୍ କରି ଅଲଆଉଟ ହୋଇଥିଲା । ଦଳ ପକ୍ଷରୁ ଉମେଶ ଗୌତମ ୪୪ ଓ ପୁଷ୍କର ରାଜ୍ ୨୪ ରନ ସଂଗ୍ରହ କରିଥିଲେ । ବାମଣ୍ଡା ଦଳର ଅଧିନାୟକ କିରନ୍ ନାଏକ ଓ ମହମ୍ମଦ ଅବୁଜାର ୩ଟି ଲେଖାଏ, ପ୍ରିୟବ୍ରତ ପ୍ରିୟରଞ୍ଜନ ସାହୁ ୨ଟି ୱିକେଟ୍ ନେଇଥିଲେ ।



ଜବାବରେ ବାମଣ୍ଡା ଦଳ ବ୍ୟାଟିଂ କରି ୧୭.୪ ଓଭରରେ ସମସ୍ତ ୱିକେଟ୍ ହରାଇ ୧୨୭ ରନ୍ କରି ପରାସ୍ତ ହୋଇଥିଲା । ଦଳ ପକ୍ଷରୁ ଅଧିନାୟକ କିରନ ନାଏକ୍ ୨୮, ହ୍ରିତିକ୍ ଦେହୁରୀ ୨୫ ଓ ନୀଳକଣ୍ଠ ନାୟକ ୨୦ ରନ୍ ସଂଗ୍ରହ କରିଥିଲେ । ଝାରସୁଗୁଡ଼ା ଦଳର ଅନିଲ ବୁଡ଼ା ଓ ଶୋଭନ ଦେବ ୪ଟି ୱିକେଟ୍ ନେଇଥିଲେ । ଏହି ମ୍ୟାଚକୁ ଅମ୍ପାୟାର ସତ୍ୟ ପ୍ରସାଦ ରଥ ଓ ସୌମ୍ୟଦର୍ଶନ ମହାନ୍ତି ପରିଚାଳନା କରଥିଲେ । ସ୍କୋରର ଭାବେ ରୋମି ନାୟକ ଓ ରିତିକ୍ ଦେହୁରୀ ଏବଂ ବେଣୁଧର ଗଡ଼ନାଏକ ଧାରା ବିବରଣୀ ପ୍ରଦାନ କରିଥିଲେ । ଝାରସୁଗୁଡ଼ାର ଅନିଲ ବୁଡା ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ । ବୁଧବାର ରାଞ୍ଚି ସେଲ୍ ଓ କଟକର ୟୁନିୟନ ସ୍ପୋର୍ଟି ମୁହାଁମୁହିଁ ହେବେ ।

ଏଜି ମିଡ୍‌ଲ୍ୟାଣ୍ଡ କପ୍ ବ୍ୟାଡ୍‌ମିଣ୍ଟନ

## ଦିବ୍ୟଜ୍ୟୋତି-ରାହୁଲ, ଅଭିନବ-ଶ୍ରେୟା ଚାମ୍ପିଅନ



ଭୁବନେଶ୍ୱର,୨୬ ।୧୨(ସମିସ)

ଗତ ୩ ଦିନଧରି ଚାଲିଥିବା ଏଜି ମିଡ୍‌ଲ୍ୟାଣ୍ଡ କପ୍ ବ୍ୟାଡମିଣ୍ଟନ ଏଠାରେ ମଙ୍ଗଳବାର ଉଦ୍‌ଯାପିତ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟର ପୁରୁଷ ଯୁଗଳ ପ୍ରତିଯୋଗିତାରେ ୩୨ ଓ ମିଶ୍ରିତ ଯୁଗଳ ପ୍ରତିଯୋଗିତାରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ । ପୁରୁଷ ଯୁଗଳରେ ଦିବ୍ୟଜ୍ୟୋତି ଓ ରାହୁଲ ଚାମ୍ପିଅନ ହୋଇଥିବା ବେଳେ ମିଶ୍ରିତ ଯୁଗଳରେ ଅଭିନବ ଓ ଶ୍ରେୟା ଟାଇଟଲ ଜିତିଥିଲେ । ଚାମ୍ପିଅନ ଖେଳାଳିଙ୍କୁ ଅର୍ଥରାଶି ସହ କପ୍ ଓ ପଦକ ପ୍ରଦାନ କରାଯାଇଥିଲା । ରାକେଶ କୁମାର ରାଉତ, ପାର୍ଥ ସାରଥୀ ମହାନ୍ତି, ସୋମେଶ କୁମାର ଲେଙ୍କା, ଉଦୟଭାନୁ ଜେନା, ପଙ୍କଜ କୁମାର ମୁର୍ମୁ ଓ କ୍ଲବର ଅନ୍ୟ ସଦସ୍ୟଙ୍କ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟ ସଫଳତାର ସହ ଅନୁଷ୍ଠିତ ହୋଇଥିଲା । ଓଡ଼ିଶା ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକ, ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟ, ୪୫ ନଂ ୱାର୍ଡ କର୍ପୋରେଟର ଅମରେଶ ଜେନା ଓ ଅନ୍ତର୍ଜାତୀୟ ପାରା ବ୍ୟାଡମିଣ୍ଟନ ଖେଳାଳି ଦୀପ ରଞ୍ଜନ ବିଶୋୟୀ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ ।

## ରାଜ୍ୟ ଡେଡ୍‌ଲିଫ୍ଟ ପ୍ରତିଯୋଗିତା ଉଦ୍‌ଯାପିତ

ଭୁବନେଶ୍ୱର, ୨୬।୧୨(ସମିସ)

ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ଆନୁକୂଲ୍ୟରେ ରାଜ୍ୟ ଡେଡଲିଫ୍ଟ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ରାଜ୍ୟର ୧୮ଟି ଜିଲ୍ଲା ସଂଘରୁ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗୀଙ୍କ ସଂଖ୍ୟା ଅଧିକ ହେବାକୁ ଡବଲ ଷ୍ଟେଜ୍‌ରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ପ୍ରତିଯୋଗିତା ଶେଷରେ ହରିପ୍ରସାଦ ପଟ୍ଟନାୟକ ଓ ଅନ୍ୟମାନେ ଅତିଥିଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ । ରାଜ୍ୟ ସଂଘର କର୍ମକର୍ତ୍ତାମାନେ ଏହାକୁ ସୂଚାରୁ ରୂପେ ସମ୍ପାଦାନ କରିଥିଲେ । ସୁରେନ୍ଦ୍ରନାଥ ଗଉଡ଼ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ ।




ନିଖିଳ ଓଡ଼ିଶା ଫୁଟବଲ୍‌ରେ ପପୁଙ୍କ ହ୍ୟାଟ୍ରିକ୍

## କିଶୋର କ୍ଲବ୍‌ର ବୃହତ୍ ବିଜୟ

ଭୁବନେଶ୍ୱର, ୨୬।୧୨(ସମିସ): ରାଜ୍ୟର ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ କ୍ଲବ୍-୭୩ର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଏକ ରାଜ୍ୟସ୍ତରୀୟ ସତ୍ୟବ୍ରତ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ମଙ୍ଗଳବାର ଆରମ୍ଭ ହୋଇଛି । ଏହି ପ୍ରତିଯୋଗିତାକୁ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଜଟଣୀ ବିଧାୟକ ସୁରେଶ ରାଉତରାୟ ଓ ବ୍ରହ୍ମଗିରି ବିଧାୟକ ତଥା ଆୟୋଜକ କ୍ଲବ୍-୭୩ ସଭାପତି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ୮ଟି ଦଳକୁ ନେଇ ୪ ଦିନ ଧରି ହେବାକୁ ଥିବା ପ୍ରତିଯୋଗିତାରେ ପ୍ରଥମ ଦିନ ୨ଟି ମ୍ୟାଚ୍ ଆୟୋଜିତ ହୋଇଯାଇଛି । ପ୍ରଥମ ମ୍ୟାଚ୍‌ରେ କିଶୋର କ୍ଲବ୍ ୬-୦ ଗୋଲରେ କିଟ୍ ଫୁଟବଲ ଏକାଡେମୀକୁ ପରାସ୍ତ କରି ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି । ବିଜୟୀ ଦଳ ପକ୍ଷରୁ ପପୁ ମାଝୀ ହ୍ୟାଟ୍ରିକ୍ ସହ ୪ଟି ଗୋଲ ସ୍କୋର କରିଥିଲେ । ଅନ୍ୟ ଦୁଇଟି ଗୋଲ ନିକେଶ ମୁଣ୍ଡା ଓ ଭବାନୀ ଶଙ୍କର ସ୍କୋର କରିଥିଲେ । ପପୁ ମାଝୀଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ଉଦଘାଟନୀ ଉତ୍ସବରେ ବରିଷ୍ଠ ବିଜେପି ନେତା ଜଗନ୍ନାଥ ମହାପାତ୍ର, ବିବୁଦତ୍ତ ମହାପାତ୍ର, ରୋନକ ଧୂପର ଓ କ୍ଲବ୍-୭୩ ସମ୍ପାଦକ ସୁବ୍ରତ ପଟ୍ଟନାୟକ ଉପସ୍ଥିତ ଥିଲେ ।



### ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ

ଦ୍ୱିତୀୟ ମୁକାବିଲାରେ କଟକର ରାଇଜିଂ ଷ୍ଟୁଡେଣ୍ଟ ୧-୦ ଗୋଲରେ ଭୁବନେଶ୍ୱରର ୟୁନିଟ୍-୬ ଆଥଲେଟିକ ଆସୋସିଏସନକୁ ପରାସ୍ତ କରିଛି । ବିଜୟୀ ଦଳ ପକ୍ଷରୁ ଭାବଗ୍ରାହୀ ଏକମାତ୍ର ଗୋଲଟି ଦେଇଥିଲେ । ସେହିପରି ସାକିବ ଶାହଜାଦଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳିଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା ।

ପ୍ରଥମ ମ୍ୟାଚ୍‌ରେ ସିଦ୍ଧାର୍ଥ ପାଢୀ ଓ ଦ୍ୱିତୀୟ ମ୍ୟାଚ୍‌ରେ ପ୍ରଦ୍ୟୁମ୍ନ ବଳିଆର ସିଂ ଅତିଥିଭାବେ ଯୋଗ ଦେଇ ଶ୍ରେଷ୍ଠ ଖେଳାଳିଙ୍କୁ ୫,୦୦୦ ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରିଥିଲେ ।

ସର୍ବଭାରତୀୟ ଓଡ଼ଗାଁ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଗଣ୍ଡରପୁରଠାରୁ ହାରିଲା କ୍ରୀଡ଼ା ଛାତ୍ରାବାସ



ଓଡ଼ଗାଁ,୨୬ ।୧୨(ସମିସ)

ସ୍ଥାନୀୟ ମିନିଷ୍ଟାଡିୟମରେ ଚାଲିଥିବା ୫ମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିନ ମ୍ୟାଚରେ ଭୁବନେଶ୍ୱର ଗଣ୍ଡରପୁର ୧-୦ ଗୋଲରେ କଟକର କ୍ରୀଡ଼ା ଛାତ୍ରାବାସକୁ ପରାସ୍ତ କରିଛି । ଆଜି ଖେଳ ପ୍ରଥମାର୍ଦ୍ଧରୁ ସଂଘର୍ଷପୂର୍ଣ୍ଣ ରହିଥିବା ବେଳେ କେହି କାହାରିକୁ ଗୋଲ ଦେଇପାରିନଥିଲେ । ଦ୍ୱିତୀୟାର୍ଦ୍ଧରେ ୩୦ ମିନିଟ୍‌ରେ ଗଣ୍ଡରପୁର ୬ ନଂ. ଜର୍ସି ଖେଳାଳି ସମୀର ରାଉତ ପ୍ରଥମ ଗୋଲ କରିଥିଲେ । କ୍ରୀଡ଼ା ଛାତ୍ରାବାସ ଶେଷ ପର୍ଯ୍ୟନ୍ତ ସଂଘର୍ଷ କରିଥିଲେ ମଧ୍ୟ ଗୋଲ ଦେବାରେ ବିଫଳ ହୋଇଥିଲେ । ବୁଧବାର ଭୁବନେଶ୍ୱରର ୟୁନାଇଟେଡ଼ ସ୍ପୋର୍ଟସ କ୍ଲବ ସହ ଝାଡ଼ଖଣ୍ଡର ବୋକାରୋ ଷ୍ଟିଲ ପ୍ଲାଣ୍ଟସ୍ଥିତ ସାଇ ଏକାଡେମୀ ମଧ୍ୟରେ ପରବର୍ତ୍ତୀ ମ୍ୟାଚ୍ ଖେଳାଯିବ ।

ଏହି ମ୍ୟାଚକୁ ମୁଖ୍ୟ ରେଫରି ଭାବରେ ଚୁନୁ ସିଂ ପରିଚାଳନା କରିଥିବା ବେଳେ ଜଗନ୍ନାଥ ପରିଡା, ଶଶିକାନ୍ତ ଦାସିଆ, ରମେଶ ପାଇକରାୟ ଲାଇନରେ ରହି ସହାୟତା କରିଥିଲେ । ଓଡ଼ଗାଁ ତହସିଲଦାର ମାନସ ରଞ୍ଜନ ଭୋଇ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ରୂପେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଶାସନ ସିଂ, ବିଶିଷ୍ଟ ଅତିଥି ରୂପେ ମର୍ଚାଣ୍ଟ ନାଭି କ୍ୟାପ୍‌ଟେନ ପୂର୍ଣ୍ଣଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ । ଶ୍ରେଷ୍ଠ ଖେଳାଳି ଭାବରେ ସମୀର ରାଉତଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ବ୍ଲକ ଅଧକ୍ଷ ଲୋକନାଥ ସାହୁ, ସାମାଜିକ କର୍ମୀ ବିଭୁପ୍ରସାଦ ସାହୁ, ସମବାୟ ନିର୍ଦ୍ଦେଶକ ନିତ୍ୟାନନ୍ଦ ପ୍ରଧାନ, ଜିଲ୍ଲାପରିଷଦ ସଭ୍ୟା ବିରଜାଲକ୍ଷ୍ମୀ ସାହୁ, ଝିଲି ପ୍ରଧାନ ମଞ୍ଚାସିନ ଥିବା ବେଳେ ସୁଶାନ୍ତ ପାତ୍ର ଓ ନରେଶ ପାଣିଗ୍ରାହୀ ଧାରାବିବରଣି ପ୍ରଦାନ କରିଥିଲେ ।

## ରାବାଡାଙ୍କୁ ୫ ୱିକେଟ; ବର୍ଷା ଯୋଗୁଁ ଖେଳ ବାଧାପ୍ରାପ୍ତ

# ଭାରତର ସମ୍ମାନ ରଖିଲେ ରାହୁଲ

ସେଞ୍ଚୁରିଆନ୍, ୨୬।୧୨(ଏଜେନ୍ସି)

ଲୋକେଶ ରାହୁଲଙ୍କ ଧୈର୍ଯ୍ୟପୂର୍ଣ୍ଣ ଅପରାଜିତ ଅର୍ଦ୍ଧଶତକ ବଳରେ ଏଠାରେ ଦକ୍ଷିଣ ଆଫ୍ରିକା ସହ ମଙ୍ଗଳବାର ଆରମ୍ଭ ହୋଇଥିବା ପ୍ରଥମ ଟେଷ୍ଟରେ ଭାରତ ସମ୍ମାନ ରକ୍ଷା କରିବାକୁ ସମର୍ଥ ହୋଇଛି। ବର୍ଷା ଯୋଗୁଁ ପ୍ରଥମ ଦିନ ଖେଳ ୫୯ ଓଭର ସମ୍ଭବ ହୋଇଛି। ରାହୁଲ ୭୦ ରନ୍ କରି ଶେଷପର୍ଯ୍ୟନ୍ତ ଅପରାଜିତ ରହିବା ଫଳରେ ଭାରତ ପ୍ରଥମ ପାଳିରେ ୮ ୱିକେଟ ହରାଇ ୨୦୮ ରନ୍ ସଂଗ୍ରହ କରିବାକୁ ସମର୍ଥ ହୋଇଛି। ଭାରତ ପକ୍ଷରୁ ରାହୁଲଙ୍କ ଅର୍ଦ୍ଧଶତକକୁ ବାଦ୍ ଦେଲେ ବିରାଟ କୋହଲି ୩୮, ଶ୍ରେୟସ ଆୟର ୩୧, ଶାର୍ଦ୍ଦୁଳ ଠାକୁର ୨୪ ଓ ଯଶସ୍ବୀ ଜୟସ୍ବାଲ ୧୭ ରନ୍ କରି ଦୁଇ ଅଙ୍କରେ ପହଞ୍ଚିଥିଲେ। ଅଧିନାୟକ ରୋହିତ ଶର୍ମା ୫ ଓ ଶୁବମାନ ଗିଲ୍ ୨ରନ୍ କରି ନିରାଶ କରିଥିଲେ। ଫାଷ୍ଟ ବୋଲରଙ୍କୁ ସୁହାଉଥିବା ପିଚ୍‌ରେ ଘରୋଇ ଦକ୍ଷିଣ ଆଫ୍ରିକା ପକ୍ଷରୁ କାଗିସୋ ରାବାଡା ୫ଟି, ପଦାର୍ପଣକାରୀ ନାନ୍ଦ୍ରେ ବର୍ଗର ୨ଟି ଓ ମାର୍କୋ ଜାନ୍‌ସେନ୍ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହେବାରୁ ପରବର୍ତ୍ତୀ ୪ ଦିନ ଖେଳ ୯୮ ଓଭର ବିଶିଷ୍ଟ ହେବ। କିନ୍ତୁ ବର୍ଷା ହେବାର ଆଶଙ୍କା ରହିଥିବାରୁ କେତେ ଖେଳ ସମ୍ଭବ ହେବ ତାହା ଏବେଠାରୁ କହିବା କଷ୍ଟକର।

ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଘରୋଇ ଦଳର ଅଧିନାୟକ ତେମ୍ବା ବଭୁମା ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ ଲାଗି ଭାରତକୁ ଆମନ୍ତ୍ରଣ କରିଥିଲେ। କିନ୍ତୁ ଫାଷ୍ଟ ବୋଲରଙ୍କୁ ସୁହାଉଥିବା ଏହି ପିଚ୍‌ରେ ଭାରତୀୟ ବ୍ୟାଟରଙ୍କୁ ଖେଳିବା କଷ୍ଟକର ହେଉଥିଲା। ବଲ ଅଧିକ ସୁଇଂ ଓ ସିମ ହେବାରୁ ବୋଲରଙ୍କୁ ଫାଇଦା ମିଳିଥିଲା। ଏହା ଫଳରେ ଦଳ ୨୪ ରନ୍‌ରେ ପ୍ରଥମ ୩ ଜଣ ବ୍ୟାଟରଙ୍କୁ ହରାଇ ବିପଦରେ ପଡ଼ିଥିଲା। ଏହା ମଧ୍ୟରେ ରୋହିତ ଶର୍ମା ୫, ଶୁବମାନ ଗିଲ ୨ ଓ ଯଶସ୍ବୀ ଜୟସ୍ବାଲ ୧୭ ରନ୍ କରିଥିଲେ। ବିରାଟ କୋହଲି ଓ ଶ୍ରେୟସ ଆୟର ପାଇଥିବା ଗୋଟିଏ ଲେଖାଏଁ ଜୀବନଦାନରୁ ଫାଇଦା ଉଠାଇ ଭଲ ବ୍ୟାଟିଂ କରିବା ଫଳରେ ମଧ୍ୟାହ୍ନ ଭୋଜନ ସୁଦ୍ଧା ଭାରତ ୩ ୱିକେଟରେ ୯୧ ରନ୍ କରିଥିଲା।


ଲୋକେଶ ରାହୁଲ: ୭୦*


କାଗିଶୋ ରାବାଡ଼ା: ୫/୪୪

ମଧ୍ୟାହ୍ନ ଭୋଜନ ପରେ କାଗିସୋ ରାବାଡା ଘାତକ ବୋଲିଂ କରି ଶ୍ରେୟସ ଆୟରଙ୍କୁ ୩୧, ବିରାଟ କୋହଲିଙ୍କୁ ୩୮ ଓ ରବିଚନ୍ଦ୍ରନ ଅଶ୍ବିନଙ୍କୁ ୮ ରନ୍‌ରେ ଆଉଟ କରିଦେଇଥିଲେ। ଏକଦା ଭଲ ସ୍ଥିତିରେ ଥିବା ଭାରତ ୧୨୧ ରନ୍‌ରେ ଷଷ୍ଠ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ଗୋଟିଏ ପଟେ ଲୋକେଶ ରାହୁଲ ସୁଯୋଗବିହୀନ ଲଢ଼ୁଆ ବ୍ୟାଟିଂ କରି ଭାରତକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇବାରେ ସମର୍ଥ ହୋଇଥିଲେ। ସେ ୭ମ ୱିକେଟରେ ଶାର୍ଦ୍ଦୁଳ ଠାକୁର (୨୪)ଙ୍କ ସହ ୪୩, ୮ମ ୱିକେଟରେ ଯଶପ୍ରୀତ ବୁମ୍‌ରା (୧୯ବଲ୍‌ରେ ୧ରନ୍)ଙ୍କ ସହ ୨୭ ଓ ଅବିଭକ୍ତ ୯ମ ୱିକେଟରେ ମହମ୍ମଦ୍ ସିରାଜ (୧୦ବଲ୍‌ରେ ୦ରନ୍)ଙ୍କ ସହ ୧୭ ରନ୍ ଉଠାଇ ଭାରତର ସ୍କୋର ଦୁଇ ଶହ ରନ୍ ଅତିକ୍ରମ କରାଇଥିଲେ। ବର୍ଷା ଯୋଗୁ ଖେଳ ବନ୍ଦ ରହିଲା ବେଳକୁ ରାହୁଲ ୧୦୫ ବଲ୍ ଖେଳି ୧୦ ଚୌକା ଓ ୨ଛକା ସହ ୭୦ ରନ୍‌ରେ ଅପରାଜିତ ରହିଛନ୍ତି। ଫାଷ୍ଟ ବାଉନ୍ସ ହେଉଥିବା ପିଚ୍‌ରେ ଠାକୁରଙ୍କ ବେକ ଓ ହାତରେ ବଲ ବାଜିଥିଲା। ଏଥିରେ ସେ ଆହତ ହୋଇ ନଥିଲେ ମଧ୍ୟ ପଡ଼ିଆରେ ଦୁଇଥର ଚିକିତ୍ସିତ ହୋଇଥିଲେ।

ଦକ୍ଷିଣ ଆଫ୍ରିକା ପକ୍ଷରୁ ଫାଷ୍ଟ ବୋଲରମାନେ ବେଶ ଉଚ୍ଚକୋଟିର ବୋଲିଂ କରି ଭାରତୀୟ ବ୍ୟାଟରଙ୍କୁ ବାନ୍ଧି ରଖିବାରେ ସମର୍ଥ ହୋଇଥିଲେ। ମଧ୍ୟାହ୍ନ ଭୋଜନ ପରେ କାଗିସୋ ରାବାଡାଙ୍କ ବୋଲିଂ ଘାତକ ସାବ୍ୟସ୍ତ ହୋଇଥିଲା। ଏହି ସେସନରେ ସେ ୪ଜଣଙ୍କୁ ଆଉଟ କରିଥିଲେ। ସେ ୧୭ ଓଭର ବୋଲିଂ କରି ୪୪ ରନ୍ ବିନିମୟରେ ସର୍ବାଧିକ ୫ଟି ୱିକେଟ ନେଇ ସଫଳ ବୋଲର ସାବ୍ୟସ୍ତ ହୋଇଛନ୍ତି। ଭାରତ ବିପକ୍ଷ ସିରିଜ୍‌ରେ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିବା ଯୁବ ଫାଷ୍ଟ ବୋଲର ନାନ୍ଦ୍ରେ ବର୍ଗର ମଧ୍ୟ ବେଶ ଚତୁରତାର

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ପାଳି : ୨୦୮/୮, ୫୯ ଓଭର (ଲୋକେଶ ରାହୁଲ- ବ୍ୟାଟିଂ-୭୦, ବିରାଟ କୋହଲି-୩୮, ଶ୍ରେୟସ ଆୟର-୩୧, ଶାର୍ଦ୍ଦୁଳ ଠାକୁର-୨୪, କାଗିସୋ ରାବାଡା-୫/୪୪, ନାନ୍ଦ୍ରେ ବର୍ଗର-୨/୫୦)।

## ଟେଷ୍ଟ ପଦାର୍ପଣ କଲେ ପ୍ରସିଦ୍ଧ

ସେଞ୍ଚୁରିଆନ୍, ୨୬।୧୨(ଏଜେନ୍ସି): ଏଠାରେ ମଙ୍ଗଳବାର ଆରମ୍ଭ ହୋଇଥିବା ଭାରତ-ଦକ୍ଷିଣ ଆଫ୍ରିକା ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ୩ଜଣ ଖେଳାଳି ପଦାର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ଭାରତର ଫାଷ୍ଟ ବୋଲର ପ୍ରସିଦ୍ଧ କ୍ରିଷ୍ଣା ରହିଛନ୍ତି। କର୍ଣ୍ଣାଟକର ଏହି ୨୮ ବର୍ଷୀୟ ଡାହାଣହାତୀ ଫାଷ୍ଟ ବୋଲର ପ୍ରସିଦ୍ଧ ପୂର୍ବରୁ ଭାରତ ଲାଗି ୧୭ଟି ଦିନିକିଆ ଓ ୫ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି। ସେ କିନ୍ତୁ ୧୨ଟି ପ୍ରଥମଶ୍ରେଣୀ କ୍ରିକେଟ ଖେଳି ୫୪ଟି ୱିକେଟ ନେଇଛନ୍ତି। ପ୍ରସିଦ୍ଧଙ୍କ ବ୍ୟତୀତ ଦକ୍ଷିଣ ଆଫ୍ରିକା ପକ୍ଷରୁ ଦୁଇଜଣ ମଧ୍ୟ ଏଠାରେ ପଦାର୍ପଣ କରିଛନ୍ତି। ସେମାନେ ହେଲେ ୱିକେଟରକ୍ଷକ/ବ୍ୟାଟର ଡେଭିଡ ବେଡିଙ୍ଗହାମ୍ ଓ ଫାଷ୍ଟ ବୋଲର ନାନ୍ଦ୍ରେ ବର୍ଗର। ପ୍ରଥମ ଦିନ ଖେଳରେ ବର୍ଗର ତାଙ୍କ ଖେଳ ପ୍ରଦର୍ଶନ କରିବାକୁ ସୁଯୋଗ ପାଇ ୨ଟି ୱିକେଟ ନେଇଛନ୍ତି।



## ଓଡ଼ିଶା ଏଫ୍‌ସିର ଷଷ୍ଠ ବିଜୟ

ଭୁବନେଶ୍ୱର,୨୬ ।୧୨(ସମିସ): ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ୧୦ମ ସଂସ୍କରଣରେ ଓଡ଼ିଶା ଏଫ୍‌ସି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଛି। ମଙ୍ଗଳବାର ଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୧-୦ ଗୋଲରେ ପଞ୍ଜାବ ଏଫ୍‌ସିକୁ ପରାସ୍ତ କରିଛି। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ଓଡ଼ିଶା ତରଫରୁ ତାରକା ଷ୍ଟ୍ରାଇକର ରଏ କ୍ରିଷ୍ଣା ୨୧ତମ ମିନିଟ୍‌ରେ ଏକମାତ୍ର ଗୋଲ ସ୍କୋର କରିଥିଲେ। ଓଡ଼ିଶା ସବୁ ବିଭାଗରେ ଉନ୍ନତ ପ୍ରଦର୍ଶନ କରିଥିଲା। ଏଥିସହ ଓଡ଼ିଶା ୧୧ ମ୍ୟାଚ୍ ଖେଳି ୬ ବିଜୟ, ୩ ଡ୍ର ଓ ୨ ପରାଜୟ ସହ ୨୧ ପଏଣ୍ଟ ପାଇ ତାଲିକାର ତୃତୀୟ ସ୍ଥାନରେ ରହିଛି।

### ଅଲିମ୍ପିକ୍ ଯୋଗ୍ୟତା ପର୍ଯ୍ୟାୟ ଲାଗି ଭାରତୀୟ ସମ୍ଭାବ୍ୟ ମହିଳା ହକି ଦଳ

## ଓଡ଼ିଶାରୁ ଦୀପ୍, ଆଜମିନା, ମାରିଆନା ଓ ସୁନେଲିତା

ବେଙ୍ଗାଲୁରୁ, ୨୬।୧୨(ଏଜେନ୍ସି)

ଝାଡଖଣ୍ଡର ରାଞ୍ଚିରେ ହେବାକୁ ଥିବା ପ୍ୟାରିସ୍ ଅଲିମ୍ପିକ୍ କ୍ୱାଲିଫାୟର ହକି ପ୍ରତିଯୋଗିତା ଲାଗି ଭାରତୀୟ ଦଳର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏଥିଲାଗି ମହିଳା ଦଳର କୋର ଖେଳାଳିଙ୍କ ନାମ ଘୋଷଣା କରାଯାଇଛି। ଏଥିରେ ୩୪ଜଣଙ୍କୁ ସାମିଲ କରାଯାଇଛି। ଏହି ଖେଳାଳିମାନଙ୍କୁ ନେଇ ସ୍ଥାନୀୟ ସାଇ ସେଣ୍ଟରରେ ଆସନ୍ତାକାଲି ବା ଡିସେମ୍ବର ୨୭ ତାରିଖରୁ ପ୍ରଶିକ୍ଷଣ ଶିବିର ଆରମ୍ଭ ହେବ। ମନୋନୀତ ହୋଇଥିବା ୩୪ଜଣ ଖେଳାଳିଙ୍କ ମଧ୍ୟରେ ଓଡ଼ିଶାରୁ ୪ଜଣଙ୍କୁ ସ୍ଥାନ ମିଳିଛି। ଦୀର୍ଘଦିନ ଧରି ଉପଅଧିନାୟିକା ରହିଥିବା ଦୀପଗ୍ରେସ୍ ଏକ୍କା, ଦୁଇ ମିଡ୍‌ଫିଲ୍ଡର ଆଜମିନା ଓ ମାରିଆନା କୁଜୁର ଓ ଫରୱାର୍ଡ ଖେଳାଳି ସୁନେଲିତା ଟପ୍ପୋ। ଏମାନଙ୍କୁ ଚୂଡାନ୍ତ ଏକାଦଶରେ ସ୍ଥାନ ମିଳିବ କି ନାହିଁ ତାହା ପରେ ଜଣାପଡ଼ିବ।

ରାଞ୍ଚିରେ ଖେଳାଯିବାକୁ ଥିବା ପ୍ୟାରିସ ଅଲିମ୍ପିକ୍ କ୍ୱାଲିଫାୟର୍ସ ଜାନୁଆରୀ ୧୩ରୁ ୧୯ ତାରିଖଯାଏ ଅନୁଷ୍ଠିତ ହେବ। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିବେ। ଭାରତୀୟ ମହିଳା ଦଳ ଗ୍ରୁପ୍-ବି'ରେ ନ୍ୟୁଜିଲାଣ୍ଡ, ଇଟାଲୀ ଓ ଆମେରିକା ସ୍ଥାନ ପାଇଛନ୍ତି। ସେହିପରି ଗ୍ରୁପ୍-ଏ'ରେ ଜର୍ମାନୀ, ଜାପାନ, ଚିଲି ଓ ଚେକ୍ ରିପବ୍ଲିକ୍‌କୁ ସ୍ଥାନ ମିଳିଛି। ନିକଟରେ ସ୍ପେନ୍‌ରେ ଅନୁଷ୍ଠିତ ୫ ଦେଶୀୟ ମହିଳା ହକିରେ ଅଂଶଗ୍ରହଣ କରି ଭାରତ ଫେରିଛି। ସେହିପରି ଓମାନର ରାଜଧାନୀ ମସ୍କାଟରେ ଖେଳାଯିବାକୁ ଥିବା ୫-ଏ-ସାଇଡ୍ ବିଶ୍ୱକପ୍ ଲାଗି ମଧ୍ୟ ଭାରତୀୟ ଦଳ ଏଠାରେ ପ୍ରସ୍ତୁତି କରିବ। ଏହି ପ୍ରତିଯୋଗିତା ଜାନୁଆରୀ ୨୪ରୁ ଆରମ୍ଭ ହୋଇ ୨୭ରେ ଶେଷ ହେବ।

ରାଞ୍ଚିରେ ଆୟୋଜିତ ହୋଇଥିବା ମହିଳା ଏସିଆନ ଚାମ୍ପିଅନ୍ସ ଟ୍ରଫିରେ ଭାରତ ଚାମ୍ପିଅନ୍ ହୋଇଥିଲା। ସମାନ ପଡ଼ିଆରେ ମହିଳା ହକି ଦଳ ଏହି ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ ଖେଳିବ। ମହିଳା ଦଳର ପ୍ରଶିକ୍ଷକ ଜାନେକ ସ୍କପ୍‌ମ୍ୟାନ୍ ଦଳଠାରୁ ଅନେକ କିଛି ଆଶା କରୁଛନ୍ତି। ତାଙ୍କ ମତରେ ଦଳରେ ସମସ୍ତ ଶ୍ରେଷ୍ଠ ଖେଳାଳିଙ୍କୁ ସ୍ଥାନ ମିଳିଛି। ଏମାନେ ମିଳିତ ଭାବେ ଭଲ ଖେଳ ପ୍ରଦର୍ଶନ କରି ପ୍ୟାରିସ୍ ଅଲିମ୍ପିକ୍ସରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିବେ ବୋଲି ସେ କହିଛନ୍ତି।

### ପ୍ରଧାନମନ୍ତ୍ରୀଙ୍କୁ ଲେଖିଲେ ଚିଠି

## ଖେଳରତ୍ନ, ଅର୍ଜୁନ ପୁରସ୍କାର ଫେରାଇବେ ଭିନେଶ

ନୂଆଦିଲ୍ଲୀ,୨୬ ।୧୨(ଏଜେନ୍ସି)

ଭାରତୀୟ କୁସ୍ତି ସଂଘ (ଡବ୍ଲ୍ୟୁଏଫ୍‌ଆଇ) ବିବାଦ ଏବେ ନୂଆ ମୋଡ ନେଇଛି। ମହିଳା କୁସ୍ତିଯୋଦ୍ଧା ଭିନେଶ ଫୋଗତ ମଙ୍ଗଳବାର ତାଙ୍କ ଖେଳରତ୍ନ ଓ ଅର୍ଜୁନ ପୁରସ୍କାର ଫେରାଇବାକୁ ଘୋଷଣା କରିଛନ୍ତି। ଏ ସଂକ୍ରାନ୍ତରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦୁଇ ପୃଷ୍ଠାର ଚିଠି ଲେଖି ନିଜର ଦୁଃଖ ଜଣାଇବାକୁ ପ୍ରୟାସ କରିଛନ୍ତି। ଆମେ ହାସଲ କରିଥିବା ପଦକ ଓ ପୁରସ୍କାରକୁ ୧୫ ଟଙ୍କା ବୋଲି କୁହାଯାଉଛି। ଏବେ ମୋ ପୁରସ୍କାର ପ୍ରତି ଘୃଣା ଆସିଲାଣି। ମୋତେ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ଦିଆଯାଇଥିଲା। ଏହା ଏବେ ମୋ ଜୀବନରେ କୌଣସି ମୂଲ୍ୟ ରଖୁନାହିଁ। ପ୍ରତ୍ୟେକ



ମହିଳା ସମ୍ମାନର ସହ ବଞ୍ଚିବାକୁ ଚାହାନ୍ତି। ସମ୍ମାନର ସହ ବଞ୍ଚିବାରେ ଏହି ପୁରସ୍କାର ମୋ ପାଇଁ ଯେପରି ବୋଝ ନ ହୁଏ, ସେଥିପାଇଁ ଏହାକୁ ଫେରାଇବାକୁ ନିଷ୍ପତ୍ତି ନେଇଛି ବୋଲି ଭିନେଶ ଚିଠିରେ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଥାଉ କି, ରବିବାର କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଡବ୍ଲ୍ୟୁଏଫ୍‌ଆଇକୁ ନିଲମ୍ବିତ କରିଥିଲା ଓ ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓଏ)କୁ ଡବ୍ଲ୍ୟୁଏଫ୍‌ଆଇ ପରିଚାଳନା ପାଇଁ ଏକ ଆଡହକ୍ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲା। ପରବର୍ତ୍ତୀ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ ଆଓଏ ଡବ୍ଲ୍ୟୁଏଫ୍‌ଆଇ ପରିଚାଳନା ପାଇଁ ବିଭିନ୍ନ ନିଷ୍ପତ୍ତି ନେବ ବୋଲି କୁହାଯାଇଥିଲା। ନିର୍ବାଚନ ପରେ କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ ପଦ୍ମଶ୍ରୀ ଫେରିଥିଲେ ଓ ସାକ୍ଷୀ ମଲିକ କୁସ୍ତିରୁ ଅବସର ନେବାକୁ ଘୋଷଣା କରିବା ପରେ ମନ୍ତ୍ରଣାଳୟ ଏହି ନିଷ୍ପତ୍ତି ନେଇଥିଲା।

## କିଟ୍, କିସ୍‌ରେ ଜାତୀୟ ବିଶ୍ୱବିଦ୍ୟାଳୟ ଦୌଡ଼କୁଦ ଉଦ୍‌ଘାଟିତ

ଭୁବନେଶ୍ୱର,୨୬ ।୧୨(ସମିସ): ସ୍ଥାନୀୟ କିଟ୍ ଓ କିସ୍ ଆଥଲେଟିକ ଷ୍ଟାଡିୟମରେ ମଙ୍ଗଳବାର ଜାତୀୟ ବିଶ୍ୱବିଦ୍ୟାଳୟ ଦୌଡ଼କୁଦ ପୁରୁଷ ଓ ମହିଳା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ୨୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ୪୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ, ୫୦୦ରୁ ଊର୍ଦ୍ଧ୍ୱ ପ୍ରଶିକ୍ଷକ, ୪୦୦ରୁ ଊର୍ଦ୍ଧ୍ୱ ବିଶ୍ୱ ବିଦ୍ୟାଳୟ ଅଂଶଗ୍ରହଣ କରିଛନ୍ତି ବୋଲି କିଟ୍ ଓ କିସ୍ କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ କହିଛନ୍ତି। ଉଦ୍‌ଘାଟନୀ ଅବସରରେ ଅନ୍ତର୍ଜାତୀୟ ଆଥଲେଟ୍ ଅମିୟ ମଲିକ, ତାରାକାନ୍ତ ପରମାଣିକ, କିଟ୍ ଭାଇସ ଚାନ୍ସଲର ସରଣଜିତ ସିଂ ଓ ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଭଲ ପ୍ରଦର୍ଶନ ପାଇଁ ପ୍ରତିଯୋଗୀମାନଙ୍କୁ ଅଚ୍ୟୁତ ଶୁଭେଚ୍ଛା ଜଣାଇଥିଲେ।



### ବିଦ୍ୟାଳୟ ଭଲିବଲ, ରଗବୀ ଚାମ୍ପିଅନସିପ୍

## ବିହାର ବାଳକ, ବାଳିକା ଦଳ ଚାମ୍ପିଅନ

ଭୁବନେଶ୍ୱର,୨୬ ।୧୨(ସମିସ)

କିଟ୍ ଓ କିସ୍ ପରିସରରେ ଚାଲିଥିବା ୬୭ତମ ଜାତୀୟ ବିଦ୍ୟାଳୟ ଭଲିବଲ୍ ଓ ରଗମୀ ଚାମ୍ପିଅନସିପ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ୨୨ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ରଗବୀରେ ବିହାର ବାଳକ ଓ ବାଳିକା ବିଭାଗରେ ଚାମ୍ପିଅନ ହୋଇ ଦ୍ୱୈତ ସଫଳତା ଅର୍ଜନ କରିଛି। ରଗବୀରେ ଓଡ଼ିଶା ବାଳକ ଓ ବାଳିକା ଫାଇନାଲରେ ପରାସ୍ତ ହୋଇ ରନର୍ସଅପ ହେବା ସହ ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ମହାରାଷ୍ଟ୍ର ବାଳକ ଓ ବାଳିକା ଦଳ ରଗବୀରେ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି।




ଅନ୍ୟପଟେ ବାଳକ ଭଲିବଲରେ ଉତ୍ତରପ୍ରଦେଶ ଚାମ୍ପିଅନ ହୋଇଥିବା ବେଳେ ହରୟାଣା ଓ ଆନ୍ଧ୍ରପ୍ରଦେଶ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ବାଳିକା ଭଲିବଲ୍‌ରେ ସିବିଏସ୍‌ଇ ଡବ୍ଲ୍ୟୁଏସ୍‌ଓ ପ୍ରଥମ, ଉତ୍ତରପ୍ରଦେଶ ଦ୍ୱିତୀୟ ଓ ତାମିଲନାଡୁ ତୃତୀୟ ସ୍ଥାନରେ ରହିଛି। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିସନର ତଥା ସଚିବ ଏସ୍ ଅଶ୍ୱସ୍ଥି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ହକି ଇଣ୍ଡିଆ ସଭାପତି ତଥା ପୂର୍ବତନ ଭାରତୀୟ ହକି ଅଧିନାୟକ ଦିଲୀପ ତିର୍କି ଯୋଗ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ଅର୍ଜୁନ ପୁରସ୍କାର ବିଜେତା ତଥା ପୂର୍ବତନ ଭାରଉତ୍ତୋଳକ କେ ରବିକୁମାର, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଯୋଗ ଦେଇଥିଲେ। ସେହିପରି ଏସ୍‌ଜିଏଫ୍‌ଆଇ ପର୍ଯ୍ୟବେକ୍ଷକ ମୁତ୍ତୀ ରାଜୁ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ, କିଟ୍ ଓ କିସ୍ କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଓ କୈଳାଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

### ଅଲ୍ଟିମେଟ ଖୋ ଖୋ-୨

## ଜଗରନଟ୍ସ-କୁଇକ୍ ଗନ୍ସ ମ୍ୟାଚ୍ ଅମୀମାଂସିତ

କଟକ,୨୬।୧୨(ସମିସ)

ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଅଲ୍ଟିମେଟ ଖୋ ଖୋ ଦ୍ୱିତୀୟ ସଂସ୍କରଣର ମଙ୍ଗଳବାର ରାତିରେ ଅନୁଷ୍ଠିତ ଓଡ଼ିଶା ଜଗରନଟ୍ସ ଏବଂ ଚେନ୍ନାଇ କୁଇକ ଗନ୍ସ ବିପକ୍ଷ ମ୍ୟାଚ୍ ଅମୀମାଂସିତ ରହିଥିଲା। ଉଭୟ ଦଳ ୩୪ ପଏଣ୍ଟ ଲେଖାଏ ସଂଗ୍ରହ କରି ମ୍ୟାଚ୍ ପଏଣ୍ଟ ଭାଗ ବାଣ୍ଟିଛନ୍ତି। ଘରୋଇ ଜଗରନଟ୍ସ ପରାଜୟ ଦ୍ୱାର ଦେଶରେ ଥିବା ବେଳେ ଅନ୍ତିମ ୨୦ ସେକେଣ୍ଡରେ କୁଇକ ଗନ୍ସକୁ କୌଣସି ପଏଣ୍ଟ ସୁଯୋଗ ନଦେଇ ମ୍ୟାଚ୍‌କୁ ଅମୀମାଂସିତ ରଖିବାରେ ସକ୍ଷମ ହୋଇଥିଲା। ଅନ୍ୟପକ୍ଷରେ ଦୁଇଟି ଟର୍ନରେ ଜଗରନଟ୍ସ କୌଣସି ପଏଣ୍ଟ ସଂଗ୍ରହ ନକରିବା ଯୋଗୁଁ ବିଜୟ ମଧ୍ୟ ହାତଛଡ଼ା କରିଥିଲା। ଓଡ଼ିଶା ଜଗରନଟ୍ସର ଆଟାକର୍ ତଥା ଓଡ଼ିଆ ପୁଅ ଦୀପକ ୮ ପଏଣ୍ଟ ହାସଲ କରି ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। କୁଇକ ଗନ୍ସର ଲକ୍ଷ୍ମଣ ଗୱାସ ଶ୍ରେଷ୍ଠ ଡିଫେଣ୍ଡର ବିବେଚିତ ହୋଇଛନ୍ତି। ୨ଟି ମ୍ୟାଚ୍‌ରୁ ଗୋଟିଏ ବିଜୟ ଏବଂ ଗୋଟିଏ ଅମୀମାଂସିତ ଫଳାଫଳ ସହାୟତାରେ ଓଡ଼ିଶା ଜଗରନଟ୍ସ ୫ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ସମାନ ଫଳାଫଳ ସହ କୁଇକ ଗନ୍ସ ଟିମ ୩ୟ ସ୍ଥାନ ଅଧିକାର କରିଛି।



ଓଡ଼ିଆ ପୁଅ ଦୀପକ ଶ୍ରେଷ୍ଠ ଖେଳାଳି

### ଜାଏଣ୍ଟସର ଦ୍ୱିତୀୟ ବିଜୟ

ଏଠାରେ ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଗୁଜୁରାଟ ଜାଏଣ୍ଟସ ମୁମ୍ବଇ ଖିଲାଡିସ ବିପକ୍ଷରେ ଜାଏଣ୍ଟସ ୩୪-୩୦ ପଏଣ୍ଟରେ ବିଜୟ ହାସଲ କରିଥିଲା। ଏହା ଫଳରେ ଦଳ ବିଜୟ ଧାରା ଅବ୍ୟାହତ ରଖିଛି। ବିଜୟୀ ଗୁଜରାଟ କ୍ରମାଗତ ଦ୍ୱିତୀୟ ବିଜୟ ସହ ପଏଣ୍ଟ ସାରଣୀର ଶୀର୍ଷରେ ପହଞ୍ଚିଥିବା ବେଳେ ଦୁଇଟି ପରାଜୟ ସହିତ ଖିଲାଡିସ ୫ମ ସ୍ଥାନରେ ରହିଛି। ମୁମ୍ବଇ ଖିଲାଡିସ ବୁଧବାର ୩ୟ ମୁକାବିଲାରେ ଘରୋଇ ଓଡ଼ିଶା ଜଗରନଟ୍ସକୁ ଭେଟିବ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର